ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ରବିବାର, ଅଗଷ୍ଟ ୧୦/୨୦୨୫ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, August 10/2025 Page 14 | ₹ 7.00 | RAYAGADA
୫୧ଶ ଭାଗ ୨୫୬ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 256 | ମୂଲ୍ୟ₹୭/-



**‘ବାଗି ୪’କୁ ନେଇ ଚର୍ଚ୍ଚାରେ ଟାଇଗର**


ଆଗାମୀ ଫିଲ୍ମ ‘ବାଗି ୪’କୁ ନେଇ ଚର୍ଚ୍ଚାରେ ବଲିଉଡ ଅଭିନେତା ଟାଇଗର ଶ୍ରଫ। ଦୀର୍ଘଦିନ ପରେ ନୂଆ ଥ୍ରିଲର କାହାଣୀ ସହିତ ସେ ଫେରୁଥିବାରୁ ପ୍ରଶଂସକ ଉତ୍ସାହିତ।

୦୮

୧୪

**ଶ୍ରେଷ୍ଠ ପ୍ରଦର୍ଶନ ଲକ୍ଷ୍ୟରେ ଅନୁ**

କଳିଙ୍ଗ ଷ୍ଟାଡିୟମରେ ହେବାକୁଥିବା ୱାର୍ଲ୍ଡ କଣ୍ଟିନେଣ୍ଟାଲ ଟୁର୍ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଆଶା ରଖିଛନ୍ତି ଭାରତୀୟ ମହିଳା ଜାଭେଲିନ୍ ଥ୍ରୋ ତାରକା ଅନୁ ରାଣୀ।



# ମହିଳାଙ୍କ ପାଇଁ ଆଶାର କିରଣ ‘ସୁଭଦ୍ରା’ : ମୁଖ୍ୟମନ୍ତ୍ରୀ

ଓଡ଼ିଶାରେ ଭାଜପା ସରକାର ଆସିବା ପରଠୁ ମହିଳାଙ୍କୁ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରିବା ଉଦ୍ଦେଶ୍ୟରେ ଅଣାଯାଇଥିବା ‘ସୁଭଦ୍ରା’ ଯୋଜନାରେ ଶନିବାର ୧ କୋଟି ହିତାଧିକାରୀଙ୍କୁ ୩ୟ କିସ୍ତି ଟଙ୍କା ପ୍ରଦାନ କରାଯାଇଛି । ରକ୍ଷା ବନ୍ଧନ ଅବସରରେ କୋରାପୁଟର ଜୟପୁରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚେକ୍ ମାଧ୍ୟମରେ ଅର୍ଥ ପ୍ରଦାନ କରି କହିଛନ୍ତି ଯେ, ‘ସୁଭଦ୍ରା’ ମହିଳାଙ୍କ ପାଇଁ ଆଶାର କିରଣ ସାଜିଛି । ୩ୟ କିସ୍ତିରେ ରାଜ୍ୟର ୧ କୋଟି ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟରେ ୫,୦୦୦ ଟଙ୍କା ଲେଖାଏ ପଡ଼ିଛି। ତାଙ୍କ ସରକାର ୧ ବର୍ଷ ମଧ୍ୟରେ ମହିଳା ସଶକ୍ତୀକରଣକୁ ଏକ ନୂତନ ଦିଗନ୍ତ ଦେଇଛି ବୋଲି ମୁଖ୍ୟମନ୍ତ୍ରୀ କହିବା ସହ କୋଟିଆର ୧,୭୮୩ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଟଙ୍କା ପଠାଯାଇଥିବା ସୂଚନା ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ସେ କୋରାପୁଟ ଜିଲାର ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହିତ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଜୟପୁରରୁ ଭୁବନେଶ୍ୱରକୁ ‘ବନ୍ଦେ ଭାରତ ଏକ୍ସପ୍ରେସ’ ଚଳାଚଳ କରିବା ବିଷୟ ମଧ୍ୟ ଅବତାରଣା କରିଛନ୍ତି ।

## ୧ କୋଟି ହିତାଧିକାରୀଙ୍କୁ ମିଳିଲା ୩ୟ କିସ୍ତି





ଜୟପୁରରେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ୨ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ କନକବର୍ଦ୍ଧନ ସିଂଦେଓ ଜଣେ ସୁଭଦ୍ରା ହିତାଧିକାରୀଙ୍କୁ ଚେକ୍ ପ୍ରଦାନ କରୁଛନ୍ତି।

ଜୟପୁର/ କୋରାପୁଟ,୯।୮ (ପବନ ପାଣିଗ୍ରାହୀ/ ଅମିତାଭ ବେହେରା)

ସୁଭଦ୍ରା ଯୋଜନା ଅନେକ ମହିଳାଙ୍କ ଜୀବନରେ ପରିବର୍ତ୍ତନ ଆଣି ନୂତନ ଅଧ୍ୟାୟ ସୃଷ୍ଟି କରିବା ସହ ଆର୍ଥିକ ଅଭାବରୁ ସ୍ୱପ୍ନ ଛାଡ଼ିବାକୁ ବାଧ ହୋଇଥିବା ମହିଳାଙ୍କ ପାଇଁ ଆଶାର କିରଣ ସାଜିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଶନିବାର କୋରାପୁଟ ଜିଲା ଜୟପୁରସ୍ଥିତ ବାଙ୍କା ବିଜା ପଡ଼ିଆରେ ସୁଭଦ୍ରାର ୩ୟ କିସ୍ତି ପ୍ରଦାନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ବିଭିନ୍ନ ଅଞ୍ଚଳରୁ ଆସିଥିବା ମହିଳାମାନଙ୍କୁ ଚେକ୍ ପ୍ରଦାନ କରିଥିଲେ।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟମନ୍ତ୍ରୀଙ୍କ ହାତରେ ସୁଭଦ୍ରା ରାଖୀ ବାନ୍ଧିବା ପରେ ପାରମ୍ପରିକ ଭାବେ ସମାରୋହ କାର୍ଯ୍ୟ ଆରମ୍ଭ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସୁଭଦ୍ରା ଯୋଜନା ଅନେକ ମହିଳାଙ୍କ ଜୀବନରେ ପ୍ରଗତି ଆଣିଛି ବୋଲି କହିଥିଲେ। ଜିଲାରେ ୪୫୨ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ୪୩୬ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ୩୦୯.୪୨ କୋଟି ଟଙ୍କା ମୂଲ୍ୟର ୧୨୬ ନୂତନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏଥିସହିତ ଜିଲାରେ ୭୬୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, ସେତୁ, ସଡ଼କ ଓ ପର୍ଯ୍ୟଟନ ଆଦି ☞ପୃଷ୍ଠା-୪

- **ଜୟପୁରରୁ ଭୁବନେଶ୍ୱରକୁ ବନ୍ଦେ ଭାରତ ଏକ୍ସପ୍ରେସ୍ ଚାଲିବା ନେଇ ସୂଚନା**
- **କୋରାପୁଟ ଜିଲାରେ ୭୬୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଉନ୍ନୟନ ପ୍ରକଳ୍ପର ଶୁଭାରମ୍ଭ**

**ଆଜିର ସମ୍ପାଦକୀୟ**
**ତିନି ଚୁକ୍ତି**

# ୬ ପାକ୍ ଯୁଦ୍ଧବିମାନ ଖସାଇଥିଲା ଭାରତ: ବାୟୁସେନା ମୁଖ୍ୟ

## ‘ଅପରେଶନ ସିନ୍ଦୂର’ କାହିଁକି ବନ୍ଦକଲେ ମୋଦି: କଂଗ୍ରେସ

ଅପରେଶନ ସିନ୍ଦୂର ବେଳେ ଭାରତୀୟ ବାୟୁସେନା (ଆଇଏଏଫ୍) ୬ ପାକିସ୍ତାନୀ ଯୁଦ୍ଧବିମାନ ଖସାଇଥିବା ଶନିବାର ସ୍ପଷ୍ଟ କରିଛି। ମେ’ ୭ରୁ ୧୦ ଯାଏ ଚାଲିଥିବା ଉକ୍ତ ବୃହତ୍ ସାମରିକ ସଂଘର୍ଷ ସମୟରେ ପାକ୍ ଭାରତର ୬ଟି ଯୁଦ୍ଧବିମାନ ଖସାଇଥିବା ପୂର୍ବରୁ ଦାବି କରିଆସିଥିବାବେଳେ ଆଇଏଏଫ୍ ପକ୍ଷରୁ କରାଯାଇଥିବା ଏହି ବିଳମ୍ବିତ ଦାବି ନୂଆ ବିତର୍କକୁ ଜନ୍ମ ଦେଇଛି। କାରଣ ଏହା ପୂର୍ବରୁ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଏବଂ ସଶସ୍ତ୍ର ବଳର ଅନ୍ୟ କେତେଜଣ ଅଧିକାରୀ ଭାରତୀୟ ସେନାର ଏୟାରକ୍ରାଫ୍ଟ ଖସିଥିବା ବିଷୟ ସ୍ୱୀକାର କରିସାରିଛନ୍ତି।

ନୂଆଦିଲ୍ଲୀ,୯।୮

ପାକିସ୍ତାନ ବିରୋଧରେ ‘ଅପରେଶନ ସିନ୍ଦୂର’ ବେଳେ ଭାରତ ଅନ୍ୟୁନ ୫ ଯୁଦ୍ଧବିମାନ ଏବଂ ଗୋଟିଏ ବଡ଼ ଏୟାରକ୍ରାଫ୍ଟକୁ ଖସାଇଥିବା ନେଇ ଶନିବାର ବାୟୁସେନା ମୁଖ୍ୟ ମାର୍ଶଲ ଅମରପ୍ରୀତ ସିଂ ଦାବି କରିଛନ୍ତି। ବେଙ୍ଗାଲୁରୁରେ ☞ପୃଷ୍ଠା-୪









ଓଡ଼ିଶାପୋଷ୍ଟ ମେଟଲ୍ ମିଟ୍ ୨୦୨୫ର ଗ୍ରାଣ୍ଡ ଫାଇନାଲକୁ ଯାଇଥିବା ୮ ସିନିୟର ଗ୍ରୁପ୍ର ପ୍ରତିଯୋଗୀମାନଙ୍କ ସହ ଓଡ଼ିଶାପୋଷ୍ଟ ତଥା ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ କୁଇଜ୍ ମାଷ୍ଟର ଅଜୟ୍ ପୁନିଆ।

# ଫାଇନାଲ୍ସରେ ୮ ଜୁନିୟର-୮ ସିନିୟର ଟିମ୍

ଭୁବନେଶ୍ୱର,୯।୮(ବନ୍ଦନା ସେଠୀ/ସୁଚିସ୍ମିତା ସାହୁ)

ଦୈନିକ ଇଂଲିଶ ଖବରକାଗଜ 'ଓଡ଼ିଶା ପୋଷ୍ଟ' ପକ୍ଷରୁ ଶନିବାର ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତାର ସପ୍ତମ ସଂସ୍କରଣ 'ମେଟଲ୍ ମିଟ୍-୨୦୨୫' ଆରମ୍ଭ ହୋଇଛି। ସ୍ୱସ୍ତି ପ୍ରିମିୟମ୍ ହୋଟେଲ୍‌ଠାରେ ଆୟୋଜିତ କୁଇଜ୍‌ର ଏହି ମହାକୁମ୍ଭରେ ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ସ୍କୁଲ, କଲେଜ ଏବଂ ବିଶ୍ୱବିଦ୍ୟାଳୟରୁ ମୋଟ୍ ୮୧ଟି ଟିମ୍ ଅଂଶଗ୍ରହଣ କରିଥିଲେ। ପ୍ରିଲିମ୍ସ ରାଉଣ୍ଡର ଜୁନିୟର ବର୍ଗରେ ୩୯ ଓ ସିନିୟର ବର୍ଗରେ ୪୨ ଟିମ୍ ଭାଗ ନେଇଥିଲେ। ସେଥିମଧ୍ୟରୁ ଗ୍ରାଣ୍ଡ ଫାଇନାଲ୍ସ ପାଇଁ ଉଭୟ ବର୍ଗରୁ ୮ଟି ଲେଖାଏ ଟିମ୍ ମନୋନୀତ ହୋଇଛନ୍ତି। ରବିବାର ସେମାନଙ୍କ ମଧ୍ୟରେ କଡ଼ା ଟକ୍କର ହେବା ସହିତ ବିଜେତା ଚୟନ କରାଯିବ।

କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ଉଦ୍‌ବୋଧନ ଦେଇ 'ଓଡ଼ିଶା ପୋଷ୍ଟ' ଏବଂ 'ଧରିତ୍ରୀ'ର ସମ୍ପାଦକ ତଥାଗତ ସତପଥୀ ପ୍ରତିଯୋଗିତା ଆୟୋଜନର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଶାରେ ପୂର୍ବରୁ ହେଉଥିବା କୁଇଜ୍ ପ୍ରତିଯୋଗିତା ବନ୍ଦ ହୋଇଯାଉଥିବା ସମୟରେ ଓଡ଼ିଶା ପୋଷ୍ଟ ଆନୁକୂଲ୍ୟରେ 'ମେଟଲ୍ ମିଟ୍' ଆରମ୍ଭ ହୋଇଛି। ଏହା କ୍ୱିଜିଂକୁ ଏକ ନୂଆ ଜୀବନ ଆଣି ଦେଇଛି ଏବଂ ପୂର୍ବ ଭାରତରେ 'ମେଟଲ୍ ମିଟ୍' ନିଜର ନାମ ପ୍ରତିପାଦିତ କରିପାରିଛି ବୋଲି କହିବା ସହ ତଥାଗତ ସମସ୍ତ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। 'ଓଡ଼ିଶା ପୋଷ୍ଟ' ଏବଂ 'ଧରିତ୍ରୀ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ କହିଲେ, ୨୦୧୬ରେ ଆରମ୍ଭ ହୋଇଥିବା ମେଟଲ୍ ମିଟ୍‌ର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଓଡ଼ିଶାରେ କୁଇଜିଂ କଲ୍‌ଚରକୁ ପ୍ରୋତ୍ସାହିତ କରିବା। ସେ ସମୟରେ ନୃତ୍ୟ, ସଙ୍ଗୀତ, ଅଭିନୟ ଏବଂ ଅନ୍ୟାନ୍ୟ ଟ୍ୟାଲେଣ୍ଟକୁ ନେଇ ବିଭିନ୍ନ ପ୍ରତିଯୋଗିତା ହେଉଥିବାବେଳେ, କୁଇଜ୍‌କୁ ନେଇ ସେଭଳି କିଛି ପ୍ରତିଯୋଗିତା ହେଉ ନ ଥିଲା। ତେଣୁ ଇଣ୍ଟେଲେକ୍ଚୁଆଲ୍ ପିଲାମାନଙ୍କ ପାଇଁ ଏକ ପ୍ଲାଟଫର୍ମ ସଦୃଶ ମେଟଲ୍ ମିଟ୍ ଆରମ୍ଭ ହୋଇଥିଲା। ମେଟଲ୍ ମିଟ୍ ଧୀରେ ଧୀରେ ବ୍ୟାପକ ହେବା ସହିତ ରାଜ୍ୟ ତଥା ବାହାରର ଶିକ୍ଷାନୁଷ୍ଠାନରୁ ଛାତ୍ରୀଛାତ୍ରମାନେ ଏଥିରେ ଅଂଶଗ୍ରହଣ କରିବା ନେଇ ଆଗ୍ରହ ପ୍ରକାଶ କରୁଥିବା ଆଦ୍ୟାଶା କହିଥିଲେ। କୁଇଜ୍‌ର ଏହି ମହାକୁମ୍ଭକୁ ଲୋକପ୍ରିୟ କୁଇଜ୍ ମାଷ୍ଟର ଅଜୟ୍ ପୁନିଆ ପରିଚାଳନା କରିଥିଲେ। ସେହିପରି




ପ୍ରତିଯୋଗୀଙ୍କୁ ପ୍ରଶ୍ନ ପଚାରୁଛନ୍ତି କୁଇଜ୍ ମାଷ୍ଟର ଅଜୟ୍ ପୁନିଆ

କାର୍ଯ୍ୟକ୍ରମକୁ ମାନସୀ ମିଶ୍ର ସଂଯୋଜନା କରିଥିଲେ। ମେଟଲ୍ ମିଟ୍ ଜୁନିୟର ବର୍ଗରେ ପୁରୀ, କଟକ, ଭୁବନେଶ୍ୱର, ଢେଙ୍କାନାଳ, ସମ୍ବଲପୁର, ରାଉରକେଲା ଓ ଅନୁଗୋଳ ଆଦି ଜିଲାର ଶିକ୍ଷାନୁଷ୍ଠାନରୁ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସେହିପରି ସିନିୟର ଗ୍ରୁପ୍‌ରେ ଭୁବନେଶ୍ୱର, ରାୟଗଡ଼ା, ପୁରୀ, କଟକ, ରାଉରକେଲା, ବ୍ରହ୍ମପୁର, ସମ୍ବଲପୁର, ବୁର୍ଲା ସମେତ ଖଡଗପୁର, ରାୟପୁର, ଝାଡ଼ଖଣ୍ଡ, କୋଲ୍‌କାତା ଆଦି ରାଜ୍ୟ ବାହାରର ଶିକ୍ଷାନୁଷ୍ଠାନରୁ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରଥମ ଦିନରେ ଏମାନଙ୍କୁ ନେଇ ପ୍ରିଲିମ୍ସ ରାଉଣ୍ଡ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମେ ଜୁନିୟର ଏବଂ ପରେ ସିନିୟର ବର୍ଗର ପିଲାଙ୍କୁ ନେଇ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗୀମାନଙ୍କୁ ମୋଟ୍ ୩୫ଟି ଲେଖାଏ ପ୍ରଶ୍ନର ସାମ୍ନା କରିବାକୁ ପଡ଼ିଥିଲା। ଏଥିରେ ସାଧାରଣ ଜ୍ଞାନ ସହିତ ଅଡିଓ ଭିଜୁଆଲ୍ ପ୍ରଶ୍ନ ରହିଥିଲା।

## ଆଜି ଗ୍ରାଣ୍ଡ ଫାଇନାଲ୍ସ

ଚଳିତବର୍ଷ 'ମେଟଲ୍ ମିଟ୍' ଜୁନିୟର ଗ୍ରୁପର ୮ ଟିମ୍ ଏବଂ ସିନିୟର ଗ୍ରୁପର ୮ ଟିମ୍ ଫାଇନାଲକୁ ଯାଇଛନ୍ତି। ଏହି ଟିମ୍‌କୁ ନେଇ ରବିବାର ସ୍ୱସ୍ତି ପ୍ରିମିୟମ ହୋଟେଲ୍‌ଠାରେ ଗ୍ରାଣ୍ଡ ଫାଇନାଲ୍ସ ଅନୁଷ୍ଠିତ ହେବ। ପୁରସ୍କାର ବାବଦକୁ ମୋଟ୍ ୩.୫ ଲକ୍ଷ ଟଙ୍କା ରହିଛି। ଉଭୟ ବର୍ଗର ବିଜେତା ଟିମ୍‌କୁ ୧ଲକ୍ଷ, ପ୍ରଥମ ରନର ଅପ୍‌କୁ ୫୦ହଜାର ଏବଂ ଦ୍ୱିତୀୟ ରନର ଅପ୍‌କୁ ୨୫ ହଜାର ଲେଖାଏ ଟଙ୍କା ପ୍ରଦାନ କରାଯିବ।

## ଜୁନିୟର ଫାଇନାଲିଷ୍ଟସ୍

- କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ, ଭୁବନେଶ୍ୱର
- ସେଣ୍ଟ ପଲ୍ସ ସ୍କୁଲ, ରାଉରକେଲା
- ଲୟୋଲା ସ୍କୁଲ, ଭୁବନେଶ୍ୱର
- ଡିଏଭି ପବ୍ଲିକ ସ୍କୁଲ, ସିଡିଏ, କଟକ
- ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ, ଭୁବନେଶ୍ୱର
- ଡିଏଭି ପବ୍ଲିକ ସ୍କୁଲ, କଳିଙ୍ଗନଗର
- ଭୁବନେଶ୍ୱର ମଡେଲ ପବ୍ଲିକ୍ ସ୍କୁଲ, ଭୁବନେଶ୍ୱର
- ଡିଏଭି ପବ୍ଲିକ ସ୍କୁଲ, ୟୁନିଟ-୮, ଭୁବନେଶ୍ୱର

## ସିନିୟର ଫାଇନାଲିଷ୍ଟସ୍

- ଆଇଆଇଏମ୍, କୋଲ୍‌କାତା
- ଏମ୍ସ, ଭୁବନେଶ୍ୱର
- ଆଇଆଇଟି, ଖଡ଼ଗପୁର
- କିଟ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
- ନାଇଜର, ଜଟଣୀ, ଖୋର୍ଦ୍ଧା
- ଏକ୍ସଏଲ୍‌ଆର୍‌ଆଇ, ଜାମସେଦ୍‌ପୁର, ଝାଡ଼ଖଣ୍ଡ
- ନ୍ୟାଶନାଲ ଲ' ୟୁନିଭରସିଟି, କଟକ
- ଭିମ୍‌ସାର, ବୁର୍ଲା, ସମ୍ବଲପୁର




'ମେଟଲ୍ ମିଟ୍ ୨୦୨୫'ର ଗ୍ରାଣ୍ଡ ଫାଇନାଲକୁ ଯାଇଥିବା ଜୁନିୟର ବର୍ଗର ୮ ଟିମ୍।











'ମେଟଲ୍ ମିଟ୍ ୨୦୨୫' ପ୍ରିଲିମ୍ସର ପ୍ରାରମ୍ଭରେ ପ୍ରତିଯୋଗୀମାନଙ୍କୁ ସ୍ୱାଗତ ଜଣାଇ ଉଦ୍‌ବୋଧନ ଦେଉଛନ୍ତି ଓଡ଼ିଶାପୋଷ୍ଟ ତଥା ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ







ଭୁବନେଶ୍ୱର ସ୍ୱସ୍ତି ପ୍ରିମିୟମ ହୋଟେଲରେ ଶନିବାର ଆୟୋଜିତ ଓଡ଼ିଶାପୋଷ୍ଟ ମେଟଲ୍ ମିଟ୍-୨୦୨୫ ପ୍ରିଲିମ୍ସରେ ଅଂଶଗ୍ରହଣ କରିଥିବା ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରତିଯୋଗୀମାନେ। (ଫଟୋ: ବିକାଶ ନାୟକ/ମନୋରଞ୍ଜନ ମିଶ୍ର/ଜ୍ୟୋତିରଞ୍ଜନ ସାହୁ)




# ଉଚ୍ଚ ଶିକ୍ଷାନୁଷ୍ଠାନରେ ହେବ 'ଶକ୍ତିଶ୍ରୀ' ସଶକ୍ତୀକରଣ କେନ୍ଦ୍ର

## ୨୫ ସୁଦ୍ଧା ସେଲ୍ ଗଠନ ନିର୍ଦ୍ଦେଶ

**ଭୁବନେଶ୍ୱର,୯।୮ (ସୁଚିସ୍ମିତା ସାହୁ)**

ରାଜ୍ୟର ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ 'ଶକ୍ତିଶ୍ରୀ ସଶକ୍ତୀକରଣ କେନ୍ଦ୍ର' ସ୍ଥାପନ ହେବ। ଏଥିସହ 'ଶକ୍ତିଶ୍ରୀ ସାଥୀ' ନିଯୁକ୍ତ ହେବେ। ସେହିପରି ଛାତ୍ରୀ ଓ ମହିଳା କର୍ମଚାରୀ ସୁରକ୍ଷା ପାଇଁ ଆସନ୍ତା ୨୫ ତାରିଖ ସୁଦ୍ଧା 'ସକ୍ତିଶ୍ରୀ ସେଲ୍' ପ୍ରସ୍ତୁତ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଶନିବାର ବିଭାଗର ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର ସମସ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷ ଓ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଚିଠି ଲେଖିଛନ୍ତି। ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି ଯେ, 'ଶକ୍ତିଶ୍ରୀ ସଶକ୍ତୀକରଣ କେନ୍ଦ୍ର' ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ପ୍ରଚେଷ୍ଟା କରିବ। କେନ୍ଦ୍ରର ସଂଯୋଜିକା ଭାବେ ଜଣେ ଅଧ୍ୟାପିକା ଓ 'ଶକ୍ତିଶ୍ରୀ ସାଥୀ' ଭାବେ ଜଣେ ଛାତ୍ରୀ କାର୍ଯ୍ୟ କରିବେ। କେନ୍ଦ୍ରର ଅଧ୍ୟକ୍ଷ ଦାୟିତ୍ୱରେ କଲେଜ ପ୍ରିନ୍ସିପାଲ ଓ ବିଶ୍ୱବିଦ୍ୟାଳୟର ଛାତ୍ର ମଙ୍ଗଳ ଡିନ୍ ରହିବେ। ସେମାନେ ଶକ୍ତିଶ୍ରୀ ସାଥୀ ଓ ସଂଯୋଜିକାଙ୍କ ସହ ସମନ୍ୱୟ ରଖି ମାସିକ କ୍ୟାଲେଣ୍ଡର ମୁତାବକ ଅଧିବେଶନ ଆୟୋଜନ କରିବେ। ଚଳିତ ମାସ ୧୪ ତାରିଖ ସୁଦ୍ଧା ପ୍ରତି ଶ୍ରେଣୀରେ ଜଣେ ଲେଖାଏ ମହିଳା ପ୍ରତିନିଧି ଚୟନ କରାଯିବ। ୨୦ ତାରିଖ ସୁଦ୍ଧା 'ଶକ୍ତିଶ୍ରୀ ସାଥୀ' ବାଛିବା ପାଇଁ ପଦକ୍ଷେପ ନିଆଯିବ। ମନୋନୟନରେ ସ୍ୱଚ୍ଛତା ଅବଲମ୍ବନ କରିବାକୁ କୁହାଯାଇଛି। ସ୍ୱେଚ୍ଛାସେବୀ, ନେତୃତ୍ୱ ନେବାର ଦକ୍ଷତା, କମ୍ୟୁନିକେସନ ସ୍କିଲ, ଦାୟିତ୍ୱ, ଉତ୍ତରଦାୟୀ, ସମସ୍ୟାର ସମାଧାନ କରିବାର କ୍ଷମତା ଥିବା ଛାତ୍ରୀଙ୍କୁ 'ଶକ୍ତିଶ୍ରୀ ସାଥୀ' ଭାବେ ଚୟନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସ୍ନାତକ (ୟୁଜି) ଓ ସ୍ନାତକୋତ୍ତର (ପିଜି) ଶେଷ ବର୍ଷର ପ୍ରତି ଶ୍ରେଣୀର ଜଣେ ଲେଖାଏ ଛାତ୍ରୀ ଶ୍ରେଣୀ ପ୍ରତିନିଧି ଭାବେ କାମ କରିବେ। ଛାତ୍ରୀମାନଙ୍କୁ ୬ ଦିନିଆ ଆତ୍ମରକ୍ଷା କୌଶଳ ତାଲିମ ଦିଆଯିବ। ମହିଳାଙ୍କ ସୁରକ୍ଷା ଓ ଅଧିକାର ସମ୍ବନ୍ଧୀୟ ସଚେତନତା କର୍ମଶାଳା ମଧ୍ୟ ଅନୁଷ୍ଠିତ ହେବ। ଏଥିସହ ଶିକ୍ଷାନୁଷ୍ଠାନରେ ସାପ୍ତାହିକ ଯୋଗ, ପ୍ରାଣାୟମ, ବ୍ୟାୟାମ ଆଦି କରାଯିବା ସହିତ ସେମିନାର, ଆଲୋଚନାଚକ୍ର ଆଦି ଆୟୋଜନ କରିବାକୁ ଚିଠିରେ ନିର୍ଦ୍ଦେଶ ଦିଆଯାଇଛି।

# ୧୫ କି ୨୦ ପରେ ନିଗମ, ବୋର୍ଡ, କମିଟି ନେଇ ହୋଇପାରେ ଘୋଷଣା: ମନମୋହନ

**ଭୁବନେଶ୍ୱର, ୯।୮ (ସୁନିତ୍ ମିଶ୍ର)**

ରାଜ୍ୟରେ ଖାଲି ପଡ଼ିଥିବା ନିଗମ ଓ ବୋର୍ଡ ପଦବୀ ପୂରଣ ହେବାକୁ ନେଇ ଦୀର୍ଘଦିନ ହେଲା ଚର୍ଚ୍ଚା ଲାଗି ରହିଛି। ରାଜ୍ୟରେ ଭାଜପା ଶାସନକୁ ଆସିବାର ପ୍ରାୟ ୧୪ ମାସ ପୂରଣ ହୋଇସାରିଥିବା ବେଳେ ବହୁ ନେତା ନିଜକୁ ଥଇଥାନ କରିବାକୁ ଅପେକ୍ଷାକରି ରହିଛନ୍ତି। ଦୀର୍ଘଦିନ ପରେ ଯେହେତୁ ଭାଜପା କ୍ଷମତାକୁ ଆସିଛି ସେମାନଙ୍କ ଦଳରେ କାର୍ଯ୍ୟ କରିଥିବା ଆଗ ଧାଡ଼ିର ନେତାମାନେ ଅପେକ୍ଷା କରିବା ମଧ୍ୟ ସ୍ୱାଭାବିକ। ଏହା ମଧ୍ୟରେ ଆସନ୍ତା ୧୫ କିମ୍ବା ୨୦ ତାରିଖ ପରେ ନିଗମ, ବୋର୍ଡ ଏବଂ କମିଟି ଘୋଷଣା ହୋଇପାରେ ବୋଲି ଜଣାପଡ଼ିଛି। ତେବେ ବର୍ତ୍ତମାନ ସମୟରେ ନିର୍ଦ୍ଦିଷ୍ଟ ତାରିଖ କହିହେବ ନାହିଁ ବୋଲି ନୂଆଦିଲ୍ଲୀ ଗସ୍ତରୁ ଫେରିବା ପରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଏଭଳି ପ୍ରତିକ୍ରିୟା ରଖିଛନ୍ତି।

ମନମୋହନ କହିଛନ୍ତି, ଭାଜପାର ନିଗମ, ବୋର୍ଡ ଏବଂ କମିଟି ତାଲିକା ଦିଲ୍ଲୀରେ ହୁଏନାହିଁ, ଓଡ଼ିଶାରେ ହୁଏ। ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ଏମ୍‌ପିମାନଙ୍କ ସମେତ ଅନ୍ୟ ନେତୃବୃନ୍ଦଙ୍କ ସହ ବୈଠକ ହୋଇଛି। ଦଳୀୟ ନେତାଙ୍କ ସହ ଆଲୋଚନା ପରେ ନିଷ୍ପତ୍ତି ନିଆଯିବ। ବର୍ତ୍ତମାନ ସମୟରେ ନିର୍ଦ୍ଦିଷ୍ଟ ତାରିଖ କହିହେବ ନାହିଁ ବୋଲି ସେ କହିଛନ୍ତି। ଏଣେ ସୁଭଦ୍ରା ଟଙ୍କାରେ ଲକ୍ଷପତି ଦିଦି ସୃଷ୍ଟି ସମ୍ପର୍କରେ ବିଜେଡିର ପ୍ରତିକ୍ରିୟା ଉପରେ ଜବାବ ରଖି ମନମୋହନ କହିଛନ୍ତି, ବିଜେଡି ୫ ବର୍ଷ ଅପେକ୍ଷା କରୁ। ଅଧର୍ଯ୍ୟ ହେବା ଉଚିତ ନୁହେଁ। ଓଡ଼ିଶା ଲକ୍ଷ ପତି ଦିଦିରେ ୧ ନମ୍ବର ରାଜ୍ୟ ହୋଇପାରିଛି, ଏହା ସୌଭାଗ୍ୟର ବିଷୟ। ଓଡ଼ିଶାର ମହିଳାମାନେ କଠିନ ପରିଶ୍ରମ କରୁଛନ୍ତି। କେନ୍ଦ୍ର ଏବଂ ରାଜ୍ୟ ସରକାର ମହିଳାମାନଙ୍କୁ ବିନା ସୁଧରେ ଋଣ ଦେଉଛନ୍ତି, ଯାହାଦ୍ୱାରା ଲକ୍ଷପତି ଦିଦି ହେବା ସମ୍ଭାବନା ବଢ଼ିଛି। ସୁଭଦ୍ରା ମହିଳାଙ୍କୁ ସ୍ୱାବଲମ୍ବୀ ହେବାର ସୁଯୋଗ ଦେଇଛି, ମନରେ ଆତ୍ମବିଶ୍ୱାସ ବଢ଼ାଇଛି ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଚଳିତ ସପ୍ତାହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୩ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଇଥିଲେ। ଏହି ଅବସରରେ ମନମୋହନ ମଧ୍ୟ ଦିଲ୍ଲୀ ଗସ୍ତ କରିଥିଲେ। ୨ନେତା ଏକାସାଙ୍ଗରେ ଦିଲ୍ଲୀ ଗସ୍ତ କରୁଥିବାରୁ ରାଜ୍ୟର ସାଙ୍ଗଠନିକ ବିଷୟ ନେଇ କିଛି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥାଇପାରେ ବୋଲି ଚର୍ଚ୍ଚା ହେଉଥିଲା। ନିଗମ ଓ ବୋର୍ଡରେ ଥଇଥାନ କଥା ମଧ୍ୟ ଚୂଡ଼ାନ୍ତ ହୋଇପାରେ ବୋଲି ଚର୍ଚ୍ଚା ହେଉଥିଲା। ହେଲେ ମୁଖ୍ୟମନ୍ତ୍ରୀ ବହୁ କେନ୍ଦ୍ରମନ୍ତ୍ରୀଙ୍କ ସହ ସାକ୍ଷାତ ନେଇ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇଥିଲେ। ରାଜ୍ୟର କେତେଜଣ ଏମ୍‌ପିଙ୍କ ସହ ସାକ୍ଷାତ କରିଥିବା ନେଇ ମଧ୍ୟ ଜଣାପଡ଼ିଥିଲା। ହେଲେ ଏହି ସମୟ ଭିତରେ ମନମୋହନଙ୍କ ରାଜନୈତିକ କାର୍ଯ୍ୟକ୍ରମ ସମ୍ପର୍କରେ କୌଣସି ଖବର ବାହାରକୁ ଆସି ନ ଥିଲା। ତେଣୁ ଇତି ମଧ୍ୟରେ ରୁଦ୍ଧଦ୍ୱାର ବୈଠକ ଜରିଆରେ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହୋଇଥାଇପାରେ ବୋଲି ଚର୍ଚ୍ଚା ହେଉଛି।

# ନଦୀରେ ଭାସିଗଲେ ୨ ଭଉଣୀ

**ଜଳେଶ୍ୱର, ୯।୮ (ନବୀନ ସାହୁ/ ସତ୍ୟରଞ୍ଜନ ପ୍ରଧାନ)**

ରାଖିପୂର୍ଣ୍ଣମୀରେ ଘଟିଛି ଏକ ଦୁଃଖଦ ଘଟଣା। ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ସୁବର୍ଣ୍ଣରେଖା ନଦୀର ଶିଖରପୁର ଘାଟରେ ପାଣି ଉଠାଉଥିବା ବେଳେ ୨ ଭଉଣୀ ଭାସିଯାଇଛନ୍ତି। ଗ୍ରାମବାସୀ ଜଳେଶ୍ୱର ପୋଲିସ, ଦମକଳ ବାହିନୀ ଏବଂ ଓଡ୍ରାଫ ଟିମ୍‌କୁ ଖବର ଦେଇଥିଲେ। ଜଳେଶ୍ୱର ଏସ୍‌ଡିପିଓ ସୁବ୍ରତ ବେହେରା, ଦମକଳ ଏବଂ ଓଡ୍ରାଫ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦମକଳ ବାହିନୀର ଦୁଇଟି ଟିମ୍, ଓଡ୍ରାଫର ଗୋଟେ ଟିମ୍ ଏବଂ ଗାଁ ଲୋକେ ମିଶି ଦେଶୀଡଙ୍ଗା ସାହାଯ୍ୟରେ ଖୋଜାଖୋଜି କରୁଛନ୍ତି। କିନ୍ତୁ ୨ନାବାଳିକା ଭଉଣୀଙ୍କ ପତ୍ତା ମିଳିପାରିନାହିଁ। ଖବର ଲେଖା ହେବା ପର୍ଯ୍ୟନ୍ତ ଦୁଇ ନାବାଳିକା ନିଖୋଜ ଅଛନ୍ତି। ଚକହରି ଗ୍ରାମର କାହ୍ନୁଚରଣ ଦାସଙ୍କ ଦୁଇ ଝିଅ ଚାନ୍ଦିନୀ ଦାସ(୧୧), ନନ୍ଦିନୀ ଦାସ (୧୪) ଓ ଅନ୍ୟ ୩ଜଣ ସକାଳ ପ୍ରାୟ ୮ଟା ବେଳେ ନିଜ ଗ୍ରାମରେ ଥିବା ଶିବ ମନ୍ଦିରରେ ଜଳ ଲାଗି କରିବା ପାଇଁ ପାଖରେ ଥିବା ସୁବର୍ଣ୍ଣରେଖା ନଦୀ ଶିଖରପୁର ଘାଟକୁ ଯାଇଥିଲେ। ପାଣି ଉଠାଉଥିବା ବେଳେ ଅସାବଧାନତା କାରଣରୁ ଗୋଡ ଖସିଯିବାରୁ ସୁବର୍ଣ୍ଣରେଖାର ପ୍ରବଳସ୍ରୋତରେ ୫ଜଣ ଭାସିଯାଇଥିଲେ। ଅନ୍ୟ ୩ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଦୁଇ ଭଉଣୀ ନିଖୋଜ ଅଛନ୍ତି।






# ହସ୍ପିଟାଲରେ ଷ୍ଟାଫ୍ ନର୍ସଙ୍କ ସନ୍ଦେହଜନକ ମୃତ୍ୟୁ

**ଭୁବନେଶ୍ୱର, ୯।୮ (ସତ୍ୟଜିତ ରାଉତ)**

- **ମୃତଦେହ ପାଖରୁ ସିରିଞ୍ଜ, ହାତଲେଖା ନୋଟ୍ ଜବତ**
- **ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ**

ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ ଜଣେ ଷ୍ଟାଫ୍ ନର୍ସଙ୍କ ଶୁକ୍ରବାର ରାତିରେ ସନ୍ଦେହଜନକ ମୃତ୍ୟୁ ହୋଇଛି। ସେ ହେଲେ ଗଞ୍ଜାମ ଜିଲା ସାନଖେମୁଣ୍ଡିର ଶୁଭସ୍ମିତା ରାଉତ ଓରଫ ସୋନାଲି (୨୨)। ମୃତ୍ୟୁର କାରଣକୁ ନେଇ ରହସ୍ୟ ଲାଗିରହିଛି। ଖବର ପାଇ ପରିବାର ଲୋକେ ଶନିବାର ଭୁବନେଶ୍ୱର ଆସି ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି। ଏମ୍‌ଏଲ୍‌ସି ରିପୋର୍ଟ ଆଧାରରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ଘଟଣସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ୍ ଦ୍ୱାରା ତଦନ୍ତ କରି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି। ଶୁଭସ୍ମିତାଙ୍କ ମୋବାଇଲକୁ ପୋଲିସ ଜବତକରି ଖୋଳତାଡ଼ ଚଳାଇଛି। ଏଥିସହ ପୋଲିସ ସୋନାଲି ରହୁଥିବା ନୀଳାଦ୍ରିବିହାର ଏଟିଏମ୍ ଛକସ୍ଥିତ ଲେଡିଜ୍ ହଷ୍ଟେଲର ଅନ୍ତେବାସୀଙ୍କୁ ମଧ୍ୟ ପଚରାଉଚରା କରିଛି। କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଚନ୍ଦ୍ରଶେଖରପୁର ଥାନା ଅଧିକାରୀ ତୁଷାରକାନ୍ତ ସେଠୀ କହିଛନ୍ତି।

ସୂଚନା ଅନୁଯାୟୀ, ଶୁକ୍ରବାର ଶୁଭସ୍ମିତାଙ୍କର ରାତି ଡ୍ୟୁଟି ଥିଲା। ସେ ରାତି ପ୍ରାୟ ୨ଟାରେ ହସ୍ପିଟାଲର ବାଥ୍‌ରୁମ୍ ଯାଇ ଆଉ ଫେରି ନ ଥିଲେ। ସହକର୍ମୀମାନେ ସେଠାକୁ ଯାଇ ଦେଖିଲେ ଯେ, ବାଥ୍‌ରୁମ୍ ଭିତର ପଟୁ ବନ୍ଦ ଥିଲା। ଭିତରେ ଶୁଭସ୍ମିତା ଅଚେତ ହୋଇ ପଡିଥିବା ଦେଖି ଉଦ୍ଧାର କରି ବେଡ୍‌କୁ ନେଇଥିଲେ। ପରିବାର ଲୋକେ ପହଞ୍ଚି ହସ୍ପିଟାଲ ବେଡ୍‌ରେ ଶୁଭସ୍ମିତାଙ୍କ ହାତରେ ଇଞ୍ଜେକ୍ସନ ଫୋଡା ଚିହ୍ନ ରହିଥିବାବେଳେ ପାଟିରେ ଏକ ପାଇପ୍ ପଶି ରହିଥିବା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ସେମାନଙ୍କ ଅଭିଯୋଗ ଅନୁସାରେ, ହସ୍ପିଟାଲର କେତେଜଣ ଅଧିକାରୀ ଶୁଭସ୍ମିତାଙ୍କୁ ନିର୍ଯାତନା ଦେଉଥିଲେ। ନିୟମିତ ରାତି ଡ୍ୟୁଟି ଦିଆଯାଉଥିବାରୁ ସେ ମାନସିକ ଚାପରେ ଥିଲେ। ରାଖୀ ପୂର୍ଣ୍ଣିମା ପାଇଁ ତାଙ୍କୁ ଛୁଟି ମିଳି ନ ଥିବାରୁ ସେ କାନ୍ଦିକାନ୍ଦି ପରିବାର ଲୋକଙ୍କୁ ଜଣାଇଥିଲେ। ତେବେ ଶୁଭସ୍ମିତାଙ୍କୁ ମୃତ୍ୟୁ ଘଟଣାକୁ ନେଇ ଶନିବାର ହସ୍ପିଟାଲ ପରିସରରେ ଉତ୍ତେଜନା ଦେଖାଦେଇଥିଲା।

# ବିଶ୍ୱ ଆଦିବାସୀ ଦିବସ ପାଳନ କଲେ ସିଜିମାଳି ବାସିନ୍ଦା

**ଭୁବନେଶ୍ୱର,୯।୮ (ସୁନିତ ମିଶ୍ର)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ସିଜିମାଳି ପାହାଡ଼ ଅଞ୍ଚଳରେ ଶନିବାର ସ୍ଥାନୀୟ ଅଞ୍ଚଳବାସୀ ବିଶ୍ୱ ଆଦିବାସୀ ଦିବସ ପାଳନ କରିଛନ୍ତି। ଏଥିରେ ଶାଗବାରି, କଣ୍ଟାମାଳ, ସୁଙ୍ଗେର, ଅଦାଜୋର ସମେତ କଳାହାଣ୍ଡି ଜିଲା ଥୁଆମୂଳ-ରାମପୁର ଅଞ୍ଚଳର ବହୁସଂଖ୍ୟକ ଆଦିବାସୀ ଯୋଗଦେଇଥିଲେ। ପୂର୍ବତନ ମନ୍ତ୍ରୀ ଜୟରାମ ପାଙ୍ଗି, ପୂର୍ବତନ ବିଧାୟକ ବିଭୀଷଣ ମାଝି ଓ ସଂଗ୍ରାମୀ ନେତା ଉପେନ୍ଦ୍ର ମାଝି ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ମା' ମାଟି ମାଳି ସୁରକ୍ଷା ମଞ୍ଚ ମାର୍ଗଦର୍ଶକ ଲିଙ୍ଗରାଜ ଆଜାଦ, ଲକ୍ଷ୍ମଣ ମାଝି, ଦୁର୍ଯ୍ୟୋଧନ ନାଏକ ଓ ପାର୍ବତୀ ମାଝି ପ୍ରମୁଖ ସିଜିମାଳି ଖଣି ଖନନକୁ ଦୃଢ଼ ବିରୋଧ କରିଛନ୍ତି । ଏ ଅଞ୍ଚଳରେ ଖଣି ଖନନ ହେଲେ ଏଠାକାର ନିରୀହ ଆଦିବାସୀଙ୍କ ଜୀବିକା ନିର୍ବାହ ପନ୍ଥା ସମ୍ପୂର୍ଣ୍ଣ ଲୋପ ପାଇଯିବ ବୋଲି ଲିଙ୍ଗରାଜ କହିଛନ୍ତି। ଏଠାରେ ବହୁ ଚିରସ୍ରୋତା ଝରଣା, ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷଲତା ରହିଛି, ଯାହା ଖଣି ଖନନ ହେଲେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ। ଏଥିସହିତ ପରିବେଶ ସମ୍ପୂର୍ଣ୍ଣ ଦୂଷିତ ହୋଇଯିବ ବୋଲି ଅଞ୍ଚଳବାସୀ କହିଛନ୍ତି।

# ୩ ଟ୍ରେନ ମାର୍ଗ ଅସ୍ଥାୟୀ ପରିବର୍ତ୍ତନ

**ଭୁବନେଶ୍ୱର,୯।୮ (ଅନୁରାଧା ମହାରଣା)**

ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ ଡିଭିଜନ ଅଧୀନ କଟକ ରେଳ ଷ୍ଟେଶନରେ ଏୟାର କନକୋର୍ସ ଗ୍ରୀଡ୍ ନିର୍ମାଣ, ଗ୍ରାନାଇଟ ଫ୍ଲୋରିଂ ଏବଂ ପ୍ରିକାଷ୍ଟ କପିଂ ବ୍ଲକ ସହିତ ପ୍ଲାଟ୍‌ଫର୍ମ ପୃଷ୍ଠର ନବୀକରଣ, ପ୍ଲାଟ୍‌ଫର୍ମ ଆଶ୍ରୟସ୍ଥଳ, ଏୟାର କନକୋର୍ସ ପାଇଁ ପାଇଲ ଫାଉଣ୍ଡେଶନ ଓ ଷ୍ଟିଲ ସ୍ତମ୍ଭ ଏବଂ ଅନ୍ୟାନ୍ୟ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଜାରି ରହିଛି। ଏହି ପୁନର୍ବିକାଶ କାର୍ଯ୍ୟକୁ ଦୃଷ୍ଟିରେ ରଖି ଅଗଷ୍ଟ ୧୧ର ସେପ୍ଟେମ୍ବର ୨୨ ପର୍ଯ୍ୟନ୍ତ ୪୦ ଦିନ ପାଇଁ ତିନୋଟି ଦୂରଗାମୀ ଟ୍ରେନର ମାର୍ଗ ପରିବର୍ତ୍ତନ କରାଯାଇଛି। ଏହି ଟ୍ରେନ୍‌ଗୁଡିକ ହେଲା ୧୨୫୧୫ କୋଏମ୍ବାଟୁର-ସିଲଚର ସାପ୍ତାହିକ ସୁପର-ଫାଷ୍ଟ ଏକ୍ସପ୍ରେସ, ୨୨୬୪୩ ଏର୍ଣ୍ଣାକୁଲମ-ପାଟନା ଦ୍ୱି-ସାପ୍ତାହିକ ଏକ୍ସପ୍ରେସ ଏବଂ ୧୨୫୦୯ ବେଙ୍ଗାଲୁରୁ-ଗୌହାଟି ତ୍ରି-ସାପ୍ତାହିକ ଏକ୍ସପ୍ରେସ। ଏସବୁ ଟ୍ରେନ୍ ବାରଙ୍ଗ-କଟକ-କପିଳାସ ରୋଡ୍ ପରିବର୍ତ୍ତେ ବାରଙ୍ଗ-ନରାଜ ମାର୍ଥାପୁର-କପିଳାସ ରୋଡ୍ ଦେଇ ୩ ଦୂରଗାମୀ ଟ୍ରେନ ଚଳାଚଳ କରିବ। ଟ୍ରେନ୍‌ଗୁଡିକ ଅଗଷ୍ଟ ୧୧ରୁ ସେପ୍ଟେମ୍ବର ୨୧ ପର୍ଯ୍ୟନ୍ତ କଟକ ରେଳ ଷ୍ଟେଶନ ପରିବର୍ତ୍ତେ ନରାଜ ମାର୍ଥାପୁର ରେଳ ଷ୍ଟେଶନରେ ରହଣି କରିବ।

# ଆଜି ବାୟାବରରୁ ନିମାପଡ଼ା କଂଗ୍ରେସର ପଦଯାତ୍ରା

**ଭୁବନେଶ୍ୱର, ୯।୮ (ସୁନିତ୍ ମିଶ୍ର)**

**ବଲାଙ୍ଗୀ ପୀଡ଼ିତାଙ୍କୁ ପୋଡ଼ି ହତ୍ୟା ଘଟଣା**

ଭାଜପା ଶାସନରେ ନାରୀଙ୍କ ସୁରକ୍ଷା ଉପରେ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବର୍ତ୍ତମାନ ନାରୀ ସମ୍ପୂର୍ଣ୍ଣ ଅସୁରକ୍ଷିତ ଏବଂ ଅବହେଳିତ। ନାବାଳିକା ସ୍କୁଲ ଛାତ୍ରୀଙ୍କଠାରୁ ବୟସ୍କା ମହିଳା କେହି ମଧ୍ୟ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ମାଲକାନଗିରି, ଗୋପାଳପୁର, ବାଲେଶ୍ୱର, ବଲାଙ୍ଗୀ, ଜଗତ୍‌ସିଂହପୁର ଆଦି ରାଜ୍ୟର ସମସ୍ତ ଅଞ୍ଚଳରେ ଘଟୁଥିବା ନାରୀ ନିର୍ଯାତନା ଏହାର ଜ୍ୱଳନ୍ତ ପ୍ରମାଣ। ବଲାଙ୍ଗୀ ଛାତ୍ରୀ ପୋଡ଼ି ଘଟଣାରେ ଦୀର୍ଘଦିନ ବିତିଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ପୋଲିସ ଧରିପାରିଲାନାହିଁ। ବଲାଙ୍ଗୀ ପୋଡ଼ି ଘଟଣାର ୩ ଅଭିଯୁକ୍ତଙ୍କୁ ଗିରଫକରି ସ୍ୱର୍ଗତା ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ, ରାଜ୍ୟରେ ବୃଦ୍ଧି ପାଉଥିବା ନାରୀ ନିର୍ଯାତନା ବିରୋଧରେ ଓଡ଼ିଶା କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନକ୍ରମେ ରବିବାର ପଦଯାତ୍ରା ଅନୁଷ୍ଠିତ ହେବ। ସକାଳ ୯ଟା ସମୟରେ ବାୟାବର ପୋଡ଼ି ଘଟଣାସ୍ଥଳରୁ ପଦଯାତ୍ରା ଆରମ୍ଭ ହେବ। ପଦଯାତ୍ରା ସେଠାରୁ ଯାଇ ନିମାପଡ଼ାଠାରେ ପହଞ୍ଚିବ। ନିମାପଡ଼ାରେ ପଦଯାତ୍ରା ପହଞ୍ଚିଲା ପରେ ସେଠାରେ ଏକ ସାଧାରଣ ସଭା ହେବ। ଏହି 'ନାରୀ ନ୍ୟାୟ' ପଦଯାତ୍ରାରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସମେତ ରାଜ୍ୟ କଂଗ୍ରେସର ବହୁ ବରିଷ୍ଠ ନେତା ଓ ବହୁ ସଂଖ୍ୟାରେ ପୁରୀ ଜିଲା କଂଗ୍ରେସର କାର୍ଯ୍ୟକର୍ତ୍ତା ସାମିଲହେବେ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ବଲାଙ୍ଗୀ ଝିଅକୁ ନ୍ୟାୟଦେବା ଏବଂ ନାରୀଙ୍କ ସୁରକ୍ଷା ପାଇଁ କଂଗ୍ରେସର ଏହି ନାରୀ ନ୍ୟାୟ ପଦଯାତ୍ରାରେ ସାମିଲହେବା ସକାଶେ ପିସିସି ସଭାପତି ପୁରୀ ଜିଲାବାସୀଙ୍କୁ ନିବେଦନ କରିଛନ୍ତି। ନାରୀ ନିର୍ଯାତନାକୁ ନେଇ ସରକାର ତିଳେମାତ୍ର ବିଚଳିତ ନାହାନ୍ତି। ସରକାର ଯଦି ସାମାନ୍ୟ ପଦକ୍ଷେପ ଗ୍ରହଣକରି ପୀଡ଼ିତାମାନଙ୍କ ଦୁଃଖ ଶୁଣିଥାନ୍ତେ ତେବେ ସେମାନଙ୍କୁ ନ୍ୟାୟ ମିଳିଥାନ୍ତା ବୋଲି କଂଗ୍ରେସ କହିଛି।




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ବିଏମ୍‌ସି ପକ୍ଷରୁ ଗଣସଫେଇ, ସ୍ଥାନ:ଆପିକଲ ଛକ, ବରମୁଣ୍ଡା ଓଭର୍ ବ୍ରିଜ୍ ସର୍ଭିସ୍, ସମୟ:ସକାଳ ୬ଟା ୩୦।
- କେନ୍ଦ୍ରପଡ଼ା ଜିଲା ବିକାଶ ପରିଷଦ ପକ୍ଷରୁ କେନ୍ଦ୍ରାପଡ଼ା ଉତ୍ସବ-୨୦୨୫, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- କଳିଙ୍ଗ ନାଟ୍ୟ ସଂଘ ଓଡ଼ିଶା ପକ୍ଷରୁ ନାଟ୍ୟ ଆଲୋଚନା ଚକ୍ର 'ଓଡ଼ିଆ ନାଟକରେ ଆମେ କେଉଁଠି ସ୍ଥାନ: ବିଜୁ ନାଟ୍ୟକେନ୍ଦ୍ର, ଶତାବ୍ଦୀର କଳାକାର, ସମୟ: ପୂର୍ବାହ୍ନ ୧୦ଟା।
- ଗଉଡ଼ିୟା ମିଶନ୍ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ୍ ସ୍ୱସ୍ତି ପ୍ରିମିୟମ,ଡିପ୍ ମହଲ୍ ହଲ୍, ସମୟ: ଅପରାହ୍ନ ୪ଟା।
- କମ୍ରେଡ଼ ଶିବାଜୀ ପଟ୍ଟନାୟକ ସ୍ମାରକୀ ସଭା, ସ୍ଥାନ: ବୁଦ୍ଧମନ୍ଦିର ଅଡିଟୋରିୟମ୍, ୟୁନିଟ୍ ୩, ସମୟ: ଅପରାହ୍ନ ୫ଟା।
- ପଦ୍ମଶ୍ରୀ ଶୁରମଣୀ ପଣ୍ଡିତ ରଘୁନାଥ ପାଣିଗ୍ରାହୀଙ୍କ ୯୩ତମ ଜନ୍ମୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ।

## କଟକ

- ନିବେଦିତା ପ୍ରଧାନ ସ୍ମୃତି ପରିଷଦ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ନିବେଦିତା ପ୍ରଧାନ ପାର୍କ ପରିସର, ସିଡିଏ ସେକ୍ଟର-୯, ସମୟ: ସକାଳ ୯ଟା। ନିବେଦିତା ପ୍ରଧାନ ସ୍ମାରକୀ ବକ୍ତୃତାମାଳା, ସ୍ଥାନ: ସିଡିଏ ସେକ୍ଟର-୬, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- ନିମାପଡ଼ା ଓ ଗୋପ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ପଦଯାତ୍ରା, ବାଇକ୍ ଶୋଭାଯାତ୍ରା ଓ ସାଧାରଣ ସଭା, ସ୍ଥାନ: ଦୁର୍ଗାମଣ୍ଡପ ପଡ଼ିଆ, ନିମାପଡ଼ା, ସମୟ: ଅପରାହ୍ନ ୪ଟା।

## ବାଲେଶ୍ୱର

- ଭାଜପା ପକ୍ଷରୁ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ବାଣେଶ୍ୱର ମନ୍ଦିର ପରିସର, ପୁରୁଣା ବାଲେଶ୍ୱର, ସମୟ: ସକାଳ ୭ଟା ୩୦।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ହୋଟେଲ ରମ୍ୟା, ସହଦେବଖୁଣ୍ଟା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଇଲେଭେନ ଷ୍ଟାର କ୍ଲବ୍, ଆଗରପଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଚିତ୍ରକଳା, ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ, ସ୍ଥାନ: ଭଦ୍ରକ ବାଇପାସ୍, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱର୍ଗତ ଭାଗୀରଥି ମହାପାତ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଗରଦପୁର, ଭଦ୍ରକ, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର

- ମାସ ଡ୍ରଗ୍ ଆଡମିନଷ୍ଟ୍ରେଶନ, ସ୍ଥାନ: ବାଟା ଛକ, ବଡ଼ବିଲ, ସମୟ: ସକାଳ ୯ ଟା।

## ମୟୂରଭଞ୍ଜ

- ଆମେ ବାରିଦା ପକ୍ଷରୁ ନ୍ୟାଶନାଲ ଥିଏଟର ଫେଷ୍ଟିଭାଲର ପ୍ରସ୍ତୁତି ବୈଠକ, ସ୍ଥାନ: ଷ୍ଟାଡିୟମ ସମ୍ମିଳନୀ କକ୍ଷ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ସଂକୁଳ ସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ଚିତ୍ରଡା ଜବାହର ସରକାରୀ ଉଚ୍ଚ ବିଦ୍ୟାଳୟ,ମୋରଡା, ସମୟ: ପୂର୍ବାହ୍ନ ୧୦ଟା।
- ହ୍ୟାଣ୍ଡଲୁମ ଫେବ ପ୍ରଦର୍ଶନୀ, ସ୍ଥାନ:ଛଉ ପଡିଆ ବାରିପଦା, ସମୟ:ପୂର୍ବାହ୍ନ ୧୧ଟା।
- ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଏବଂ ଆକାଂକ୍ଷା ହାଟ, ସ୍ଥାନ: କଲେଜ ପଡିଆ ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଉଦଳା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ:ପୂର୍ବାହ୍ନ ୧୧ଟା।
- ସ୍ୱାଧୀନତା ଦିବସ ଅବସରରେ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: କଲ୍ୟାଣୀ ମହିଳା ସମିତି ବାରିପଦା, ସମୟ:ଅପରାହ୍ନ ୨ଟା।
- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଚିତ୍ରଡା ଶୀର୍ଷାପାଳ ଛକ, ମୋରଡା, ସମୟ: ଅପରାହ୍ନ ୩ଟା।

## ଗଞ୍ଜାମ

- ସମୁଦ୍ର ପାଣିରୁ ମଧୁର ଜଳ ଯୋଗାଣ ପ୍ରକଳ୍ପ ଉଦ୍‌ଘାଟନ, ସ୍ଥାନ: ଆଇଆର୍‌ଇଏଲ୍ ପ୍ଲାଣ୍ଟ ମାଟିଖାଲ, ସମୟ: ସକାଳ ୯ ଟା।
- ଗରୀବ କଲ୍ୟାଣ ବିକାଶ ସମାବେଶ, ସ୍ଥାନ : ଅନଗ୍ଲୋ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ ଟା।

## କନ୍ଧମାଳ

- ସ୍ୱାଧୀନତା ଦିବସ ଉପଲକ୍ଷେ ଦ୍ୱିତୀୟ ସେମି ଫାଇନାଲ ଫୁଟବଲ ପ୍ରତିଯୋଗିତା, ସ୍ଥାନ: ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ବାଲିଗୁଡ଼ା, ସମୟ: ଅପରାହ୍ନ ୩ ଟା।

## ଗଜପତି

- ପଦ୍ମଶ୍ରୀ ପଣ୍ଡିତ ରଘୁନାଥ ପାଣିଗ୍ରାହୀଙ୍କ ୯୪ତମ ଜୟନ୍ତୀ, ସ୍ଥାନ: ନଗର ଭବନ ପାରଳାଖେମୁଣ୍ଡି, ସମୟ: ସନ୍ଧ୍ୟା ୬ଟା ୩୦।

## ଢେଙ୍କାନାଳ

- ସାମୂହିକ ଔଷଧ ସେବନ ଶୁଭାରମ୍ଭ, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ଓଡ଼ିଶା କଷ୍ଟମ୍ସ ବ୍ରୋକର ଆସୋସିଏଶନର କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ, ସ୍ଥାନ: ଟ୍ରେଡ୍ ସେଣ୍ଟର, ହନୁମାନ ମନ୍ଦିର ପାଖ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ଆସ ଆମେ ଭଲ ମଣିଷ ହେବା ସଙ୍ଗଠନ ତରଫରୁ ଆଲୋଚନା ଚକ୍ର ଓ ପ୍ରତିଭା ସମ୍ମାନ ଉତ୍ସବ, ସ୍ଥାନ: ଅରିଲୋସ୍ଥିତ ଶିଶୁ ଅନନ୍ତ ଆଶ୍ରମ ପରିସର, ତିର୍ତ୍ତୋଲ, ସମୟ: ପୂର୍ବାହ୍ନ ୧୧ଟା।
- ସାଇ ସଂଗଠନ ପକ୍ଷରୁ ବାଲ ବିକାଶ କାର୍ଯ୍ୟକ୍ରମ, ସ୍ଥାନ: ପାଇକସାହି, ଏରସମା, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ପରମହଂସ ପ୍ରଜ୍ଞାନାନନ୍ଦଜୀଙ୍କ ଜୟନ୍ତୀ ଅବସରରେ ରକ୍ତଦାନ ଶିବିର, ସ୍ଥାନ: ହରିହରାନନ୍ଦ ଧ୍ୟାନ ମନ୍ଦିର, ବେଲତଳ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୯ଟା।
- ମହାବିଦ୍ୟାଳୟର ସ୍ୱନକ୍ଷତ୍ର ଦିବସ ପାଳନ, ସ୍ଥାନ: ତୁଳସୀ ମହିଳା ମହାବିଦ୍ୟାଳୟ, ଗୋପ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।
- ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଗଙ୍ଗାରାମପୁର, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ବ୍ୟାସନଗର ନୂଆଖାଇ ପରିବାର ପକ୍ଷରୁ ନୂଆଖାଇ ଭେଟଘାଟ ପ୍ରସ୍ତୁତି ବୈଠକ, ସ୍ଥାନ: ଯାଜପୁରରୋଡ୍ କାଳିମେଲଣ ପଡ଼ିଆ,ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- କବି ସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ସାହିତ୍ୟ ଓ ସଂସ୍କୃତି ପରିଷଦ ପକ୍ଷରୁ ବର୍ଷାକାଳୀନ କବିତା ଆସର, ସ୍ଥାନ: ନୟାଗଡ଼ କେ.ସି. କ୍ଲବ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଖଣ୍ଡପଡ଼ା ରାଜା, ପୂର୍ବତନ ଉପ ବାଚସ୍ପତି, ମନ୍ତ୍ରୀ ତଥା ଖଣ୍ଡପଡ଼ାର ବିଧାୟକ ବିଭୂତି ଭୂଷଣ ମର୍ଦ୍ଦରାଜଙ୍କ ସ୍ମୃତି ଉଦ୍ଦେଶ୍ୟରେ ସର୍ବ ଧର୍ମ ପ୍ରାର୍ଥନା ଓ ସ୍ମୃତି ଚାରଣ ସଭା, ସ୍ଥାନ:ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର ମଣ୍ଡପ, ସମୟ: ଅପରାହ୍ନ ୫ଟା ।

## ନବରଙ୍ଗପୁର

- ତହସିଲ ୧୧ ଏବଂ ଓକିଲ ସଂଘ ୧୧ ପକ୍ଷରୁ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ, ସ୍ଥାନ: ଉମରକୋଟସ୍ଥିତ ଯୁଭି ୩ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ବାର୍ଷିକ ନବାନ୍ନ ମହୋତ୍ସବ, ସ୍ଥାନ: ଭୀମଭୋଇ ମହିମା ଧର୍ମ ଗବେଷଣା ପରିଷଦ,ମସୁରୀ ବାଡେଲ, ନନ୍ଦପୁର, ସମୟ: ସନ୍ଧ୍ୟା ୬ଟା।

## ମାଲକାନଗିରି

- ଜିଲା ଯୁବ କଂଗ୍ରେସ କମିଟିର ଯୁବ ଅଧିକାର ସମାବେଶ,ସ୍ଥାନ: ବାଲିମେଳା ଟାଉନ ହଲ ସମୟ: ପୂର୍ବାହ୍ନ ୧୦ ଟା।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା।
- ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆୟୋଜିତ ରାକ୍ଷୀ ବନ୍ଧନ କାର୍ଯ୍ୟକ୍ରମ, ସ୍ଥାନ : ଦାନୀବନ୍ଧ ସ୍ଥିତ ବ୍ରହ୍ମାକୁମାରୀ ଆଶ୍ରମ, ସମୟ : ପୂର୍ବାହ୍ନ ୧୦ଟା।
- କଲମ ପରିବାର ଆୟୋଜନରେ କବିତା ପାଠୋତ୍ସବ, ସ୍ଥାନ : ସାମ୍ବାଦିକ ଭବନ ସମୟ : ପୂର୍ବାହ୍ନ ୧୦ଟା।
- ସତ୍ୟନାରାୟଣ ବହିଦାର ସାହିତ୍ୟ ସଂସଦ ପକ୍ଷରୁ ସମ୍ବଲପୁରୀ କବିତା ପାଠୋତ୍ସବ, ସ୍ଥାନ : ସାମ୍ବାଦିକ ଭବନ, ସମୟ: ଅପରାହ୍ନ ୫ଟା।
- ସ୍ୱୀକାର ଆୟୋଜିତ ଗଙ୍ଗାଧର ସାହିତ୍ୟ ଓ ସଙ୍ଗୀତ ଉତ୍ସବ, ସ୍ଥାନ : ଫାର୍ମରୋଡ ସ୍ଥିତ ଡ. ରାଧାନାଥ ରଥ କମ୍ୟୁନିଟି ସେଣ୍ଟର, ସମୟ : ପୂର୍ବାହ୍ନ ୧୦ଟା।
- ଝୁଲଣ ଯାତ୍ରା କାର୍ଯ୍ୟକ୍ରମ, ସ୍ଥାନ : ଝାଡୁଆପଡା ବ୍ରହ୍ମପୁରା ମନ୍ଦିର ପରିସର, ସମୟ : ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର

- 'ବଲାଙ୍ଗୀରର ବିକାଶ ପରିପ୍ରେକ୍ଷୀରେ କିଶନ ପଟ୍ଟନାୟକ ଦୃଷ୍ଟିଭଙ୍ଗୀ' ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ଐତିହାସିକ ପୂର୍ଣ୍ଣଚନ୍ଦ୍ର ରଥ ପାଠଗାର, ତେଲିଗୋଠପଡା, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା ।

## ରାଉରକେଲା

- ଡେଙ୍ଗୁ ସଚେତନତା କର୍ମଶାଳା, ସ୍ଥାନ: ସେକ୍ଟର-୨୦ ବୈକୁଣ୍ଠ ଘାଟ, ସମୟ: ସକାଳ ୮ଟା।
- ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋଏଲନଗର, ସମୟ: ସକାଳ ୯ଟା।
- ମଧୁମୟ ବିଶ୍ୱ ଗଠନରେ ଗଙ୍ଗାଧର ସାହିତ୍ୟର ଭୂମିକା ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ମ୍ୟୁନିସିପାଲ କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ଇସ୍ପାତ ସାହିତ୍ୟ ସଂସଦ ପକ୍ଷରୁ ଗଙ୍ଗାଧର ମେହେର ଜୟନ୍ତୀ ପାଳନ, ସ୍ଥାନ: ସେକ୍ଟର-୭, ସମୟ: ସନ୍ଧ୍ୟା ୬ଟା।
- ଇପିଏସ୍-୯୫କୁ ନେଇ ବିଏମ୍‌ଏସ୍‌ର ପାଠଶାଳା, ସ୍ଥାନ: ସେକ୍ଟର-୪ କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼

- ଗଙ୍ଗାଧର ମେହେର ଜୟନ୍ତୀ,ସ୍ଥାନ:ନାକଡିହି, ସମୟ:ସକାଳ ୯ଟା।
- ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଫାଇଲେରିଆ ନିରାକରଣ ଅଭିଯାନ,ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମର ଶୁଭାରମ୍ଭ, ସ୍ଥାନ: ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ,ଭବାନୀପୁର,ସମୟ:ପୂର୍ବାହ୍ନ୧୦ଟା୩୦।

## ବରଗଡ଼

- ରାସ୍ତାପାର୍ଶ୍ୱରେ ଚାରାରୋପଣ,ସ୍ଥାନ:ସୋଢା, ପାଇକମାଳ,ସମୟ:ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଗଙ୍ଗାଧର ଜୟନ୍ତୀ ସମାରୋହ, ସ୍ଥାନ: ଗଙ୍ଗାଧର କଲ୍ୟାଣ ମଣ୍ଡପ, ବରପାଲି, ସମୟ:ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ କଳାହାଣ୍ଡି ଗସ୍ତ, ସ୍ଥାନ: ଭବାନୀପାଟଣା ସର୍କିଟ ହାଉସ, ସମୟ: ପୂର୍ବାହ୍ନ ୧୦ଟା।
- କଳାହାଣ୍ଡିର କୃଷି ଓ କୃଷକଙ୍କ ଉପରେ ଆଲୋଚନାଚକ୍ର, ସ୍ଥାନ: ଭବାନୀପାଟଣା ଏସ୍‌ଏନ୍ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ଭୋର ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ଦେବଗଡ଼ ସହର ବିଜେଡ଼ି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିନାଥ ମେଳା, ସ୍ଥାନ: ବାବୁସାହି, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୬ଟା
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଗଙ୍ଗାଧର ମେହେର ଜୟନ୍ତୀ ପାଳନ ସଭା, ସ୍ଥାନ: ବୀରମହାରାଜପୁର ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା, ସ୍ଥାନ: ବୀରମହାରାଜପୁର ଶିଶୁ ବିଦ୍ୟାମନ୍ଦିର, ସମୟ: ସକାଳ ୯ଟା।

## ନୂଆପଡ଼ା

- ନୂଆପଡ଼ା ବାନରସେନା ମଞ୍ଚ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ଦର୍ଲିପଡ଼ା ପଞ୍ଚାୟତ ସିଲେଟପାଣି ଗାଁ, ସମୟ: ସକାଳ ୯ଟା।
- ୧୬ ତମ ରାଜା ଅନୁପ ସିଂଦେଓ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ ତୃତୀୟ ଦିବସ, ସ୍ଥାନ: ରାଜା ଆର୍ତ୍ତତ୍ରାଣ ଖେଳପଡିଆ ଖଡ଼ିଆଳ, ସମୟ: ଅପରାହ୍ନ ୪ଟା।
- ଲକ୍ଷପତି ଦିଦି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଯୋଗଦାନ, ସ୍ଥାନ: ନୂଆପଡ଼ା ସର୍କିଟ ହାଉସ, ସମୟ: ଅପରାହ୍ନ ୪ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ଅଟକିଥିବା କାମରେ ଅଗ୍ରଗତି ଘଟିବ। ଆର୍ଥିକ ସଂକଟ ଥିଲେ ମଧ୍ୟ ନୂତନ ଯୋଜନା ଆରମ୍ଭ ସକାଶେ ମନ ବଳାଇବେ। ଗୁରୁଜନଙ୍କ ପରାମର୍ଶକ୍ରମେ କାମ କଲେ ସମସ୍ୟାର ସମାଧାନ ହେବା ସମ୍ଭାବନା ରହିଛି। ପାରିବାରିକ ଅଶାନ୍ତି ଲାଗି ରହିଥିଲେ ମଧ୍ୟ ମନକୁ ବୁଝାଇ ରହିବାକୁ ବାଧ୍ୟ ହେବେ।

**ବୃଷ** କର୍ମକ୍ଷେତ୍ରର ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବାକୁ ବାଧ୍ୟ ହେବେ। ସାମାଜିକ ସ୍ତରରେ ସମ୍ମାନ ପାଇବେ, କିନ୍ତୁ ଅନ୍ୟମାନେ ପରୋକ୍ଷରେ ବିରୁଦ୍ଧାଚରଣ କରିବେ। କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟ ପ୍ରଭୃତିରେ ପ୍ରଶଂସିତ ହୋଇପାରନ୍ତି। ଆର୍ଥିକ ସ୍ଥିତି କମ୍‌ଜୋର୍ ରହିବା ଫଳରେ ଅନ୍ୟର ସାହାଯ୍ୟ ନେବାକୁ ପଡ଼ିବ।

**ମିଥୁନ** ଭଲ ସମ୍ପର୍କ ନଥିବା ବ୍ୟକ୍ତି ସମସ୍ୟାକୁ ବଢ଼ାଇ ଦେବେ। ସମସ୍ୟା ଆସିଲେ ମଧ୍ୟ ପୂର୍ବ ଯୋଜନା ଅନୁଯାୟୀ କର୍ମ କରିବାରେ ସମର୍ଥ ହେବେ। ପାରିବାରିକ କ୍ଷେତ୍ରରେ ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି, ଯାହାକି କଳହର କାରଣ ହୋଇପାରେ। ପୁରାତନ ରୋଗର ପୀଡ଼ା ସାମୟିକ ମନକୁ ବିଷାଦିତ କରିବାର ଆଶଙ୍କା ରହିଛି।

**କର୍କଟ** ଆଜି ପ୍ରତ୍ୟେକ କାମ ସୁବିଧାରେ ସମ୍ପନ୍ନ କରିବେ। ସାମାଜିକ ସ୍ତରରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ତଥା ବନ୍ଧୁଙ୍କ ମଧ୍ୟରେ ପ୍ରଶଂସିତ ହେବେ। ସମ୍ପର୍କୀୟଙ୍କ ସହାୟତାରେ ପରିବହନରେ ସମସ୍ୟା ସମାଧାନ ହୋଇଯିବ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବାର ଆଶଙ୍କା ରହିଛି।

**ସିଂହ** ଆଜି ଆପଣ ଯାହା ପାଇବାକୁ ଇଚ୍ଛା କରୁଛନ୍ତି, ତାହା ନିଶ୍ଚିତ ପାଇପାରିବେ। ଇଚ୍ଛା ନ ଥାଇ ମଧ୍ୟ ମାତ୍ରାଧିକ ଭ୍ରମଣ ଯୋଗୁ କ୍ଳାନ୍ତି ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀଙ୍କ ସାନ୍ନିଧ୍ୟରୁ ଉପକୃତ ହେବାର ସୌଭାଗ୍ୟ ଅର୍ଜନ କରିବେ। ଅସଫଳତାର କାରଣ ଖୋଜିବାକୁ ଯାଇ ନିଜ ଲୋକଙ୍କୁ ଭୁଲ୍ ବୁଝିବେ।

**କନ୍ୟା** କାମଗୁଡ଼ିକ ଝାମେଲା ଭିତରେ ସମ୍ପନ୍ନ ହେବାରୁ ମନରେ ସରସତା ରହିବ ନାହିଁ। ମନୋଭାବ ବଦଳିଯିବା କାରଣରୁ ପ୍ରିୟ ବନ୍ଧୁଟି ସାହାଯ୍ୟ ପ୍ରତିଶ୍ରୁତି ଦେଇ ପାଖ ମାଡ଼ିବ ନାହିଁ। ବ୍ୟବସାୟରେ କ୍ଷତି ଅଧିକ ହେବାର ଆଶଙ୍କା ରହିଛି। ପରିବାରର ସହମତି ନେଇ ଯାନ୍ତ୍ରିକ ଜିନିଷ କ୍ରୟ ବିକ୍ରୟ କରିବାକୁ ମନସ୍ଥ କରିପାରନ୍ତି।

**ତୁଳା** ଉପରିସ୍ଥଙ୍କ ଅନୁକମ୍ପାରୁ କର୍ମକ୍ଷେତ୍ରରେ ଲାଗି ରହିଥିବା ସମସ୍ୟା ସମାଧାନ ହେବ। ଅଭିଳାଷ ପୂରଣ ଦିଗରେ ପରୋକ୍ଷ ଶତ୍ରୁତା ବାଧା ସୃଷ୍ଟି କରିପାରେ। ମନ ଭଲ ନ ଥିଲେ ମଧ୍ୟ ଖର୍ଚ୍ଚାନ୍ତ ହୋଇ କାମକୁ ବଢ଼ାଇ ନେଇପାରନ୍ତି। ପଡ଼ୋଶୀମାନେ ସ୍ୱାର୍ଥ ସାଧନ ମାନସରେ ମନ ବୁଝିଲା ଭଳି କଥା କହି କାର୍ଯ୍ୟ ହାସଲ କରିବେ।

**ବିଛା** କର୍ମକ୍ଷେତ୍ରରେ ଅନ୍ୟମନସ୍କ କାରଣରୁ ଟଙ୍କା ପଇସା ହଜିଯାଇପାରେ। ସାମାଜିକ ସ୍ତରରେ ସାହସିକତା ପ୍ରଦର୍ଶନ କରି ବନ୍ଧୁଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହେବେ। କଳା, ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବାର ସୌଭାଗ୍ୟ ପ୍ରାପ୍ତ ହେବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ସମସ୍ୟା ସମାଧାନ ପୂର୍ବକ ଆଶ୍ୱସ୍ତି ଲାଭ କରିବେ।

**ଧନୁ** ସାମାଜିକ କ୍ଷେତ୍ରରେ ଭଲ ବ୍ୟବହାର ପ୍ରଦର୍ଶନ କରି ସମସ୍ତଙ୍କର ପ୍ରିୟପାତ୍ର ହେବେ। ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହୋଇପାରନ୍ତି। ପାଖ ପଡ଼ୋଶୀଙ୍କ ଜରିଆରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ସ୍ୱାସ୍ଥ୍ୟହାନି କାରଣରୁ ବାରମ୍ବାର ଡାକ୍ତରଙ୍କ ପରାମର୍ଶ ପାଇଁ ଦୌଡ଼ିବାକୁ ପଡ଼ିପାରେ।

**ମକର** ଆଜି ସକାଳୁ ସକାଳୁ କୌଣସି ବନ୍ଧୁଙ୍କ ଦର୍ଶନ ପାଇଁ ମନ ଛଟପଟ ହୋଇପାରେ। କଳା, ସାହିତ୍ୟରେ, ପରିବାର ଭିତରେ, ପରିବହନରେ ରହିଥିବା ସମସ୍ୟା ସମାଧାନ ହୋଇଯିବ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ସ୍ଥଗିତ ରହିଥିବା ନିର୍ମାଣ କାର୍ଯ୍ୟରେ ଉନ୍ନତି ପରିଲକ୍ଷିତ ହେବାର ଆଶା ରହିଛି।

**କୁମ୍ଭ** ଅନ୍ୟମାନଙ୍କ ସହ ନିଜକୁ ତୁଳନା କରି କେତେକ କ୍ଷେତ୍ରରେ ନିଜକୁ ନ୍ୟୂନ ମନେ କରିପାରନ୍ତି। କାମଗୁଡ଼ିକ ଅନ୍ୟମାନଙ୍କ ସକାଶେ ଯେତିକି ସହଜ ଓ ସୁବିଧାଜନକ ହୋଇପାରୁଛି ଆପଣଙ୍କ ପାଇଁ ତାହା ନ ହୋଇପାରେ। ଆନୁଷ୍ଠାନିକ କ୍ଷେତ୍ରରେ ନୀରବ ରହିବାକୁ ବାଧ୍ୟ ହେବେ। କୌଣସି ବିଜାତୀୟ ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି।

**ମୀନ** କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ ବାହାରକୁ ଯିବାକୁ ପଡ଼ିପାରେ। ପାରିବାରିକ ସମସ୍ୟା ବିଷୟରେ ଗୁଡ଼ାଏ ଚିନ୍ତା କରି ମନକୁ ଭାରାକ୍ରାନ୍ତ କରନ୍ତୁ ନାହିଁ। ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବେ। ଅସୁବିଧା ନ ହେଲେ ମଧ୍ୟ କେତେକ କ୍ଷେତ୍ରରେ ବୃଥା ଆଶଙ୍କା କରି ମନ ଅସ୍ଥିର ରହିବ।

ଆଜି ଅଗଷ୍ଟ ୧୦ ତାରିଖ, ଡେଙ୍ଗୁ ନିରୋଧକ ଦିବସ, ଭାଦ୍ରବ କୃଷ୍ଣ ପ୍ରତିପଦାଯୁକ୍ତ ଦ୍ୱିତୀୟା ରବିବାର, ଶ୍ରୀମନ୍ଦିରରେ ଝୁଲଣ ଯାତ୍ରା ଶେଷ, ଖୁଦୁରୁକୁଣୀ ଓଷା ପ୍ରଥମ ପାଳି, ରାଶିନକ୍ଷତ୍ର-ଦିବା ଘ.୦୧।୫୨ ପର୍ଯ୍ୟନ୍ତ ଧନିଷ୍ଠା/କୁମ୍ଭ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ଦ୍ୱିତୀୟାର ଏକୋଦ୍ଦିଷ୍ଟ ଏବଂ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୯ ଗତେ ଘ.୦୯।୪୪ ମଧ୍ୟେ, ଘ.୦୧।୨୭ ଗତେ ଘ.୦୧।୫୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୩୯ ଗତେ ଘ.୦୬।୧୪ ମଧ୍ୟେ ରାହୁକାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ମାଘର ଜାଡ଼,**
**ଭାଙ୍ଗେ ହାଡ଼।**

ବରଷକ ଛ' ଋତୁ। ଋତୁ ଅନୁସାରେ ଖରା, ବର୍ଷା ଓ ଶୀତକାକର ଆଦି ଆସିଥାଏ ଏବଂ ଯାଇଥାଏ। ତେବେ ମାଘମାସରେ ଶୀତର ପ୍ରକୋପ ଅଧିକ ହୋଇଥାଏ। ଏପରିକି ହାଡ଼ ଥରିଉଠେ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ମାଛ ମାରିଗଲି ମୀନ,**
**ଝିଅଟି ସୁନ୍ଦର ଜୋଇଁଟି ହୀନ,**
**କେମନ୍ତେ ସାରିବ ଦିନ ।**

ଝିଅର ସୁଖଦ ଭବିଷ୍ୟତ ପାଇଁ ପ୍ରତ୍ୟେକ ପିତାମାତା ଝିଅ ଲାଗି ଉଚିତ୍ ପାତ୍ର ଚୟନ କରିଥାନ୍ତି। ତେବେ ଯୋଡ଼ି ଚୟନ କରିବାରେ ଯଦି କିଛି ଭୁଲ୍ ହୋଇଯାଏ ବା ଜୋଇଁଟି ପଛରେ ଅଯୋଗ୍ୟ ବୋଲି ଜଣାପଡ଼ିଯାଏ, ସେତେବେଳେ ସାରା ଜୀବନ ଦୁଃଖକଷ୍ଟ ପାଇବା ଝିଅ କପାଳରେ ଲେଖା ହୋଇ ରହିଯାଏ। ଭାଗ୍ୟ ମନ୍ଦ ଘଟିବା ଭଳି ଝିଅର ସଂସାର ଉଚ୍ଛନ୍ନ ହୋଇଯାଏ। ଏ ପରିସ୍ଥିତିରେ ଝିଅଘର ଲୋକେ ଝିଅର ଭବିଷ୍ୟତ କଥା ଭାବି ବ୍ୟତିବ୍ୟସ୍ତ ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ୬ ପାକ୍ ଯୁଦ୍ଧବିମାନ ...

ଶନିବାର ଆୟୋଜିତ ଷୋଡ଼ଶ ଏୟାର ଚିଫ୍ ମାର୍ଶଲ ଏଲ୍.ଏମ୍. କାତ୍ରେ ବକ୍ତୃତାମାଳାରେ ଆଇଏଏଫ୍ ମୁଖ୍ୟ କହିଛନ୍ତି, ୩୦୦ କି.ମି.



ଅମରପ୍ରୀତ ସିଂ

ଦୂରରୁ ଖସାଯାଇଥିବା ବୃହତ୍ ଏୟାରକ୍ରାଫ୍ଟଟି ଏକ ସର୍ଭିଲାନ୍ସ ପ୍ଲେନ୍ (ଇଏଲ୍‌ଆଇଏନ୍‌ଟି କିମ୍ବା ଏଇଡବ୍ଲ୍ୟୁଆଣ୍ଡସି) ହୋଇଥାଇପାରେ। ବାସ୍ତବରେ ଏହା ଭୂପୃଷ୍ଠରୁ ଆକାଶମାର୍ଗରେ ଖସାଯାଇଥିବା ସବୁଠୁ ବଡ଼ ଯୁଦ୍ଧବିମାନ। ରୁଷିଆ ନିର୍ମିତ ଏସ୍୪୦୦ ଆମ ପାଇଁ ଏକ ଗେମ୍ ଚେଞ୍ଜର ସାବ୍ୟସ୍ତ ହୋଇଥିଲା। ଏହି ସିଷ୍ଟମ୍‌ର ରେଞ୍ଜ ଯୋଗୁ ପାକିସ୍ତାନର ସବୁ ଅପଚେଷ୍ଟାକୁ ପ୍ରତିହତ କରାଯାଇପାରିଥିଲା। ଏଭଳି ସ୍ଥିତିରେ ସଂଘର୍ଷ ଅଧିକ ସମୟ ଜାରି ରହିଲେ କ୍ଷତି ବଢ଼ିବା ଆଶଙ୍କା କରି ପାକିସ୍ତାନୀ ପକ୍ଷ ଅସ୍ତ୍ରବିରତି ପାଇଁ ପ୍ରସ୍ତାବ ଦେଇଥିଲା। ଭାରତୀୟ ସଶସ୍ତ୍ର ବଳକୁ ଯୋଜନା ଓ ଆକ୍ରମଣ କରିବାକୁ ପୂର୍ଣ୍ଣ ସ୍ୱାଧୀନତା ଦେଇଥିବାରୁ ଦେଶର ନେତୃତ୍ୱକୁ ମଧ୍ୟ ସେ ପ୍ରଶଂସା କରିଛନ୍ତି। ବାୟୁସେନା ମୁଖ୍ୟଙ୍କ ମୁହଁରୁ ଏହା ଶୁଣିବା ପରେ କାର୍ଯ୍ୟକ୍ରମରେ ଉପସ୍ଥିତ ଏୟାରଫୋର୍ସ ଅଧିକାରୀ, ଭେଟେରାନ୍‌ଙ୍କ ସହ ସରକାରୀ ଅଧିକାରୀମାନେ ଉଲ୍ଲସିତ ହୋଇଯାଇଥିଲେ। ଅନ୍ୟପକ୍ଷେ ଭାରତ ପାକିସ୍ତାନର କେଉଁ ଧରଣର ଯୁଦ୍ଧବିମାନଗୁଡ଼ିକୁ ଖସାଇଥିଲା, ବାୟୁସେନା ମୁଖ୍ୟ ସେନେଇ କିଛି ସ୍ପଷ୍ଟ କରିନାହାନ୍ତି। କିନ୍ତୁ ସେ କହିଛନ୍ତି, ଏୟାରଷ୍ଟ୍ରାଇକ୍ ବେଳେ ଦକ୍ଷିଣପୂର୍ବ ପାକିସ୍ତାନର ଦୁଇଟି ବାୟୁସେନା ଘାଟିରେ ଥିବା ଆଉ ଏକ ସର୍ଭିଲାନ୍ସ ପ୍ଲେନ୍ ସହ କିଛି ଏଫ୍୧୬ ଫାଇଟର୍ସକୁ ମଧ୍ୟ ଟାର୍ଗେଟ କରାଯାଇଥିଲା ବୋଲି ବାୟୁସେନା ମୁଖ୍ୟ କହିଛନ୍ତି। ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଏହାକୁ ଖଣ୍ଡନ କରି କହିଛନ୍ତି, ଭାରତ ଆମର କୌଣସି ଗୋଟିଏ ବି ସାମରିକ ବିମାନକୁ ଖସାଇ ନାହିଁ। ଆଇଏଏଫ୍ ମୁଖ୍ୟ ଭୁଲ୍ ସମୟରେ ଏହି ବିଳମ୍ବିତ ଦାବି କରିଛନ୍ତି। ଉଭୟ ପକ୍ଷ ନିରପେକ୍ଷ ଯାଞ୍ଚ ପାଇଁ ନିଜ ନିଜ ଏୟାରକ୍ରାଫ୍ଟ ଇନ୍‌ଭେଣ୍ଟୋରିଗୁଡ଼ିକୁ ଛାଡ଼ି ଦିଅନ୍ତୁ। ସତ ପଦାକୁ ଆସିବ।

ମୁଖ୍ୟତଃ ଚାଇନା ନିର୍ମିତ ଜେଟ୍ ଏବଂ ୟୁଏସ୍ ଏଫ୍-୧୬ଗୁଡ଼ିକୁ ନେଇ ପରିଚାଳିତ ପାକିସ୍ତାନୀ ବାୟୁସେନା ମେ' ୭-୧୦ରେ ଦୁଇ ଆଣବିକ ଅସ୍ତ୍ର ସମ୍ପନ୍ନ ପଡ଼ୋଶୀଙ୍କ ମଧ୍ୟରେ ସଂଘର୍ଷ ବେଳେ ଭାରତ ପଟୁ ଗୋଟିଏ ହେଲେ ଯୁଦ୍ଧବିମାନ ଖସାଯାଇ ନ ଥିବା ବିଷୟ ଏହା ପୂର୍ବରୁ କହିସାରିଛି। ଏଥିସହ ଫ୍ରାନ୍ସ ନିର୍ମିତ ଏକ ରାଫାଲ ଫାଇଟର ସମେତ ଭାରତର ୬ ଯୁଦ୍ଧବିମାନ ଖସିଇଥିବା ଦାବି କରିଥିଲା। ଫ୍ରାନ୍ସ ବାୟୁସେନା ମୁଖ୍ୟ ଜୋରୋମି ବେଲାଙ୍ଗର ପୂର୍ବରୁ କହିଥିଲେ, ଗୋଟିଏ ରାଫାଲ ସମେତ ୩ ଭାରତୀୟ ଫାଇଟର୍ସ ଖସିଥିବା ନେଇ ସେ ପ୍ରମାଣ ପାଇଛନ୍ତି। କିନ୍ତୁ ଏହା ଉପରେ ଭାରତୀୟ ବାୟୁସେନା ଅଦ୍ୟାବଧି କୌଣସି ପ୍ରତିକ୍ରିୟା ପ୍ରକାଶ କରିନାହିଁ। ତେବେ ବାୟୁସେନା ମୁଖ୍ୟଙ୍କ ସଦ୍ୟ ପ୍ରଘଟକୁ ନେଇ କଂଗ୍ରେସ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମେ' ୧୦ ସନ୍ଧ୍ୟାରେ ହଠାତ୍ କାହିଁକି ଅପରେଶନ ସିନ୍ଦୂରକୁ ବନ୍ଦ କରିଦେଲେ ? ପ୍ରଧାନମନ୍ତ୍ରୀଙ୍କ ଉପରେ କେଉଁଠୁ ଚାପ ପଡ଼ିଥିଲା ଏବଂ ସେ ଏତେ ଶୀଘ୍ର କାହିଁକି ମୁଣ୍ଡ ନୁଆଇ ହାର ମାନିଯାଇଥିଲେ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ 'X' ରେ ପ୍ରଶ୍ନ କରିଛନ୍ତି।

## ମହିଳାଙ୍କ ପାଇଁ ଆଶାର ...

ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉନ୍ନୟନମୂଳକ ପ୍ରକଳ୍ପ ରହିଛି। ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ଜିଲାର ବିକାଶ ଆହୁରି ତ୍ୱରାନ୍ୱିତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶୀଘ୍ର ଜୟପୁରରୁ ଭୁବନେଶ୍ୱରକୁ ବନ୍ଦେ ଭାରତ ଏକ୍ସପ୍ରେସ୍ ଚାଲିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଜୟପୁର ପେପର ମିଲ୍ ପୁନର୍ବାର ଚାଲୁ ହେବ ଓ ଏକ ନୂତନ କଲେଜ ସ୍ଥାପନ ହେବା ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ସମସ୍ତ ମହିଳାଙ୍କୁ ସଶକ୍ତକରି ଆତ୍ମନିର୍ଭର ଭାରତ ଗଢ଼ିବାରେ ସାମିଲହେବା ସରକାରଙ୍କ ଲକ୍ଷ୍ୟ ଥିବା ସେ କହିଛନ୍ତି। ସରକାର କୋଟିଆ ପଞ୍ଚାୟତର ମହିଳାମାନଙ୍କୁ ସଫଳ ଭାବେ 'ସୁଭଦ୍ରା' ଯୋଜନା ସହ ଯୋଡ଼ିପାରିଛନ୍ତି। କୋଟିଆ ପଞ୍ଚାୟତରେ ମୋଟ ୨,୦୭୮ ଆବେଦନକାରୀଙ୍କ ମଧ୍ୟରୁ ୧,୭୯୭ଜଣ ପ୍ରଥମ କିସ୍ତି ଓ ୧,୭୯୫ଜଣ ଦ୍ୱିତୀୟ କିସ୍ତି ପାଇଛନ୍ତି। ତୃତୀୟ କିସ୍ତି ବାବଦରେ କୋଟିଆର ୧,୭୮୩ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଟଙ୍କା ପଠାଯାଇଛି ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ଆମ ସରକାର ୧ ବର୍ଷ ମଧ୍ୟରେ ମହିଳା ସଶକ୍ତୀକରଣକୁ ଏକ ନୂତନ ଦିଗନ୍ତ ଦେବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ପରିକଳ୍ପିତ ଏହି ସଶକ୍ତୀକରଣ କାର୍ଯ୍ୟକ୍ରମରେ ଏଯାଏ ଓଡ଼ିଶାରେ ପ୍ରାୟ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି ହୋଇଛନ୍ତି। ସୁଭଦ୍ରା ଯୋଜନା ଅଧୀନରେ ଆମର ମା'ମାନଙ୍କୁ ସଶକ୍ତ କରିବା ନେଇ ସୁଭଦ୍ରା ପ୍ଲସ୍, ଉଦ୍ୟୋଗୀ କରିବା ପାଇଁ ସୁଭଦ୍ରା ଶକ୍ତିମେଳା କାର୍ଯ୍ୟକାରୀ କରାଯାଇଛି। କିଶୋରୀମାନଙ୍କ ପାଇଁ ସୁଭଦ୍ରା କିଶୋରୀ, ସଞ୍ଚୟ ପାଇଁ ସୁଭଦ୍ରା ସଞ୍ଚୟ, ସୁରକ୍ଷା ପାଇଁ ସୁଭଦ୍ରା ସୁରକ୍ଷା ଏବଂ ସାମୂହିକ ନେତୃତ୍ୱର ବିକାଶ ପାଇଁ ସୁଭଦ୍ରା ସଖୀ ଯୋଜନା କାର୍ଯ୍ୟକାରୀ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ କହିଥିଲେ, ସୁଭଦ୍ରା ଯୋଜନା ଟଙ୍କାକୁ ବ୍ୟବହାରକରି ରାଜ୍ୟର ଲକ୍ଷାଧିକ ମହିଳା ଛୋଟ ବଡ଼ ବ୍ୟବସାୟ ଆରମ୍ଭକରି ସେମାନଙ୍କ ଆର୍ଥିକ ସ୍ଥିତି ବଦଳାଇପାରିଛନ୍ତି। ଅନୁରୂପ ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ, ସୁଭଦ୍ରା ଯୋଜନା ମାଧ୍ୟମରେ ସରକାର ମହିଳାମାନଙ୍କ ଜୀବନରେ ଉନ୍ନତି ଆଣିପାରିଛନ୍ତି। ଏହା ସେମାନଙ୍କ ସାମାଜିକ ସ୍ଥିତିକୁ ମଜଭୁତ କରି ସଫଳତା ପାଇଁ ସାଧନ ଓ ସୁଯୋଗ ଆଣିପାରିଛି ବୋଲି ସେ କହିଥିଲେ।

ଏହି ପରିପ୍ରେକ୍ଷୀରେ ୧ କୋଟି ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସୁଭଦ୍ରା ଟଙ୍କା ପଠାଯାଇଥିଲା। ଏହି ଯୋଜନାରୁ ସଫଳତା ପାଇଥିବା ମହିଳାଙ୍କୁ ଓ ଏହାକୁ ସଫଳ କରାଉଥିବା ମହିଳାଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଖଣି ଓ ଷ୍କିଲ ମନ୍ତ୍ରୀ ବିଭୂତି ଭୂଷଣ ନାୟକ, ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି, କୋରାପୁଟ ବିଧାୟକ ରଘୁରାମ ମାଛ, ନରସିଂହ ମାଡକାମୀ, ଗୌରୀ ଶଙ୍କର ମାଝୀ, ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଓ ଜିଲାପାଳ ମନୋଜ ସତ୍ୟବାନ ମହାଜନ ପ୍ରମୁଖ ଉପସ୍ଥିତ ଥିଲେ। ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ସ୍ୱାଗତ ଭାଷଣ ଦେଇଥିଲେ।

# ଟଙ୍କା ଫେରସ୍ତ ମାଗିବାରୁ ଭଡ଼ାଟିଆଙ୍କୁ ହତ୍ୟା

ବ୍ରହ୍ମପୁର, ୯।୮ (ସୁବାସ ଚନ୍ଦ୍ର ପାଢ଼ୀ)

ବନ୍ଧକ ରଖିଥିବା ଘରର ଟଙ୍କା ଫେରାଇବାକୁ ନେଇ ଦୁଇ ବନ୍ଧୁଙ୍କ ମଧ୍ୟରେ ଶତ୍ରୁତା ଉପୁଜି ଏହା ହତ୍ୟାକାଣ୍ଡରେ ପରିଣତ ହୋଇଛି। ବାରମ୍ବାର ଟଙ୍କା ମାଗି ନ ପାଇବାରୁ ଘର ମାଲିକ ଭଡ଼ା ସୂତ୍ରରେ ରହୁଥିବା ବ୍ୟକ୍ତିଙ୍କୁ ଖଣ୍ଡାରେ ହାଣି ହତ୍ୟା କରିଛନ୍ତି। ବ୍ରହ୍ମପୁରରେ ଘଟିଥିବା ଏହି ହତ୍ୟାକାଣ୍ଡ ଅଞ୍ଚଳରେ ଆଲୋଡନ ଖେଳାଇ ଦେଇଛି। ମୃତକ ହେଲେ ରାଉତପେଣ୍ଠ ମୂଳନିବାସୀ ଶିବ ଶଙ୍କର ଓରଫ ଶଙ୍କର ମାଝୀ (୪୮)। ସେ ଜଣେ ଭିନ୍ନକ୍ଷମ ବୋଲି ଜଣାପଡ଼ିଛି। ପୋଲିସ ଉକ୍ତ ଘରକୁ ସିଲ୍ କରିଛି। ତେବେ ହତ୍ୟାରେ ବ୍ୟବହୃତ ରକ୍ତଭିଜା ଖଣ୍ଡା ଘର ଭିତରେ ପଡ଼ିଥିବା ଦେଖିବାକୁ ମିଳିଛି। ମୃତକଙ୍କ ଭାଇ ଚକାଡୋଳା ମାଝୀ ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ନଂ. ୩୬୭/୨୫ରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ଘଟଣାରୁ ପ୍ରକାଶ, ଶଙ୍କର ମାଝୀଙ୍କ ସ୍ତ୍ରୀ ବିଏମ୍‌ସିର ପୂର୍ବତନ କର୍ପୋରେଟର ଥିଲେ। କୌଣସି କାରଣରୁ ସେ ତାଙ୍କ ସ୍ତ୍ରୀ'ଙ୍କଠାରୁ ଅଲଗା ହୋଇ ତାଙ୍କ ବନ୍ଧୁ ଗୌରା ବେହେରାଙ୍କ ହରିଡାଖଣ୍ଡିସ୍ଥିତ ଗୌଡ଼ସାହିରେ ଥିବା ଘରକୁ ଭଡା ନେଇ ରହୁଥିଲେ। ଘର ମାଲିକ ଗୌରା ମଧ୍ୟ କିଛି କାରଣରୁ ନିଜ ସ୍ତ୍ରୀଙ୍କଠାରୁ ଅଲଗା ହୋଇ ଏହି ଘରେ ଆସି ରହୁଥିଲେ। ଗୌରା ଏହି ଘରଟିକୁ ବନ୍ଧା ସୂତ୍ରରେ ଶଙ୍କରଙ୍କୁ ଦେଇ ତାଙ୍କଠାରୁ ଅଢେଇ ଲକ୍ଷ ଟଙ୍କା ନେଇଥିଲେ। ଏହା ସତ୍ତ୍ୱେ ଉଭୟେ ଉକ୍ତ ଘରେ ରହି ଆସୁଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅଧିକାଂଶ ସମୟରେ ଝଗଡା ହେଉଥିଲା। ତାଙ୍କ ଟଙ୍କା ଫେରସ୍ତ କରିଦେଲେ ସେ ଘର ଛାଡ଼ି ଚାଲିଯିବେ ବୋଲି ଶଙ୍କର ଗୌରାଙ୍କୁ କହୁଥିଲେ। ଗୌରା ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିଲେ।

ଶୁକ୍ରବାର ରାତିରେ ଗୌରା ଘରକୁ ଆସି ତାଙ୍କ ସହ ଝଗଡ଼ା କରିଥିଲେ। ପରେ ସେ ଏକ ଖଣ୍ଡାରେ ଶଙ୍କରଙ୍କୁ ହାଣି ଦେଇଥିଲେ। ଘର ଭିତରେ ରକ୍ତାକ୍ତ ଅବସ୍ଥାରେ ଶଙ୍କର ପଡିଥିବା ବେଳେ ଘରର ବାହାର ପଟୁ ତାଲା ପକାଇ ଗୌରା ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକ ୧୧୨କୁ ଫୋନ କରି ଜଣାଇଥିଲେ। ଘର ବାହାର ପଟୁ କବାଟ ବନ୍ଦ ଥିବାରୁ ବଡବଜାର ଥାନାକୁ ଖବର ଦିଆଯାଇଥିଲା। ପୋଲିସ ସେଠାରେ ପହଞ୍ଚି ତାଲା ଭାଙ୍ଗି ଶଙ୍କରଙ୍କୁ ଉଦ୍ଧାର କରି ଏମ୍‌କେସିଜିରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅଭିଯୁକ୍ତ ଗୌରା ଘଟଣା ଘଟାଇ ଫେରାର ହୋଇଯାଇଛନ୍ତି। ତାଙ୍କ ମୋବାଇଲ ସୁଇଚ୍ ଅଫ୍ ଥିବାରୁ ତାଙ୍କୁ ଟ୍ରାକିଂ କରି ଧରିବାରେ କିଛିଟା ସମସ୍ୟା ହେଉଥିବା ପୋଲିସ କହିଛି।

**ବ୍ରହ୍ମପୁରରେ ଚାଞ୍ଚଲ୍ୟ**

**ଘର ସିଲ୍, ଭିତରେ ପଡ଼ିଛି ରକ୍ତଭିଜା ଖଣ୍ଡା**

# ସାନଭାଇକୁ ହତ୍ୟା ପରେ ପୋତିଥିଲେ ନାବାଳକ ବଡ଼ଭାଇ

- ଜୁନ୍ ୨୮ରୁ ସାନପୁଅ ନିଖୋଜ ନେଇ ଅଭିଯୋଗ କରିଥିଲେ ମା'
- ମା'ବାପା ସାନଭାଇକୁ ଅଧିକ ଭଲ ପାଉଥିଲେ: ବଡ଼ପୁଅ

ବଲାଙ୍ଗୀର/ ଟିଟିଲାଗଡ଼,୯।୮ (ବୀରେନ୍ଦ୍ର କୁମାର ଝାଙ୍କର/ଶରତ ମିଶ୍ର)

ସାମାନ୍ୟ ବଚସାରୁ ହିଂସ୍ର ହୋଇ ଯାଉଛନ୍ତି କିଶୋର। ଏପରି କି ରକ୍ତ ସମ୍ପର୍କକୁ ମଧ୍ୟ ଭୁଲି ଯାଉଛନ୍ତି। ବଲାଙ୍ଗୀର ଜିଲା ଟିଟିଲାଗଡ଼ ସହରରେ ସାମାନ୍ୟ କଳହରୁ ଜଣେ ନାବାଳକ ବଡ଼ଭାଇ (୧୭) ସାନଭାଇ(୧୨)କୁ ଛୁରିରେ ହତ୍ୟା କରିଛନ୍ତି। ଏପରି କି ଘଟଣା ସମ୍ପର୍କରେ କେହି ଯେପରି କିଛି ଜାଣି ନ ପାରିବେ, ସେଥିପାଇଁ ମୃତଦେହକୁ ପୋତି ଦେଇଥିଲେ। ଅପରକ୍ଷରେ ସାନପୁଅ ନିଖୋଜ ନେଇ ମା' ଗତ ଜୁନ୍ ୨୮ରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୨୧୬/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପ୍ରାୟ ଦେଢ଼ମାସ ପରେ ଏବେ ଘଟଣାର ପର୍ଦ୍ଦାଫାଶ ହୋଇଛି। ଅଭିଯୁକ୍ତ ନାବାଳକ ଭାଇଙ୍କୁ ନେଇ ସିନ୍ ରିଏକ୍ରିଶନ କରିବା ସହ ହତ୍ୟାକାଣ୍ଡ ସମ୍ପର୍କରେ ଶନିବାର ବଲାଙ୍ଗୀର ଏସ୍‌ପି ଅଭିଳାଷ ଜି. ଟିଟିଲାଗଡ ଥାନାରେ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଟିଟିଲାଗଡ଼ ସହର ହାଟପଦାପଡ଼ା (ଗୋରୁବଜାରପଡ଼ା)ର ମାନସୀ ପୋଡ଼ ଏବଂ ତାଙ୍କ ସ୍ୱାମୀ ଚେରୁ ପୋଡ଼ ଦିନ ମଜୁରିଆ ଭାବେ କାମ କରନ୍ତି। ତାଙ୍କ ବଡ଼ପୁଅ ମାଟ୍ରିକ୍ ପଢ଼ିବା ପରେ ପାଠ ଛାଡ଼ି ଦେଇଥିଲେ। ସାନପୁଅ ସପ୍ତମ ଶ୍ରେଣୀରେ ପଢୁଥିଲା। ମାନସୀ ଓ ଚେରୁ କାମ କରି ଜୁନ ୨୮ ତାରିଖ ସନ୍ଧ୍ୟାରେ ଘରକୁ ଫେରିବା ପରେ ସାନପୁଅ ନିଖୋଜ ହୋଇ ଯାଇଥିବା ଜାଣିବାକୁ ପାଇଥିଲେ। ସେଦିନ ସନ୍ଧ୍ୟାରେ ବଡ଼ପୁଅ ଫିନାଇଲ ପକାଇ ଘର ଚଟାଣ ସଫା କରୁଥିବା ମାନସୀ ଦେଖିଥିଲେ। କାହିଁକି ସଫା କରୁଛୁ ବୋଲି ପଚାରିବାରୁ ମାଟି ଲାଗି ଯାଇଥିବାରୁ ସଫା କରୁଥିଲି ବୋଲି ବଡ଼ପୁଅ କହିଥିବା ପୋଲିସକୁ ମାନସୀ ଜଣାଇଥିଲେ। ଏଭଳି ସୂଚନା ପାଇବା ପରେ ପୋଲିସ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ବଡପୁଅଙ୍କୁ ଡାକି ପଚାରିବାରୁ ସେ ନିଜେ ସାନଭାଇକୁ ହତ୍ୟାକରି ପୋତି ଦେଇଥିବା ସ୍ୱୀକାର କରିଥିଲେ। ଘଟଣା ଦିନ ରୋଷେଇଘର ଛୁରିରେ ସାନଭାଇଙ୍କୁ ହତ୍ୟା କରିବା ପରେ ଘର ପଛପଟ ସ୍ଥାନରେ ମାଟି ଖୋଳି ପ୍ରଥମେ ମୃତଦେହକୁ ପୋତିଦେଇଥିଲେ। ପରେ ମା'ବାପା ଶୋଇଯିବା ପରେ ବିଳମ୍ବିତ ରାତିରେ ପୋତିଥିବା ମୃତଦେହକୁ କାଢ଼ି କାନ୍ଧରେ ଟେକି ନେଇ ନାଳପାଖରେ ଆଉ ଥରେ ପୋତି ଦେଇଥିବା ପୋଲିସକୁ ଅଭିଯୁକ୍ତ ବଡ଼ପୁଅ ଶନିବାର ସିନ୍ ରିକ୍ରିଏଶନ୍ କରି ସୂଚନା ଦେଇଥିଲେ। ସାନପୁଅଙ୍କୁ ମା'ବାପା ଅଧିକ ସ୍ନେହ କରୁଥିବା ଏବଂ ପିଜୁଳି ଖାଇବାବେଳେ ଦୁଇ ଭାଇଙ୍କ କଳିରୁ ହତ୍ୟାକାଣ୍ଡ ଘଟିଥିବା ଜଣାପଡ଼ିଛି। ବଡ଼ପୁଅଙ୍କ ସୂଚନାକୁ ଆଧାର କରି ସାଇଣ୍ଟିଫିକ୍ ଟିମ୍, ସନ୍ଧାନୀ କୁକୁର, ପୋଲିସ ଟିମ୍ ଖୋଳତାଡ଼ କରିବା ପରେ ମାନସୀଙ୍କ ଘରଠାରୁ ପ୍ରାୟ ୩ ଶହ ମିଟର ଦୂର ଏକ ନାଳ ପାଖରେ ପୋତାଯାଇଥିବା ସ୍ଥାନରୁ ଶନିବାର ଗଳିତ ମୃତଦେହ ଏବଂ କଙ୍କାଳକୁ ଉଦ୍ଧାର କରାଯାଇଛି। ବ୍ୟବଚ୍ଛେଦ ଓ ପରୀକ୍ଷା ପାଇଁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ପଠାଯାଇଛି। ଏହି ହତ୍ୟାକାଣ୍ଡକୁ ଲୋକେ ସହଜରେ ବିଶ୍ୱାସ କରୁ ନ ଥିବା ଏବଂ ଏହା ଶିଶୁବଳି ହୋଇଥାଇପାରେ ବୋଲି ମଧ୍ୟ ଚର୍ଚ୍ଚା ହୋଇଛି। ତେବେ ଏନେଇ ଏସ୍‌ପି ଅଭିଳାଷଙ୍କୁ ପଚାରିବାରୁ ଶିଶୁବଳି ସନ୍ଦେହକୁ ମନା କରି ଦେଇଛନ୍ତି।



ବଲାଙ୍ଗୀର ଏସ୍‌ପି ଅଭିଳାଷ ଜି ଟିଟିଲାଗଡ ଥାନାରେ ହତ୍ୟାକାଣ୍ଡ ସମ୍ପର୍କରେ ଖବରଦାତାଙ୍କୁ ସୂଚନା ଦେଉଛନ୍ତି।

# ୧୪୬ ଗ୍ରାମ୍ ବ୍ରାଉନସୁଗାର ଜବତ, ୮ ଗିରଫ

**କାର୍, ୬ ମୋବାଇଲ, ବାଇକ୍ ଓ ନଗଦ ଟଙ୍କା ଜବତ**

କେନ୍ଦୁଝର,୯।୮ (ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)




କେନ୍ଦୁଝର ସଦର ପୋଲିସ ୧୪୬ ଗ୍ରାମ୍‌ର ବ୍ରାଉନସୁଗାର ଜବତ କରିଛି। ବେଆଇନ ନିଶା କାରବାରରେ ଜଡିତ ୮ଜଣଙ୍କୁ ଗିରଫ କରିଛି। ସେମାନେହେଲେ ସଦର ଥାନା ଅନ୍ତର୍ଗତ ଗୋବର୍ଦ୍ଧନ ଗ୍ରାମର ଅମିତ କୁମାର ସାହୁ(୩୬), ସୁଧିର ଚନ୍ଦ୍ର ବେହେରା(୩୭), ବନାଯୋଡ଼ି ଗ୍ରାମର ଶାନ୍ତନୁ ବ୍ରହ୍ମ(୪୫), ଟାଉନ ଥାନା ଅନ୍ତର୍ଗତ ମାଇନିଂ ରୋଡ୍‌ର ବିଶ୍ୱଜିତ୍ ତ୍ରିପାଠୀ(୨୬), ଭାଲୁକିପତଳା ଗ୍ରାମର ସରବନ ସାହୁ(୩୦), ବୁଲାଦୁଆର ସାହିର ସାହାରୁଖ ଖାନ(୨୫), ବାବୁଲାଲା କଲୋନୀର ସାହିଲ ଖାନ(୨୯), ଡୁରୁମୁଙ୍ଗା ଥାନା ଅଞ୍ଚଳର ଡୁରୁମୁଙ୍ଗା ସାହିର ଅନିଲ କୁମାର ସାହୁ(୩୬)। ଏ ନେଇ ସଦର ଥାନା ଅଧିକାରୀ ଅମିତ କୁମାର ଭୂୟାଁ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଶୁକ୍ରବାର ଚୋରା ବ୍ରାଉନସୁଗାରର ଅବୈଧ ପରିବହନ ସମ୍ପର୍କରେ ପୋଲିସ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲା। କେନ୍ଦୁଝର ଏସ୍‌ପି ନୀତିନ କୁଶଲକରଙ୍କ ନିର୍ଦ୍ଦେଶ କ୍ରମେ ସଦର ପୋଲିସ ଏବଂ ସ୍ୱତନ୍ତ୍ର ସ୍କ୍ୱାଡ ଦ୍ୱାରା ଏକ ଦଳ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ସଦର ଅଞ୍ଚଳରେ ବ୍ରାଉନସୁଗାର କାରବାର ସମୟରେ ଅମିତ, ସୁଧୀରଙ୍କୁ କାବୁ କରି ସେମାନଙ୍କ ନିକଟରୁ ୧୪୬ ଗ୍ରାମ ବ୍ରାଉନସୁଗାର ସହିତ ହିରୋ ଏଚ୍‌ଏଫ ଡିଲକ୍ସ ବାଇକ୍ ଜବତ କରିଥିଲେ। ପଚରାଉଚୁରା ସମୟରେ ଅଭିଯୁକ୍ତମାନେ ଅନୁଗୋଳ ପାର୍ଶ୍ୱରୁ ବ୍ରାଉନସୁଗାର ଆଣି ସଦର, ଟାଉନ, ଡୁରୁମୁଙ୍ଗା ଥାନା ଅଞ୍ଚଳରେ ବେଆଇନ ନିଶା ବ୍ୟବସାୟୀଙ୍କୁ ଯୋଗାଣ କରୁଥିବା କହିଥିଲେ। ଅଭିଯୁକ୍ତଙ୍କ ବୟାନ ଆଧାରରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଟିମ୍ ଅନ୍ୟ ୬ ଜଣଙ୍କୁ ଗିରଫ କରିବା ସହ ଏକ କାର, ୨ ବାଇକ୍, ୬ ମୋବାଇଲ ଓ ନଗଦ ୪ ହଜାର ୯୦୦ଟଙ୍କା ଜବତ କରିଛି। ଏନେଇ ମାମଲା(ନଂ.୪୩୭/୨୫) ରୁଜୁ ହୋଇ ଶନିବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ବ୍ରାଉନ୍‌ସୁଗାର ଜବତ, ୨ କୋର୍ଟ ଚାଲାଣ

ପବିତ୍ରନଗର,୯।୮ (ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ଥାନା ଦଣ୍ଡସିଂହା ଗ୍ରାମରେ ଜିଲା ପୋଲିସର ସ୍ପେଶାଲ ସ୍କାଡ୍ ପକ୍ଷରୁ ଗୁରୁବାର ଚଢ଼ାଉ କରାଯାଇ ୫୪ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଥିଲା। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇ ଶନିବାର କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ମାନେ ହେଉଛନ୍ତି କଣିହାଁ ଥାନା ଦଣ୍ଡସଂହା ଗ୍ରାମର ଗଣେଶ୍ୱର ମହାନ୍ତି ଓ କମରେଇ ଗ୍ରାମର ଜ୍ଞାନରଞ୍ଜନ ସାହୁ। ପୋଲିସର ସ୍ୱତନ୍ତ୍ର ସ୍କାଡ୍ ଦଣ୍ଡସିଂହା ଗ୍ରାମର ଗଣେଶ୍ୱର ମହାନ୍ତିଙ୍କ ଘରେ ଚଢ଼ାଉ କରି ବ୍ରାଉନସୁଗାର ଜବତ କରିବା ସହିତ ୪୮ହଜାର ୭ଶହ ଟଙ୍କା, ଏକ କାର୍, ଗୋଟିଏ ବୁଲେଟ, ସୁନା ଅଳଙ୍କାର, ମୋବାଇଲ ଓ ବ୍ୟାଙ୍କ କାଗଜପତ୍ର ଜବତ କରିଥିଲା।


**BIJU PATTANAIK FILM & TELEVISION INSTITUTE OF ORISSA**
BOSE Campus, Cuttack-753 007
e-mail : bpftio123@gmail.com

**SPOT ADMISSION NOTICE FOR OJEE(BCAT) / JEE MAIN RANK HOLDERS**

Spot Counselling for the remaining vacant seats in 4 years degree course in **Sound Recording & Sound Design, Cinematography and Film Editing** shall be conducted for the Session 2025-26. **Candidates willing to join the institute in 1st semester can visit the Institute between 11th August to 14th August,2025 from 10.00 AM to 5.00 PM** with supporting documents i.e JEE main /OJEE (BCAT) rank card, Original mark sheet of CHSE or equivalent exam, HSC Certificate for date of birth, Passport size photograph & Aadhar card.
**Eligibility Criteria as per State Government guidelines:**
1. Candidates who have not participated in earlier rounds of OJEE counselling / who have withdrawn from the OJEE counselling process.
2. Candidates who have participated in earlier rounds of OJEE counselling but have not got allotment of seats/ allotted a seat but not confirmed / considered further due to any reason.
3. The candidate who have been issued Final Allotment letter after final round of OJEE counselling but have not reported at their allotted institution.

The candidates who get allotment in the spot round process, shall have to immediately make payment of Rs.26,000/- (for all category) as part admission fees, failing which his/her allotment will be cancelled.
For any Queries Contact:
8249889162, 9437069564, 9439978071 sd/- Director



DSPL - 199
**World Athletics Continental Tour Bronze**
**Parking Plan 10-08-2025**




| TYPE OF ENTRY | WALKING/ VEHICLE | STADIUM ENTRY | PLACE OF PARKING |
|---|---|---|---|
| Spectators | Walking | Gates 3 | ———— |
| Spectators | 2 Wheelers | Gates 4 | P1 |
| Spectators | 4 Wheelers | Gates 8B | P4 |
| Dignitaries | 4 Wheelers | Gates 1 | P7 & P8 |
| Officials | 4 Wheelers | Gates 4 | P6 & P5 |
| Media | 2 Wheelers 4 Wheelers | Gates 1 | P10 : Two Wheelers P8 : Four Wheelers |
| DSYS | 2 & 4 Wheelers | Gates 4, 8A | P5 : Four Wheelers P1 : Two Wheelers |
| SSPD Bus Entry | 4 Wheelers | Gates 4 | P9 |
| Bus Entry | 4 Wheelers | Gates 8 | P2 & P3 |
| Fire Tender & Ambulance | 4 Wheelers | Gate 4 | As per Plan |

Kalinga Stadium, Bhubaneswar
OIPR-29001/13/0102/2526



DSPL-194



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଫାଇଲେରିଆ ନିରାକରଣ ନିମନ୍ତେ ସାମୂହିକ ଔଷଧ ସେବନ ଅଭିଯାନ**

**୧୦ - ୧୯ ଅଗଷ୍ଟ ୨୦୨୫**

ଏଥର ଅନୁଗୁଳ, ବାଲେଶ୍ୱର, ବରଗଡ଼, ଢେଙ୍କାନାଳ, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ, ସୁବର୍ଣ୍ଣପୁର, ସମ୍ବଲପୁର ଏବଂ ସୁନ୍ଦରଗଡ଼ ଜିଲ୍ଲାର ୧୧୫ଟି ନିର୍ଦ୍ଧାରିତ ୟୁନିଟ୍‌ରେ ଏହି କାର୍ଯ୍ୟକ୍ରମ ହେବ

- ଫାଇଲେରିଆ ନିରୋଧକ ଏବଂ କୃମିନାଶକ ଔଷଧ ସେବନ ବ୍ୟକ୍ତିର ସୁସ୍ୱାସ୍ଥ୍ୟ ସୁନିଶ୍ଚିତ କରିବା ସହ ସମାଜରୁ ଫାଇଲେରିଆ ରୋଗ ଦୂର କରିବା ପାଇଁ ଗୋଟିଏ ପାଦ ଆଗକୁ ବଢ଼ାଏ।
- ଫାଇଲେରିଆ ନିରୋଧକ ଔଷଧ ସହ କୃମିନାଶକ ଔଷଧ ମଧ୍ୟ ଏକସଙ୍ଗେ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦିଆଯିବ।
- ଆଶାକର୍ମୀ କିମ୍ବା ତାଲିମ୍ ପ୍ରାପ୍ତ ସ୍ୱେଚ୍ଛାସେବୀମାନେ ଘର, ସ୍କୁଲ, କଲେଜ ଓ ଅଫିସ୍‌କୁ ଆସି ଏହି ଔଷଧ ଖୁଆଇବେ।
- ଗର୍ଭବତୀ ମହିଳା, ୨ ବର୍ଷରୁ କମ୍ ବୟସର ଶିଶୁ ଏବଂ ଗୁରୁତର ଅସୁସ୍ଥ ଥିବା ବ୍ୟକ୍ତିଙ୍କୁ ଏ ଔଷଧ ଖାଇବା ମନା।

**ସୁସ୍ଥ ଓଡ଼ିଶା, ବିକଶିତ ଓଡ଼ିଶା**
**ରାଜ୍ୟ ସ୍ୱାସ୍ଥ୍ୟସେବା ହେଲ୍ପ ଲାଇନ୍: ୧୦୪**

http://www.health.odisha.gov.in/ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର facebook.com/HFWOdisha @HFWOdisha
OIPR-10003/13/0242/2526

ଅଜ୍ଞାନ ଦ୍ୱାରା ପ୍ରତାରିତ ହୁଅନାହିଁ। ଜ୍ଞାନ ଦ୍ୱାରା ମଧ୍ୟ ପ୍ରତାରିତ ହୁଅନାହିଁ। ଏଠି କେହି ପ୍ରକୃତରେ ବନ୍ଧନରେ ନାହାନ୍ତି- କି କେହି ମଧ୍ୟ ମୁକ୍ତ ନୁହନ୍ତି। କେହି ମଧ୍ୟ ଖୋଜୁ ନାହାନ୍ତି। ଏଠାରେ କେବଳ ସଂଗ ଈଶ୍ୱର ହିଁ ତାଙ୍କ ଆତ୍ମା- ସଚେତନ ସତ୍ତାର ବିସ୍ତୃତି ଭିତରେ ନିଜ ସହିତ ନିଜେ ହିଁ ଖେଳ ଖେଳି ଚାଲିଛନ୍ତି। ତାଙ୍କର ଏହି ବିସ୍ତୃତ କ୍ରୀଡାଙ୍ଗନକୁ ଆମେ ବିଶ୍ୱ ବୋଲି କହୁଛୁ। -ଶ୍ରୀଅରବିନ୍ଦ



# ତିନି ଚୁକ୍ତି



ଆକାର ପଟେଲ

ଫେବୃଆରୀ ୨୦୧୮ରେ ଟ୍ରମ୍ପ ପ୍ରଶାସନ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ପାଇଁ ଆମେରିକାର ରଣନୀତିକ ରୂପରେଖ ପ୍ରସ୍ତୁତ କରିଥିଲା। ଜାନୁଆରୀ ୨୦୨୧ରେ ସର୍ବସାଧାରଣରେ ପ୍ରକାଶ ପାଇଥିବା ଏ ସଂକ୍ରାନ୍ତୀୟ ରିପୋର୍ଟରେ କୁହାଯାଇଥିଲା ଯେ, ଚାଇନାର ନୂଆ ତଥା ଉଦାରବାଦୀ ପ୍ରଭୁତ୍ୱକୁ ରୋକିବା ଲାଗି ରଣନୀତିକ ପ୍ରାଥମିକତା ବଜାୟ ରଖିବା ଆମେରିକାର ଉଦ୍ଦେଶ୍ୟ। ଚାଇନାର ଉତ୍‌ଥାନ ଆଞ୍ଚଳିକ ସ୍ତରରେ ପରିବର୍ତ୍ତନ ଆଣିବ ଏବଂ ବିଶ୍ୱସ୍ତରରେ ଆମେରିକାର ପ୍ରଭାବ ପ୍ରତି ଆହ୍ୱାନ ସୃଷ୍ଟି କରିବ। ଶେଷରେ କୁହାଯାଇଛି, ଏକ ଦୃଢ଼ ଭାରତ ତା'ଭଳି ଦେଶଗୁଡ଼ିକର ସହଯୋଗରେ ଚାଇନାକୁ ମୁକାବିଲା କରିବ। ଏଥିପାଇଁ ଆମେରିକା ସୁରକ୍ଷା ପ୍ରସଙ୍ଗରେ ଭାରତକୁ ଭାଗୀଦାରି କରିବାକୁ ଲକ୍ଷ୍ୟ ରଖିଥିଲା ଏବଂ ଚାଇନାର ପ୍ରଭାବକୁ ପ୍ରତିହତ କରି ସାମୁଦ୍ରିକ ସୁରକ୍ଷା ବଜାୟ ରଖିବାକୁ ଚାହୁଁଥିଲା। ଆମେରିକାର ଲକ୍ଷ୍ୟ ଥିଲା ଚାଇନା ବିରୋଧରେ ଭାରତ, ଜାପାନ, ଅଷ୍ଟ୍ରେଲିଆ ଓ ଆମେରିକାକୁ ନେଇ ଚତୁଃରାଷ୍ଟ୍ରୀୟ ସାମରିକ ମେଣ୍ଟ କ୍ୱାଡ ଗଠନକରିବା। ଏହି ଯୋଜନା ଭାରତକୁ ଏକ ପ୍ରମୁଖ ପ୍ରତିରକ୍ଷା ଭାଗୀଦାରି କରିବ ଏବଂ ଶକ୍ତିଶାଳୀ ଭାରତୀୟ ସେନା ଆମେରିକା ସହଯୋଗରେ ଚାଇନାର ମିଲିଟାରିର କ୍ଷମତାକୁ ରୋକିବ ବୋଲି ମନେକରିଥିଲା। ତେବେ କାହିଁକି ଏଥିରେ ସ୍ୱାକ୍ଷର କରୁଥିଲା ତାହା ସ୍ପଷ୍ଟ ହେଉନାହିଁ। ପାର୍ଲାମେଣ୍ଟରେ କୌଣସି ଆଲୋଚନା ନ କରି, ମିଡିଆକୁ କୌଣସି ବିବୃତି ନ ଦେଇ କିମ୍ବା କୌଣସି ସାମ୍ବାଦିକ ସମ୍ମିଳନୀ କିମ୍ବା ଇସ୍ତାହାରରେ ଏ ବିଷୟରେ କିଛି ଉଲ୍ଲେଖ ନ କରି ମୋଦି ଆମେରିକା ସହ ଏହି ରଣନୀତିକ ଭାଗୀଦାରି ଏବଂ ସାମରିକ ମେଣ୍ଟ ଭିତରକୁ ଧୀରେ ଧୀରେ ପ୍ରବେଶ କରିବା ଆରମ୍ଭ କଲେ। ଫେବୃଆରୀ ୨୦୨୦ରେ ଟ୍ରମ୍ପଙ୍କ ଭାରତ ଗସ୍ତ ସମୟରେ ଏବଂ ଲଦାଖ ସଙ୍କଟ ଆରମ୍ଭ ହେବାର କିଛିଦିନ ପୂର୍ବରୁ ଚାଇନା ବିରୋଧରେ ବୁଝାମଣା କରିବା ପାଇଁ ପ୍ରତିବଦ୍ଧତା ପ୍ରକାଶ ପାଇଥିଲା। ୨୭ ଅକ୍ଟୋବର ୨୦୨୦ରେ ଆମେରିକାର ପରରାଷ୍ଟ୍ର ସଚିବ ମାଇକ ପୋମ୍ପେଓଙ୍କ ଭାରତ ଗସ୍ତବେଳେ ବେସିକ ଏକ୍ସଚେଞ୍ଜ ଆଣ୍ଡ୍ କୋଅପରେଶନ ଏଗ୍ରିମେଣ୍ଟ(ବିଇସିଏ)ରେ ଭାରତ ସ୍ୱାକ୍ଷର କରିଥିଲା। ଭାରତୀୟ ସେନାର କ୍ଷେପଣାସ୍ତ୍ର ଓ ସଶସ୍ତ୍ର ଡ୍ରୋନ୍‌ର ଲକ୍ଷ୍ୟଭେଦ କ୍ଷମତାରେ ଉନ୍ନତି ଆଣିବା ଲାଗି ଆମେରିକାର ଜ୍ଞାନକୌଶଳ ପାଇବା ପାଇଁ ଏହି ଚୁକ୍ତି ହୋଇଥିଲା। ଦ୍ୱିତୀୟରେ କରାଯାଇଥିବା ଲଜିଷ୍ଟିକ ଏକ୍ସଚେଞ୍ଜ ମେମୋରାଣ୍ଡମ୍ ଅଫ୍ ଏଗ୍ରିମେଣ୍ଟ (ଏଲ୍‌ଇଏମ୍‌ଓଏ) ଚୁକ୍ତି ଦୁଇ ଦେଶ ପରସ୍ପରର ଘାଟିଗୁଡ଼ିକର ଉନ୍ନତି ସହ ବିମାନ ଘାଟି, ବନ୍ଦରରୁ ସ୍ପେୟାର ପାର୍ଟ୍ସ ଓ ସେବା ଯୋଗାଇ ଦେବାକୁ ଅନୁମତି ଦିଏ। ଦିଲ୍ଲୀରେ ବିଇସିଏ ଚୁକ୍ତି ସ୍ୱାକ୍ଷର କରି ପୋମ୍ପେଓ ସିଧାସଳଖ ଚାଇନାକୁ ଆକ୍ରମଣ କରିଥିଲେ। କେବଳ ଚାଇନା ସୃଷ୍ଟି କରୁଥିବା ବିପଦ ନୁହେଁ, ବରଂ ସବୁ ପ୍ରକାର ସଙ୍କଟର ମୁକାବିଲା କରିବା ସକାଶେ ସହଯୋଗକୁ ଦୃଢ଼ କରିବା ଲାଗି ଆମେରିକା ଓ ଭାରତ ପଦକ୍ଷେପ ନେଉଛନ୍ତି ବୋଲି ସେ କହିଥିଲେ। ଆମେରିକାର ପରରାଷ୍ଟ୍ର ସଚିବ ମାଇକ୍ ଏସ୍‌ପର କହିଥିଲେ, ଚାଇନା ଦ୍ୱାରା ବଢୁଥିବା ଉତ୍ତେଜନା ଓ ଅସ୍ଥିରତା ସୃଷ୍ଟି କରିବା ଭଳି କାର୍ଯ୍ୟକଳାପକୁ ଲକ୍ଷ୍ୟ କରି ସମସ୍ତଙ୍କ ପାଇଁ ଏକ ମୁକ୍ତ ଓ ଅବାଧ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ନିଶ୍ଚିତ କରିବା ନିମନ୍ତେ ଆମେ କାନ୍ଧକୁ କାନ୍ଧ ମିଳାଇଛୁ। କିନ୍ତୁ ପୋମ୍ପେଓ ଓ ଏସ୍‌ପରଙ୍କ କଡ଼କୁ ଠିଆ ହୋଇଥିବା ରାଜନାଥ ସିଂ ଓ ଏସ୍ ଜୟଶଙ୍କର ଚାଇନା ନାଁ ଧରି ନ ଥିଲେ। ଆମେରିକୀୟମାନେ ଚୁକ୍ତିକୁ ପ୍ରକାଶ କରିଦେବା ପରେ ଚାଇନା କହିଲା, ''ଆମେରିକା ସବୁବେଳେ ଅନ୍ୟକୁ ଅସୁବିଧାରେ ପକାଇବା ଲାଗି ଗୋଷ୍ଠୀ ଗଢ଼ିବା ଏବଂ ଦେଶ-ଦେଶ ମଧ୍ୟରେ ଥିବା ସୁସମ୍ପର୍କକୁ ଭାଙ୍ଗିଦେବା ଭଳି ଘୃଣିତ କାମ କରୁଛି। ଏଭଳି କାର୍ଯ୍ୟ ତାହାକୁ ଏକ ସମସ୍ୟା ସୃଷ୍ଟିକାରୀ ଦେଶ ଭାବେ ପ୍ରତିପାଦିତ କରିଛି, ଯିଏ ଆଞ୍ଚଳିକ ଶାନ୍ତି, ସ୍ଥିରତା, ଏକତା ଓ ସହଯୋଗକୁ ଦୁର୍ବଳ କରିଚାଲିଛି।'' ଆମେରିକା ଚୁକ୍ତିକୁ ପ୍ରକାଶ କରିବା ପରେ ଭାରତ ସାର୍ବଜନୀନ ସ୍ତରରେ ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରି ନ ଥିଲା।

ତୃତୀୟ ଚୁକ୍ତି ଭାବେ କମ୍ୟୁନିକେଶନ୍‌ସ କମ୍ପାଟିବିଲିଟି ଆଣ୍ଡ୍ ସିକ୍ୟୁରିଟି ଏଗ୍ରିମେଣ୍ଟ (ସିଓଏମ୍‌ସିଏଏସ୍‌ଏ) କରାଯାଇଥିଲା। ଏଥିରେ ଭାରତ ସୁରକ୍ଷିତ ସଂଚାର ଉପକରଣ ଏବଂ ତା ସହିତ ଜଡ଼ିତ ବ୍ୟବସ୍ଥା ପାଇବାର ପ୍ରାବଧାନ ରହିଥିଲା, ଯେଉଁଥିରେ ଭାରତ ଓ ଆମେରିକାର ମିଲିଟାରି କମାଣ୍ଡରମାନେ ଏବଂ ଦୁଇ ଦେଶର ବିମାନ ଓ ଜାହାଜ ସୁରକ୍ଷିତ ନେଟୱର୍କ ମାଧ୍ୟମରେ ଯୋଗାଯୋଗ କରିପାରିବେ। ସିଓଏମ୍‌ସିଏଏସ୍‌ଏ ସେପ୍ଟେମ୍ବର ୨୦୧୮ରେ ସ୍ୱାକ୍ଷରିତ ହୋଇଥିଲା ଏବଂ ଏହାର ୫ ମାସ ପରେ ମୋଦି ଶି ଜିନ୍‌ପିଙ୍ଗ୍‌ଙ୍କୁ ସାକ୍ଷାତ କରିବା ପାଇଁ ଉହାନ ଯାଇଥିଲେ। ୨୮ ଏପ୍ରିଲ ୨୦୧୮ରେ ମୋଦି ଓ ଜିନ୍‌ପିଙ୍ଗ୍‌ଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଚାଇନା ଓ ଭାରତ ପରସ୍ପରର ଶତ୍ରୁ ନ ହୋଇ ସହଯୋଗ କରିବେ ଏବଂ ଦ୍ୱିପାକ୍ଷିକ ବାଣିଜ୍ୟ ଓ ନିବେଶକୁ ଆଗକୁ ବଢ଼ାଇବେ ବୋଲି ସେଥିରେ ସୂଚିତ କରାଯାଇଥିଲା। ଜିନ୍‌ପିଙ୍ଗ୍‌ଙ୍କ ସହ ହାତ ମିଳାଇବା ବେଳେ ମୋଦି ମଧ୍ୟ ଟ୍ରମ୍ପଙ୍କ ଭାରତ- ପ୍ରଶାନ୍ତ ମହାସାଗରୀୟ ରଣନୀତିକୁ ସମର୍ଥନ କରୁଥିଲେ। ପରେ ଚାଇନା ଲଦାଖ ସୀମାରେ ତାହାର ସକ୍ରିୟତା ପ୍ରକାଶ କରିଥିଲା, ଯେପରିକି ଭାରତର ସେନା ସମୁଦ୍ରରେ ଧ୍ୟାନ ନ ଦେଇ ସ୍ଥଳ ଭାଗରେ ଅଧିକ ଧ୍ୟାନ ଦେବ ଓ ତାହାର ସମ୍ବଳକୁ ଖଟାଇବ। ପୂର୍ବତନ ଜାତୀୟ ସୁରକ୍ଷା ପରାମର୍ଶଦାତା ଏମ. କେ. ନାରାୟଣନ ଲଦାଖରେ ସୈନ୍ୟଙ୍କ ମୃତ୍ୟୁ ହେବାରୁ ସେହି ଦିନ ଲେଖିଥିଲେ ଏବଂ ସତର୍କ କରି କହିଥିଲେ, ଚାଇନାକୁ ରୋକିବା ଲାଗି ଗଢ଼ାଯାଇଥିବା ଏକ ସାମରିକ ମେଣ୍ଟର ଆଗରେ ରହିବା ଏବେ ଭାରତ ପାଇଁ ଉପଯୁକ୍ତ ସମୟ ନୁହେଁ। ସେ ମଧ୍ୟ କହିଥିଲେ, ପ୍ରାୟ ସବୁ ଭାରତ- ଚାଇନା ସୀମା ସମ୍ପର୍କିତ ଚୁକ୍ତି ଉଭୟ ଦେଶର ନିଷ୍ପକ୍ଷତା ଉପରେ ଆଧାରିତ। ଚାଇନା ଓ ଭାରତ ମଧ୍ୟରେ ସୀମାକୁ ନେଇ ୨୦୦୫ରେ ହୋଇଥିବା ଚୁକ୍ତି ନିଷ୍ପକ୍ଷତାର ବାସ୍ତବତାକୁ ପ୍ରକାଶ କରେ। ଅତୀତରେ କାହିଁକି ସ୍ତମ୍ଭକାରମାନେ ଏହି ବିଷୟକୁ ଉପସ୍ଥାପନ କରିଆସୁଛନ୍ତି? କାରଣ, ଚଳିତ ମାସର ଘଟଣାଗୁଡ଼ିକରୁ ଜଣାପଡୁଛି ସେମାନେ କେବଳ ଠିକ୍ କହୁ ନାହାନ୍ତି ବରଂ ଏବେ ଭାରତ କାହିଁକି ଦ୍ୱନ୍ଦ୍ୱ ଓ ଏକୁଟିଆ ସ୍ଥିତିରେ ନିଜକୁ ଦେଖୁଛି ତାହାର ଗୁରୁତ୍ୱକୁ ସେମାନେ ଭଲ ଭାବେ ବୁଝିଛନ୍ତି। ବିଶେଷକରି ଏହି ସରକାରରେ ଭାରତର ସବୁ ପଦକ୍ଷେପ ୧୯୯୩ର ଚୁକ୍ତିକୁ ବିଗାଡ଼ି ଦେଇଛି ଏବଂ ଚାଇନାକୁ ବିକଳ୍ପ ପନ୍ଥା ଗ୍ରହଣ କରିବା ଲାଗି ସୁଯୋଗ ଦେଇଛି। ସ୍ୱାକ୍ଷର କରାଯାଇଥିବା ଚୁକ୍ତିଗୁଡ଼ିକର ପବିତ୍ରତା ଓ ମହତ୍ତ୍ୱ, ଔପଚାରିକତା ଓ ଅନୌପଚାରିକତା ବିଷୟରେ ଏହି ସରକାର ବୁଝିଥିବା ଭଳି ମନେହେଉ ନାହିଁ।

Email:aakar.patel@gmail.com

## su|do|ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 4 | 6 | | | | | |
| 5 | | | | 1 | | | 8 | 9 |
| | | | | | 7 | | 1 | 5 |
| 3 | | | 7 | | 5 | | | |
| | 4 | | | 3 | | 8 | 9 | |
| | | | | | | | | |
| | | | | | 9 | 1 | 7 | |
| 7 | 6 | | | | | | | 4 |
| | | 3 | | | 1 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 5 | 2 | 1 | 8 | 9 | 7 | 3 |
| 9 | 3 | 8 | 4 | 7 | 5 | 2 | 1 | 6 |
| 7 | 2 | 1 | 6 | 9 | 3 | 8 | 4 | 5 |
| 8 | 7 | 2 | 5 | 3 | 6 | 4 | 9 | 1 |
| 4 | 5 | 9 | 1 | 8 | 2 | 3 | 6 | 7 |
| 3 | 1 | 6 | 9 | 4 | 7 | 5 | 2 | 8 |
| 2 | 9 | 3 | 7 | 5 | 1 | 6 | 8 | 4 |
| 5 | 6 | 7 | 8 | 2 | 4 | 1 | 3 | 9 |
| 1 | 8 | 4 | 3 | 6 | 9 | 7 | 5 | 2 |

ଗତକାଲିର ଉତ୍ତର

# ସମ୍ପର୍କର ବେପାର



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ବ୍ୟାଙ୍କରେ ସଞ୍ଚିତ ସମସ୍ତ ଅର୍ଥର ବିପୁଳ ଭାଗ ଉଠାଇ ଆଣି ରାଜଧାନୀର ଏକ ଘରୋଇ ମେଡିକାଲ କଲେଜରେ ନିଜ ପୁଅର ନାମ ଲେଖାଇଥିବା ଜଣେ ମଧ୍ୟବର୍ଗୀୟ ପିତା ତାଙ୍କ ବନ୍ଧୁଙ୍କୁ କହୁଥିଲେ, ''ଯେ ବି ଗୋଟିଏ ପ୍ରକାର ବେପାରରେ ଇନ୍‌ଭେଷ୍ଟମେଣ୍ଟ। ପୁଅଟି ଡାକ୍ତର ହୋଇ ବାହାରିଲା ପରେ ବ୍ୟାଙ୍କର ସୁଧଠାରୁ ଅଧିକ ଲାଭପ୍ରଦ ହେବନି!'' ସତ କଥା। ଆଜିକାଲି ଲକ୍ଷ ଲକ୍ଷ ଟଙ୍କା ବିନିମୟରେ ନିଜ ସନ୍ତାନଙ୍କୁ ବ୍ୟୟବହୁଳ ବୃତ୍ତିଗତ ଶିକ୍ଷା ଦେଉଥିବା ମା'ବାପାମାନେ ସେମାନଙ୍କ ଏହି କାର୍ଯ୍ୟକୁ ନିଜର ମୌଳିକ କର୍ତ୍ତବ୍ୟ ବୋଲି ଯେତିକି ବିବେଚନା କରୁନାହାନ୍ତି, ତାହାଠୁ ଅଧିକ ବିଚାରୁଛନ୍ତି ଏକ ଇନ୍‌ଭେଷ୍ଟମେଣ୍ଟ ବା ଅର୍ଥଲଗାଣ ବେପାର ଭାବରେ। ପାଠ ପଢ଼ିସାରି ପିଲାମାନେ ଉପାର୍ଜନ ଆରମ୍ଭ କଲେ ସୁଧ ସହ ମୂଳ ପୁଣି ଫେରି ଆସିବନି! କେଜାଣି!

କେତେକ ବିରଳ ବ୍ୟକ୍ତିକ୍ରମକୁ ବାଦ୍ ଦେଲେ ସଚରାଚର ମା'ବାପାଙ୍କ ଦାୟିତ୍ୱ ନିର୍ବାହର ଏଇ ବିଚିତ୍ର ଗଣିତ ପ୍ରାୟତଃ ଅଚଳ ମୁଦ୍ରା ପରି ମୂଲ୍ୟହୀନ। ବିନିଯୁକ୍ତ ଅର୍ଥ ଫେରି ମିଳିବା ଦୂରେ ଥାଉ, ବିନିଯୋଗକାରୀ ମା'ବାପାଙ୍କ ପାଇଁ ସେମାନଙ୍କ ସନ୍ତାନମାନେ ମଧ୍ୟ ଦୁଷ୍ପ୍ରାପ୍ୟ ହୋଇ ଉଠନ୍ତି। କିଏ ନିଜ ସହପାଠୀ ବା ସ୍ଥଳବିଶେଷରେ ସହକର୍ମୀଙ୍କୁ ବିବାହ କରି ଭିନ୍ନ ସ୍ଥାନରେ ନିଜ ସଂସାର ବାନ୍ଧିବା ମଧ୍ୟରେ ମା'ବାପାଙ୍କ ପାଇଁ ସହଜଲଭ୍ୟ ହୋଇପାରନ୍ତି ନାହିଁ ତ ଆଉ କିଏ ମୋଟା ଅଙ୍କର ଅର୍ଥ ଉପାର୍ଜନ କରିବାକୁ ବିଦେଶ ଯାଆନ୍ତି ଯେ ସେଠାରୁ ଆଉ ଫେରି ଆସନ୍ତି ନାହିଁ।

ପ୍ରାୟ ଦଶବର୍ଷ ପୂର୍ବରୁ ଶିକ୍ଷକତା ବୃତ୍ତିରୁ ଅବସର ନେଇଥିବା ଜଣେ ବୃଦ୍ଧଙ୍କ କଥା। ତାଙ୍କ ଦୁଇ ପୁଅଙ୍କୁ ନିଜ କଷ୍ଟଲବ୍ଧ ଉପାର୍ଜନରେ ପାଠ ପଢ଼ାଇ ଜଣଙ୍କୁ ଇଞ୍ଜିନିୟର ଓ ଅନ୍ୟ ଜଣଙ୍କୁ ଡାକ୍ତର କରିପାରିଥିଲେ ବୋଲି ଏ ଶିକ୍ଷକଙ୍କ ସଫଳ ପିତୃତ୍ୱକୁ ସାବାସି ଦେବାର ବେଶ୍ କାରଣ ଥିଲା। ମାତ୍ର ସେଦିନ ତାଙ୍କର ମୋହଭଙ୍ଗ ହେଲା, ଯେଉଁଦିନ ତାଙ୍କ ପତ୍ନୀ ଗୁରୁତର ଅସୁସ୍ଥ ହୋଇ ହସ୍ପିଟାଲରେ ଭର୍ତ୍ତି ହେଲେ। ବୃତ୍ତି ଦାୟରେ ଇଞ୍ଜିନିୟର ପୁଅ ସୁଦୂର ଆମେରିକାରେ ଓ ଡାକ୍ତର ପୁଅ ବେଙ୍ଗାଲୁରୁର ଏକ ପ୍ରସିଦ୍ଧ ହସ୍ପିଟାଲରେ ନିୟୋଜିତ ଥାଇ ନିଜ ଅସୁସ୍ଥା ମାଆଙ୍କ ପାଖରେ ପହଞ୍ଚିବାକୁ ସମୟ ପାଇ ନ ଥିଲେ। ଦୀର୍ଘ ପନ୍ଦରଦିନ କାଳ ପତ୍ନୀଙ୍କୁ ଡାକ୍ତରଖାନାରେ ଜଗି ରହୁଥିବା ବୃଦ୍ଧ ମହୋଦୟ ଅସୁସ୍ଥା ମାଆଙ୍କ ଖବର ବୁଝିବାକୁ ଘନ ଘନ ଫୋନ କରୁଥିବା ପୁଅ ଦୁହିଁଙ୍କ ଆଚରଣରେ ଏମିତି ବିବ୍ରତ ବୋଧ କଲେ ଯେ ଫୋନ ସୁଇଚ୍ ଅଫ୍ କରି ରଖିଦେଲେ ଓ ନିଜକୁ ନିଜେ କହୁଥିଲେ- ''ବେଶି ପାଠ ପଢ଼ିଥିବା ପୁଅ ବଡ଼ ଚାକିରି କରେ, ବଡ଼ ସହର ବା ବିଦେଶରେ ରହେ ଓ ମା'ବାପାଙ୍କ ପ୍ରତି ନିଜ କର୍ତ୍ତବ୍ୟ ଭୁଲିଯାଏ। ମାତ୍ର କମ୍ ପାଠ ପଢ଼ିଥିବା ପୁଅ ମା'ବାପାଙ୍କ ପାଖରେ ରହେ, ରୋଗବ୍ୟାଧି ବେଳେ କାମରେ ଆସେ।''

ବୃଦ୍ଧଙ୍କ ଅନ୍ତରର ଅସନ୍ତୋଷକୁ ବୁଝି ହେଉଥିଲେ ବି ବୁଝି ହେଉ ନ ଥିଲା ତାଙ୍କର ଯୁକ୍ତି। ପୁଅର ଭବିଷ୍ୟତ ଗଢ଼ିବା ପ୍ରତ୍ୟେକ ପିତାର ସଂସ୍କାରସିଦ୍ଧ ଦାୟିତ୍ୱ। ନିଜ ଭବିଷ୍ୟତକୁ ସୁରକ୍ଷିତ କରି ରଖିବାକୁ ସେ ପୁଣି ନିଜ ପୁଅ ଭବିଷ୍ୟତର ତଣ୍ଟି ମୋଡ଼ି ହତ୍ୟା କରିପାରିବ କେମିତି? ପାଠ ନ ପଢ଼ି ମା'ବାପାଙ୍କ ଉପରେ ବୋଝ ହୋଇ ରହୁଥିବା ପୁଅର ଜଞ୍ଜାଳ ଯେ ପାଠପଢ଼ି ବାହାରେ ବସାବାନ୍ଧି ମା'ବାପାଙ୍କୁ ଅବହେଳା କରୁଥିବା ପୁଅର ସ୍ୱାର୍ଥପରତାଠାରୁ ଅଧିକ ଯନ୍ତ୍ରଣାଦାୟୀ,ଏକଥା ସେ ସିନା ବୁଝିପାରୁ ନ ଥିଲେ, ସଂସାରର ଅନ୍ୟ ବହୁ ମା'ବାପାମାନେ ନିଶ୍ଚୟ ବୁଝିଥିବେ। ଏ ପ୍ରସଙ୍ଗରେ ଏହି ଲେଖକର ସ୍ୱକୀୟ ଅନୁଭୂତିର ଏକ ରୋଚକ ଦୃଷ୍ଟାନ୍ତ ବେଶ୍ ପ୍ରଣିଧାନଯୋଗ୍ୟ। ପିଲାଙ୍କ ପାଳନ ପାଇଁ ନିଜ ମୂଳଧନ ଖଟାଇଥିବା ପିତାର ପ୍ରତ୍ୟାଶା ଓ ମା'ବାପାଙ୍କ ପାଇଁ ନିଜ ବୃତ୍ତି ବେଉସା ସହ ପତ୍ନୀ ପିଲାଙ୍କୁ ପଛକୁ ଠେଲିଦେଇ ପାରୁ ନ ଥିବା ପୁଅର ବିବଶତା; ଏ ଦୁଇଟି ବାହାରେ କ'ଣ କିଛି ମଧ୍ୟମ ପନ୍ଥା ନାହିଁ?

ସେଇ ରୋଚକ ଅନୁଭୂତିର କଥା। ପ୍ରାୟ ତିରିଶ ବର୍ଷ ତଳେ ଏ ଲେଖକ ଗାଁକୁ ଯାଇଥିବା ବେଳେ ତା' ବାପାଙ୍କ ବୟସର ଜଣେ ପଡ଼ୋଶୀ କହିଲେ- ପୁଅ ତା' ବେପାର ଓ ତା' ପିଲା ପରିବାରକୁ ନେଇ ସବୁବେଳେ ବ୍ୟସ୍ତ ରହୁଛି। ତାକୁ ସେ ପାଠଶାଠ ପଢ଼ାଇ ମଣିଷ କରିଥିଲେ, ଅର୍ଥାତ୍ ତାଙ୍କର ଏହି ବୁଢ଼ା କାଳରେ ବାପାର ହାଲ୍ ହରକତ ବୁଝିବାକୁ ପୁଅ ହାତରେ ସମୟ ନାହିଁ। କହିରଖିବା ଉଚିତ ହେବ ଯେ ବୃଦ୍ଧ ଜଣକ ଥିଲେ ବିପତ୍ନୀକ ଓ ପୁଅଟି ମାଟ୍ରିକ ପାସ୍ କରି ଗାଁରେ ଏକ ଗ୍ରୋସେରି ଦୋକାନ ଦେଇ ବେଶ୍ ସ୍ୱଚ୍ଛଳରେ ଚଳୁଥିଲା। ସେଦିନ ସନ୍ଧ୍ୟାରେ ତା' ଦୋକାନକୁ ଯାଇଥିବା ବେଳେ ଏକଦା ତା'ର ସ୍କୁଲ ସହପାଠୀ ଥିବା ଦୋକାନୀ ସାଙ୍ଗକୁ ତା' ବାପାଙ୍କ ଅଭିଯୋଗ ସମ୍ପର୍କରେ ତା'ର ଦୃଷ୍ଟି ଆକର୍ଷଣ କରିବାରେ ତା'ର ପ୍ରତିକ୍ରିୟା ଥିଲା ଅତ୍ୟନ୍ତ ଅଭିନବ। କହିଥିଲା- ''ତୋତେ ସିନା ତୋ ବାପା ଏତେ ପାଠ ପଢ଼ାଇଥିଲେ ବୋଲି ତୁ ଅଧ୍ୟାପକ ହୋଇ ବାହାରେ ବୁଲିଲୁ। ମୋତେ ମୋ ବାପା ଯେତିକି ପଢ଼ାଇଥିଲେ ସେତିକିରେ ତ ମୁଁ ଡାଲି ଚାଉଳ ବିକୁଛି। ମୋଠୁ ସେ ଅଧିକ ଆଶା କରୁଛନ୍ତି କାହିଁକି?''

ଗାଁରୁ ଫେରି ଆସୁଥିବା ବେଳେ ଏଇ ଅକିଞ୍ଚନ ଭାବୁ ଥିଲା ବାପା ପୁଅର ସଂସାରସିଦ୍ଧ ସମ୍ପର୍କ କ'ଣ ଏକ ବେପାର? କିଏ କେତେ ଖଟାଇଲା,



କେତେ ଫେରିପାଇଲା, ତାହାର ଏକ ବ୍ୟବସାୟିକ ହିସାବନିକାଶ? ତିରିଶ ବର୍ଷ ତଳର ଏହି ତିକ୍ତ ବିଚାରର ବୋଝ ବୋହି ଓ ଏହା ବିରୋଧରେ ଏକ ବିକଳ୍ପ ବିଚାର ଗଢ଼ି ତୋଳିବାର ଅସାମର୍ଥ୍ୟ ନେଇ ସେ ବଞ୍ଚି ଆସୁଥିବା ବେଳେ ଏବେ ସୁଇଜରଲାଣ୍ଡରେ ପ୍ରଚଳିତ ଭିନ୍ନ ଏକ ସମ୍ପର୍କର ବେପାର ସମ୍ବନ୍ଧରେ ଜାଣି ସେ ବେଶ୍ ପ୍ରଭାବିତ ହୋଇଥିଲା ଓ ମଥାନତ କରିଥିଲା ଏହି ଭିନ୍ନ ଦର୍ଶନର ପ୍ରଣେତାଙ୍କ ଉଦ୍ଦେଶ୍ୟରେ। କେଇ ବର୍ଷ ତଳେ ସୁଇଜରଲାଣ୍ଡରୁ ପାଠ ପଢ଼ି ଫେରିଥିବା ଜଣେ ପ୍ରଫେସରଙ୍କଠୁ ଶୁଣିଥିବା କଥାଟି ଥିଲା ଏହିପରି।

ପ୍ରଫେସର ଯେଉଁ ଘରେ ଭଡ଼ା ରହୁଥିଲେ ସେ ଘରର ମାଲିକାଣୀ ଥିଲେ ଜଣେ ପଞ୍ଚଷଠି ବର୍ଷୀୟା ମହିଳା। ଯିଏ ପାଞ୍ଚବର୍ଷ ପୂର୍ବରୁ ଶିକ୍ଷୟିତ୍ରୀ ବୃତ୍ତିରୁ ଅବସର ନେଇ ସାରିଥିଲେ। କିଛିବର୍ଷ ପୂର୍ବରୁ ସ୍ୱାମୀ ଚାଲିଯାଇଥିଲେ ଓ ଏକମାତ୍ର ପୁଅଟି ସେଠାରୁ ପ୍ରାୟ ହଜାରେ ମାଇଲ ଦୂରରେ ନିଜ ବୃତ୍ତିକ୍ଷେତ୍ରରେ ପରିବାର ସହ ରହୁଥିଲେ। ପ୍ରଫେସର ଆଶ୍ଚର୍ଯ୍ୟ ହେଲେ ଯେତେବେଳେ ଦେଖିଲେ ମହିଳା ଜଣକ ସେହି ପଣିଶତ ବୟସରେ ବି ସେଠାରୁ କିଛି ଦୂର ଅନ୍ୟ ଏକ ଘରକୁ ଯାଇ ସେଠାରେ ଜଣେ ପଞ୍ଚାଅଶୀ ବର୍ଷୀୟା ବୃଦ୍ଧାଙ୍କର ସେବା କରିବାକୁ ଦୁଇଘଣ୍ଟା ସମୟ ଦେଉଛନ୍ତି। ମାଡାମ୍ ବେଶ୍ ସ୍ୱଚ୍ଛଳ ଥିଲେ ବି ଅନ୍ୟ କାହା ଘରେ କାମ କରୁଥିବା ଦେଖି ତାଙ୍କ ଆଖି ଖୋସି ହୋଇଗଲା। ସେ ଏହାର କାରଣ ଜାଣିବାକୁ ଉତ୍ସୁକ ହୋଇ ମାଡାମ୍‌ଙ୍କୁ ପଚାରି ଯାହା ବୁଝିଲେ ତାହା ଜଣେ ଭାରତୀୟଙ୍କ ପାଇଁ ଥିଲା ଅତ୍ୟନ୍ତ ଅଭିନବ।

ମାଡାମ୍ କହିଥିଲେ, ''ମୁଁ ସମୟ ବ୍ୟାଙ୍କରେ ମୋ ସେବାର ସମୟ ଜମା ରଖୁଛି। ମୁଁ ଯେତେ ସମୟ ସେଇ ବୃଦ୍ଧାଙ୍କ ସେବାରେ ଆସୁଚି, ସେତିକି ସମୟ ମୋ ଜମାଖାତାରେ ସଞ୍ଚିତ ରହୁଛି। କେବଳ ସେଇ ବୃଦ୍ଧା ନୁହନ୍ତି, ଯାହାଙ୍କର କିଛି ସେବା ଲୋଡ଼ା ପଡ଼ିବ, ସେଠାକୁ ଯାଇ ମୁଁ ସେବା ଯୋଗାଇଲେ ତାହା ମୋ ସମୟ ସଂଚୟ ଖାତାରେ ଜମା ରହିବ। କାଲି ଯଦି ମୁଁ ଅସୁସ୍ଥ ହୋଇପଡ଼େ, ତେବେ ମୋ ସମୟ ବ୍ୟାଙ୍କରୁ ମୁଁ ଆବଶ୍ୟକ ମୁତାବକ ସେବା ପାଇପାରିବି। ଅସୁସ୍ଥ ବୃଦ୍ଧାଙ୍କର ସେବା ଏବେ ମୁଁ କରୁଥିବା ପରି ସେତେବେଳେ ସେଇ ବ୍ୟାଙ୍କରେ ସମୟ ଜମା କରୁଥିବା କେହି ଜଣେ ଆସି ମୋ ସେବା କରିପାରିବେ।'' ମାଡାମ୍‌ଙ୍କର ଶେଷକଥା ଥିଲା ''ପୁଅ ମୋର ତା' ପିଲା ପରିବାରକୁ ନେଇ ବ୍ୟସ୍ତ ରହୁଥିବା ବେଳେ ମୋ ସେବା କରିବାକୁ ସେ ସମୟ ପାଇବ କେଉଁଠୁ? ସୁତରାଂ ମୋ ପାଇଁ ସେବାର ସମୟ ମୋତେ ହିଁ ସୃଷ୍ଟି କରିବାକୁ ପଡୁଚି। ଆଜି ଦେଉଥିବାରୁ କାଲି ପାଇବାର ଅଧିକାର ରଖୁଛି।''

କେଡ଼େ କଥା ନ କହିଲେ ସେଇ ମାଡାମ୍। ଆମ ଭାରତରେ ସେମିତି ହୁଅନ୍ତା ନାହିଁ! ନିଜ ଅସୁବିଧା ବେଳେ ଆତ୍ମୀୟଙ୍କର ସେବା ଲୋଡ଼ିଥିବା ବୃଦ୍ଧାବୃଦ୍ଧମାନେ ଆଉ ନିଜ ସନ୍ତାନମାନଙ୍କୁ ମଣିଷ କରିବାରେ ଖଟାଇଥିବା ଅର୍ଥ ବା ଶ୍ରମର ହିସାବ ମାଗି ସେମାନଙ୍କୁ ଅଭିଶାପ ଦିଅନ୍ତେ ନାହିଁ କି ବାଧ୍ୟ ବିବଶତାରେ ନିଜ ମା'ବାପାଙ୍କୁ ଅବହେଳା କରୁଥିବା ସନ୍ତାନମାନେ ସେଥିପାଇଁ ନିନ୍ଦିତ ହୁଅନ୍ତେ ନାହିଁ। ଏସବୁ ବାହାରେ ସବୁଠୁ ବଡ଼ ଉପଲବ୍ଧି ହୁଅନ୍ତା, ନିଜ ସଂସାର ବାହାରେ ଅନ୍ୟ କାହାର ସେବାରେ ଆସିବାର ଯେଉଁ ମୁଗ୍ଧ ଅନୁଭବ ତହିଁରେ ଅତିରିକ୍ତ ବସ୍ତୁବାଦର ବିଷାକ୍ତ ପଞ୍ଝା ମଧ୍ୟରେ କବଳିତ ସାଂପ୍ରତିକ ମଣିଷ ଜୀବନ ତାହାର ସ୍ୱାଦ ହରାଇ ବସନ୍ତା ନାହିଁ। ପରାର୍ଥପ୍ରାଣତାର ଦିବ୍ୟ ଅନୁଭବରେ ଜୀବନ ହୋଇଉଠନ୍ତା ଅଧିକ ଅମୃତମୟ।

ପ୍ରଜ୍ଞା ନିଳୟ, ଭୁବନେଶ୍ୱର-୧୦
ମୋ: ୮୮୯୫୬୭୨୪୧୦୫


# ଏକ ତୁଳନାତ୍ମକ ଦ୍ୱନ୍ଦ୍ୱ



ଅଭିଜିତ୍ ଜୟପ୍ରକାଶ ପ୍ରଧାନ

ରବିବାର ସନ୍ଧ୍ୟାରେ ଅଫିସ୍‌ରୁ ଘରକୁ ଫେରିବା ବେଳେ ହାଇଟେକ୍ ଛକରୁ ଗାଡ଼ି ବାଁକୁ ମୋଡ଼ିଲି। ସହର ଭିତରର ଟ୍ରାଫିକ୍‌ରୁ ବଞ୍ଚିବା ପାଇଁ ପୁରୀ ବାଇପାସ୍ ରାସ୍ତାଦେଇ କଳ୍ପନା ଛକ ସ୍ଥିତ ଘରକୁ ଜଲଦି ଫେରିବା ଥିଲା ମୋ ଲକ୍ଷ୍ୟ। ହେଲେ ରାସ୍ତା ଆଜି ବହୁତ ଭିଡ଼। ଜାଣିଲି ପରଦିନ ଶ୍ରାବଣ ମାସର ପ୍ରଥମ ସୋମବାର। ଶିବଙ୍କ ମୁଣ୍ଡରେ ପାଣି ଢାଳିବାକୁ କାଉଡ଼ିଆଙ୍କ ଲମ୍ବା ସୁଅ। ରାସ୍ତା ଜାମ୍ ପାଇଁ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ଯେତିକି ବିଳମ୍ବ ହେଉଥାଏ, ସେତିକି ଅଧିକ ଚିଡ଼ା ଲାଗୁଥାଏ। ଭାବୁଥାଏ, ସତରେ ଏ ଲୋକଗୁଡ଼ା କେତେ ନିର୍ବୋଧ ଯେ! ବିଚରା ମଣିଷଟି ନ ଖାଇ ନ ପିଇ ଦୁଇ ଦିନ ହେଲା ଖରା ବର୍ଷାରେ ପାଣି ଭାର ଧରି ଚାଲୁଛି ତା' ଭଗବାନ୍‌ଙ୍କ ମୁଣ୍ଡରେ ଢାଳିବ ବୋଲି, କିନ୍ତୁ ସତରେ କ'ଣ ଭଗବାନ୍ ଦେଖୁଛନ୍ତି ଏ ମଣିଷର କଷ୍ଟକୁ? ଦେଖିବା କଥା ଛାଡ଼, ଭଗବାନ୍ ସତରେ ଅଛନ୍ତି ତ? ଫୁଲି ଯାଇଥିବା ପାଦରେ ଅତି କଷ୍ଟରେ ପାଣି ଭାର ନେଇ ଚାଲୁଥିବା ସେଇ ମଣିଷଟି ଉପରେ ଆଉ ଗୋଟିଏ ଉପହାସର ହସ ହସି ମୁଁ ଘରକୁ ଆଗେଇଲି।

ଟ୍ରାଫିକ୍ ଭିଡ଼ରେ ଗାଡ଼ି ସିନା ଆଗକୁ ଚାଲୁଥାଏ, ହେଲେ ଚଞ୍ଚଳ ମନଟା ଭଗବାନ୍‌ଙ୍କ ଅସ୍ତିତ୍ୱ ଖୋଜୁଖୋଜୁ ୩୫ ବର୍ଷ ପଛକୁ ଫେରି ସାରିଥାଏ। ବ୍ରାହ୍ମଣ ପରିବାରରେ ଜନ୍ମ, ଛୋଟବେଳୁ ପୂଜାପାଠ ରୀତିନୀତି ସହିତ ଭଲ ଭାବରେ ଅଭ୍ୟସ୍ତ ଏଇ ଲୋକଟା ଯେ କେବେଠୁ ବୁଦ୍ଧିବାଦ, ନିରୀଶ୍ୱରବାଦ ପଛରେ ପଡ଼ି ଈଶ୍ୱରଙ୍କ ଅସ୍ତିତ୍ୱ ଖୋଜିବା ଆରମ୍ଭ କରିସାରିଲାଣି। କେବେଠୁ ମୋଷ୍ଟ ଡିବେଟେବଲ୍ 'ଦ ଗଡ୍ ଡିଲୁଜନ', 'ଦ ପୋର୍ଟେବଲ ଆଥେଇଷ୍ଟ' ପରି ବହି ଗୁଡ଼ିକରେ ଭରିବା ଆରମ୍ଭ କଲାଣି। ତେବେ ମୋର ଆଜିର ଦ୍ୱନ୍ଦ୍ୱ ଈଶ୍ୱରଙ୍କ ଅସ୍ତିତ୍ୱ ନ ଥିଲା, ଏହା ତ ମୋର ସବୁଦିନିଆ ଗବେଷଣା ହୋଇସାରିଲାଣି ଓ ସମାଜ ବି ମୋତେ ହେତୁବାଦୀ, ବିଧର୍ମୀ ଇତ୍ୟାଦି ଟ୍ୟାଗ୍ ଲଗେଇ ସାରିଲାଣି। ମୋର ଆଜିର ଦ୍ୱନ୍ଦ୍ୱ ଥିଲା ଏସବୁ ରୀତିନୀତି, ଯେମିତି ଏଇ ପାଣିଭାର ବୋହିକି ନେବା ପଛର ଲଜିକ୍। ଯଦିବି ସମସ୍ତଙ୍କ କହିବା ପରି ମାନିନେବି ଯେ, ହଁ, ଈଶ୍ୱର ଅଛନ୍ତି, ସେଇ ଈଶ୍ୱର ଯେ କି ସର୍ବତ୍ର ବିଦ୍ୟମାନ, ସେଇ ଈଶ୍ୱର ଯାହାଙ୍କ ଜଟାରୁ ସ୍ୱୟଂ ଗଙ୍ଗା ପ୍ରବାହମାନ, ତେବେ ସେ କ'ଣ ଅନେଇକି ବସିଛନ୍ତି ଯେ ତାଙ୍କର କେହି ଭକ୍ତ ଗଡ଼ଗଡ଼ିଆ ଘାଟରୁ କାଠଯୋଡ଼ି ପାଣି ଆଣି ତାଙ୍କୁ ଅଭିଷେକ କରିବ, ଆଉ ଈଶ୍ୱର ସେଥିରେ ପ୍ରସନ୍ନ ହେବେ? ରେସନାଲିଜମ୍, ଏଥେଇଜମ୍ ଉପରେ ପଢ଼ିଥିବା ଅସଂଖ୍ୟ ବହିର ଜ୍ଞାନ ମୋତେ ପ୍ରଚଣ୍ଡ ଜ୍ଞାନୀ କରିଥିଲା କି ଅହଂକାରରେ ଅନ୍ଧ କରିଥିଲା କେଜାଣି, ଉପହାସର ହସ ହସୁ ହସୁ କେତେବେଳେ ଯାଇ ଘର ବାରଣ୍ଡାରେ ମୋର ଗାଡ଼ି ଲାଗିସାରିଥାଏ।



ନୂଆ କରି ସ୍କୁଲ ଯିବା ଆରମ୍ଭ କରିଥିବା ମୋର ୫ ବର୍ଷର ପୁଅ ପାଇଁ ନୂଆ ଦାମିକିଆ ସ୍କୁଲ ବ୍ୟାଗ୍ ଖଣ୍ଡେ ଆଣିଥିଲି। ଗାଡ଼ିର ପଛ ସିଟ୍‌ରୁ ବ୍ୟାଗ୍‌ଟା ଖୋଲୁଖୋଲୁ ପୁଅ ଆସି ଜାବୁଡ଼ି ଧରିଲା ଓ ଗାଇବାକୁ ଲାଗିଲା, 'ହାପି ବାର୍ଥଡେ ପାପା'। ଓହୋ। ଏଇ ସଂସାର ଅଫିସ ଜଞ୍ଜାଳ ଭିତେର ଭୁଲି ଯାଇଥିଲି କି ଆଜି ମୋର ଛତିଶ ତମ ଜନ୍ମଦିନ ବୋଲି। ଛୋଟ ବେଳେ ମୋ ଜନ୍ମଦିନରେ ବୋଉ କରୁଥିବା ପୁରି ତରକାରି ଏବେ ବଦଳି ଯାଇଛି ଘରଣୀ ତିଆରି କରିଥିବା ବ୍ଲାକ୍ ଫରେଷ୍ଟକେକ୍ ଆଉ ପୁଅ ଆଣିଥିବା ଚିକିମିକି ଜରିରେ ସଜ୍ଜିତ ମୋ ବାର୍ଥଡେ ଗିଫ୍ଟରେ। ଗିଫ୍ଟର ପ୍ୟାକେଟ୍ ଖୋଲି ଦେଖିଲି ତା' ଭିତରେ ଥିଲା ମୋ ପାଇଁ ଗୋଟେ ନୂଆ ଲେଦର ବ୍ୟାଗ୍। ଆରେ ହଁ ତ, କେବେଠୁ ପୁରୁଣା ଅଫିସ୍ ବ୍ୟାଗ୍‌ଟା ଖରାପ ହେଲାଣି, ନୂଆଟେ କିଣିବି ବୋଲି ଭାବୁଛି ଯେ ସମୟ ମିଳୁ ନ ଥିଲା, ଯା ହଉ କାମ ତ ହୋଇଗଲା ଗୋଟେ। ଦିନରେ ଯେବେ ମୋ ଫୋନ୍‌କୁ ମେସେଜ୍ ଆସିଥିଲା କି ମୋ କ୍ରେଡିଟ୍ କାର୍ଡଟା ୟୁଜ୍ ହୋଇଛି ବୋଲି, ଭାବିଲି ଘରଣୀ ବୋଧେ କିଛି କିଣାକିଣି କରୁଥିବେ, କିନ୍ତୁ ସେଥିରେ ଯେ ମୋ ପାଇଁ ଗିଫ୍ଟ କିଣାଯାଉଥିବ, ସେଟା ଅନୁମାନ କରି ନ ଥିଲି। ନୂଆ ବ୍ୟାଗ୍‌ଟିକୁ ଯେତେବେଳେ ପରଖୁଥିଲି, ପୁଅର ଖୁସି କହିଲେ ନ ସରେ, କାହିଁକି ନା ସେ ଦେଇଥିବା ଗିଫ୍ଟ ତା'ର ବାପାଙ୍କୁ ପସନ୍ଦ ଆସିଛି। ଯେଉଁ ଟଙ୍କାରେ ବାପାଙ୍କ ପାଇଁ ଗିଫ୍ଟ କିଣାଯାଇଛି, ସେ ଟଙ୍କା ସେ ବାପା ହିଁ ରୋଜଗାର କରି ଆଣିଛନ୍ତି ବୋଲି ବୁଝିବାକୁ ମୋ ପୁଅକୁ ସିନା ତା' ବୟସ ଅନୁମତି ଦେଇ ନ ଥିଲା, କିନ୍ତୁ ପୁଅ ହିସାବରେ ସେ ଗିଫ୍ଟ ଦେଇ ଖୁସି ଆଉ ବାପା ହିସାବରେ ମୁଁ ବି ଗିଫ୍ଟ ପାଇ ଖୁସି। ଏଇ ବ୍ୟାଗ୍‌ଟା ବାଛିବାକୁ ପୁଅ ଆଜି ଦିନବେଳା ମଲ୍‌ରେ ଦୁଇଘଣ୍ଟା ଖୋଜିଛି ବୋଲି ସ୍ତ୍ରୀଙ୍କଠୁ ଶୁଣିକି ଯେତିକି ଖୁସିହେଲି ସେତିକି ଭାବପ୍ରବଣ ବି। ଭାବିଲି ସତରେ ମଣିଷଟା କେତେ ସ୍ନେହ କାଙ୍ଗାଳ ଯେ! ସବୁବେଳେ ଲଜିକ୍, ରେସନଲ୍ ହେଉଥିବା ଲୋକଟି ଭଲ ପାଇବା ଆଗରେ ଅନ୍ଧ ହୋଇଯାଏ।

ରାତିରେ ଖାଇସାରି ଶାନ୍ତିର ଶୋଇବାକୁ ଯାଉଥିଲି। ପୁଣି ସନ୍ଧ୍ୟାରେ ଛାଡ଼ି ଆସିଥିବା ଦ୍ୱନ୍ଦ୍ୱ ମନକୁ ପଶି ଆସିଲା। ଏଥିରେ କିନ୍ତୁ ଥିଲା ଏକ ତୁଳନାତ୍ମକ ଦ୍ୱନ୍ଦ୍ୱ। ପୁଅ ମୋ ପାଇଁ ମୋରି ଟଙ୍କାରେ ଗିଫ୍ଟ ଆଣିଦେବା ପଛରେ ଥିଲା ତା' ଭଲ ପାଇବା, କିନ୍ତୁ ଜଣେ ଲୋକ ସେ ମାନୁଥିବା ତା' ଭଗବାନ୍‌ଙ୍କ ଉପରେ ପାଣି ଢାଳିବାକୁ ଯିବାଟା ଅନ୍ଧବିଶ୍ୱାସ? ଦୁଇ ଘଣ୍ଟା ଏସି ମଲ୍‌ରେ ପୁଅ ଗିଫ୍ଟ ଖୋଜିବାଟା ଥିଲା ତା' ବାପା ପାଇଁ ତା'ର ସ୍ନେହ, ଆଉ ଦୁଇ ଦିନ ପାଣି ଢାଳ ଧରି ଚାଲିବାଟା ଲଜିକ୍ ବିହୀନ ଲୋକ ଦେଖାଣିଆ ଡ୍ରାମା? ଭାବିଲି ସବୁବେଳେ ଲଜିକ୍ ଖୋଜିଖୋଜି ନିଜ ବେଳକୁ ସାମାନ୍ୟ ସୁବିଧାବାଦୀ ହୋଇଯାଉନି ତ? ସେ ଦ୍ୱନ୍ଦ୍ୱ ସେତିକିରେ ଥାଉ।

ବିଜେବି ନଗର, ଭୁବନେଶ୍ୱର
ମୋ: ୮୯୧୭୩୭୨୯୭୯

# ଏଇ ଭାରତରେ

ଭାରତରେ ଅନେକ କୋଟି ଲୋକ ଦିନକୁ ବେଳାଏ ଖାଇ ରହୁଛନ୍ତି। ସେମାନେ ଠିକ୍ ସମୟରେ ଖାଦ୍ୟ ପାଇପାରୁ ନ ଥିବାବେଳେ ଦେଶରେ ବର୍ଷକୁ ୭୮ ମିଲିୟନ ଟନ ଖାଦ୍ୟ ନଷ୍ଟ ହେଉଛି। ଏପରି କି ବର୍ଷକୁ ଜଣେ ବ୍ୟକ୍ତି ୫୫ କେଜି ଖାଦ୍ୟ ନଷ୍ଟ କରୁଛନ୍ତି। ତେବେ ତାମିଲନାଡୁର ତିନି ବନ୍ଧୁ ପଦ୍ମନାଭନ ଗୋପାଳନ, ଦିନେଶ ମାନିକମ୍ ଏବଂ ସୁଧାକର ମାରିମୁଥ ଖାଦ୍ୟ ନଷ୍ଟକୁ ରୋକିବାକୁ ପଦକ୍ଷେପ ନେଇଛନ୍ତି। ଏଥିରେ ସେମାନେ ଅନେକାଂଶରେ ସଫଳ ହୋଇଛନ୍ତି, ଯାହା ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି। ଏଥିପାଇଁ ସେମାନେ ୨୦୧୪ରେ 'ନୋ ଫୁଡ୍ ୱେଷ୍ଟ' ସଂସ୍ଥା ଗଠନକରି ତା' ମାଧ୍ୟମରେ ଏହି କାର୍ଯ୍ୟ ସଞ୍ଚାଳନ କରୁଛନ୍ତି। ଏହି ତିନି ବନ୍ଧୁ କୋଏମ୍ବାଟୁରରେ ଜନ୍ମ ହୋଇଛନ୍ତି ଏବଂ ପ୍ରଡକ୍‌ଶନ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଛନ୍ତି। ସେମାନେ ବିଭିନ୍ନ ଶିକ୍ଷାନୁଷ୍ଠାନ, କର୍ପୋରେଟ୍ କାର୍ଯ୍ୟକ୍ରମ, ବିବାହ ଉତ୍ସବରୁ ବଳୁଥିବା ଖାଦ୍ୟ ସଂଗ୍ରହକରି ଅସହାୟ ଲୋକଙ୍କୁ ଖାଇବାକୁ ଦେଉଛନ୍ତି। ପ୍ରଥମେ ସେମାନେ ଜଣେ ସ୍ୱେଚ୍ଛାସେବୀଙ୍କୁ ନେଇ ଦୁଇଟି ବ୍ୟାଗ୍‌ରେ କୋଏମ୍ବାଟୁରରୁ ଖାଦ୍ୟ ସଂଗ୍ରହ କରି ବସ୍‌ରେ ଯାଇ ଗୃହହୀନଙ୍କୁ ଦେଉଥିଲେ। ସେମାନଙ୍କ କାର୍ଯ୍ୟରେ ଅନୁପ୍ରାଣୀତ ହୋଇ ଏଭଳି ଅଭିଯାନରେ ଅଧିକ ଲୋକ ସାମିଲ ହେବାରେ ଲାଗିଲେ। ଏବେ ୩୦ ଜଣ ସ୍ୱେଚ୍ଛାସେବୀ ସେମାନଙ୍କ ସହ ସାମିଲ ହୋଇ କାମ କରୁଛନ୍ତି। ଖାଦ୍ୟ ସଂଗ୍ରହ ଓ ଯୋଗାଣ ପାଇଁ ଗାଡ଼ି ବ୍ୟବସ୍ଥା କରାଯାଇଛି। ଲୋକମାନଙ୍କୁ ସହରର ନିର୍ଦ୍ଦିଷ୍ଟ ସ୍ଥାନରେ ଖାଇବାକୁ ଦିଆଯାଉଛି। ଏହି କାର୍ଯ୍ୟକ୍ରମ ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାରେ ଚାଲୁରହିଛି।

## ଚିରନ୍ତନୀ

ବହୁ ଦିବସର ବିସ୍ମୃତ ମୋର ବିବାହ ନବ ସ୍ୱପନ।
ପଉଷ ବାଆରେ ପଠାଇଛି ତା'ର ମଙ୍ଗଳ ନିମନ୍ତ୍ରଣ
ଦୂର ଦିଗନ୍ତୁ କାନ୍ଦେ ମହୁରୀ
ବାଜି ଉଠେ ଢକା ବାଜି ଉଠେ ତୂରୀ
ଶୁଭ୍ର ତୁଷାର ଶ୍ୟାମଳ ଧରାରେ କରେ ପଦ ଅରପଣ
ଆଣିଛି ସେ ମୋର ବିବାହର ନିମନ୍ତ୍ରଣ।

-(ମଧୁ-ବିବାହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ହନ୍ତସନ୍ତ ହେଉଛନ୍ତି ନିମ୍ନ ମଧ୍ୟବିତ୍ତ ପରିବାର

ମହାଶୟ,

ଆମ ଦେଶରେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ଘଟିଲେ ସମସ୍ତ ଜିନିଷର ଦାମ୍ ରାତି ପାହିଲାବେଳକୁ ଆପେ ଆପେ ବଢ଼ିଯାଇଥାଏ। ବସ୍ ମାଲିକ ଓ ସରକାରଙ୍କ ମଧ୍ୟରେ ଝଗଡ଼ା ଦେଖାଦିଏ। ଖାଉଟି ଅସନ୍ତୋଷ ତେଜିବା ସଙ୍ଗେ ସଙ୍ଗେ ରାଜନୈତିକ ଦଳ ବନ୍ଦ ଡକରା ଦିଅନ୍ତି, ଯାହାକୁ ଜନସମର୍ଥନ ମିଳିଥାଏ। ଏହି ଧାରା ଦେଶରେ ନବେ ଦଶକ ଆରମ୍ଭ କାଳରୁ ହିରୋ ହୋଣ୍ଡା ମୋଟରସାଇକେଲ ଭାରତୀୟ ସଡ଼କରେ ଗଡ଼ିବା ପରେ ପରେ ଦେଖାଦେବା ଆରମ୍ଭ ହୋଇଥିଲା। କିନ୍ତୁ ଏବେ ତୈଳଦର ବୃଦ୍ଧିକୁ ନେଇ ବଡ଼ ଆନ୍ଦୋଳନ ହେଉନାହିଁ। ରୁଷିଆ ଅଦୃଶ୍ୟ ଆତ୍ମା ହୋଇ ଭାରତୀୟଙ୍କୁ ତେଲ ଦେଉଛି। ତେବେ ଦରବୃଦ୍ଧି ଘଟିଲେ ବାସ୍ତବରେ ହନ୍ତସନ୍ତ ହେଉଛନ୍ତି ନିମ୍ନ ମଧ୍ୟବିତ୍ତ ପରିବାର।

- ମନୋଜ ପାତ୍ର, ସୁନହଟ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅପରାଧ ରୋକିବାକୁ ଅପରେଶନ 'ଗରୁଡ଼'

## ସପ୍ତାହରେ ୧୨୯ ଅଭିଯୁକ୍ତ ଗିରଫ

- ୩୧୮୯ ଏନ୍‌ବିଡବ୍ଲ୍ୟୁ କାର୍ଯ୍ୟକାରୀ
- ବିପୁଳ ମଦ, ଗଞ୍ଜେଇ, ବ୍ରାଉନସୁଗାର ସହ ୫୧ ବନ୍ଧୁକ, ୯୫ ଗୁଳି ଜବତ

ଭୁବନେଶ୍ୱର,୯।୮(ସତ୍ୟଜିତ ରାଉତ)

ରାଜ୍ୟରେ ବିଭିନ୍ନ ଅପରାଧ ହ୍ରାସ କରିବାକୁ ଓଡ଼ିଶା ପୋଲିସ ଆରମ୍ଭ କରିଛି ଅପେରଶନ 'ଗରୁଡ଼'। ଏଡିଜି (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା କାର୍ଯ୍ୟକାରୀ ହେଉଛି। ଅପରେଶନ ଗରୁଡ଼ରେ ସପ୍ତାହ ମଧ୍ୟରେ ପୋଲିସ ୧୨୯ ଅପରାଧୀଙ୍କୁ ଗିରଫ କରିଥିବା ବେଳେ ବିପୁଳ ଗଞ୍ଜେଇ, ମଦ ଆଦି ଜବତ କରିଛି। ଏନେଇ ଶନିବାର ଖବରଦାତା ସମ୍ମିଳନୀରେ ଏଡିଜି ସଞ୍ଜୟ କୁମାର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଡିଜିପିଙ୍କ ନିର୍ଦ୍ଦେଶକ୍ରମେ ଅଗଷ୍ଟ ୧ରୁ ରାଜ୍ୟର ସମସ୍ତ ଜିଲାରେ ଏସ୍‌ପିଙ୍କ ନେତୃତ୍ୱରେ ଏହି ଅଭିଯାନ ଆରମ୍ଭ ହୋଇଛି। ଅଗଷ୍ଟ ୧୪ ଯାଏ ଚାଲିବାକୁ ଥିବା ଅଭିଯାନରେ ବିଶେଷକରି ଜାମିନ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ)କୁ କାର୍ଯ୍ୟକାରୀ କରିବା, ନିଶାଦ୍ରବ୍ୟ ଚୋରା ଚାଲାଣ ରୋକିବା, ବେଆଇନ ଅସ୍ତ୍ରଶସ୍ତ୍ର ଜବତ ଓ ଅପରାଧୀଙ୍କୁ ଗିରଫ କରିବା, ଜୁଆ ଆଡ୍ଡା ଉପରେ ଚଢ଼ାଉ ଏବଂ ବିଭିନ୍ନ ଅପରାଧରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅପରେଶନର ପ୍ରଥମ ସପ୍ତାହରେ ସମସ୍ତ ଏସ୍‌ପି ଓ ଅନ୍ୟ ଅଧିକାରୀ ସାମିଲ ହୋଇ ଅପରାଧ ଏବଂ ଅପରାଧୀଙ୍କୁ ରୋକିବାରେ ସଫଳ ହୋଇଥିବା ସୂଚନା ଦିଆଯାଇଛି। ରାଜ୍ୟରେ ୩୧୮୯ ଏନବିଡବ୍ଲ୍ୟୁ କାର୍ଯ୍ୟକାରୀ ହୋଇଛି। ଏଥିସହ ୮୯୦ ମାମଲାରେ ୧୭୦୬୯.୫୫ ଲିଟର ମଦ, ୫୧ ବନ୍ଧୁକ, ୯୫ ଗୁଳି ଓ ୧ ଲକ୍ଷ ୪୫ ହଜାର ୫୦୦ ଟଙ୍କା ଜବତ ହୋଇଛି। ନିଶାଦ୍ରବ୍ୟ ମାମଲାରେ ମଧ୍ୟ ପୋଲିସ ସଫଳତା ପାଇଛି। ୧୧ଟି ମାମଲାରେ ୮୮ କେଜି ଗଞ୍ଜେଇ, ୬୮.୫୭ ଗ୍ରାମ୍ ବ୍ରାଉନସୁଗର ସହ ଏଥିରେ ବ୍ୟବହୃତ ଗୋଟିଏ କାର୍ ଓ ୬୩,୭୫୦ ଟଙ୍କା ଜବତ ହୋଇଛି। ସେହିପରି ୧୧ଟି ଜୁଆଆଡ୍ଡା ମାମଲାରେ ୨ ଲକ୍ଷ ୭୯ ହଜାର ୪୮୫ ଟଙ୍କା ଜବତ ହୋଇଛି। ମଦ୍ୟପାନ କରି ଗାଡି ଚଲାଇବା ଘଟଣାରେ ୧୧୫ ମାମଲା ରୁଜୁ କରାଯାଇ ୧୧୫ ଗାଡି ଜବତ ହୋଇଛି। ବିଭିନ୍ନ ମାମଲାରେ ମୋଟ ୧୨୯ ଅପରାଧୀ ଗିରଫ ହୋଇଛନ୍ତି। ତେବେ ବେଆଇନ ଅସ୍ତ୍ରଶସ୍ତ୍ର ଚୋରା ଚାଲାଣ କ୍ଷେତ୍ରରେ ଗଞ୍ଜାମ ପୋଲିସ ଜିଲା ୧୦ଟି ବନ୍ଧୁକ ଜବତ କରିବା ସହ ୧୩ ଜଣଙ୍କୁ ଗିରଫ କରିଛି। ସେହିପରି ରାଉରକେଲା ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ତାଙ୍କ ପାଖରୁ ୧୦ଟି ବନ୍ଧୁକ ଜବତ କରିଛି। କନ୍ଧମାଳ ପୋଲିସ ୫୩୫ କେଜି ଗଞ୍ଜେଇ ଜବତ କରିବା ସହ ୧୫ ଜଣଙ୍କୁ ଗିରଫ କରିଛି। ଅବକାରୀ ମାମଲାରେ କେନ୍ଦୁଝର ପୋଲିସ ଜିଲା ସର୍ବାଧିକ ୧୦୭ଟି ମାମଲା ରୁଜୁ କରିଥିବା ବେଳେ ୧୫୦୯ ଲିଟର ମଦ ଜବତ କରିଛି। ସେହିପରି ଜୁଆଆଡ୍ଡାକୁ ନେଇ ରାଉରକେଲା ଜିଲା ପୋଲିସ ୩ଟି ମାମଲା ରୁଜୁ କରି ୧ ଲକ୍ଷ ୪୮ହଜାର ୩୩୦ ଟଙ୍କା ଜବତ କରିବା ସହ ୧୭ ଜଣଙ୍କୁ ଗିରଫ କରିଛି ବୋଲି ସୂଚନା ଦିଆଯାଇଛି।


ଅପରେଶନ ଗରୁଡ଼ ସମ୍ପର୍କରେ ଏଡିଜି (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର ସୂଚନା ଦେଉଛନ୍ତି।

# ବାପାଙ୍କ ମୃତ୍ୟୁର ୮ ଦିନ ପରେ ନିଖୋଜ ପୁଅର ଗଳିତ ମୃତଦେହ ଜବତ

ପୁରୁଷୋତ୍ତମପୁର,୯।୮(ସୀମାଞ୍ଚଳ ମିଶ୍ର)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଏନ୍‌ଏସି ଅନ୍ତର୍ଗତ କୁମାରୀରେ ଏକ ଦୁଃଖଦ ଘଟଣା ଘଟିଛି। ବାପାଙ୍କ ମୃତ୍ୟୁର ୮ ଦିନ ପରେ ନିଖୋଜ ଥିବା ଦିବ୍ୟାଙ୍ଗ ପୁଅଙ୍କ ଗଳିତ ମୃତଦେହ ଶନିବାର ଉକ୍ତ ଅଞ୍ଚଳରେ ଥିବା ଏକ ମୁକୁଳା ବିଦ୍ୟୁତ୍ ଟ୍ରାନ୍ସଫର୍ମର ନିକଟରୁ ମିଳିଛି। ମୃତକ ହେଲେ କବି ମହାରଣା (୨୭)। ଏନେଇ ଲୋକେ ବିଦ୍ୟୁତ୍ ବିଭାଗକୁ ଦୋଷ ଦେଇ ବିଭାଗର ଦାୟିତ୍ୱହୀନତା ଯୋଗୁ ଏଭଳି ଘଟିଥିବା ଅଭିଯୋଗ କରିଛନ୍ତି।

ଖବରରୁ ଜଣାପଡ଼ିଛି, ଗତମାସ ୨୭ ତାରିଖରେ ଦିବ୍ୟାଙ୍ଗ କବି ଘରୁ ବାହାରକୁ ଆସି ଆଉ ଘରକୁ ଫେରି ନ ଥିଲେ। ଫଳରେ ପରିବାର ଲୋକେ ଚାରିଆଡ଼େ ଖୋଜାଖୋଜି କରି ନିରାଶ ହୋଇ ରହିଥିଲେ। ଇତି ମଧ୍ୟରେ ତାଙ୍କ ବାପା ସୁରେନ୍ଦ୍ର ମହାରଣାଙ୍କ ଗତ ୨ ତାରିଖରେ ମୃତ୍ୟୁ ଘଟିଥିଲା। ଶନିବାର ଟ୍ରାନ୍ସଫର୍ମର ନିକଟରୁ ଦୁର୍ଗନ୍ଧ ବାହାରିବାରୁ ଲୋକେ ସେଠାକୁ ଯାଇ କବିଙ୍କ ଗଳିତ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଖବରପାଇ ପୁରୁଷୋତ୍ତମପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ନଂ. ୧୫/୨୫ରେ ଏକ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ମେଡିକାଲକୁ ପଠାଯାଇଥିବା ଏସ୍‌ଆଇ ଆଦିତ୍ୟ ନାରାୟଣ ପାତ୍ର କହିଛନ୍ତି। ସୂଚନାଯୋଗ୍ୟ, ଆସିକା-ହୁମ୍ମା ମୁଖ୍ୟରାସ୍ତା କଡ଼ରେ କୁମାରୀ ବନ୍ଧପାର୍ଶ୍ୱରେ ମୁକୁଳା ଭାବରେ ଗଛଲତାପୂର୍ଣ୍ଣ ପରିବେଶରେ ବିଦ୍ୟୁତ୍ ବିଭାଗର ଏକ ଟ୍ରାନ୍ସଫର୍ମର ରହିଛି। ଏହା ସଂସ୍ପର୍ଶରେ ଆସି କବିଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି।

# ଏମ୍‌ପିମାନଙ୍କ ସହ ସିଆଇଆଇର ଆଲୋଚନା

## ଓଡ଼ିଶାର ସାମାଜିକ-ଆର୍ଥିକ ବିକାଶକୁ ତ୍ୱରାନ୍ୱିତ ଲକ୍ଷ୍ୟ



ଏମ୍‌ପିମାନଙ୍କ ସହ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ସଦସ୍ୟମାନେ।

ଭୁବନେଶ୍ୱର,୯।୮(ଅନୁରାଧା ମହାରଣା)

ଭାରତୀୟ ଶିଳ୍ପ ସମ୍ମିଳନୀ (ସିଆଇଆଇ) ଓଡ଼ିଶା ଶାଖା ପକ୍ଷରୁ ନୂଆଦିଲ୍ଲୀରେ ଓଡ଼ିଶାର ଏମ୍‌ପିମାନଙ୍କ ସହ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ନିର୍ବାଚନମଣ୍ଡଳୀର ୧୪ ଜଣ ଏମ୍‌ପି ଏବଂ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ଶିଳ୍ପ ଓ ସରକାରୀ ସହଯୋଗ ମାଧ୍ୟମରେ ଓଡ଼ିଶାର ସାମାଜିକ-ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବା ଏହି ଆଲୋଚନାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଆଲୋଚନାରେ ୪ଟି ମୁଖ୍ୟ ପ୍ରସଙ୍ଗ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଐତିହ୍ୟ ଓ ପ୍ରାକୃତିକ ସମ୍ପଦକୁ କାମରେ ଲଗାଇ ପର୍ଯ୍ୟଟନ ଶିଳ୍ପକୁ ପ୍ରୋତ୍ସାହନ, କୃଷି ଆଧାରିତ ଶିଳ୍ପକୁ ଗୁରୁତ୍ୱ ଦେଇ ମୂଲ୍ୟ ସଂଯୋଜନ ଓ ଗ୍ରାମୀଣ ଆୟ ବୃଦ୍ଧି, ଅର୍ଥନୈତିକ ଓ ପ୍ରଯୁକ୍ତିଗତ ସହାୟତା ମାଧ୍ୟମରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ)ଗୁଡ଼ିକୁ ସଶକ୍ତ କରିବା, ଜିଲାସ୍ତରୀୟ ଶିଳ୍ପ ସମ୍ଭାବନା ଚିହ୍ନଟ କରି ବିନିଯୋଗ ସୁଯୋଗ ସୃଷ୍ଟି ଓ ଆଞ୍ଚଳିକ ବିକାଶ ଉପରେ ଆଲୋଚନା କରାଯାଇଥିଲା। ସରକାର ଏବଂ ଶିଳ୍ପ ଓ ସ୍ଥାନୀୟ ସମୁଦାୟ ମଧ୍ୟରେ ସମନ୍ୱିତ ପ୍ରୟାସ ଜରିଆରେ ଅନ୍ତର୍ଭୁକ୍ତ ଓ ସ୍ଥାୟୀ ବିକାଶ ହାସଲ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ସୁନୀଲ ଗୁପ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଓଡ଼ିଶାର ଅର୍ଥନୈତିକ ପ୍ରାଥମିକତାକୁ ତ୍ୱରାନ୍ୱିତ କରିବା ଏବଂ ବିନିଯୋଗ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବା ପାଇଁ ସିଆଇଆଇ ନୀତି ନିର୍ମାତାମାନଙ୍କ ସହ ମିଳିତ ଭାବେ କାର୍ଯ୍ୟ କରିବାକୁ ପୁନର୍ବାର ପ୍ରତିଶ୍ରୁତି ଦେଇଛି।

# ଭାଲୁ ଆକ୍ରମଣରେ ମହିଳାଙ୍କ ମୃତ୍ୟୁ

ଘଟଗାଁ,୯।୮(ରାଜେନ୍ଦ୍ର କୁମାର ପଟ୍ଟନାୟକ): କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ବଣଚକୁଲିଆ ଗ୍ରାମରେ ଭାଲୁ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ଗ୍ରାମର ଚାମେଲୀ ମୁଣ୍ଡା(୩୫)। ବନ ବିଭାଗ ପକ୍ଷରୁ ଶେଷକୃତ୍ୟ ପାଇଁ ସମସ୍ତ ଖର୍ଚ୍ଚ ବହନ କରାଯାଇଛି। ୭ ଦିନ ମଧ୍ୟରେ ପରବର୍ତ୍ତୀ ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ସୂଚନା ଅନୁଯାୟୀ, ଚାମେଲୀ ଶନିବାର ସକାଳେ ଗାଁ ପାଖ ଜଙ୍ଗଲକୁ ଶୌଚ ହେବାକୁ ଯାଇଥିଲେ। ସେ ସମୟରେ ଏକ ଭାଲୁ ହାବୁଡ଼ରେ ପଡ଼ିଯାଇଥିଲେ। ଗୁରୁତର ଅବସ୍ଥାରେ ଜଙ୍ଗଲରେ ପଡ଼ିଥିଲେ। ପରିବାର ଲୋକେ ଜାଣିବା ପରେ ଆମ୍ବୁଲାନ୍ସ ଯୋଗେ ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ସରପଞ୍ଚ ଅନ୍ନପୂର୍ଣ୍ଣା ଦେହୁରୀ ପହଞ୍ଚି ମୃତାଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି। ପୋଲିସ, ବନ ବିଭାଗ କର୍ମଚାରୀ ଡାକ୍ତରଖାନାରେ ପହଞ୍ଚିଥିବା ବେଳେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ସ୍ୱାମପାଟଣା ଡାକ୍ତରଖାନାକୁ ପଠାଇଥିଲା। ଘଟଣାସ୍ଥଳରେ ବନପାଳ ଯତୀନ୍ଦ୍ର ସାହୁ, ବନରକ୍ଷୀ ପୂଜା ବଳ ପହଞ୍ଚି ପରିବାର ଲୋକଙ୍କୁ ୭ ଦିନ ମଧ୍ୟରେ ଏକ ଲକ୍ଷ ଓ ପରବର୍ତ୍ତୀ ସମୟରେ ନିୟମ ଅନୁଯାୟୀ ବାକି ଅନୁକମ୍ପା ରାଶି ମିଳିବା ନେଇ ରିପୋର୍ଟ ଦେଇଥିବା ସୂଚନା ଦେଇଥିଲେ।

# ଯିବା ଆସିବା ରେଳ ଟିକେଟ ଏକାଥରେ କିଣିଲେ ୨୦% ରିହାତି

## ପାର୍ବଣ ଭିଡ଼ ଏଡାଇବାକୁ ପଦକ୍ଷେପ

ଭୁବନେଶ୍ୱର,୯।୮(ଅନୁରାଧା ମହାରଣା)

ପାର୍ବଣ ଋତୁରେ ଟ୍ରେନ୍‌ରେ ଓ ଟିକେଟ ପାଇଁ କାଉଣ୍ଟରରେ ପ୍ରବଳ ଭିଡ଼ ହୋଇଥାଏ। ଏସବୁ ଭିଡ଼ଜନିତ ସମସ୍ୟା ଏଡାଇବା ପାଇଁ ଭାରତୀୟ ରେଳପଥ ଏକ ନୂତନ ଯୋଜନା 'ରାଉଣ୍ଡ ଟ୍ରିପ୍ ପ୍ୟାକେଜ ଫର୍ ଫେଷ୍ଟିଭାଲ ରଶ୍' ଆରମ୍ଭ କରିଛି। ରେଳଯାତ୍ରୀ ଯିବା ଓ ଆସିବା ପାଇଁ ଏକାଥରେ ରେଳ ଟିକେଟ ବୁକ୍ କଲେ ୨୦ ପ୍ରତିଶତ ରିହାତି ଦିଆଯିବ। ରେଳ ମନ୍ତ୍ରଣାଳୟ ଏହି ରାଉଣ୍ଡ ଟ୍ରିପ୍ ପ୍ୟାକେଜ ସମ୍ପର୍କରେ ଘୋଷଣା କରିଛି। ଏହି ଯୋଜନା ଅନୁସାରେ, ଏହି ରିହାତି କେବଳ ସେହି ଯାତ୍ରୀମାନଙ୍କୁ ଦିଆଯିବ, ଯେଉଁମାନେ ସମାନ ନାମ ଏବଂ ବିବରଣୀ ସହିତ ଆସିବା ଓ ଯିବା ପାଇଁ ଟିକେଟ ବୁକ୍ କରିବେ। ଉଭୟ ଟିକେଟ ସମାନ ଶ୍ରେଣୀ ଏବଂ ସମାନ ଷ୍ଟେଶନ ଯୋଡ଼ା ହେବା ଉଚିତ। ଯିବା ଯାତ୍ରା ଟିକେଟ ଅକ୍ଟୋବର ୧୩ରୁ ୨୬ ମଧ୍ୟରେ ଏବଂ ଫେରିବା ଟିକେଟ ନଭେମ୍ବର ୧୭ରୁ ଡିସେମ୍ବର ୧ ମଧ୍ୟରେ ହେବା ଆବଶ୍ୟକ।



# ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମାମୁ ଭଣଜାଙ୍କ ମୃତ୍ୟୁ

ନୂଆପଡ଼ା,୯।୮ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ଥାନା କ୍ରିଷ୍ଣା ତେତେଲବନ୍ଧ ନିକଟ ଜାତୀୟ ରାଜପଥ ଉପରେ ଶୁକ୍ରବାର ବିଳମ୍ବିତ ରାତିରେ ଟ୍ରକ୍ ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ କୁରେଶ୍ୱର ପଞ୍ଚାୟତ ଖଇରଭାଡି ଗାଁର ମାମୁ ପଦ୍ମନ ମାଝି (୬୨) ଓ ଭଣଜା ପ୍ରେମାନନ୍ଦ ମାଝି (୩୫)। ସୂଚନା ଅନୁଯାୟୀ ପ୍ରେମାନନ୍ଦ ଭାରତୀୟ ସେନା ବାହିନୀର ଯବାନ ଭାବରେ କାର୍ଯ୍ୟ କରୁଥିବାବେଳେ କିଛିଦିନ ପାଇଁ ଛୁଟିରେ ଗାଁକୁ ଆସିଥିଲେ। ଶୁକ୍ରବାର କୌଣସି କାମରେ ସେ ମାମୁ ପଦ୍ମନଙ୍କ ସହିତ ଓଆର୨୬ଏ-୫୯୨୫ ନଂ. ବିଶିଷ୍ଟ ବାଇକ୍‌ରେ କୋମନା ଯାଇଥିଲେ। ରାତି ପ୍ରାୟ ୧୦ଟା ପରେ ସେମାନେ ଗାଁକୁ ଫେରୁଥିବା ସମୟରେ କ୍ରିଷ୍ଣା ଛକ ତେତେଲବନ୍ଧଠାରେ ୩୫୩ନଂ. ଜାତୀୟ ରାଜପଥ ଉପରେ ଏକ ଟ୍ରକ୍ ପଛପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ମାମୁ ଭଣଜାଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ କୋମନା ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଶନିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ କୋମନା ଥାନାରେ ଏକ ମାମଲା ରୁଜୁକରି ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ଜୈବ ବିବିଧତାରେ ସିଂହ ଭୂମିକା ଗୁରୁତ୍ୱପୂର୍ଣ୍ଣ

## ଆଜି ବିଶ୍ୱ ସିଂହ ଦିବସ

ଜୈବ ବିବିଧତା ଏବଂ ପରିବେଶ ସନ୍ତୁଳନରେ ସିଂହଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏମାନଙ୍କ ଗୁରୁତ୍ୱ ତଥା ସୁରକ୍ଷା ସମ୍ପର୍କିତ ବିଷୟରେ ସଚେତନତା ଲାଗି ପ୍ରତିବର୍ଷ ଅଗଷ୍ଟ ୧୦ରେ ପାଳନ ହେଉଛି ବିଶ୍ୱ ସିଂହ ଦିବସ । ଏହି ଦିବସ ପରିସଂସ୍ଥାରେ ସିଂହଙ୍କ ଭୂମିକା, ଏହି ପ୍ରାଣୀଙ୍କ ସୁରକ୍ଷା ତଥା ସଂରକ୍ଷଣ କ୍ଷେତ୍ରରେ ବିଶ୍ୱବ୍ୟାପୀ କରାଯାଉଥିବା ପ୍ରୟାସକୁ ଉତ୍ସାହିତ କରିଥାଏ। ତେବେ ୨୦୧୩ ଅଗଷ୍ଟ ୧୦ରେ ପ୍ରଥମ ବିଶ୍ୱ ସିଂହ ଦିବସ ପାଳନ ହୋଇଥିଲା। ଜଙ୍ଗଲରେ ସିଂହମାନେ ସମ୍ମୁଖୀନ ହେଉଥିବା ଚ୍ୟାଲେଞ୍ଜ ବିଷୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଡେରେକ୍ ଏବଂ ବେଭର୍ଲି ଜୁବର୍ଟ ଏହି ଦିବସର ଶୁଭାରମ୍ଭ କରିଥିଲେ। ସେବେଠାରୁ ପ୍ରତିବର୍ଷ ଅଗଷ୍ଟ ୧୦କୁ ବିଶ୍ୱ ସିଂହ ଦିବସ ଭାବେ ପାଳନ କରାଯାଉଛି। ଇଣ୍ଟରନ୍ୟାଶନାଲ ୟୁନିୟନ ଫର୍ କଞ୍ଜରଭେଶନ ଅଫ୍ ନେଚର (ଆଇୟୁସିଏନ୍)ର ଆକଳନ ଅନୁଯାୟୀ, ସମ୍ପ୍ରତି ବିଶ୍ୱବ୍ୟାପୀ ସିଂହ ସଂଖ୍ୟା ୨୩ ହଜାରରୁ ୩୯ ହଜାର ମଧ୍ୟରେ ରହିଛି। ୨୦୨୫ରେ କରାଯାଇଥିବା ସିଂହ ଗଣନା ଅନୁଯାୟୀ, ଭାରତରେ ସିଂହ ସଂଖ୍ୟା ୮୯୧ ରହିଛି। ସେଥିମଧ୍ୟରୁ ସିଂହ ସଂଖ୍ୟା ୧୯୬, ସିଂହୀ ସଂଖ୍ୟା ୩୩୦, ଶାବକ ଏବଂ ମଧ୍ୟ ବୟସ୍କଙ୍କ ସଂଖ୍ୟା ୩୬୫ । ତେବେ ୨୦୨୦ ସିଂହ ଗଣନା ତୁଳନାରେ ଆମ ଦେଶରେ ସିଂହଙ୍କ ସଂଖ୍ୟାରେ ୩୨.୨% ବୃଦ୍ଧି ଘଟିଛି। ଆମ ଦେଶରେ ଏସୀୟ ସିଂହ ଗିର୍ ଜଙ୍ଗଲ ଜାତୀୟ ଉଦ୍ୟାନ ଏବଂ ବନ୍ୟପ୍ରାଣୀ ଅଭୟାରଣ୍ୟରେ ଦେଖାଯାଆନ୍ତି। ଅପରପକ୍ଷେ ଆଇୟୁସିଏନ୍ ତଥ୍ୟ ଅନୁଯାୟୀ, ପଶ୍ଚିମ, ମଧ୍ୟ ଏବଂ ପୂର୍ବ ଆଫ୍ରିକାରେ ସିଂହଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଉଛି। ଏହିସବୁ ଦେଶରେ ୨ ଦଶନ୍ଧି ମଧ୍ୟରେ ସିଂହଙ୍କ ସଂଖ୍ୟା ୫୦% ହ୍ରାସ ପାଇଥିବାର ପୂର୍ବାନୁମାନ କରାଯାଇଛି। ତେବେ ବୋତୋସ୍ୱାନା, ନାମିବ୍ୟା, ଦକ୍ଷିଣ ଆଫ୍ରିକା ଏବଂ ଜିମ୍ବାୱେ ଭଳି କେତେକ ଆଫ୍ରିକୀୟ ଦେଶରେ ଏମାନଙ୍କ ସଂଖ୍ୟା ସ୍ଥିର କିମ୍ବା ବୃଦ୍ଧି ପାଉଛି। ସମ୍ପ୍ରତି ବାସସ୍ଥାନ ହ୍ରାସ, ମଣିଷ-ବନ୍ୟପ୍ରାଣୀ ସଂଘର୍ଷ, ଶିକାର, ଜଳବାୟୁ ପରିବର୍ତ୍ତନ ଆଦି ସିଂହଙ୍କ ପାଇଁ ବଡ଼ ବିପଦ ଭାବେ ଉଭାହୋଇଛି।



# ବନ ବିଭାଗ ଦ୍ୱାରା ୧୮ କଇଁଛ ଜବତ, ଜଣେ ଗିରଫ


ଜବତ କଇଁଛ, ଗିରଫ ଅଭିଯୁକ୍ତ ।

ମାଲକାନଗିରି, ୯।୮(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଏମ୍‌ଭି ୭୯ ବନ ବିଭାଗ ଦ୍ୱାରା ଶନିବାର ୧୮ କଇଁଛ ଜବତ ହେବା ସହ ଏଥିରେ ସମ୍ପୃକ୍ତ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ଏମ୍‌ପିଭି ୮୧ ଗ୍ରାମର ବିପିନ ରାୟ। ତାଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରକାଶଯେ, ଆନ୍ଧ୍ରପ୍ରଦେଶ ସିଲେରୁ ନଦୀରେ କଣ୍ଟା ଲଗାଇ କଇଁଛ ଧରି ଚୋରାଚାଲାଣ କରୁଥିବା ଖବର ପାଇ ଏମ୍‌ଭି ୭୯ ଫରେଷ୍ଟର ମୁରଲିଧର ଅନୁଗୁଳିଆ ଓ ରେଭେନ୍ୟୁ ଇନ୍ସପେକ୍ଟର ସୁରେଶ ପୂଜାରୀ ମୋଟୁ ଓ କୋଣ୍ଟାକୁ ସଂଯୋଗ କରୁଥିବା ପୋଲ ନିକଟରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ଜଗି ରହିଥିଲେ। ସେହି ସମୟରେ ଗୋଟିଏ ବାଇକ୍‌ରେ ଜଣେ ବ୍ୟକ୍ତି ଦ୍ରୁତଗତିରେ ଆସୁଥିବା ଦେଖି ଗାଡି ଅଟକାଇ ଯାଞ୍ଚ କରିଥିଲେ। ସେଥିରେ ଗୋଟିଏ ବାକ୍ସରେ ଥିବା କଇଁଛ ଏବଂ ଗାଡ଼ି ଜବତ କରିଥିଲେ।

# ବିଶ୍ୱ ଜୈବ ଇନ୍ଧନ ଦିବସ | ଶକ୍ତି ସୁରକ୍ଷା



ଜୀବାଶ୍ମ ଇନ୍ଧନର ଏକ ସ୍ଥାୟୀ ଏବଂ ପରିବେଶ ଅନୁକୂଳ ବିକଳ୍ପ ଭାବେ ଜୈବ ଇନ୍ଧନ(ବାୟୋ ଫୁଏଲ)କୁ ଗୁରୁତ୍ୱ ଦିଆଯାଉଛି । ଏହାର ପ୍ରସାର ତଥା ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତି ବର୍ଷ ଅଗଷ୍ଟ ୧୦ରେ ବିଶ୍ୱ ଜୈବ ଇନ୍ଧନ ଦିବସ ପାଳନ କରାଯାଇଆସୁଛି। ଏହି ଦିବସର ଲକ୍ଷ୍ୟ ଜୈବ ଇନ୍ଧନ ବିଷୟରେ ସଚେତନତା, ବ୍ୟବହାର ଲାଗି ପ୍ରୋତ୍ସାହନ, ଶକ୍ତି ସୁରକ୍ଷା ତଥା ଏକ ସ୍ୱଚ୍ଛ ଏବଂ ସବୁଜ ବିଶ୍ୱକୁ ପ୍ରଭାବିତ କରୁଥିବା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଉପରେ ଧ୍ୟାନ କେନ୍ଦ୍ରିତ କରିବା। ସୂଚନାଯୋଗ୍ୟ ସାର୍ ରୁଡଲ୍ଫ ଡିଜେଲଙ୍କ ସମ୍ମାନାର୍ଥେ ବିଶ୍ୱ ଜୈବ ଇନ୍ଧନ ଦିବସ ପାଳନ କରାଯାଏ। କାରଣ ରୁଡଲ୍ଫ ଡିଜେଲ ୧୮୯୩ ମସିହା ଅଗଷ୍ଟ ୧୦ରେ ବାଦାମ ତେଲ ବ୍ୟବହାର କରି ପ୍ରଥମ ଇଞ୍ଜିନ ଚଳାଇଥିଲେ। ଏହିଭଳି ସେ ଆଧୁନିକ ଜୈବ ଇନ୍ଧନ ଉତ୍ପାଦନ ଏବଂ ବ୍ୟବହାର ପାଇଁ ପ୍ରଯୁକ୍ତିଗତ ଭିତ୍ତିଭୂମି ସ୍ଥାପନ କରିଥିଲେ। ପ୍ରକୃତପକ୍ଷେ ପାରମ୍ପରିକ ଇନ୍ଧନର ବିକଳ୍ପ ଭାବରେ ଅଣ-ଜୀବାଶ୍ମ ଇନ୍ଧନ ବିଷୟରେ ସଚେତନତା ସୃଷ୍ଟି, ଶକ୍ତି ସୁରକ୍ଷା ଏବଂ ନବୀକରଣୀୟ ଶକ୍ତିର ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଏହି ଦିବସ ପ୍ରତିଷ୍ଠା କରାଯାଇଛି। ଆମ ଦେଶରେ ୨୦୧୫ ମସିହାରୁ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ବିଶ୍ୱ ଜୈବ ଇନ୍ଧନ ଦିବସ ପାଳନ କରିଆସୁଛି। ଏହି ଦିବସ ସ୍ଥାୟୀ ଶକ୍ତି ପାଇଁ ଜୈବ ଇନ୍ଧନର ଅପରିହାର୍ଯ୍ୟତା, କାର୍ବନ ନିର୍ଗମନ ହ୍ରାସ ଏବଂ ଶକ୍ତି ସୁରକ୍ଷାକୁ ଉନ୍ନତ କରିବା ଉପରେ ଗୁରୁତ୍ୱାରୋପ କରିଥାଏ। ଏଥିସହ ଆଗାମୀ ପିଢ଼ି ପାଇଁ ସ୍ୱଚ୍ଛ ଇନ୍ଧନର ବିକଳ୍ପ ପ୍ରତି ପ୍ରତିବଦ୍ଧତା ଲାଗି ପ୍ରେରଣା ଦିଏ।



# ଅନିଶ୍ଚିତତାରେ ଟ୍ରମ୍ପଙ୍କ ଶାନ୍ତି ପ୍ରସ୍ତାବ

ୱାଶିଂଟନ୍/କିଭ୍/ମସ୍କୋ,୯।୮

୨୦୨୨ ଫେବୃଆରୀରେ ରୁଷିଆର ଆକ୍ରମଣ ଯୋଗୁ ୟୁକ୍ରେନ୍ ସହ ଚାଲିଥିବା ଯୁଦ୍ଧର ଅବସାନ ପାଇଁ ଆସନ୍ତା ଶୁକ୍ରବାର ଆଲାସ୍କାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କ ରୁଷୀୟ ପ୍ରତିପକ୍ଷ ଭ୍ଲାଡିମିର ପୁଟିନ୍ଙ୍କ ସହ ଆଲୋଚନା କରିବାକୁ ବାହାରିଛନ୍ତି। ଶାନ୍ତି ଚୁକ୍ତିରେ କିଛି ଅଞ୍ଚଳ ଅଦଳବଦଳ କରାଯିବା ପ୍ରସ୍ତାବ ମଧ୍ୟ ସ୍ଥାନ ପାଇବ ବୋଲି ଟ୍ରମ୍ପ୍ କହିଛନ୍ତି। କୌଣସି ପ୍ରକାର ଆଲୋଚନାରେ ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍‌କୁ ସାମିଲ କରିବା ପାଇଁ କିଭ୍ ପକ୍ଷରୁ ବାରମ୍ବାର ଦାବି ହେଉଥିଲେ ମଧ୍ୟ ଟ୍ରମ୍ପ୍ ଏହାକୁ ଅଣଦେଖା କରିଛନ୍ତି। କିଭ୍‌କୁ ଏଥିରୁ ବାଦ୍ ଦିଆଯାଇଥିବାରୁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କ୍ଷୋଭ ପ୍ରକାଶ କରି କହିଛନ୍ତି, ଜବରଦଖଲକାରୀ ରୁଷିଆକୁ ୟୁକ୍ରେନୀୟମାନେ ନିଜ ଭୂଖଣ୍ଡ ଟେକିଦେବେ ନାହିଁ। ତେବେ ଏଭଳି ସ୍ଥିତିରେ ପୁଟିନ୍ଙ୍କ ମତିଗତି ଉପରେ ଅନେକ କିଛି ନିର୍ଭର କରେ ବୋଲି କୁହାଯାଉଛି।

ଆମେରିକାର ରିପବ୍ଲିକାନ୍ ପ୍ରେସିଡେଣ୍ଟ ଡୋନାଲ୍ଡ ଟ୍ରମ୍ପ୍ ଦ୍ୱିତୀୟ ଥର କ୍ଷମତାକୁ ଆସିବା ପୂର୍ବରୁ ନିର୍ବାଚନ ଜିତିଲେ ୨୪ ଘଣ୍ଟା ଭିତରେ ୟୁକ୍ରେନ୍ ଯୁଦ୍ଧ ବନ୍ଦ କରାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ଇତିମଧ୍ୟରେ ୭ ମାସ ବିତିବାକୁ ବସିଛି, କିନ୍ତୁ ଟ୍ରମ୍ପ୍‌ଙ୍କ ଏ ସଂକ୍ରାନ୍ତ ଉଦ୍ୟମ ସଫଳ ହୋଇପାରି ନାହିଁ। ନିଜ ଟ୍ରୁଥ୍ ସୋସିଆଲ ସାଇଟ୍‌ରେ ଟ୍ରମ୍ପ୍ ଶୁକ୍ରବାର ଘୋଷଣା କରିଛନ୍ତି ଯେ, ଅଗଷ୍ଟ ୧୫ରେ ଆଲାସ୍କାରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ ତାଙ୍କର ଆଲୋଚନା ହେବ। କ୍ରେମ୍‌ଲିନ ମଧ୍ୟ ଏହି ସମିଟ୍‌କୁ ‘ଅତ୍ୟନ୍ତ ଯୁକ୍ତିଯୁକ୍ତ’ କହି ନିଶ୍ଚିତ କରିଛି। ଏହା ପରେ ହ୍ୱାଇଟ୍ ହାଉସ୍‌ରେ ଟ୍ରମ୍ପ୍ କହିଛନ୍ତି, ଉଭୟ ୟୁକ୍ରେନ୍ ଓ ରୁଷିଆର ମଙ୍ଗଳ ପାଇଁ କିଛି ଭୂଖଣ୍ଡ ଅଦଳବଦଳ ହେବ। କିନ୍ତୁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର କହିଛନ୍ତି, କିଭ୍‌କୁ ସାମିଲ ନ କରି ବୈଠକ କରାଗଲେ ସେଥିରୁ ମୃତ ନିଷ୍କର୍ଷ ବାହାରିବ। ଟ୍ରମ୍ପ୍‌ଙ୍କ ସ୍ୱତନ୍ତ୍ର ପ୍ରତିନିଧି ଷ୍ଟିଭ୍ ୱିଟ୍‌କୋଫ୍ ଏହା ପୂର୍ବରୁ ଏକ ତ୍ରୈପାକ୍ଷିକ ବୈଠକର ପ୍ରସ୍ତାବ ଦେଇଥିଲେ। କିନ୍ତୁ ପୁଟିନ୍ ୟୁକ୍ରେନୀୟ ପ୍ରତିପକ୍ଷ ଜେଲେନ୍‌ସ୍କିଙ୍କ ସହ ମୁହାଁମୁହିଁ ବୈଠକ ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଇଥିଲେ।

ପୁଟିନ୍ ୟୁକ୍ରେନ୍‌ର ଲୁହାନ୍‌ସ୍କ, ଡୋନେସ୍କ, ଜାପୋରିଝିଆ ଓ ଖେରସନ୍ ଅଞ୍ଚଳ ସହ ୨୦୧୪ରେ ଦଖଲ କରିଥିବା କୃଷ୍ଣସାଗରର କ୍ରିମିଆ ଉପଦ୍ୱୀପ ଉପରେ ଦାବି ରଖିଛନ୍ତି। ସେ ଏହି ଅଞ୍ଚଳଗୁଡ଼ିକ ଉପରେ ରୁଷିଆର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଚାହୁଁଛନ୍ତି। ଜେଲେନ୍‌ସ୍କି ଏହି ପ୍ରସ୍ତାବରେ ରାଜି ହେଲେ ଏହା ତାଙ୍କ ସରକାର ପାଇଁ ଏକ ଯନ୍ତ୍ରଣାଦାୟକ ବିଫଳତା ହେବ ବୋଲି ମନେକରାଯାଉଛି। ଏହି କାରଣରୁ ସେ କୌଣସି ଅଞ୍ଚଳ ଛାଡ଼ିବାକୁ ପ୍ରସ୍ତୁତ ନୁହନ୍ତି ବୋଲି ସ୍ପଷ୍ଟ କରିବା ପରେ ଶାନ୍ତି ଚୁକ୍ତିକୁ ନେଇ ଅନିଶ୍ଚିତତା ଦେଖାଦେଇଛି।

### ୧୫ରେ ପୁଟିନ୍‌ଙ୍କୁ ଭେଟିବାକୁ ଆଗ୍ରହୀ





**ଡୋନାଲ୍ଡ ଟ୍ରମ୍ପ୍, ଆମେରିକା ରାଷ୍ଟ୍ରପତି**

- ଅଗଷ୍ଟ ୧୫ରେ ଆଲାସ୍କାରେ ହେବ ପୁଟିନ୍‌ଙ୍କ ସହ ସାକ୍ଷାତ୍
- ୟୁକ୍ରେନ୍-ରୁଷିଆ ଅସ୍ତ୍ରବିରତି ପାଇଁ ଶାନ୍ତି ଚୁକ୍ତିରେ ସ୍ଥାନ ପାଇବ ଭୂଖଣ୍ଡ ଅଦଳବଦଳ



**ଭୋଲୋଡିମିର ଜେଲେନ୍‌ସ୍କି, ୟୁକ୍ରେନ୍ ରାଷ୍ଟ୍ରପତି**

- ଜବରଦଖଲକାରୀ ରୁଷିଆକୁ ନିଜ ଭୂଖଣ୍ଡ ଟେକିଦେବେ ନାହିଁ ୟୁକ୍ରେନୀୟ
- କିଭ୍‌କୁ ବାଦ୍‌ଦେଇ ଆଲୋଚନା ମୃତ ସମାଧାନ

## କୁଲ୍‌ଗାମ୍‌ରେ ଆତଙ୍କବାଦ ନିରୋଧୀ ଅଭିଯାନ ବେଳେ ୨ ଯବାନଙ୍କ ମୃତ୍ୟୁ

ଶ୍ରୀନଗର,୯।୮(ପି.ଟି.)

ଜମ୍ମୁ-କଶ୍ମୀରର କୁଲ୍‌ଗାମରେ ଆତଙ୍କବାଦ ନିରୋଧୀ ଅଭିଯାନ ଶନିବାର ୯ମ ଦିନରେ ପହଞ୍ଚିଥିବାବେଳେ ଆତଙ୍କବାଦୀଙ୍କ ସହ ଗୁଳିବିନିମୟ ବେଳେ ୩ ଜଣ ଯବାନଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ କେତେଜଣ ଆହତ ହୋଇଛନ୍ତି। ଅଖଲ ଜଙ୍ଗଲ ମଧ୍ୟରେ ରାତି ତମାମ ଗୁଳିବିନିମୟ ଜାରି ରହିଥିଲା। ମୃତ ଯବାନଦ୍ୱୟ ହେଲେ ଲାନ୍ସ ନାଏକ ପ୍ରୀତ୍‌ପାଲ ସିଂ ଏବଂ ସିପାହି ହରମିନ୍ଦର ସିଂ। ସେମାନଙ୍କ ସାହସ ଓ ତ୍ୟାଗ ସବୁଦିନ ପାଇଁ ଆମକୁ ଅନୁପ୍ରାଣିତ କରିବ ବୋଲି ସେନା ପକ୍ଷରୁ ଶୋକବାର୍ତ୍ତାରେ କୁହାଯାଇଛି। ଅଖଲ ବନାଞ୍ଚଳରେ ଆତଙ୍କବାଦୀଙ୍କ ଗୋଟିଏ ଗୋଷ୍ଠୀ ଲୁଚି ରହିଥିବା ଗୋଇନ୍ଦା ସୂଚନା ପାଇବା ପରେ ଅଗଷ୍ଟ ୧ରୁ ପୋଲିସ, ସେନା ଏବଂ ସିଆର୍‌ପିଏଫ୍ ପକ୍ଷରୁ ତଲାସି ଅଭିଯାନ ଜାରି ରହିଛି। ଘଞ୍ଚ ଜଙ୍ଗଲ ମଧ୍ୟରେ ଲୁଚିଥିବା ଆତଙ୍କବାଦୀଙ୍କ ଗତିବିଧିକୁ ଠାବ କରିବା ପାଇଁ ସୁରକ୍ଷା ବଳ ଡ୍ରୋନ୍, ହେଲିକପ୍ଟର ଓ ଅନ୍ୟାନ୍ୟ ସର୍ଭିଲାନ୍ସ ଉପକରଣ ବ୍ୟବହାର କରୁଛି।

## ସଂକ୍ଷେପରେ

### ଟ୍ରେନ୍‌କୁ ଧକ୍କା ଦେଲା ଲାଇନ୍‌ଚ୍ୟୁତ ୱାଗନ

ରାଞ୍ଚି,୯।୮

ପୁରୁଲିଆ ଅଭିମୁଖେ ଯାଉଥିବା ଏକ ମାଲ୍‌ବାହୀ ଟ୍ରେନ୍ ଶନିବାର ଭୋର ସମୟରେ ଝାଡ଼ଖଣ୍ଡର ପିଟାକି ଗେଟ୍ ନିକଟରେ ଲାଇନ୍‌ଚ୍ୟୁତ ହୋଇଛି। ଏହାର ୨ଟି ୱାଗନ୍ ଅପ୍‌ଲାଇନରେ ଆସୁଥିବା ଅନ୍ୟ ଏକ ମାଲ୍‌ବାହୀ ଟ୍ରେନ୍‌କୁ ଧକ୍କା ଦେଇଥିଲେ ମଧ୍ୟ କେହି ମୃତାହତ ହୋଇନାହାନ୍ତି। ମାଲ୍‌ବାହୀ ଟ୍ରେନ୍‌ର ୨୧ଟି ୱାଗନ ଲାଇନ୍‌ଚ୍ୟୁତ ହୋଇଥିବାବେଳେ ସେଥିରୁ ୨ଟି ୱାଗନ ଅପ୍‌ଲାଇନରେ ପଡ଼ିଥିଲା। ବୈଷୟିକ ତ୍ରୁଟି ଏବଂ ସିଗ୍‌ନାଲରେ ବିଫଳତା ପାଇଁ ଦୁର୍ଘଟଣା ଘଟିଥିବା ପ୍ରାରମ୍ଭିକ ରିପୋର୍ଟରେ କୁହାଯାଇଛି। ରେଲୱେ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଦୁର୍ଘଟଣା ଯୋଗୁ ଚାନ୍ଦିଲ-ଟାଟାନଗର, ଚାନ୍ଦିଲ-ମୁରି ଏବଂ ଚାନ୍ଦିଲ-ପୁରୁଲିଆ-ବୋକାରୋ ରୁଟ୍‌ରେ ରେଳ ସେବା ବାଧାପ୍ରାପ୍ତ ହୋଇଛି।

### ୩୩୪ ପଞ୍ଜୀକୃତ ଅଣସ୍ୱୀକୃତ ରାଜନୈତିକ ଦଳଙ୍କୁ ତାଲିକାରୁ ବାଦ୍ ଦେଲେ ଇସି

ନୂଆଦିଲ୍ଲୀ,୯।୮(ପି.ଟି.)

୨୦୧୯ରୁ ୬ ବର୍ଷ ମଧ୍ୟରେ ଗୋଟିଏ ବି ନିର୍ବାଚନ ଲଢ଼ି ନ ଥିବା ଓ ଅନ୍ୟାନ୍ୟ ସର୍ତ୍ତ ପୂରଣ କରିବାରେ ବିଫଳ ହୋଇଥିବା ୩୩୪ଟି ପଞ୍ଜୀକୃତ ଅଣସ୍ୱୀକୃତ ରାଜନୈତିକ ଦଳକୁ ନିର୍ବାଚନ କମିଶନ (ଇସି) ଶନିବାର ତାଲିକାରୁ ବାଦ୍ ଦେଇଛନ୍ତି। ଏହି ଦଳଗୁଡ଼ିକର କୌଣସିଠାରେ କାର୍ଯ୍ୟାଳୟ ମଧ୍ୟ ନାହିଁ। ମୋଟ ୨,୮୫୪ ପଞ୍ଜୀକୃତ ଅଣସ୍ୱୀକୃତ ରାଜନୈତିକ ଦଳ ମଧ୍ୟରୁ ୩୩୪ ବାଦ୍ ପଡ଼ିବା ପରେ ଏବେ ୨,୫୨୦ ଦଳ ରହିଛନ୍ତି। ବର୍ତ୍ତମାନ ୬ଟି ଜାତୀୟ ଦଳ ସହ ୬୭ଟି ରାଜ୍ୟ ଦଳ ରହିଛି। ଗତ ଜୁନ୍‌ରୁ ଇସି ୩୪୫ଟି ଦଳ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ପରେ ଶେଷରେ ୩୩୪ ଦଳଙ୍କୁ ତାଲିକାରୁ ବାଦ୍ ଦେଇଛି।

### ବାଙ୍କେବିହାରୀ ମନ୍ଦିର ପରିଚାଳନା ପାଇଁ କମିଟି ଗଢ଼ିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୯।୮

ଉତ୍ତରପ୍ରଦେଶର ବୃନ୍ଦାବନରେ ବାଙ୍କେବିହାରୀଜୀ ମହାରାଜ ମନ୍ଦିରର ଦେଖାଶୁଣା ଓ ଦୈନନ୍ଦିନ କାର୍ଯ୍ୟ ପରିଚାଳନା ପାଇଁ ସୁପ୍ରିମକୋର୍ଟ ଶନିବାର ଆଲ୍ଲାହାବାଦ ହାଇକୋର୍ଟର ପୂର୍ବତନ ବିଚାରପତି ଅଶୋକ କୁମାରଙ୍କ ନେତୃତ୍ୱରେ ଏକ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଗଠନ କରିଛନ୍ତି। ଉତ୍ତରପ୍ରଦେଶ ଶ୍ରୀ ବାଙ୍କେବିହାରୀଜୀ ମନ୍ଦିର ଟ୍ରଷ୍ଟ ଅଧ୍ୟାଦେଶ, ୨୦୨୫ ଅଧୀନରେ ଗଠିତ କମିଟିର କାର୍ଯ୍ୟକୁ ଶୀର୍ଷ ଅଦାଲତ ସ୍ଥଗିତ ରଖିଛନ୍ତି। ଅଧ୍ୟାଦେଶକୁ ଚ୍ୟାଲେଞ୍ଜ କରି ଦାଏର ପିଟିଶନଗୁଡ଼ିକୁ ସୁପ୍ରିମକୋର୍ଟ ଆଲ୍ଲାହାବାଦ ହାଇକୋର୍ଟଙ୍କ ବିଚାର ପାଇଁ ପଠାଇଛନ୍ତି। ହାଇକୋର୍ଟ ଏହା ଉପରେ ନିଷ୍ପତ୍ତି ନେବା ପର୍ଯ୍ୟନ୍ତ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ମନ୍ଦିର ଦାୟିତ୍ୱରେ ରହିବ।

## କାନ୍ଥ ପଡ଼ି ୨ ପିଲାଙ୍କ ସମେତ ୮ ମୃତ

### ଦିଲ୍ଲୀରେ ପ୍ରବଳ ବର୍ଷା

ନୂଆଦିଲ୍ଲୀ,୯।୮

ଦିଲ୍ଲୀରେ ଶୁକ୍ରବାର ରାତିରୁ ପ୍ରବଳ ବର୍ଷା ଜାରି ରହିଥିବାବେଳେ ହରିନଗର ଅଞ୍ଚଳର ଜୈତପୁରଠାରେ ଏକ ଘରର କାନ୍ଥ ଭୁଶୁଡ଼ି ୨ ପିଲାଙ୍କ ସମେତ ୮ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ରଦ୍ଦିମାଲ୍ କିଣାବିକା କରି ଜୀବିକା ନିର୍ବାହ କରୁଥିବାବେଳେ ଏକ ପୁରୁଣା ମନ୍ଦିର ନିକଟ ଝୁମ୍ପୁଡ଼ିରେ ରହୁଥିଲେ। ପାଖରେ ଥିବା ଏକ ଘରର କାନ୍ଥ ଭୁଶୁଡ଼ି ଝୁମ୍ପୁଡ଼ି ଉପରେ ପଡ଼ିବାରୁ ସେମାନଙ୍କ ମୃତ୍ୟୁ ଘଟିଛି। ଉଦ୍ଧାରକାରୀ ଟିମ୍ ପହଞ୍ଚି ସେମାନଙ୍କୁ ଆହତ ଅବସ୍ଥାରେ ସଫଦରଜଙ୍ଗ ହସ୍ପିଟାଲ ଏବଂ ଏମ୍ସରେ ଭର୍ତ୍ତି କରିଥିଲେ ମଧ୍ୟ ଚିକିତ୍ସା ସମୟରେ ସମସ୍ତଙ୍କର ମୃତ୍ୟୁ ଘଟିଥିଲା। ଆଗକୁ ଏଭଳି ବିପଦ ଘଟିବା ଆଶଙ୍କାରେ ପ୍ରଶାସନ ଉକ୍ତ ଝୁମ୍ପୁଡ଼ି ବସ୍ତିକୁ ଖାଲି କରିଛି।

## ଉତ୍ତରକାଶୀରୁ ୧,୦୦୦ରୁ ଊର୍ଦ୍ଧ୍ୱ ଉଦ୍ଧାର ହେଲେଣି

ନୂଆଦିଲ୍ଲୀ,୯।୮

ଉତ୍ତରାଖଣ୍ଡର ଉତ୍ତରକାଶୀରେ ବାଦଲଫଟା ବର୍ଷାଜନିତ ହଠାତ୍ ବନ୍ୟା ଓ ଭୂସ୍ଖଳନ ଯୋଗୁ ବିଭିନ୍ନ ସ୍ଥାନରେ ଫସିରହିଥିବା ଆଉ ୨୮୭ ଜଣଙ୍କୁ ପଞ୍ଚମ ଦିନରେ ଶନିବାର ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରୁ ୧୭୦ ଜଣଙ୍କୁ ଆଇଟିବିପିର ମାଟ୍‌ଲିକୁ ଏୟାରଲିଫ୍ଟ କରାଯାଇଥିବାବେଳେ ୧୦୭ ଜଣଙ୍କୁ ଚିନ୍ୟାଲିସଉର ଏୟାରଷ୍ଟ୍ରିପ୍‌କୁ ନିଆଯାଇଛି। ଉଦ୍ଧାର କାର୍ଯ୍ୟରେ ୪ଟି ହେଲିକପ୍ଟରକୁ ନିୟୋଜିତ କରାଯାଇଥିଲା। ଗତ ମଙ୍ଗଳବାର ହଠାତ୍ ବନ୍ୟା ଯୋଗୁ ଧରାଲି ଅଞ୍ଚଳ ବିଚ୍ଛିନ୍ନ ହୋଇଯାଇଥିଲା। ଏପର୍ଯ୍ୟନ୍ତ ୧,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଉଦ୍ଧାର କରାଗଲାଣି। ୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଏବେ ବି ୪୯ ଜଣ ନିଖୋଜ ଥିବା ଜିଲ୍ଲା ପ୍ରଶାସନ କହିଛି। ବନ୍ୟା ପରେ ଧରାଲି ଓ ଏହାର ଆଖପାଖ ଅଞ୍ଚଳକୁ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଥିବାବେଳେ ଶନିବାର ସକାଳେ ଜଲିଗ୍ରାଣ୍ଟ ଏୟାରପୋର୍ଟରୁ ବାୟୁସେନାର ଚିନୁକ୍ ହେଲିକପ୍ଟର ଯୋଗେ ଏକ ଜେନେରେଟର ସେଟ୍ ରିଲିଫ୍ କ୍ୟାମ୍ପ୍‌କୁ ଅଣାଯାଇଛି। ପ୍ରଭାବିତ ଅଞ୍ଚଳକୁ ସଡ଼କ ସଂଯୋଗ ପାଇଁ ଲିମ୍‌ଚିଗାଡଠାରେ ଏକ ଅସ୍ଥାୟୀ ବ୍ରିଜ୍ ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ ଚାଲିଛି।



ଡେରାଡୁନ୍ ବିମାନବନ୍ଦରରେ ପହଞ୍ଚିବା ପରେ ଖୁସିବ୍ୟକ୍ତ କରୁଛନ୍ତି ଉଦ୍ଧାର ହୋଇଥିବା ବ୍ୟକ୍ତି।

## ୧୦ ସ୍ଥାନରୁ ମିଳିଲା ମହିଳାଙ୍କ କଟାମୁଣ୍ଡ, ଖଣ୍ଡିତ ମୃତଦେହ

ବେଙ୍ଗାଲୁରୁ,୯।୮

କର୍ଣ୍ଣାଟକର ତୁମକୁର ଜିଲ୍ଲା ଅନ୍ତର୍ଗତ ୧୦ଟି ସ୍ଥାନରୁ ଜଣେ ମହିଳାଙ୍କ ଶରୀରର ବିଭିନ୍ନ ଅଙ୍ଗ ମିଳିବା ଘଟଣା ଆତଙ୍କ ଖେଳାଇ ଦେଇଛି। ଗତ ଗୁରୁବାର କୁକୁର ଏକ କଟା ହାତକୁ ରାସ୍ତାକୁ ଘୋଷାଡ଼ି ଆଣିବା ଦେଖି ଲୋକେ ଭୟଭୀତ ହୋଇଯାଇଥିଲେ। ଏହାର ଗୋଟିଏ କିଲୋମିଟର ଦୂରରେ ଆଉ ଏକ ହାତ ମିଳିଥିଲା। ଏହିପରି ୧୦ଟି ବିଭିନ୍ନ ସ୍ଥାନରୁ ମହିଳାଙ୍କ ମୁଣ୍ଡ ଓ ଶରୀରର ଅନ୍ୟାନ୍ୟ ଅଙ୍ଗ ମିଳିଥିଲା। ଏହି ଜଘନ୍ୟ ହତ୍ୟାକାଣ୍ଡ ପଛର ଉଦ୍ଦେଶ୍ୟ ଜଣାପଡ଼ି ନ ଥିବାବେଳେ ହତ୍ୟାକାରୀଙ୍କୁ ମଧ୍ୟ ଚିହ୍ନଟ କରାଯାଇ ନାହିଁ। ପୋଲିସ ହତ୍ୟା ମାମଲା ରୁଜୁ କରି ଅପରାଧୀଙ୍କୁ ଧରିବା ପାଇଁ ତନାଘନା ଚଳାଇଛି। ମିଳିଥିବା ହାତର ଟାଟୁ ଓ ମୁହଁର ବିଶେଷତାକୁ ଆଧାର କରି ପୋଲିସ ମୃତକଙ୍କୁ ତୁମାକୁର ତାଲୁକ୍ ଅନ୍ତର୍ଗତ ବେଲ୍ଲାଭି ଗ୍ରାମର ଲକ୍ଷ୍ମୀଦେବାମ୍ମା(୪୨) ବୋଲି ଚିହ୍ନଟ କରିଛି। ସେ ଗତ ୪ ତାରିଖରୁ ନିଖୋଜ ଥିବାନେଇ ତାଙ୍କ ସ୍ୱାମୀ ବାସବରାଜୁ ବେଲ୍ଲାଭି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପ୍ରଥମେ ନିଖୋଜ ମାମଲା ରୁଜୁ କରି ଖୋଜାଖୋଜି କରୁଥିବା ବେଳେ ଗୁରୁବାର ସକାଳେ ମହିଳାଙ୍କ ହାତ ଓ ପରେ ଅନ୍ୟାନ୍ୟ ଅଙ୍ଗ ମିଳିଥିଲା। ଏହି ଘଟଣା ୨୦୨୨ର ଶ୍ରଦ୍ଧା ୱାଲ୍‌କର ମାମଲାକୁ ମନେ ପକାଇ ଦେଉଛି। ୨୭ ବର୍ଷୀୟ ଶ୍ରଦ୍ଧାଙ୍କୁ ତାଙ୍କ ଲିଭ୍ ଇନ୍ ପାର୍ଟନର ହତ୍ୟା କରିବା ପରେ ଶରୀରକୁ ଖଣ୍ଡ ଖଣ୍ଡ କରି ଦିଲ୍ଲୀର ଜଙ୍ଗଲ ମଧ୍ୟରେ ବିଭିନ୍ନ ସ୍ଥାନରେ ଫିଙ୍ଗିଥିଲେ।



ରକ୍ଷାବନ୍ଧନ ଉତ୍ସବ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଣେ ପିଲା ସହ କଥା ହେଉଛନ୍ତି।

## ଲଦାଖକୁ ରାଜ୍ୟ ମାନ୍ୟତା ଦାବିରେ ୩ ଦିନିଆ ଅନଶନ ଧର୍ମଘଟ

### ଷଷ୍ଠ ଅନୁଚ୍ଛେଦରେ ସାମିଲ ଦାବି

କାର୍‌ଗିଲ,୯।୮(ପି.ଟି.)

ଲଦାଖ କେନ୍ଦ୍ରଶାସିତ ଅଞ୍ଚଳକୁ ରାଜ୍ୟ ମାନ୍ୟତା ଏବଂ ଏହାକୁ ସମ୍ବିଧାନର ଷଷ୍ଠ ଅନୁଚ୍ଛେଦରେ ସାମିଲ କରିବା ସମେତ ୪ ଦଫା ଦାବି ନେଇ ଶନିବାର ସକାଳୁ ୩ ଦିନିଆ ଅନଶନ ଧର୍ମଘଟ ଆରମ୍ଭ ହୋଇଛି। କାର୍‌ଗିଲ ଡେମୋକ୍ରାଟିକ୍ ଆଲିଆନ୍ସ (କେଡିଏ) ଏବଂ ଲେହ୍ ଆପେକ୍ସ ବଡି (ଏଲ୍‌ଏବି) ପକ୍ଷରୁ ସହରର ହୁସାନି ପାର୍କଠାରେ ଅନଶନ ଧର୍ମଘଟର ଆୟୋଜନ କରାଯାଇଛି। ଉକ୍ତ ସଂଗଠନର ପ୍ରତିନିଧିମାନଙ୍କ ସହ କେନ୍ଦ୍ର ସରକାର ପରବର୍ତ୍ତୀ ପର୍ଯ୍ୟାୟ ଆଲୋଚନା କରିବାରେ ବିଳମ୍ବ କରୁଥିବାରୁ ଏଥିରେ ଅସନ୍ତୁଷ୍ଟ ହୋଇ ସେମାନେ ଅନଶନରେ ବସିବାକୁ ନିଷ୍ପତ୍ତି ନେଇଥିଲେ। କେଡିଏ ଏବଂ ଏଲ୍‌ଏବି ମିଳିତ ଭାବେ ୫ ବର୍ଷ ହେଲା ଆନ୍ଦୋଳନର ନେତୃତ୍ୱ ନେଇଆସୁଥିବାବେଳେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଉଚ୍ଚ କ୍ଷମତାସମ୍ପନ୍ନ କମିଟି ସହ ଅନେକ ପର୍ଯ୍ୟାୟ ଆଲୋଚନା କରିଛି। ସେମାନଙ୍କ ଅନ୍ୟ ଦାବି ମଧ୍ୟରେ ରହିଛି ଲେହ ଓ କାର୍‌ଗିଲ ଅଞ୍ଚଳ ପାଇଁ ଅଲଗା ଲୋକ ସଭା ଆସନ ଏବଂ ଏକ ଜନସେବା ଆୟୋଗ (ପିଏସ୍‌ସି) ପ୍ରତିଷ୍ଠା। ଦୀର୍ଘଦିନ ହେଲା ଆନ୍ଦୋଳନ ଜାରି ରହିଥିଲେ ମଧ୍ୟ କେନ୍ଦ୍ର ସହ ଦୁଇଟି ମୌଳିକ ପ୍ରସଙ୍ଗ ଉପରେ ବଳିଷ୍ଠ ଆଲୋଚନା ହୋଇନାହିଁ। ମେ’ ମାସରେ ଆଲୋଚନା ବେଳେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଏବଂ ସ୍ୱରାଷ୍ଟ୍ର ସଚିବ ପରବର୍ତ୍ତୀ ମାସରୁ ରାଜ୍ୟ ମାନ୍ୟତା ଓ ଷଷ୍ଠ ଅନୁଚ୍ଛେଦ ଉପରେ ଆଲୋଚନା ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ଏପର୍ଯ୍ୟନ୍ତ ଆଲୋଚନା ଆରମ୍ଭ ହୋଇ ନ ଥିବା କେଡିଏ ସହଅଧ୍ୟକ୍ଷ ଅସ୍‌ଗର ଅଲି କାର୍ବାଲାଇ କହିଛନ୍ତି।

## ‘ବାଗି ୪’କୁ ନେଇ ଚର୍ଚ୍ଚାରେ ଟାଇଗର



ମୁମ୍ବାଇ

ଆଗାମୀ ଫିଲ୍ମ ‘ବାଗି ୪’କୁ ନେଇ ଚର୍ଚ୍ଚାରେ ବଲିଉଡ ଅଭିନେତା ଟାଇଗର ଶ୍ରଫ। ଦୀର୍ଘଦିନ ପରେ ନୂଆ ଥ୍ରିଲର କାହାଣୀ ସହିତ ଟାଇଗର ଫେରୁଥିବାରୁ ପ୍ରଶଂସକମାନେ ବେଶ୍ ଉତ୍ସାହିତ। ଏବେ ଟାଇଗର ଫିଲ୍ମ ସମ୍ପର୍କରେ ଏକ ଅପଡେଟ ଶେୟାର କରି ଏକ ତାରିଖର ଫଟୋ ପୋଷ୍ଟ କରିଛନ୍ତି। ଏହି ଫଟୋରେ ଲେଖାଯାଇଛି ‘୧୧.୧.୧୧’। ଅର୍ଥାତ ଅଗଷ୍ଟ ୧୧ ତାରିଖ ଦିନ ୧:୧୧ ମିନିଟରେ ‘ବାଗି ୪’ର ଟିଜର ରିଲିଜ ହୋଇପାରେ। ‘ବାଗି ୪’ର ଟିଜରକୁ ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଶନ (ସିବିଏଫ୍‌ସି) ପକ୍ଷରୁ ‘ଏ’ ସାର୍ଟିଫିକେଟ ମିଳିଛି। ଏହି ଟିଜରର ଅବଧି ୧ ମିନିଟ ୫୩ ସେକେଣ୍ଡ। ଫିଲ୍ମଟି ଆଗାମୀ ସେପ୍ଟେମ୍ବର ୫ ତାରିଖରେ ଥିଏଟରରେ ରିଲିଜ ହେବ। ଏ. ହର୍ଷାଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମରେ ଟାଇଗର ଶ୍ରଫଙ୍କ ସହ ସଞ୍ଜୟ ଦତ୍ତ, ସୋନମ ବାଜୱା ଏବଂ ହରନାଜ ସନ୍ଧୁ ମୁଖ୍ୟ ଭୂମିକାରେ ନଜର ଆସିବେ। ଏହି ଫିଲ୍ମଟି ସାଜିଦ ନାଦିଆଦୱାଲାଙ୍କ ନାଦିଆଦୱାଲା ଗ୍ରାଣ୍ଡସନ ଏଣ୍ଟରଟେନମେଣ୍ଟ ବ୍ୟାନର ଅଧୀନରେ ନିର୍ମିତ ହେଉଛି।

ବାଗି ଫ୍ରାଞ୍ଚାଇଜରେ ଏପର୍ଯ୍ୟନ୍ତ ତିନୋଟି ଫିଲ୍ମ ରିଲିଜ ହୋଇଛି। ପ୍ରଥମ ଫିଲ୍ମ ‘ବାଗି’ ୨୦୧୬ରେ ରିଲିଜ ହୋଇଥିଲା, ଯେଉଁଥିରେ ଟାଇଗର ଶ୍ରଫ ଏବଂ ଶ୍ରଦ୍ଧା କପୁର ମୁଖ୍ୟ ଭୂମିକାରେ ଥିଲେ। ୨୦୧୮ରେ ‘ବାଗି ୨’ ରିଲିଜ ହୋଇଥିଲା, ଯେଉଁଥିରେ ଟାଇଗରଙ୍କ ସହ ଦିଶା ପଟାନୀଙ୍କୁ କାଷ୍ଟ କରାଯାଇଥିଲା। ଏହି ଯୋଡ଼ିକୁ ଫ୍ୟାନ୍ସ ବେଶ୍ ପସନ୍ଦ କରିଥିଲେ। ୨୦୨୦ରେ ରିଲିଜ ହୋଇଥିବା ‘ବାଗି ୩’ରେ ଟାଇଗରଙ୍କ ସହ ରିତେଶ ଦେଶମୁଖ, ଅଙ୍କିତା ଲୋଖଣ୍ଡେ, ଶ୍ରଦ୍ଧା କପୁର ଏବଂ ଜୟଦୀପ ଅହଲାୱତ ପରି ବଡ଼ ତାରକା ଥିଲେ।

## ବିକ୍ଷୋଭକାରୀଙ୍କୁ ପୋଲିସର ଲାଠିମାଡ଼

### ଆର୍‌ଜି କର ଡାକ୍ତର ବଳାତ୍କାର ଓ ହତ୍ୟା ଘଟଣାକୁ ବର୍ଷେ

### ପୀଡ଼ିତାଙ୍କ ମା’ବାପା, ଭାଜପା ବିଧାୟକ ଆହତ

କୋଲକାତା,୯।୮(ପି.ଟି.)

କୋଲକାତାର ଆର୍‌ଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ଜଣେ କର୍ତ୍ତବ୍ୟରତ ମହିଳା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାକୁ ଶନିବାର ବର୍ଷେ ପୂରିଥିବାବେଳେ ଏପର୍ଯ୍ୟନ୍ତ ପୀଡ଼ିତାଙ୍କ ପରିବାରକୁ ନ୍ୟାୟ ମିଳିନାହିଁ। ଘଟଣାର ବର୍ଷପୂର୍ତ୍ତି ଅବସରରେ ବିକ୍ଷୋଭକାରୀମାନେ ଶନିବାର ପଶ୍ଚିମବଙ୍ଗ ସଚିବାଳୟ ନବାନ୍ନ ଅଭିମୁଖେ ଶୋଭାଯାତ୍ରାରେ ଯାଉଥିବାବେଳେ କେନ୍ଦ୍ରୀୟ କୋଲ୍‌କାତାର ପାର୍କ ଷ୍ଟ୍ରିଟ୍‌ଠାରେ ପୋଲିସ ସେମାନଙ୍କ ଉପରେ ଲାଠିମାଡ଼ କରିଛି।



ଆଗକୁ ନ ବଢ଼ିବା ପାଇଁ ପୋଲିସ ସତର୍କ କରାଇବା ସତ୍ତ୍ୱେ ବିକ୍ଷୋଭକାରୀ ଏହାକୁ ନ ମାନି ବିଦ୍ୟାସାଗର ସେତୁ ଆଡ଼କୁ ଅଗ୍ରସର ହେବା ଲାଗି ବ୍ୟାରିକେଡ୍ ଅତିକ୍ରମ କରିବାକୁ ଉଦ୍ୟମ କରିବାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। ଫଳରେ ବିକ୍ଷୋଭକାରୀଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲାଠିଚାଳନା କରିଥିଲା। ଏଥିରେ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ଓ କେତେଜଣ ଭାଜପା ନେତାଙ୍କ ସମେତ ଶତାଧିକ ଆହତ ହୋଇଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଶୁଭେନ୍ଦୁଙ୍କ ସମେତ ଭାଜପା ନେତା ଅଗ୍ନିମିତ୍ର ପାଉଲ୍ ଓ ଦଳର ବିଧାୟକମାନେ ପାର୍କ ଷ୍ଟ୍ରିଟ୍-ଜେ.ଏଲ୍. ନେହେରୁ ରୋଡ୍ ଛକରେ ଧାରଣାରେ ବସିଛନ୍ତି। ଲାଠିମାଡ଼ରେ ପୀଡ଼ିତାଙ୍କ ମା’ବାପା ମଧ୍ୟ ଆହତ ହୋଇଥିବା ଶୁଭେନ୍ଦୁ ଅଭିଯୋଗ କରିଛନ୍ତି। ବିକ୍ଷୋଭ ଆହୁରି ବ୍ୟାପକ ହେବ ଏବଂ ଏହା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ମହଙ୍ଗା ପଡ଼ିବ ବୋଲି ଶୁଭେନ୍ଦୁ ଚେତାବନୀ ଦେଇଛନ୍ତି। ମହିଳା ପୋଲିସ କର୍ମଚାରୀମାନେ ମାଡ଼ ମାରିଥିବା ପୀଡ଼ିତାଙ୍କ ମା’ ଗଣମାଧ୍ୟମକୁ କହିଛନ୍ତି। ଏଥିରେ ତାଙ୍କ ହାତର ଶଙ୍ଖା ଭାଙ୍ଗିବା ସହ ମୁଣ୍ଡରେ ଆଘାତ ଲାଗିଛି। ଝିଅ ପାଇଁ ନ୍ୟାୟ ପାଇବା ନିମନ୍ତେ ଆମେ ସମସ୍ତେ ନବାନ୍ନ ଯିବାକୁ ଚାହୁଁଥିବାବେଳେ ସେମାନେ ଏଭଳି ଅଟକାଇଲେ କାହିଁକି ବୋଲି ମହିଳା ଜଣକ ପ୍ରଶ୍ନ କରିଛନ୍ତି।

କେତେଜଣ ବିକ୍ଷୋଭକାରୀ ହାଓଡ଼ା ଜିଲାର ସାନ୍ତ୍ରାଗାଚିକୁ ଶୋଭାଯାତ୍ରାରେ ଯିବା ସହ ପୋଲିସ ବ୍ୟାରିକେଡ୍ ଭାଙ୍ଗିବାକୁ ଉଦ୍ୟମ କରିଥିଲେ। ପୋଲିସ ଗୁଳି ଚଳାଇଲେ ମଧ୍ୟ ନବାନ୍ନରେ ପହଞ୍ଚି ପୀଡ଼ିତାଙ୍କୁ କ’ଣ ପାଇଁ ନ୍ୟାୟ ମିଳିନାହିଁ, ତାହାର ଜବାବ ମାଗିବେ ବୋଲି ବିକ୍ଷୋଭକାରୀ କହୁଥିବା ଶୁଣାଯାଇଥିଲା।

# ସୁଭଦ୍ରା ହିତାଧିକାରୀ ବର୍ଣ୍ଣନାକଲେ ସଫଳତା କାହାଣୀ

## ମାଲକାନଗିରିରେ ତୃତୀୟ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ

ମାଲକାନଗିରି, ୯।୮ (ଦୁର୍ଯ୍ୟୋଧନ ପାତ୍ର)

ରାଖୀ ପୂର୍ଣ୍ଣିମା ଅବସରରେ ମାଲକାନଗିରି ସଂସ୍କୃତି ଭବନରେ ସୁଭଦ୍ରାର ତୃତୀୟ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲ୍ଲା ଜୟପୁରରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଭାସି ମାଧ୍ୟମରେ ରାଜ୍ୟର ସମସ୍ତ ଜିଲ୍ଲା ଏହି କାର୍ଯ୍ୟକ୍ରମରେ ଯୋଡ଼ିହୋଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ସମାରୀ ଟାଙ୍ଗୁଲ ମୁଖ୍ୟ ଅତିଥି ଭାବେ ଯୋଗଦେଉଥିବା ବେଳେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ଜିଲାପାଳ ସୋମେଶ ଉପାଧ୍ୟାୟ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବେଦବର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଉପଜିଲାପାଳ ଅଶ୍ୱିନୀ ଏ.ଏଲ୍., ଜିଲା ସମାଜ ମଙ୍ଗଳ ଅଧିକାରୀ ଗୌରୀ ନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଧାରୁଆ, ଏସ୍‌ପି ପ୍ରତିନିଧି ସଞ୍ଜୟ ସରକାର, ସଦର ବିଡିଓ ତପନ ସେନାପତି ଓ ଡା. ସୌଭାଗ୍ୟ ରଞ୍ଜନ ରଣସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ସମସ୍ତଙ୍କୁ ରାଖୀ ପୂର୍ଣ୍ଣିମାର ଶୁଭେଚ୍ଛା ଜଣାଇବା ସହ ସୁଭଦ୍ରା ଯୋଜନାରେ ମିଳୁଥିବା ଆର୍ଥିକ ରାଶିରୁ ମା'ମାନଙ୍କୁ ସ୍ୱାବଲମ୍ବୀ ହେବା ପାଇଁ ଉତ୍ସାହିତ କରିଥିଲେ। ଏହି ଅବସରରେ ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ମା'ମାନେ କିଭଳି କ୍ଷୁଦ୍ର ବ୍ୟବସାୟ ମାଧ୍ୟମରେ ଆର୍ଥିକ ସ୍ୱାବଲମ୍ବୀ ହୋଇ ପାରିଛନ୍ତି, ସେ ବିଷୟରେ ଜିଲାପାଳ କହିଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ଶବର ସ୍ୱାଗତ ଭାଷଣ ଦେଇଥିଲେ। ଦୁଇ ସୁଭଦ୍ରା ହିତାଧିକାରୀ କୋରୁକୋଣ୍ଡାର ମେଘା ହରିଜନ ଓ ଖଇରପୁଟର ରାଧିକା ଖରା ନିଜ ସଫଳତାର କାହାଣୀ ଉପସ୍ଥାପନ କରିଥିଲେ।

ଜିଲାରେ ୧ ଲକ୍ଷ ୫୧ ହଜାର ୪୭୪ ସୁଭଦ୍ରା ଫର୍ମ ଆବେଦନ କରାଯାଇଛି। ତନ୍ମଧ୍ୟରୁ ପ୍ରଥମ କିସ୍ତିରେ ୧ ଲକ୍ଷ ୩୯ ହଜାର ୪୫୧ ଫର୍ମ ଅନୁମୋଦନ କରାଯାଇ ୧ ଲକ୍ଷ ୩୯ ହଜାର ୭୨୭ ଜଣଙ୍କୁ ସୁଭଦ୍ରା ଯୋଜନାରେ ଟଙ୍କା ଦିଆଯାଇଛି। ସେହିପରି ଦ୍ୱିତୀୟ କିସ୍ତିରେ ୧ ଲକ୍ଷ ୩୮ ହଜାର ୬୭୨ଫର୍ମ ଅନୁମୋଦନ କରାଯାଇ ୧ ଲକ୍ଷ ୩୮ ହଜାର ୩୧୧ ହିତାଧିକାରୀଙ୍କୁ ଅର୍ଥ ରାଶି ପ୍ରଦାନ କରାଯାଇଛି। ସୁଭଦ୍ରା ଭଉଣୀମାନେ ଅତିଥିମାନଙ୍କୁ ରାଖୀ ବାନ୍ଧିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଜିଲା ସମାଜ ମଙ୍ଗଳ ବିଭାଗର ଅଧିକାରୀ କର୍ମଚାରୀ ଓ ସଦର ବ୍ଲକ୍ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।


ମାଲକାନଗିରିରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ।

# ବିଭିନ୍ନ ଆଦିବାସୀ ସଂଘର ବିଶ୍ୱ ଆଦିବାସୀ ଦିବସ



ଜିଲା ଆଦିବାସୀ ସମାଜ ମହାସଂଘ ତରଫରୁ ବାହାରିଥିବା ଶୋଭାଯାତ୍ରା ।

## ମାଲକାନଗିରି ଜିଲା

ମାଲକାନଗିରି, ୯।୮ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ବିଭିନ୍ନ ଆଦିବାସୀ ସଂଘ ତରଫରୁ ବିଶ୍ୱ ଆଦିବାସୀ ଦିବସ ତଥା ବିଶ୍ୱ ମୂଳନିବାସୀ ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ଜିଲା ଆଦିବାସୀ ସମାଜ ମହାସଂଘ ତରଫରୁ ସ୍ଥାନୀୟ ବସ୍‌ଷ୍ଟାଣ୍ଡଠାରୁ ଶୋଭାଯାତ୍ରାରେ ୧୫ ଆଦିବାସୀ ସମ୍ପ୍ରଦାୟର ବହୁ ସଂଖ୍ୟକ ମହିଳା ଓ ପୁରୁଷମାନେ ପାରମ୍ପରିକ ବେଶଭୂଷା ଧାରଣକରି ସହର ପରିକ୍ରମା କରିଥିଲେ। ପରେ ସ୍ଥାନୀୟ ଡିଏନ୍‌କେ ଖେଳ ପଡ଼ିଆରେ ମହା ସମାବେଶର ଆୟୋଜନ କରାଯାଇଥିଲା।

ସେହିପରି ଜିଲା ମୂଳନିବାସୀ ମିଳିତ କ୍ରିୟାନୁଷ୍ଠାନ ସଂଘ ତରଫରୁ ମଧ୍ୟ ବୁଟିଗୁଡା ହାଟପଦା ନିକଟରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ବ୍ଲକ୍ କାର୍ଯ୍ୟାଳୟ ପଡ଼ିଆରେ ପହଞ୍ଚିଥିଲା। ଆଦିବାସୀମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ମହାସମାବେଶରେ ଆଲୋଚନା କରାଯାଇଥିବା ବେଳେ ଏହାର ସମାଧାନ ଲାଗି ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ଉଲ୍ଲେଖ ରହିଛି, ଆଦିବାସୀମାନଙ୍କ ହଜାର ହଜାର ଏକର ପଟ୍ଟା ଜମି, ଦଖଲରେ ଥିବା ଜମି ଅଣଆଦିବାସୀଙ୍କ ଅକ୍ତିଆରରେ ରହିଛି। ଏହାକୁ ବିରୋଧକରି ଆଗାମୀ ଦିନରେ ଜିଲାରେ ବଡ଼ ଧରଣର ଗଣ୍ଡଗୋଳ ହେବାର ସମ୍ଭାବନା ରହିଛି। ତେଣୁ ସେ ଜମିଗୁଡିକ ତୁରନ୍ତ ଚିହ୍ନଟକରି ହିତାଧିକାରୀଙ୍କୁ ଫେରସ୍ତ ବ୍ୟବସ୍ଥା କରାଯାଉ, ଚିତ୍ରକୋଣ୍ଡା ଓ ସତୀଗୁଡା ଡ୍ୟାମ୍ ଦ୍ୱାରା ବିସ୍ଥାପିତ ହୋଇଥିବା ଲୋକମାନଙ୍କ ଜୀବନ ଜୀବିକା ବଙ୍ଗୀୟ ଶରଣାର୍ଥୀମାନଙ୍କ ଜୀବନ ଜୀବିକା ତୁଳନାରେ ଅତି ନ୍ୟୂନ। ବିସ୍ଥାପିତ ପରିବାରବର୍ଗଙ୍କ ସମେତ ଜମିହୀନ ପାରମ୍ପରିକ ଅନୁସୂଚିତ ଜାତି ଓ ଜନଜାତି ସମ୍ପ୍ରଦାୟର ଲୋକମାନଙ୍କୁ ଅନ୍ତତଃ ପକ୍ଷେ ୫ ଏକର ଚାଷ ଉପଯୋଗୀ ଜମି ଓ ୪୦ ଡିସିମିଲ ଘରବାରି ପଟ୍ଟା ପ୍ରଦାନ କରାଯାଉ, ମାଲକାନଗିରି ଉପାନ୍ତ ଅଞ୍ଚଳର ପ୍ରାୟ ଅଧିକାଂଶ ଛାତ୍ରୀଛାତ୍ର ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ ଜିଲାର ପିଲାଙ୍କ ସହ ସମକକ୍ଷ ହେବା ସମ୍ଭବ ନୁହେଁ। ଏଣୁ ତୃତୀୟ ଓ ଚତୁର୍ଥ ଶ୍ରେଣୀ ଚାକିରିରେ ଜିଲାଭିତ୍ତିକ ନିଯୁକ୍ତି ଦିଆଯିବା, ଜିଲାରେ ଅଧିକାଂଶ ମୂଳନିବାସୀ ଛାତ୍ରୀଛାତ୍ରଙ୍କ ପ୍ରାଥମିକ ଶିକ୍ଷା ଅଧ୍ୟୟନ ସମୟରେ ଓଡ଼ିଆ ଭାଷା ସମ୍ପୂର୍ଣ୍ଣ ବୁଝିପାରି ନ ଥାନ୍ତି। ଏଣୁ ଶିକ୍ଷାର ଭିତ୍ତିଭୂମି ସୁଦୃଢ଼ କରିବା ଲାଗି ଜିଲାରେ ଭାଷାଭିତ୍ତିକ ଶିକ୍ଷକ ନିଯୁକ୍ତି କରା ଯାଉ, ଅନୁସୂଚିତ ଅଞ୍ଚଳରେ ତୁରନ୍ତ ପେସା ଆଇନ ଲାଗୁ ଆଦି ଦାବି ରହିଛି। ସମାବେଶରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ବାଲିମେଳା, କୋରୁକୋଣ୍ଡାର ବିଭିନ୍ନ ଅଞ୍ଚଳରେ ରକ୍ଷାବନ୍ଧନ ଉତ୍ସବ


ବାଲିମେଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ।

କୋରୁକୋଣ୍ଡା, ୯।୮ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍‌ର ବିଭିନ୍ନ ଅଞ୍ଚଳ ସମେତ ବାଲିମେଳା ସହରରେ ଶନିବାର ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଏହିଦିନ ବଡ଼ଠାକୁର ବଳଭଦ୍ରଙ୍କ ଜନ୍ମଦିନ ହୋଇଥିବାରୁ ଲୋକେ ଗୋମାତାଙ୍କ ପୂଜାର୍ଚ୍ଚନା କରିବା ସହ ରାଖୀ ବାନ୍ଧି ସେମାନଙ୍କୁ ଖାଇବାକୁ ଦେଇଥିଲେ। ବାଲିମେଳା ସହର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ସହରବାସୀଙ୍କ ମିଳିତ ଆନୁକୂଲ୍ୟରେ ବଳଭଦ୍ରଙ୍କ ଜନ୍ମ ଏବଂ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସମ୍ଭାଗ ସଂଯୋଜକ ରାମ ମୋହନ ପଟ୍ଟନାୟକ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କୋଷାଧ୍ୟକ୍ଷ ରଞ୍ଜିତ କୁମାର ଦାସଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା, ଗୁରୁମା ଗୁରୁଜୀ ଓ ଛାତ୍ରୀଛାତ୍ରଙ୍କ ସମେତ ସହରବାସୀ ଉପସ୍ଥିତ ଥିଲେ।

# ନିୟମ ଖିଲାପକରି ଖୋଲିଛି ଦେଶୀ ମଦଭାଟି

ତେନ୍ତୁଲିଖୁଣ୍ଟି, ୯।୮ (ଚିଦାନନ୍ଦ ସାହୁ)

ଶିକ୍ଷାନୁଷ୍ଠାନ ନିକଟରେ ମଦଦୋକାନ ନ ଖୋଲିବା ନେଇ ନିୟମ ରହିଛି। କିନ୍ତୁ ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ୍‌ରେ ଏହାର ଉଲ୍ଲଂଘନ କରାଯାଇ ଇନ୍ଦ୍ରାବତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ତେନ୍ତୁଲିଖୁଣ୍ଟି ଯୁକ୍ତ ୩ ଡିଗ୍ରୀ କଲେଜ ନିକଟରେ ଦେଶୀ ମଦଭାଟି ରହିଛି । ଇନ୍ଦ୍ରାବତୀରେ ଥିବା ଦେଶୀ ମଦଦୋକାନରୁ ମଞ୍ଜାଗାଁ, ବାରଙ୍ଗପଦର, ଗୌଡ଼ ଦେଓପାଲି, ଲମତାଗୁଡ଼ା ପଞ୍ଚାୟତର ଗାଁଗୁଡ଼ିକରେ ବୁଲି ବୁଲି ମଦ ବିକ୍ରି କରାଯାଉଥିବା ଅଭିଯୋଗ ହୋଇଛି।

ଇନ୍ଦ୍ରାବତୀ ମୁଖ୍ୟ ରାସ୍ତା କଡ଼ରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଡିଗ୍ରୀ କଲେଜଠାରୁ ମାତ୍ର ୧୦୦ ମିଟର ଦୂରରେ ଦେଶୀ ମଦଭାଟି ରହିଛି। ଗାଁ ଗାଁରେ ଓ ସ୍କୁଲ କଲେଜ ପାଖରେ ମଦ ବିକ୍ରି ପ୍ରଭାବ ଗ୍ରାମାଞ୍ଚଳର ଛାତ୍ରୀଛାତ୍ରଙ୍କ ଉପରେ ପଡୁଛି। ସେମାନେ ଧୀରେ ଧୀରେ ନିଶା କବଳରେ ପଡ଼ିବା ସହ ବିଭିନ୍ନ ଅସାମାଜିକ କାର୍ଯ୍ୟ କଳାପରେ ଲିପ୍ତ ରହୁଛନ୍ତି। ଖଟିଖିଆ ପରିବାରର ଆର୍ଥିକ ମେରୁଦଣ୍ଡ ଭାଙ୍ଗିପଡୁଥିବା ବେଳେ ପାରିବାରିକ ଅଶାନ୍ତି ଦେଖାଯାଉଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ବାରମ୍ବାର ଖବର ପ୍ରକାଶ ପରେ ମଧ୍ୟ ଅବକାରୀ ବିଭାଗ ଏବଂ ପୋଲିସ ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି। ଖୁବ୍‌ଶୀଘ୍ର ଶିକ୍ଷାନୁଷ୍ଠାନ ନିକଟରୁ ମଦ ଦୋକାନ ଉଚ୍ଛେଦ ଓ ଗ୍ରାମାଞ୍ଚଳରେ ବୁଲି ବିକ୍ରିକୁ ପ୍ରଶାସନ ବନ୍ଦ କରନ୍ତୁ ବୋଲି ଯୁବ କଂଗ୍ରେସ ନେତା ଅଖିଳ ଭତ୍ରା ଉଚ୍ଛେଦ ଦାବି କରିଛନ୍ତି। ଅବକାରୀ ବିଭାଗ ଅଧିକାରୀ ଦିଲୀପ ରଥଙ୍କୁ ପଚାରିବାରୁ ଗଳିକନ୍ଦିରେ ମଦ ବିକ୍ରି ଅଭିଯୋଗ ଥିଲେ ଚଢ଼ାଉ କରାଯିବ। ଶିକ୍ଷାନୁଷ୍ଠାନ ନିକଟରେ ଥିବା ଅଭିଯୋଗ ସମ୍ପର୍କରେ ପଚାରିବାରୁ ଅକ୍ଟୋବର ମାସରେ ପଞ୍ଚାୟତ ସଙ୍କଳ୍ପନାମାକରି ସ୍ଥାନ ପରିବର୍ତ୍ତନ କରିବାକୁ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. SBP-ELECT-2025-T-255

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ ବିଦ୍ୟୁତ୍ ଯୋଗାଣ, ଆଲୋକିତକରଣ ସ୍ତରର ବିଶ୍ୱସନୀୟତା ଜନିତ ଉନ୍ନୟନ ଏବଂ ଜଗୁଆଳୀ ଥିବା ଲେଭେଲ କ୍ରସିଂ ଫାଟକଗୁଡ଼ିକର ରିୱାୟରିଙ୍ଗ୍ (Rewiring) ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹):** 89,29,142.33, EMD/ବିଡ୍ ସୁରକ୍ଷା ଜମା (₹) : 1,78,600.00 । କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତି ପତ୍ର (LOA)ଜାରୀ ହେବା ତାରିଖ ଠାରୁ ଛଅ ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.27.08.2025 ରିଖ 1530 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ(Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ଉପରୋକ୍ତ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡର ଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G), ସମ୍ବଲପୁର

PR-452/Q/25-26


# ଏମ୍‌ଭି-୨୬ ବିଦ୍ୟାଳୟରେ ହର୍ ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ


ଏମ୍‌ଭି-୨୬ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ହୋଇଥିବା ରଙ୍ଗୋଲି ।

କୋରୁକୋଣ୍ଡା, ୯।୮ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ଏମ୍‌ଭି-୨୬ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଗୁଟୁ ଚୌଧୁରୀଙ୍କ ତତ୍ତ୍ୱାଧାନରେ ଛାତ୍ରୀଛାତ୍ରମାନେ ବିଭିନ୍ନ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରିବା ସହିତ, ପ୍ରଥମରୁ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ନେଇ ରଙ୍ଗୋଲି ପ୍ରତିଯୋଗୀତା କରିଥିଲେ। ଏଥିରେ ଛାତ୍ରୀଛାତ୍ରମାନେ ରଙ୍ଗୋଲି ମାଧ୍ୟମରେ ଦେଶାତ୍ମବୋଧକ ଚିତ୍ର ଅଙ୍କନ କରି ସମସ୍ତଙ୍କ ମନରେ ଦେଶାତ୍ମକ ଭାବନା ସୃଷ୍ଟି କରିବା ସହିତ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ। ଏଥିରେ ଶିକ୍ଷକ ରାଜେଶ ପଟ୍ଟନାୟକ ଓ କିରଣ କାନ୍ତ ସାହୁ ସହଯୋଗ କରିଥିଲେ। ଛାତ୍ରୀମାନଙ୍କ ମଧ୍ୟରେ ତିତିଲି ମଣ୍ଡଳ, ଚନ୍ଦ୍ରିକା ଚୌକିଦାର, ପ୍ରତିମା ମଣ୍ଡଳ, ଅମ୍ରିତା ମଣ୍ଡଳ, ଝିଲକ ରାୟ, ରିୟା ମଣ୍ଡଳ, ତ୍ରିଶା ହାଲଦାର, ଶ୍ରୀୟା ମଣ୍ଡଳ ଓ ପ୍ରିୟା ମଣ୍ଡଳଙ୍କ ସମେତ ବହୁ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ।


**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR**
Mail i.d : seccbbsr@gmail.com

**E-procurement Tender Call Notice No.09 of 2025-26**
No. 4707(Estg.) Bhubaneswar the 4th August-2025

**No.B-372** : The Chief Construction Engineer, Central (R&B) Circle Bhubaneswar on behalf of the Governor of Odisha invites percentage rate bids for one number road works to be received in online bidding, double cover system for Improvement works as detailed in: https://tendersodisha.gov.in. The details of bid documents will be available in the above website from **5.00 P.M. of 14.08.2025 to 4.00 P.M of 29.08.2025**. The bidders must possess compatible Digital Signature Certificate of Class II or III. Bids received online shall be opened at 5.00 P.M. of 29. 08. 2025 in the Office of the Chief Construction Engineer, Central (R&B) Circle Bhubaneswar.
Further details can be seen from the e-procurement portal www.tendersodisha.gov.in. Addendum / Corrigendum, if required, will be available only in the Website.

Sd./- Er. M.K. Mahananda
Chief Construction Engineer
Central (R&B) Circle, Bhubaneswar

OIPR-34156/11/0037/2526


# ଅଶ୍ଳୀଳ ଫଟୋ ଭାଇରାଲ ଅଭିଯୋଗ

ଜୟପୁର, ୯।୮ (ପବନ ପାଣିଗ୍ରାହୀ)

ମୋବାଇଲ ଫୋନରେ ଅଶ୍ଳୀଳ ଫଟୋ ଭାଇରାଲ କରିବା ଘଟଣାରେ ଜୟପୁର ଟାଉନ ପୋଲିସ ଜଣେ ନାବାଳକଙ୍କୁ ଜୁଭେଲାଇନ୍ ଜଷ୍ଟିସ ବୋର୍ଡଙ୍କ ନିକଟରେ ହାଜର କରିଛି। ଜୁନ୍ ମାସ ୧୬ରେ ନାବାଳକ ଜଣେ ଯୁବତୀଙ୍କ ସହ ଅଶ୍ଳୀଳ ଫୋଟ ଉଠାଇ ଭାଇରାଲ କରିବା ନେଇ ଟାଉନ ଥାନାରେ ମାମଲା ରୁଜୁ ହୋଇଥିଲା। ଟାଉନ ଥାନା ଏସ୍‌ଆଇ ରାଜେନ୍ଦ୍ର ପାଙ୍ଗୀ ନାବାଳକଙ୍କୁ କାବୁ କରିଥିଲେ।


**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ସମ୍ବଲପୁର (18398),
ସା: ମହାନଦୀ ଭବନ, କଚେରୀ ରୋଡ୍, ଏସ୍‌ବିଆଇ ମୁଖ୍ୟ ଶାଖା ନିକଟ, ୧ମ ମହଲା, ପ୍ରଶାସନିକ କାର୍ଯ୍ୟାଳୟ, ଜିଲ୍ଲା: ସମ୍ବଲପୁର, ଓଡିଶା-୭୬୮୦୦୧, ଇ-ମେଲ: sbi.18398@sbi.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସ୍‌ନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ନିୟମ ୮(୬) ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ନୋଟିସ୍

ନିମ୍ନ ସ୍ୱାକ୍ଷରକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଦର୍ଶିତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ ୨୦୦୨ ଅନ୍ତର୍ଗତ) ନିମ୍ନଦର୍ଶିତ ସମ୍ପତ୍ତିକୁ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି।

**ଇ-ନିଲାମ ତାରିଖ ଏବଂ ସମୟ: ତା.୧୭.୦୯.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୩.୦୦ ଘଟିକା**

| କ୍ର. ନଂ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା / ଅଂଶୀଦାରଙ୍କ ନାମ ଏବଂ ଠିକଣା | ସମ୍ପତ୍ତିଗୁଡିକର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାର ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଋଣଗ୍ରହୀତା: ମେସର୍ସ ଜିନ୍ ମାତା ଷ୍ଟିଲ୍ / ଅଂଶୀଦାର ତଥା ବନ୍ଧକଦାତାମାନେ: ୧) ଶ୍ରୀ ଅମିତ ଅଗ୍ରୱାଲ, ପିତା: ସୁବାସ ଚନ୍ଦ୍ର ଅଗ୍ରୱାଲ, ସା: ବୈଦ୍ୟନାଥ ଛକ, ସାନସଡକ, ସମ୍ବଲପୁର, ପିନ୍-୭୬୮୦୦୧, ୨) ସୁମିତ ଅଗ୍ରୱାଲ, ପିତା: ସୁବାଷ ଚନ୍ଦ୍ର ଅଗ୍ରୱାଲ, ଗୁଜରାଟୀ ସ୍କୁଲ ବିପରିତ, ସାନସଡକ, ସମ୍ବଲପୁର, ପିନ୍-୭୬୮୦୦୧ / ଅଂଶୀଦାର: ଶ୍ୟାମ ସୁନ୍ଦର କେଡିଆ, ପିତା: ନେତ୍ରମଣୀ କେଡିଆ, ସା: ଲମିଟିବାହାଲ, ବ୍ରଜରାଜନଗର, ଝାରସୁଗୁଡା, ପିନ୍-୭୬୮୨୧୬ | ଶ୍ରୀ ଅମିତ ଅଗ୍ରୱାଲ ଏବଂ ସୁମିତ ଅଗ୍ରୱାଲଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୦୮୮/୧୩୪, ପ୍ଲଟ୍ ନଂ.: ୨୪୬୪, କ୍ଷେତ୍ର: ଏକର୦.୦୨୪ ଡିସିମିଲି, କିସମ: ଘରବାରୀ, ମୌଜା: ସମ୍ବଲପୁର ୟୁନିଟ୍-୬, ଥାନା/ତହସିଲ: ସମ୍ବଲପୁର, ଜିଲ୍ଲା: ସମ୍ବଲପୁର, ଓଡିଶା (ଏହି ସମ୍ପତ୍ତି ବ୍ୟାଙ୍କର ସାଙ୍କେତିକ ଦଖଲରେ ଅଛି) | ୦୭.୦୭.୨୦୨୫ ସୁଦ୍ଧା ଟ.୭୧,୯୧,୫୪୪/- ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି | ଟ.୪୭,୯୯,୦୦୦/- / ଟ.୪,୭୯,୯୦୦/- / ଟ.୫୦,୦୦୦/- |
| ୨. | ଋଣଗ୍ରହୀତା: ଶ୍ରୀମତୀ ଲତା କୁମ୍ଭାର, ସ୍ୱାମୀ: ଶ୍ରୀ ବକୁଳ ଲୁହାର, ସା/ପୋ.: ପେଟୁପାଲି, ଭାୟା: ଘେଁସ, ଜିଲ୍ଲା : ବରଗଡ଼, ରାଜ୍ୟ: ଓଡ଼ିଶା, ପିନ୍-୭୬୮୦୩୪ | ଶ୍ରୀମତୀ ଲତା କୁମ୍ଭାର, ସ୍ୱାମୀ: ଶ୍ରୀ ବକୁଳ ଲୁହାରଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୨୨୧/୪୯୮, ପ୍ଲଟ୍ ନଂ.: ୧୦୧୬/୨୫୧୮, କ୍ଷେତ୍ର: ଏକର୦.୧୯ ଡିସିମିଲି, କିସମ: ଘରବାରୀ, ମୌଜା: ପେଟୁପାଲି, ତହସିଲ: ସୋହେଲା, ଥାନା: ମେଲଛାମୁଣ୍ଡା, ଜିଲ୍ଲା: ବରଗଡ଼, ଓଡ଼ିଶା (ଏହି ସମ୍ପତ୍ତି ବ୍ୟାଙ୍କର ସାଙ୍କେତିକ ଦଖଲରେ ଅଛି) | ୧୭.୦୫.୨୦୨୫ ସୁଦ୍ଧା ଟ.୨୯,୪୯,୮୦୮/- ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି | ଟ.୨୭,୦୦,୦୦୦/- / ଟ.୨,୭୦,୦୦୦/- / ଟ.୫୦,୦୦୦/- |
| ୩. | ଋଣଗ୍ରହୀତା: ଶ୍ରୀ ସରତ କୁମାର ପଟେଲ, ପିତା: ଶ୍ରୀ ଚିନ୍ତାମଣୀ ପଟେଲ / ଗ୍ୟାରେଣ୍ଟିଦାତା: ଶ୍ରୀ ଚିନ୍ତାମଣୀ ପଟେଲ, ପିତା: ନନ୍ଦ କିଶୋର ପଟେଲ, ଉଭୟଙ୍କ ଠିକଣା- ସା: କେଶାଇବାହାଲ, ଜିଲ୍ଲା: ସମ୍ବଲପୁର, ଓଡିଶା, ପିନ୍-୭୬୮୨୨୮ | ଶ୍ରୀ ଚିନ୍ତାମଣୀ ପଟେଲଙ୍କ ନାମରେ ଥିବା (ଖାଲି ଜମି) ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୪୪/୧୪୨, ପ୍ଲଟ୍ ନଂ.: ୬୩୭, ୬୩୮, କ୍ଷେତ୍ର: ଏକର୦.୨୯ ଡିସିମିଲି (ଖାଲି ଜମି), ମୌଜା: କେଶାଇବାହାଲ, ଜିଲ୍ଲା: ସମ୍ବଲପୁର, ଓଡ଼ିଶା (ଏହି ସମ୍ପତ୍ତି ବ୍ୟାଙ୍କର ସାଙ୍କେତିକ ଦଖଲରେ ଅଛି) | ୦୮.୦୮.୨୦୨୫ ସୁଦ୍ଧା ଟ.୩୧,୮୨,୩୯୧/- ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି | ଟ.୧୪,୩୫,୦୦୦/- / ଟ.୧,୪୩,୫୦୦/- / ଟ.୫୦,୦୦୦/- |

ସମ୍ପତ୍ତି ତନଖି କରିବାର ତାରିଖ ଓ ସମୟ ତା:୧୧.୦୯.୨୦୨୫ରିଖ, ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ

ନିଲାମଧାରୀମାନଙ୍କୁ ପରାମର୍ଶ କି ଅନଲାଇନ ନିଲାମ ଡାକରେ ଅଂଶ ଗ୍ରହଣ କରିବା ପାଇଁ ସେମାନେ ଆମ୍ଭର ଇ-ନିଲାମ ସେବାପ୍ରଦାନକାରୀ PSB Alliance Pvt. Ltd. ଙ୍କର ୱେବସାଇଟ: (https://www.BAANKNET.com) ଦେଖନ୍ତୁ । କୌଣସି ବୈଷୟିକ ସହାୟତାପାଇଁ ମୋ.: 8291220220କୁ କଲ କରନ୍ତୁ । ପଞ୍ଜିକରଣ ସ୍ଥିତି ଏବଂ ଅମାନତ ରାଶି ସ୍ଥିତି ନିମନ୍ତେ support.Baanknet@psballiance.comକୁ ମେଲ୍ କରନ୍ତୁ । ସମ୍ପତ୍ତି ବିବରଣୀ ଏବଂ ସମ୍ପତ୍ତି ଫଟୋଗ୍ରାଫ ଓ ନିଲାମର ନିୟମ ଓ ସର୍ତ୍ତାବଳୀ ନିମନ୍ତେ ୱେବସାଇଟ: https://www.BAANKNET.com ଦେଖନ୍ତୁ । ସମ୍ପତ୍ତିର ସ୍ପଷ୍ଟିକରଣ ନିମନ୍ତେ ଯୋଗାଯୋଗ PSB Alliance Pvt. Ltd., ଯୋଗାଯୋଗ ନଂ.: 8291220220

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୬) ଅନୁଯାୟୀ ପରବର୍ତ୍ତୀ ବିକ୍ରୟ ପାଇଁ ଋଣଗ୍ରହୀତାମାନଙ୍କ ନିମନ୍ତେ ୩୦ ଦିନିଆ ବୈଧାନିକ ନୋଟିସ୍ ଅଟେ।

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ୍ ଦେଖନ୍ତୁ:
www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others
ସମ୍ପତ୍ତି ସମ୍ବନ୍ଧୀୟ ଅନୁସନ୍ଧାନ ପାଇଁ କ୍ଷମତାପ୍ରାପ୍ତ ଅଧିକାରୀ: ଶ୍ରୀମତୀ ପ୍ରମିଳା ଏକ୍କା, ମୋ: ୭୯୭୮୩୫୧୯୯୮, ସିସିଓ: ଶ୍ରୀ ସୁବ୍ରତ ସାହୁ, ମୋ: ୯୫୯୪୦୬୩୪୯୦, ଶ୍ରୀ ଦିଲେଶ୍ୱର ମେହେର, ମୋ: ୮୯୧୭୩୮୮୪୦୮ରେ ଯୋଗାଯୋଗ କରନ୍ତୁ।

ସ୍ଥାନ : ସମ୍ବଲପୁର
ତାରିଖ : ୦୮.୦୮.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, SARB, ସମ୍ବଲପୁର



**GOVERNMENT OF ODISHA** No.O-546
**OFFICE OF THE SUPERINTENDING ENGINEER RURAL WORKS DIVISION, PATNAGARH**
E-Mail : eerw_ptng@yahoo.in, Phone No. : 06658-222121

**e-Procurement Notice**
**IFB Identification No.EEPTNG-Online-01/2025-26**

| | | | |
|---|---|---|---|
| 1 | Name of work | : | Construction of Building works |
| 2 | Total No. of work | : | 02 (Two) Nos works |
| 3 | Time for completion | : | 09 (Nine) Calendar month |
| 4 | Approximate estimated Cost | : | 73.73 to 99.27 lakh |
| 5 | Mode of Submission of tender | : | Tender should be submitted online in www.tendersorissa.gov.in |
| 6 | Other details are as follow | | |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Executive Engineer, R.W.Divn., Patnagarh | EEPTNG-Online - 01/2025-26 | 14.08.2025 at 11.00 A.M. | 29.08.2025 upto 5.00 P.M. | 26.08.2025 upto 5.00 P.M. | 30.08.2025 at 11.00 A.M. | The date will be intimated to the technically qualified bidders later |

- Further details can be seen from the website www.tendersorissa.gov.in
- Any Corrigendum/Addendum will be displayed in the above e tender website only.

Sd./- Executive Engineer
R.W. Division, Patnagarh

OIPR-25154/11/0024/2526



**GOVERNMENT OF ODISHA** No.O-566
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, ANGUL**
E-mail : sencrwangul@yahoo.co.in, Ph. : 06764-236404

**NOTICE INVITING TENDER FOR MAINTENANCE WORKS IN ODISHA**
**Bid Identification No. Maintenance Online AGL-09/2025-26**

**No. 2305//** **Dt. 07.08.2025//**

1. Name of the work : Maintenance work, 2. Total No. of work : 1 No., 3. Estimated cost : Rs.118.20 Lakhs (Approx), 4. Class of Contractor : 'B' & 'A' Class, 5. Period of completion : 03 (Three) Calendar Months and Five years routine maintenance, 6. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Maintenance Online - AGL-09/2025-26 | 14.08.25 at 10.00 A.M. | 29.08.25 up to 5.00 P.M. | 26.08.25 up to 1.00 P.M. | 30.08.25 at 11.00 A.M. | Will be intimated separately |

For detailed Notice inviting Tenders, Please visit to the website http://www.pmgsytenders.gov.in

Sd./- Chief Construction Engineer,
Rural Works Circle, Angul

OIPR-25180/11/0061/2526



**GOVERNMENT OF ODISHA** No.O-560
**OFFICE OF THE SUPERINTENDING ENGINEER RURAL WORKS DIVISION, KENDRAPARA**
eerw_kpd@yahoo.com

**INVITATION FOR BIDS**
**'E' PROCUREMENT NOTICE NO. RWD / KPD-03 / 2025-26 DT.06.08.2025**

1. Name of work : Road & Building work in the District of Kendrapara for the year 2025-26.
2. Total No. of work : **01 Number of Road & 01 Number of Building work**
3. Estimated Cost : **Rs.65.53 lac & Rs.75.58 lac approximately**
4. Period of Completion : As Specified in the Annexure
5. Class of contractors : As Specified in the Annexure
6. Cost of tender paper : Cost of tender paper is to be remitted ONLINE for Rs.10000.00 per set
7. Detail projects : As per Annexure attached

Further details can be seen form the Govt. website www.tendersorissa.gov.in
**Other details as follows :-**

| Procrement Officer | Place of Opening | Availability of tender online for bidding | | Last date and time of seeking tender clarification | Date and time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Kendrapara | Office of the Superintending Engineer, Rural Works Division, Kendrapara | 14.08.2025 At 5.00 P.M. | 29.08.2025 Up to 5.00 P.M. | Up to 5.00 P.M. on 26.08.2025 | 30.08.2025 at 11.00 A.M. | The date will be intimated to the technically qualified bidders later on |

Sd./- Bhagirathi Dash
Executive Engineer, Rural Works Division, Kendrapara

OIPR-25064/11/0024/2526



**Directorate of Ports & Inland Water Transport**
Fortune Tower, Ground Floor, Zone - A, Chandrasekharpur, Bhubaneswar-751023,
Phone : 0674-2300885, Email : portsniwt.od@nic.in

No.JJ-37 **e-PROCUREMENT NOTICE**

| Sl. No. | Name of the Work | Approximate Value of Work (in Rs.) |
|---|---|---|
| (1) | (2) | (3) |
| 01. | Procurement of 1 (One) No. 25-seater Solar Hybrid FRP Passenger Boat for operation under Ports & IWT, Mechanical Sub-Division at Balugaon in Khordha District, Odisha **(Bid Identification No.DPIWT-07/2025-26)** | 1,14,52,381.00 |
| 02. | Procurement of 1 (One) No. 12-seater Solar Hybrid FRP Passenger Boat for operation under Ports & IWT, Mechanical Sub-Division at Chandabali in Bhadrak District, Odisha **(Bid Identification No.DPIWT-08/2025-26)** | 79,28,572.00 |
| 03. | Procurement of 2 (Two) Nos. 12-seater Solar Hybrid FRP Passenger Boat for operation at Satapada in Puri District, Odisha **(Bid Identification No.DPIWT-09/2025-26)** | 1,58,57,143.00 |

04. No. of Covers : **Double cover**
05. Bid Cost : **Rs.10,000.00**
06. Period of Completion : **06 (Six) Calendar Months**
07. Date & Time of availability of bid document in the portal : **12.08.2025 to 08.09.2025 up to 05.00 P.M.**
08. Date & Time of Bid Clarification : **12.08.2025 to 19.08.2025 up to 03.00 P.M.**
09. Date & Time of Pre-Bid meeting : **20.08.2025 at 11.30 A.M.**
10. Last date & time for receipt of bids in the portal : **08.09.2025 up to 05.00 P.M.**
11. Date of opening of bid document (Cover-I) : **09.09.2025 at 11.30 A.M. onwards**
12. Name and address of officer inviting Tender (OIT) : **Director, Ports & Inland Water Transport, Fortune Tower, Ground Floor, Zone-A, Chandrasekharpur, Bhubaneswar, Odisha, Pin-751023, Phone : 0674-2390355, Fax-2396885, e-Mail : portsniwt.od@nic.in**

Further details can be seen from the e-Procurement market place, https//tendersodisha.gov.in.
The Addendum / Corrigendum if any will be hoisted in the website only.

Sd./- Director
Ports & IWT, Odisha

OIPR-38035/11/0040/2526

# ଆଦିବାସୀ ସଂସ୍କୃତି ସହ ଜଳ, ଜଙ୍ଗଲ ସୁରକ୍ଷାକୁ ଗୁରୁତ୍ୱ

ରାୟଗଡ଼ା,୯।୮
(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ଆଦିବାସୀ ସମାଜ ପକ୍ଷରୁ ବିଶ୍ୱ ଜନଜାତି ଦିବସ ଶନିବାର ପାଳିତ ହୋଇଛି। ସ୍ଥାନୀୟ ଜିସିଡି ପଡ଼ିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆଦିବାସୀ ସଂସ୍କୃତି ଓ ଜୀବନଶୈଳୀ ସହ ଜଳ, ଜମି ଓ ଜଙ୍ଗଲ ସୁରକ୍ଷା ଉପରେ ସମ୍ପର୍କରେ ବିଧାୟକ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମରିକା, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଚନ୍ଦ୍ରକାନ୍ତ ମାଝୀ, ପୂର୍ବତନ ପ୍ରଶାସନିକ



ଆଦିବାସୀ ଦିବସ ଉପଲକ୍ଷେ ରାୟଗଡ଼ାରେ ବାହାରିଥିବା ଶୋଭାଯାତ୍ରା।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଅଧିକାରୀ ଜଳନ୍ଧର ପୁସିକା, ପୂର୍ବତନ ଜିଲା ପରିଷଦ ଅଧକ୍ଷ ଗଙ୍ଗାଧର ପୁଆଲା, ବ୍ଲକ ଉପାଧ୍ୟକ୍ଷ ହର ପ୍ରସାଦ ହେପୃକା ପ୍ରମୁଖ ଉପସ୍ଥିତ ଥିଲେ। ଜନଜାତି ଦିବସ ପାଳନ ପାଇଁ ବିଶାଳ ସମାବେଶ ମଧ ଅନୁଷ୍ଠିତ ହୋଇଥିଲା। ସହରର ଚାରି ଦିଗରୁ ରାଲି ବାହାରି ତହସିଲ ଛକରେ ଥିବା ଆମ୍ବେଦକର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ଆଦିବାସୀ ନେତା। ଏହାପରେ ଜିସିଡି ପଡ଼ିଆ ଠାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ନୃତ୍ୟ, ସଂଗୀତ ସାଙ୍ଗରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ହଜାର ସଂଖ୍ୟାରେ ଜନଜାତି ସମ୍ପ୍ରଦାୟର ଲୋକମାନେ ଏଥିରେ ସାମିଲ ହୋଇଥିଲେ।

## ବିଭିନ୍ନ ସ୍ଥାନରେ ବିଶ୍ୱ ଆଦିବାସୀ ଦିବସ

### ଉପଜିଲାପାଳଙ୍କୁ ୧୨ ଦଫା ସମ୍ବଳିତ ଦାବିପତ୍ର

ଗୁଣପୁର,୯।୮ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ର ବିଭିନ୍ନ ସ୍ଥାନ ଏବଂ ସଙ୍ଗଠନ ପକ୍ଷରୁ ଶନିବାର ବିଶ୍ୱ ଆଦିବାସୀ ଦିବସ ପାଳନ କରାଯାଇଥିଲା । ଗୁଣପୁର ଟାଉନ ହଲ୍‌ଠାରେ ଓଡିଶା ଆଦିବାସୀ ମଞ୍ଚ ତରଫରୁ ଆଦିବାସୀ ମହିଳା ନେତ୍ରୀ ବିଦ୍ୟୁଲତା ହୁଇକାଙ୍କ ନେତୃତ୍ୱରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଆଦିବାସୀ ପରମ୍ପରା ଓ ସଂସ୍କୃତିର ନୃତ୍ୟ, ଗୀତ ପରିବେଷଣ କରି ମନୋରଞ୍ଜନ କରାଯାଇଥିଲା। ବହୁ ବୁଦ୍ଧିଜୀବୀ ଓ ସାମାଜିକ କର୍ମୀଙ୍କୁ ମଞ୍ଚରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ତଥା ବରିଷ୍ଠ ଖବରଦାତା ଡ. ବାଦଲ ତା, ସମିତି ସଭ୍ୟା ସିନେମି ଶବର, ଓଡ଼ିଶା ବିକଳାଙ୍ଗ ମଞ୍ଚ ସଭାପତି ରାକେଶ ହିମିରିକା, ଇସ୍ମାଇଲ ଶବର, ଦିବାକର, ଓକିଲ ସଂଘ ସଭାପତି ଗୌରୀ ଦାସ, ପୂର୍ବତନ ସରପଞ୍ଚ ଗୌରୀ ଗମାଙ୍ଗ, ଜେମ୍ସ ଶବର ଓ ଓକିଲ ପ୍ରଦୀପ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶା ଆଦିବାସୀ ମଞ୍ଚ ତରଫରୁ ଗୁଣପୁର ଉପଜିଲାପାଳ ଅଭିଷେକ ଦିଲୀପ ଦୁଧାଲଙ୍କୁ ଆଦିବାସୀଙ୍କ ସୁରକ୍ଷା ତଥା ସାମାଜିକ ଓ ଅର୍ଥନୈତିକ ସ୍ଥିତି ସୁଦୃଢ଼ କରିବା ନିମନ୍ତେ ସହଯୋଗ କରିବା ନେଇ ଏକ ୧୨ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ।

### ବିଭିନ୍ନ ବ୍ୟକ୍ତି ବିଶେଷ ସମ୍ମାନିତ


ସମ୍ମାନିତ ହୋଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ ।

ଚନ୍ଦ୍ରପୁର,୯।୮ (ବିଜୟ ପ୍ରସାଦ ଉଲାକା)

ଚନ୍ଦ୍ରପୁର ବ୍ଲକର ନୋଡାଲ ହାଇସ୍କୁଲ ଖେଳ ପଡ଼ିଆରେ ବ୍ଲକସ୍ତରୀୟ ବିଶ୍ୱ ଆଦିବାସୀ ଦିବସ ବ୍ଲକ ଆଦିବାସୀ କମିଟି ସଭାପତି ବିଜୟ ଉଲାକାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଦିବାସୀମାନଙ୍କ ସୁବିଧା ଅସୁବିଧା ଏବଂ ଏହି ଦିବସର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ ଡାଙ୍ଗସୋରଡା, ବୁଡ଼ିବାଲି,ଚନ୍ଦ୍ରପୁର ଓ ନେହୁରୁପଙ୍ଗା ଏସ୍‌ଏସ୍‌ଡି ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାରେ ପାରଦର୍ଶିତା ଲାଭ କରିଥିବା ଆଦିବାସୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଦେଇ ସମ୍ମାନିତ କରାଯାଇଥିଲା। ସେହିପରି ଆଦର୍ଶ ଶିକ୍ଷକ ଭାବେ ଏସ୍‌ଏସ୍‌ଡି ଚନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭାସ୍କର ଗମାଙ୍ଗ, କୃଷି ଶିକ୍ଷକ ପ୍ରଦୀପ ଚୌଧୁରୀ, ରାଜୁ ପାଲ୍, ଚନ୍ଦ୍ରପୁରର ଉତ୍ତମ ପିଇଓ ଆଶୁତୋଷ ପାଣିଗ୍ରାହୀଙ୍କୁ ମାନପତ୍ର ସହ ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା। ସେହିପରି ବ୍ଲକ ଅଧକ୍ଷ କଇଁନ କିମ୍ଭାକା,ସାମାଜିକ କର୍ମୀ ଭାବେ ଭୀମ ଗୋଗେରେଙ୍ଗା, ବିଜୟ ଉଲାକା, ସରପଞ୍ଚ ଫକୀର ଗୁମିଡେଙ୍ଗା, ହାଡିବନ୍ଧୁ ବ୍ରେକବେଡ଼ା, ସାହେବ ବ୍ରେକବେଡାଙ୍କୁ ମଧ ସମ୍ମାନୀତ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷ କଇଁନ କିମ୍ଭାକା, ସମ୍ମାନୀତ ଅତିଥି ବୁଡ଼ିବାଲି ସରପଞ୍ଚ ଭୀମ ଗୋଗେରେଙ୍ଗା, ରଞ୍ଜିତା ବ୍ରେକବେଡାଙ୍କ ସମେତ ଶତାଧିକ ଆଦିବାସୀ ଯୁବତୀଯୁବକ ଉପସ୍ଥିତ ଥିଲେ। ଶେଷରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା ।

# କାବ୍ୟ ସାହିତ୍ୟରେ ବିରାଟ ପରିବର୍ତ୍ତନର ବ୍ୟକ୍ତିତ୍ୱ ଥିଲେ ଗଙ୍ଗାଧର

ଗୁଣପୁର,୯।୮ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର କଳିଙ୍ଗ ସାହିତ୍ୟ ଘର ପକ୍ଷରୁ ଶନିବାର ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ ପାଳିତ ହୋଇ ଯାଇଛି। ଆବାହକ ଶକ୍ତି ଦାଶଙ୍କ ନିମନ୍ତ୍ରଣକ୍ରମେ ସ୍ଥାନୀୟ ଭେଙ୍କେଟଶ୍ୱର କଲ୍ୟାଣ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ସାହିତ୍ୟ ଘର ସଭାପତି ସୁରେନ୍ଦ୍ର କୁମାର ମଲ୍ଲିକ ଅଧକ୍ଷତା କରିଥିଲେ। ଗୁଣପୁର ମହାବିଦ୍ୟାଳୟ ଓଡ଼ିଆ ଅଧାପକ ଜଗନ୍ନାଥ ଦୀପ ମୁଖ୍ୟ ଅତିଥି, ଶତାୟୁ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ଭାରପ୍ରାପ୍ତ ବିଇଓ ହେମାନନ୍ଦ ବରିହା ମୁଖ୍ୟ ବକ୍ତାଭାବେ ଯୋଗ ଦେଇଥିଲେ। ସାହିତ୍ୟ ଘର ସମ୍ପାଦକ ଅନନ୍ତ ପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ। କାବ୍ୟ ସାହିତ୍ୟରେ ବିରାଟ ପରିବର୍ତ୍ତନର ବ୍ୟକ୍ତିତ୍ୱ ଗଙ୍ଗାଧର ଥିଲେ ବୋଲି ମୁଖ୍ୟ ଅତିଥି କହିଥିଲେ। କବୟିତ୍ରୀ ରଜନୀ ରାଣୀ ମିଶ୍ର କବିତାରେ ଗଙ୍ଗାଧରଙ୍କ ସ୍ମୃତି ଚାରଣ କରିଥିଲେ। କ୍ରିଷ୍ଣ ପ୍ରସାଦ ଦାସ ଜର୍ମାନରେ ଗଙ୍ଗାଧରଙ୍କ କୃତି କିପରି ଅଛି ତାହା ଉପସ୍ଥାପନା କରିଥିଲେ। ସଭାପତି ମଲ୍ଲିକ ଗଙ୍ଗାଧରଙ୍କ ଜୀବନୀ, ସାହିତ୍ୟରେ ସମାଜ ପ୍ରତି ଭଲ ପାଇବା ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମକୁ କଳିଙ୍ଗ ସାହିତ୍ୟ ଘରର ଉପସଭାପତି ଇନ୍ଦ୍ରାକ୍ଷୀ ଦାସ ସଂଯୋଜନା କରିବା ସହ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଳିଙ୍ଗ ସାହିତ୍ୟ ଘରର ସଙ୍ଗଠନ ସମ୍ପାଦକ ପ୍ରମୋଦ ଚନ୍ଦ୍ର ପଣ୍ଡା, ସଦସ୍ୟ ସୂର୍ଯ୍ୟ ପଟ୍ଟନାୟକ, ଗୁଟୁ ପାଢୀ, ସନ୍ତୋଷ କୁମ୍ଭାର, ସୀମାଞ୍ଚଳ ଗୌଡ଼, ରାମ କୁମ୍ଭାର, ସାମାଜିକ କର୍ମୀ ଆମରାପୁ ବିଶ୍ୱନାଥ ସେଠୀ ଓ ରାମଚନ୍ଦ୍ର ପଣ୍ଡା, ଖବରଦାତା ଅନୀଲ ସାହୁକାର, ଶିକ୍ଷକ ଦୁର୍ଗା ପ୍ରସାଦ ମହାପାତ୍ର, ରମେଶ ମିଶ୍ର, ଅଶ୍ୱିନୀ ତ୍ରିପାଠୀଙ୍କ ସମେତ ବହୁ କବି ଯୋଗ ଦେଇଥିଲେ। ଅତିଥିଙ୍କୁ ସମ୍ମାନିତ ସହ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି।


କାର୍ଯ୍ୟକ୍ରମରେ ଜଣେ ଅତିଥି ମତ ରଖୁଛନ୍ତି।

# ବିରଳ ସଂସ୍କୃତିର ସୁରକ୍ଷା, ସଂରକ୍ଷଣ ପାଇଁ ଆହ୍ୱାନ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ।

ମୁନିଗୁଡା,୯।୮ (ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡ଼ା ବ୍ଲକ୍ ଆଦିବାସୀ ସମାଜ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବ୍ଲକ୍ ଆଦିବାସୀ ସମାଜ ସଭାପତି ଜଗନ୍ନାଥ ନୁନ୍ଦ୍ରୁକାଙ୍କ ନେତୃତ୍ୱରେ ବିଭିନ୍ନ ପଞ୍ଚାୟତରୁ ଶତାଧିକ ଆଦିବାସୀ ସମାଜ କର୍ମକର୍ତ୍ତା ଉପସ୍ଥିତ ରହି ସ୍ଥାନୀୟ ଗୁଣ୍ଡିଚା ମନ୍ଦିର ପରିସରରୁ ପାରମ୍ପରିକ ବାଦ୍ୟ ଓ ଅସ୍ତ୍ରଶସ୍ତ୍ର ସହ ପଟୁଆରରେ ବାହାରି ସହର ପରିକ୍ରମା କରି ମୁନିଖୋଲସ୍ଥିତ କନ୍ୟକା ପରମେଶ୍ୱରୀ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ନୁନ୍ଦ୍ରୁକାଙ୍କ ସଭାପତିତ୍ୱ ଓ ଉତ୍ତମ କୁମାର ଦାସଙ୍କ ସଂଯୋଜନାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ସାରଙ୍ଗଧର କାଡ୍ରାକା, ସମ୍ମାନିତ ଅତିଥି ମୁନିଗୁଡା ବିଡିଓ କୃଷ୍ଣଚନ୍ଦ୍ର ଦଳପତି, ବ୍ଲକ ଅଧକ୍ଷା ଦୁଃଖିନୀ ନୁନ୍ଦ୍ରୁକା,ମୁଖ୍ୟବକ୍ତା ଅବସରପ୍ରାପ୍ତ ଜିଲା ମଙ୍ଗଳ ଅଧିକାରୀ ଅକ୍ଷୟ କୁମାର ମଲ୍ଲିକ ଓ ଉପ ସଭାପତି ଉପେନ୍ଦ୍ର ଶିକକା ପ୍ରମୁଖ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ ଏହାକୁ ଉଦ୍‌ଘାଟନ କରିବା ସହ ଏହି ଦିବସପାଳନର ମୁଖ୍ୟ ଉଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ପୁରାତନ ଆଦିମ ଜନଜାତି ସମ୍ପ୍ରଦାୟର ଅଧିକାର,ସଂସ୍କୃତିର ସୁରକ୍ଷା,ସମ୍ମାନ ଏବଂ ଜଙ୍ଗଲ,ଜମିର ସୁରକ୍ଷା, ଶିକ୍ଷା ସହିତ ସେମାନଙ୍କ ବିଲୁପ୍ତହେବାକୁ ଥିବା ବିରଳ ସଂସ୍କୃତିର ସୁରକ୍ଷା ଓ ସଂରକ୍ଷଣ ପାଇଁ ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଆହ୍ୱାନ ଦେଇଥିଲେ । ଏହି ଅବସରରେ ବିଭିନ୍ନ ବର୍ଗର ଲୋକଙ୍କୁ ସମାଜ ତରଫରୁ ସମ୍ମାନିତ କରାଯାଇଥିଲା । ପରେ ବିଭିନ୍ନ ଆଦିବାସୀ ମାନଙ୍କ ପାରମ୍ପରିକ ନୃତ୍ୟ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ସମାଜର ଉପ ସଭାପତି ରାଜୀବ ପୁଷିକା, ସାଧାରଣ ସମ୍ପାଦକ ତ୍ରିପତି କିଲାକା,ସମ୍ପାଦକ ପ୍ରକାଶ କରସିକା,ଅନନ୍ତ ନୁଣ୍ଡୁକା,କୋଷାଧକ୍ଷ ଅନନ୍ତ ନୁଣ୍ଡୁକା ପ୍ରମୁଖ ଉପସ୍ଥିତ ରହି ପରିଚାଳନା ଓ ସହଯୋଗ କରିଥିଲେ।

# ଇ-ଅପଚୟ କମାଇବାକୁ ଆହ୍ୱାନ

ଗୁଣପୁର,୯।୮ ( ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟ କମ୍ପ୍ୟୁଟର ସାଇନ୍ସ ବିଭାଗର ଆନୁକୂଲ୍ୟରେ ସବୁଜ ସୂଚନା ଓ ଉଦୀୟମାନ ପ୍ରଯୁକ୍ତି ବିଦ୍ୟାର ପରବର୍ତ୍ତୀ ପୀଢ଼ି ସମ୍ପର୍କୀୟ ୨ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ସମ୍ମିଳନୀକୁ ନୂଆଦିଲ୍ଲୀସ୍ଥିତ ଅନୁସନ୍ଧାନ ଜାତୀୟ ଗବେଷଣା ପ୍ରତିଷ୍ଠାନ ଓ ଆଇଇଇଇ ଭୁବନେଶ୍ୱର ବିଭାଗ ପକ୍ଷରୁ ପ୍ରାୟୋଜିତ କରିଛନ୍ତି। ଆଇଇଇଇର ଭାରତ ପରିଷଦ ଅଧକ୍ଷ ଡ. ପ୍ରୀତି ବଜାଜ ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍ଥାୟୀ ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥିଭାବେ ଆନ୍ଧ୍ର ବିଶ୍ୱ ବିଦ୍ୟାଳୟ ପ୍ରଫେସର୍ ପି.ଏସ୍. ଅଭାଧନୀ, ଆମେରିକାସ୍ଥିତ ଆର୍‌ଆଇଟି କୋଷଭର କମ୍ପ୍ୟୁଟର ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ପ୍ରଫେସର୍ ଦେବବ୍ରତ ସାମନ୍ତ, ବିଶ୍ୱବିଦ୍ୟାଳୟର ମହାନିର୍ଦ୍ଦେଶକ ଡ ଜଗଦୀଶ ପଣ୍ଡା, ବିଶ୍ୱ ବିଦ୍ୟାଳୟର କୁଳପତି ଡ ଏ.ଭି. ଏନ୍. ଏଲ ଶର୍ମା ଯୋଗଦେଇଥିଲେ। ଅତିଥିମାନେ ଇ - ଅପଚୟର କମାଇବା ଓ ବିଭିନ୍ନ ଅନୁସନ୍ଧାନ ମୂଳକ ଗବେଷଣା ପାଇଁ ପ୍ରେରଣା ଦେଇଥିଲେ। କମ୍ପ୍ୟୁଟର ସାଇନ୍ସ ବିଭାଗ ଡେପୁଟି ଡିନ ଡ କେ. ମୁରଲୀ ଗୋପାଳ ସ୍ୱାଗତ ଭାଷଣ ଓ ସମ୍ମିଳନୀ ଆବାହକ ଡ ରାଘେବେନ୍ଦ୍ର କୁମାର ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ସମ୍ମିଳନୀରେ ଅନୁଷ୍ଠାନର ରେଜିଷ୍ଟ୍ରାର ଡ ଏନ୍.ଭି.ଜେ. ରାଓ, ସମସ୍ତ ବିଭାଗର ଡିନ୍, ମୁଖ୍ୟ, ଅଧାପିକା, ଅଧାପକ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏହି ଦୁଇଦିନିଆ ଅର୍ନ୍ତଜାତୀୟ ସମ୍ମିଳନୀରେ ଦେଶ ବିଦେଶରୁ ଅନେକ ଗବେଷକ , ପ୍ରଫେସର ବକ୍ତା ଭାବେ ଯୋଗଦେଇ ବିଭିନ୍ନ ସନ୍ଦର୍ଭ ପାଠ କାର୍ଯ୍ୟକ୍ରମ ରହିଛି।

# ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ପୀଡ଼ିତାଙ୍କ ମୃତ୍ୟୁ

## ଫଟୋ ଭାଇରାଲ ପରେ ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣା

ଉମରକୋଟ/ରାଇଘର, ୯।୮
(ସନ୍ତୋଷ ଶତପଥୀ/ କିରଣ ପଟ୍ଟନାୟକ)

ଫଟୋ ଭାଇରାଲ ହେବା ପରେ ବିଷପାନକରି ଆତ୍ମହତ୍ୟା ଉଦ୍ୟମ କରିଥିବା ନବରଙ୍ଗପୁର ଜିଲା ରାଇଘର ବ୍ଲକ୍ ଅଞ୍ଚଳର ଜଣେ ଯୁବତୀଙ୍କର ଭୁବନେଶ୍ୱରସ୍ଥିତ ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ଅପରାହ୍ନରେ ମୃତ୍ୟୁ ହୋଇଛି। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଡାକ୍ତରଖାନା ପକ୍ଷରୁ ସୂଚନା ଦିଆଯାଇଛି। ଛାତ୍ରୀଙ୍କ ମୃତ୍ୟୁ ପରେ ବିରୋଧୀ ଦଳର ନେତାମାନେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ନବରଙ୍ଗପୁର ପୂର୍ବତନ ଏମ୍‌ପି ତଥା ବିଜେଡି ନେତା ପ୍ରଦୀପ ମାଝୀ ଛାତ୍ରୀଙ୍କ ମୃତ୍ୟୁ ପାଇଁ ରାଜ୍ୟ ସରକାରଙ୍କ ନିଷ୍କ୍ରିୟତା ଓ ପୋଲିସ ପ୍ରଶାସନର ଅବହେଳାକୁ ଦାୟୀ କରିଛନ୍ତି। ପୀଡ଼ିତାଙ୍କୁ ଠିକ୍ ସମୟରେ ପୋଲିସ ପକ୍ଷରୁ ସହାୟତା ମିଳିଥିଲେ ସେ ଆତ୍ମହତ୍ୟା ପାଇଁ ଉଦ୍ୟମ କରି ନ ଥାନ୍ତେ। ରାଜ୍ୟରେ ପ୍ରତ୍ୟେକ ଦିନ ନାରୀ ନିର୍ଯାତନା ଘଟଣା ସାମ୍ନାକୁ ଆସୁଛି। ସରକାର ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଏହିଭଳି ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଛି ବୋଲି ପ୍ରଦୀପ ମାଝୀ କହିଛନ୍ତି। ଅବିଭକ୍ତ କୋରାପୁଟ ଜିଲାରେ ଘଟଣାର ପୁନରାବୃତ୍ତି ଯେପରି ନ ହୁଏ ସେଥିପ୍ରତି ସରକାର ସମସ୍ତ ପ୍ରକାର ପଦକ୍ଷେପ ନିଅନ୍ତୁ ବୋଲି ଦାବି କରିଛନ୍ତି। ମୃତ ଛାତ୍ରୀଙ୍କ ପରିବାରକୁ ରାଜ୍ୟ ସରକାର ୧ କୋଟି ଟଙ୍କାର କ୍ଷତିପୂରଣ ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି। ସେହିଭଳି କଂଗ୍ରେସ ନେତା ସନରାଜ ଗଣ୍ଡ ମଧ କ୍ଷତିପୂରଣ ଦାବି କରିଛନ୍ତି। ରାଜ୍ୟରେ ନାରୀ ନିର୍ଯାତନା କ୍ଷେତ୍ରରେ କଠୋର ଦଣ୍ଡବିଧାନ ଏବଂ ମୃତ ଛାତ୍ରୀଙ୍କ ପରିବାରକୁ ନ୍ୟାୟ ନ ମିଳିଲେ କଂଗ୍ରେସ ଆନ୍ଦୋଳନ କରିବ ବୋଲି ସେ ଚେତାବନୀ ଦେଇଛନ୍ତି।

ସୂଚନାନୁଯାୟୀ ରାଇଘର ଅଞ୍ଚଳର ପୀଡ଼ିତା କୋରାପୁଟ ଜିଲା ଜୟପୁରର ଏକ କଲେଜରେ ବିଏସ୍‌ସି ନର୍ସିଂ ଦ୍ୱିତୀୟ ବର୍ଷ ଛାତ୍ରୀ ଥିଲେ। ତାଙ୍କୁ ପଡ଼ୋଶୀ ଗ୍ରାମର ସତ୍ୟଜିତ ସରକାର ଏକତରଫା ପ୍ରେମ କରୁଥିଲେ। ପୀଡ଼ିତା ତାଙ୍କ ପ୍ରେମ ନିବେଦନ ଗ୍ରହଣ ନ କରିବାରୁ ସେ ୧୩ ଜୁଲାଇରେ ଜୟପୁର ସହରରେ ଛାତ୍ରୀଙ୍କୁ ମାରପିଟ କରିଥିଲେ। ସେ ପୀଡ଼ିତା ଓ ତାଙ୍କ ପୁରୁଷ ବନ୍ଧୁଙ୍କ କିଛି ଫଟୋ, ଭିଡିଓ ଭାଇରାଲ କରିଥିଲେ। ପୀଡ଼ିତା ଲୋକଲଜ୍ଜା ସହି ନ ପାରି ୧୭ ଜୁଲାଇରେ ଘରେ ଥିବା ଘାସମରା ବିଷ ଖାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ୨୪ ତାରିଖରେ ତାଙ୍କୁ ଏମ୍ସ ସ୍ଥାନାନ୍ତର କରାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ସତ୍ୟଜିତଙ୍କୁ ରାଇଘର ପୋଲିସ ଦଶପଲ୍ଲାରୁ ଓ ମୃତା ଛାତ୍ରୀଙ୍କ ପୁରୁଷ ବନ୍ଧୁଙ୍କୁ ଜୟପୁରରୁ ଗିରଫ କରିଥିଲା।

# ଦାଦନ ଖଟିବାକୁ ଯାଇ ଘରକୁ ଫେରି ନାବାଳକଙ୍କ ମୃତ୍ୟୁ

ରାୟଗଡ଼ା,୯।୮ (ଆଶିଷ ରଞ୍ଜନ ପଣ୍ଡା)

ମା' କେଉଁଆଡ଼େ ଚାଲିଯିବା ପରେ ବାପା କିଛି କାମଧନ୍ଦା କଲେ ନାହିଁ । ଫଳରେ ଦୁଇ ଭଉଣୀଙ୍କ ଲାଳନପାଳନ ଓ ପାଠପଢା ପାଇଁ କାମ କରିବାକୁ ଅଣ୍ଟା ଭିଡ଼ି ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶକୁ ଦାଦନ ଖଟିବାକୁ ମାସେ ହେଲା ଚିଣ୍ଟୁ ମାଣ୍ଡାଙ୍ଗି ଯାଇଥିଲେ । ହେଲେ ସେଠାରେ କୌଣସି କାରଣରୁ ସେ ଅସୁସ୍ଥ ହେବାରୁ ଶୁକ୍ରବାର ଘରକୁ ଫେରି ଆସିଥିଲେ। ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ସାଙ୍ଗମାନେ ଜେମାଦେଇପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ସମୟରେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଶେଷଖାଲ ପୋଲିସ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରିଥିବା ଜଣାପଡିଛି।

# ସନ୍ତୋଷୀ ମା'ଙ୍କ ଜନ୍ମୋତ୍ସବ

ମୁନିଗୁଡା,୯।୮
(ନନ୍ଦକିଶୋର ପଟ୍ଟନାୟକ)

ରାୟଗଡ଼ା ଜିଲା ମୁନିଗୁଡ଼ା ଶୁଣ୍ଡି ସାହିସ୍ଥିତ ସନ୍ତୋଷୀ ମା'ଙ୍କ ଜନ୍ମ ଜୟନ୍ତୀ ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଛି। ମନ୍ଦିରର ମୁଖ୍ୟ ପୂଜକ ଗଙ୍ଗାଧର ବେହେରାଙ୍କ ନେତୃତ୍ୱରେ ରୀତିନୀତି ଅନୁଯାୟୀ ସାହିର ମହିଳା ଓ ଯୁବତୀମାନେ ପାରମ୍ପରିକ ବାଦ୍ୟ ଓ ସଂକୀର୍ତ୍ତନ ମଣ୍ଡଳୀ ସହ ମୁନିଖୋଲ ନଦୀରୁ ପାଣି ଉଠାଇ କଳସ ଯାତ୍ରା କରିଥିଲେ। ପୁରୋହିତ


କଳସ ଶୋଭାଯାତ୍ରାରେ ସାମିଲ ହୋଇଥିବା ମହିଳାମାନେ।

ନିକୁଞ୍ଜ ଶତପଥୀଙ୍କ ପୌରହିତ୍ୟରେ ମନ୍ଦିର ପରିସରରେ ଦିନ ତମାମ ବିଭିନ୍ନ ପୂଜାର୍ଚ୍ଚନା ସହ ହୋମଯଜ୍ଞ କରାଯାଇଛି। ବିରଞ୍ଚି ନାରାୟଣ ମିଶ୍ର ଓ ବନିତା ମିଶ୍ର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ରବିବାର ପୂର୍ଣ୍ଣାହୂତି ହେବ। ଉତ୍ସବକୁ କମିଟି ସଦସ୍ୟଙ୍କ, ସକ୍ରୀୟା ମହିଳା ସଂଘ ସଦସ୍ୟ, ଯୁବ ଗୋଷ୍ଠୀ ଓ ସାହିବାସୀ ପରିଚାଳନା କରୁଛନ୍ତି।

# ୧୦ ମହିଳାଙ୍କୁ ସୁଭଦ୍ରା ଚେକ୍

ରାୟଗଡ଼ା,୯।୮ (ଆଶିଷ ରଞ୍ଜନ ପଣ୍ଡା)

ରାଖୀ ପୂର୍ଣ୍ଣିମା ଅବସରରେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜୟପୁରରୁ ସୁଭଦ୍ରା ଯୋଜନା ଟଙ୍କା ବଣ୍ଟନ କରିଛନ୍ତି। ରାୟଗଡ଼ା ବିଜୁ ପଟ୍ଟନାୟକ ଅଡିଟୋରିଅମରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିବା ବ୍ୟବସ୍ଥା କରାଯାଇଛି। ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥିଭାବେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଚନ୍ଦ୍ରକାନ୍ତ ମାଝୀ, ଜିଲା ପରିଷଦ ଅତିରକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ବିଜୟ କୁମାର ନାୟକ, ଡିଆଇପିଆର୍‌ଓ ବସନ୍ତ କୁମାର ପ୍ରଧାନ, ଜିଲା ସମାଜ


ଅତିଥିଙ୍କ ସହ ଚେକ୍ ପାଇଥିବା ମହିଳାମାନେ।

ମଙ୍ଗଳ ଅଧିକାରୀ ମିନତି ଦେଓ, ସହକାରୀ ବନ ସଂରକ୍ଷକ ଅଶୋକ ପ୍ରଧାନ ପ୍ରମୁଖ ଯୋଗଦେଇ ମହିଳାଙ୍କୁ ଉତ୍ସାହିତ କରିଥିଲେ। ମହିଳାଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି ଓ ଆତ୍ମନିର୍ଭରଶୀଳ କରିବା ସୁଭଦ୍ରା ଯୋଜନାର ଲକ୍ଷ୍ୟ ବୋଲି ମୁଖ୍ୟ ଅତିଥି କହିଥିଲେ। ଏସ୍‌ଏଚ୍‌ଜି ମହିଳାମାନେ ଅତିଥିଙ୍କ ହାତରେ ରାଖୀ ବାନ୍ଧିଥିଲେ। କାର୍ଯ୍ୟକ୍ରମରେ ୧୦ ଜଣ ମହିଳାଙ୍କୁ ୫ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ତୃତୀୟ କିସ୍ତିର ସୁଇଚ ଟିପି ଶୁଭାରମ୍ଭ କରିବା ମାତ୍ରେ ୭୬୬ ଜଣ ମହିଳାଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ଟଙ୍କା ଜମା ହୋଇଛି।

# ସତ୍ତା ସାହିତ୍ୟ ସଂସଦର ମେହେର ଜୟନ୍ତୀ

କୋରାପୁଟ,୯।୮(ଅମିତାଭ ବେହେରା)

କୋରାପୁଟସ୍ଥିତ ଆଦିବାସୀ ସଂଗ୍ରହାଳୟରେ ରକ୍ଷା ବନ୍ଧନ ଉତ୍ସବ ଓ ମେହେର ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ଅନୁଷ୍ଠାନର ସଭାପତି ଜଳଧର ସ୍ୱାଇଁଙ୍କ ସଭାପତିତ୍ୱରେ ପୂର୍ବତନ ବରିଷ୍ଠ ପ୍ରଶାସକ ପଦ୍ମନାଭ ସେଠୀ, ସମ୍ମାନିତ ଅତିଥି ନାଲ୍‌କୋ ପୂର୍ବତନ ମହାପ୍ରବନ୍ଧକ ରମେଶ ଚନ୍ଦ୍ର ଦାସ, ମୁଖ୍ୟବକ୍ତା ପ୍ରଦୀପ କୁମାର ମିଶ୍ର, ଡ. ଲୋପାମୁଦ୍ରା ସ୍ୱାଇଁ ଓ ବଲ୍ଲଭ ରାଉତ ପ୍ରମୁଖ ଯୋଗଦେଇଥିଲେ। ଗହ୍ମା ପୂର୍ଣ୍ଣିମାର ମହତ୍ୱ ଓ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସାମଗ୍ରିକ ସୃଷ୍ଟି ଓ କୃତୀ ଉପରେ ଆଲୋଚନା କରିଥିଲେ। କବି ରବି ଶତପଥୀ ସଭା ପରିଚାଳନା କରିଥିଲେ। ଗାନ୍ଧିବାଦୀ ନେତ୍ରୀ ତଥା ସର୍ବୋଦୟ କର୍ମୀ ବିଥିକା ସାହୁ(ବିଥିକା ଅପା)ଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ କବିତା ଆସର ଅନୁଷ୍ଠିତ ହୋଇଥିଲା। ଏଥିରେ କରସୁଧା ପଟ୍ଟନାୟକଙ୍କ ସଭାପତିତ୍ୱରେ ସାଗର ପରିଡ଼ା, ଅଶୋକ ମହାନ୍ତି, ଶ୍ରୀମତୀ ସବିତା ଶତପଥୀ ସଂଯୋଜନା କରିଥିଲେ। ସମୀକ୍ଷକ ଭାବେ ଡ. ଝାନ୍ସୀ ସିଂହ ଓ ଅତିଥି ଭାବେ ମହାଦେବ ଶତପଥୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସୌମେନ୍ଦ୍ର ସ୍ୱାଇଁ,ତନ୍ମୟ ପ୍ରଧାନ, ଡ. ସୁଧାଂଶୁ ଶେଖର ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ।

# ଢେମ୍‌ସା ତାଳେ ତାଳେ ନାଚିଲେ ଆଦିବାସୀ

## ବିଶ୍ୱ ଆଦିବାସୀ ଦିବସ

ଲକ୍ଷ୍ମୀପୁର,୯।୮(ଅନନ୍ତ ପ୍ରସାଦ ନାୟକ)



ଯୁବତୀ ଯୁବକମାନେ ଢେମସା ନାଚୁଛନ୍ତି।

କୋରାପୁଟ ଜିଲା ଲକ୍ଷ୍ମୀପୁରରେ ଆଦିବାସୀ ପ୍ରଗତିବାଦୀ ସମାଜ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ଶନିବାର ପାଳନ କରାଯାଇଛି। ଲକ୍ଷ୍ମୀପୁର ରେଲୱେ ଛକଠାରୁ ରାଲି କରି ଶତାଧିକ ଆଦିବାସୀ ଯୁବତୀ ଯୁବକ ପାରମ୍ପରିକ ବାଦ୍ୟ ତାଳେ ତାଳେ ଢେମସା ନୃତ୍ୟ କରିଥିଲେ। ମୁଖ୍ୟ ବଜାର ରହିଥିବା ଆମ୍ବେଡକର ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ବ୍ଲକ୍ ପଡିଆରେ ଏକ ସଭା ଆୟୋଜନ କରିଥିଲେ। ଏହି ସଭାରେ ଲକ୍ଷ୍ମୀପୁର ବ୍ଲକ୍‌ର ଶତାଧିକ ଆଦିବାସୀ ଲୋକେ ଯୋଗଦେଇଥିଲେ। ଏହି ମିଳିତ ଜାତିସଂଘର ନିଷ୍ପତି ପରେ ଏହି ଦିବସ ପାଳନ କରାଯାଉଛି।ଏହି ଦିବସରେରେ ଆଦିବାସୀମାନଙ୍କ ପରମ୍ପରା,ସଂସ୍କୃତି, ଭାଷା,ନାଟ୍ୟ ଗୀତ ବଞ୍ଚିବା ଅଧିକାର ପାଇଁ ଏହି ଦିବସ ପାଳନ କରାଯାଉଛି। ଆଦିବାସୀ ଶିକ୍ଷା କ୍ଷେତ୍ରରେ ଆଗରେ ଅଛନ୍ତି ଏବଂ ଯୁବତୀ ଯୁବକ ଅଧିକ ଶିକ୍ଷିତ ହେବା ନେଇ ଆଦିବାସୀ ପ୍ରଗତିବାଦୀ ସମାଜ କାର୍ଯ୍ୟ କରୁଛି ବୋଲି ପୂର୍ବତନ ଏମ୍‌ପି ଝିନ ହିକ୍‌କା କହିଛନ୍ତି। ଏହି ଆଦିବାସୀ ପ୍ରଗତିବାଦୀ ସମାଜର କାର୍ଯ୍ୟକର୍ତ୍ତା ପୂର୍ବତନ ବିଧାୟକ କୈଳାଶ ଚନ୍ଦ୍ର କୁଲେସିକା, ବ୍ଲକ୍ ଅଧକ୍ଷା ଶୁଆଇ କୁଲେସିକା, କୌଶଲ୍ୟା ହିକ୍‌କା, ପାର ମୁଷ୍କା ବିଜୁ ମୁଦୁଲି, ରାଜେଶ ଯାନୀ, ଆପାରାଓ ୱାଡେକା,ଇସାକ୍ ୱାଡେକା, ଶଙ୍କର ସାଉଁନ୍ତା,ସୀମା ବୈପାରି, ଈଶ୍ୱର ମୁଦୁଲି, ନାମ ମାଣ୍ଡିଙ୍ଗା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଲକ୍ଷ୍ମୀପୁର ପୋଲିସ ମୁତୟନ ହୋଇଥିଲେ। ସେହିପରି କାକିରିଗୁମାରେ ମଧ ପୂର୍ବତନ ସରପଞ୍ଚ ଡମ୍ବରୁ ମୁଦୁଲି,ଜଗବନ୍ଧୁ ଦିଶାରି,ସରପଞ୍ଚ ପୃଷ୍ଟ ସୌନ୍ତା,ନୀଳ ସାଉନ୍ତା,ମଧୁ ସାଉଁନ୍ତା,ଗିରିଧର ସାଉଁନ୍ତା ଓ ରାମଚନ୍ଦ୍ର ଜାନୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନକଲେ ମୁଖ୍ୟମନ୍ତ୍ରୀ

ଜୟପୁର,୯।୮(ପବନ ପାଣିଗ୍ରାହୀ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜୟପୁର ପାରାବେଡା ଶ୍ରୀରାମ ନଗର ଉଦ୍ୟାନରେ ସ୍ୱର୍ଗତ ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଉପସ୍ଥିତିରେ ହରିଶ୍ଚନ୍ଦ୍ର ବକ୍ସିପାତ୍ର ଉଦ୍ୟାନ ପରିସରେ ପ୍ରତିମୁର୍ତ୍ତି ଉନ୍ମୋଚିତ ହୋଇଥିଲା। ବକ୍ସିପାତ୍ର ଓଡ଼ିଶାର ବିଶିଷ୍ଟ ରାଜନେତା ଆଦିବାସୀ, ଚାଷୀ, ଶ୍ରମିକଙ୍କ ସଂଗ୍ରାମୀ ସାଥୀ ଥିଲେ। ଉତ୍କଳ ସମ୍ମିଳନୀର ପ୍ରକ୍ତାନ ସଭାପତି ତଥା ପୂର୍ବତନ ମନ୍ତ୍ରୀ ଥିଲେ। କାର୍ଯ୍ୟକ୍ରମରେ ବକ୍ସିପାତ୍ରଙ୍କ ପୁତ୍ର ଭୃକୁ ବକ୍ସିପାତ୍ର,ଝିଅ ଲୋପା ମୁଦ୍ରା ବକ୍ସିପାତ୍ର, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମତ୍ସ୍ୟ ଓ ପ୍ରାଣି ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ, ଖଣି ଓ ଷ୍ଟିଲ ସହ ବାଣିଜ୍ୟ ପରିବହନ ମନ୍ତ୍ରୀ ବିଭୁତି ଭୁଷଣ ଜେନା, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, କୋରାପୁଟ ବିଧାୟକ ରଘୁରାମ ମାଛ, ନବରଙ୍ଗପୁର ବିଧାୟକ ଗୌର ଶଙ୍କର ମାଝୀ, କୋଟପାଡ଼ ବିଧାୟକ ରୁପୁ ଭତ୍ରା, ଜିଲାପାଳ ମନୋଜ ସତ୍ୟବାନ ମହାଜନ, ଜୟପୁର ଉପଜିଲାପାଳ ଆକାବରମ ଶସ୍ୟା ରେଡ୍ଡୀ, ପୌରାଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପାଧ୍ୟକ୍ଷ ବି. ସୁନିତା ଉପସ୍ଥିତ ଥିଲେ ।



ଉନ୍ମୋଚନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱର୍ଗତ ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି ।

# ରାସ୍ତାକଡ଼ରେ ପଡ଼ିଛି ବିଦ୍ୟୁତ୍ ତାର, ଲୋକେ ହଇରାଣ



ରାସ୍ତାରେ ପଡ଼ିଥିବା ବିଦ୍ୟୁତ୍ ତାର।

ସେମିଲିଗୁଡ଼ା/ସୁନାବେଡା,୯।୮
(ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

କିଛି ଦିନ ହେବ ବିଦ୍ୟୁତ୍ ବିଭାଗ ପକ୍ଷରୁ ସେମିଳିଗୁଡ଼ା ଟ୍ରାଫିକ ଛକଠାରୁ ନାଲ୍‌କୋ ଛକ ପର୍ଯ୍ୟନ୍ତ ଦେଇ ଯାଇଥିବା ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ପୁରୁଣା ବିଦ୍ୟୁତ୍ ଖୁଣ୍ଟଗୁଡ଼ିକ ବଦଳାଉଛି ବିଭାଗ। କିନ୍ତୁ ପୁରୁଣା ଖୁଣ୍ଟରେ ଲାଗିଥିବା ଏକାଧିକ ବିଦ୍ୟୁତ୍ ତାର ରାସ୍ତା ପାର୍ଶ୍ୱରେ ଗଦା ହୋଇରହୁଛି। ଏଥିରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ଅଞ୍ଚଳବାସୀ ଅଭିଯୋଗ ଆଣିଛନ୍ତି। ଏହି ତାରଗୁଡ଼ିକ ଦୋକାନ ସାମନାରେ ପଡି ରହିଥିବାରୁ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ଓ ସ୍ଥାନୀୟ ପ୍ରଶାସନ ନୀରବ ରହୁଥିବା ଅଭିଯୋଗ ହେଉଛି। ଏ ନେଇ ବିଦ୍ୟୁତ ବିଭାଗ ଏସଡିଓ ଗୋପାଳ କୃଷ୍ଣ ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଛନ୍ତି, ପଡି ରହିଥିବା କେବୁଲଗୁଡ଼ିକ ବିଭିନ୍ନ ବିଭାଗ ଯଥା ଇଣ୍ଟରନେଟ, ଟିଭି ଓ ଟେଲିକମ୍ ବିଭାଗର। ବିଦ୍ୟୁତ ବିଭାଗ ପୁରୁଣା ଖୁଣ୍ଟ ଉଠାଇବା ବହୁତ ଆଗରୁ ସମ୍ପୃକ୍ତ କେବୁଲ ଅପରେଟରମାନଙ୍କୁ କେବୁଲ କାଟିବା ପାଇଁ ଆଗୁଆ ସୂଚନା ଦେଇଛି। ଏହା ସତ୍ତ୍ୱେ ସମ୍ପୃକ୍ତ ବିଭାଗ ସେମାନଙ୍କ ଆବଶ୍ୟକୀୟ ଉପକରଣଗୁଡିକ କାଢି ନେଇ ତାରଗୁଡିକୁ ଛାଡି ପଳାଉଥିବା ପାଲଟା ଅଭିଯୋଗ କରିଛନ୍ତି। ସୁନାବେଡା ପୌରାଧକ୍ଷ ଡ. ରାଜେନ୍ଦ୍ର ପାତ୍ରଙ୍କୁ ପଚାରିବାରୁ ସେସବୁ ବିଦ୍ୟୁତ ବିଭାଗର କାମ। ସେହି ସଂସ୍ଥାଗୁଡ଼ିକ ବିଦ୍ୟୁତ୍ ବିଭାଗ ଅନୁମତିରେ ଖୁଣ୍ଟ ବ୍ୟବହାର କରିଥାନ୍ତି। ଯେହେତୁ ସାଧରଣ ଲୋକଙ୍କ ସମସ୍ୟା ରହିଛି ସମ୍ପୃକ୍ତ ବିଭାଗ ସହ କେବୁଲ ଅପରେଟରଙ୍କୁ ନୋଟିସ କରାଯିବ। ଯଦି କୌଣସି ପଦକ୍ଷେପ ନିଆ ନ ଯାଏ ତେବେ ସମ୍ପୃକ୍ତ ଅପରେଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ସୌରଚାଳିତ ପ୍ରକଳ୍ପ, ନଳକୂପ ଅଚଳ

## ଟାଙ୍କେଲ ଗ୍ରାମରେ ପାନୀୟ ଜଳ ସମସ୍ୟା

ନନ୍ଦପୁର/ପାଡୁଆ, ୮।୮
(ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)



ଅଚଳ ନଳକୂପ।

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ଆନ୍ଧ୍ର ସୀମାକୁ ଲାଗିଥିବା ପାଛଲୁଙ୍ଗ ପଞ୍ଚାୟତର ଟାଙ୍କେଲ ଗ୍ରାମରେ ପାନୀୟ ଜଳ ସମସ୍ୟା ବଢ଼ିବାରେ ଲାଗିଛି। ୧୦ ମାସରୁ ଊର୍ଦ୍ଧ୍ୱ ସମୟ ହେବ ଗ୍ରାମରେ ସୌରଚାଳିତ ପ୍ରକଳ୍ପ ଅଚଳ ହୋଇପଡ଼ିଛି। ଅଙ୍ଗନୱାଡି କେନ୍ଦ୍ରର ନଳକୂପ ମଧ ଅଚଳ ହୋଇପଡ଼ିଛି। ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଥିବା କହିଛନ୍ତି। ଗ୍ରାମର ୱାର୍ଡ ସଭ୍ୟ ରାମଚନ୍ଦ୍ର ପାଙ୍ଗୀ, ସୁବାରାଓ ପାଣ୍ଡିଆ ଓ ଚେରେଙ୍ଗା ଖିଲଙ୍କ ସୂଚନା ପ୍ରକାରେ ଗ୍ରାମରେ ୬୮ ପରିବାରର ୨୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କ ପାନୀୟ ଜଳ ପାଇଁ ୪ ନଳକୂପ ଓ ୧ ସୌରଚାଳିତ ପ୍ରକଳ୍ପ ଥିଲା। ୫ଟି ଉତ୍ସ ମଧ୍ୟରୁ ସୌରଚାଳିତ ପ୍ରକଳ୍ପ ଓ ଅଙ୍ଗନୱାଡି ନଳକୂପ ଅଚଳ ହୋଇପଡିଛି। ଗୋଟିଏରୁ ଅଳ୍ପ ପାଣି ଓ ଅନ୍ୟଟିରେ ଗୋଳିଆ ପାଣି ବାହାରୁଛି। ବିଦ୍ୟାଳୟ ପରିସରରେ ଥିବା ଏକମାତ୍ର ନଳକୂପ ସ୍କୁଲ ସମେତ ଗ୍ରାମବାସୀଙ୍କ ବ୍ୟବହାରରେ ଆସୁଛି। ପଞ୍ଚାୟତ,ବ୍ଲକ୍ ଓ ଜିଲା ପ୍ରଶାସନ ଗ୍ରାମବାସୀଙ୍କ ସମସ୍ୟା ବୁଝି ସୌରଚାଳିତ ପ୍ରକଳ୍ପ ସମେତ ଅନ୍ୟ ୩ ନଳକୂପର ମରାମତି କରନ୍ତୁ ବୋଲି ଅନୁରୋଧ କରିଛନ୍ତି। ପଞ୍ଚାୟତ ସରପଞ୍ଚ ପୂଜା ଖିଲଙ୍କୁ ପଚାରିବାରୁ ସେ ସୌରଚାଳିତ ପ୍ରକଳ୍ପ ମରାମତି ପାଇଁ ନନ୍ଦପୁର ଗ୍ରାମ୍ୟ ଜଳଯୋଗାଣ ଯନ୍ତ୍ରୀଙ୍କୁ ଅନୁରୋଧ କରିଥିବା କହିଛନ୍ତି। ଗ୍ରାମ୍ୟ ଜଳଯୋଗାଣ ଯନ୍ତ୍ରୀ କାହ୍ନୁଚରଣ ସେଠୀ ଦିନେ ଦୁଇ ଦିନ ମଧ୍ୟରେ ଟିମ୍‌କୁ ପଠାଇ ସମସ୍ତ ପ୍ରକଳ୍ପର ମରାମତି କରାଯିବ ବୋଲି ସୂଚନା ଦେଇଛନ୍ତି।

# ଏମ୍‌ସରେ ଚିକିତ୍ସାଧୀନ ଅବସ୍ଥାରେ ପୀଡ଼ିତାଙ୍କ ମୃତ୍ୟୁ

## ଫଟୋ ଭାଇରାଲ ପରେ ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣା

ଉମରକୋଟ/ରାଇଘର, ୯।୮
(ସନ୍ତୋଷ ଶତପଥୀ/ କିରଣ ପଟ୍ଟନାୟକ)

ଫଟୋ ଭାଇରାଲ ହେବା ପରେ ବିଷପାନ କରି ଆତ୍ମହତ୍ୟା ଉଦ୍ୟମ କରିଥିବା ନବରଙ୍ଗପୁର ଜିଲା ରାଇଘର ବ୍ଲକ ଅଞ୍ଚଳର ଜଣେ ଯୁବତୀଙ୍କର ଭୁବନେଶ୍ୱରସ୍ଥିତ ଏମ୍‌ସରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ଅପରାହ୍ନରେ ମୃତ୍ୟୁ ହୋଇଛି। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଡାକ୍ତରଖାନା ପକ୍ଷରୁ ସୂଚନା ଦିଆଯାଇଛି। ଛାତ୍ରୀଙ୍କ ମୃତ୍ୟୁ ପରେ ବିରୋଧୀ ଦଳର ନେତାମାନେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ନବରଙ୍ଗପୁର ପୂର୍ବତନ ଏମ୍‌ପି ତଥା ବିଜେଡି ନେତା ପ୍ରଦୀପ ମାଝୀ ଛାତ୍ରୀଙ୍କ ମୃତ୍ୟୁ ପାଇଁ ରାଜ୍ୟସରକାରଙ୍କ ନିଷ୍କ୍ରିୟତା ଓ ପୋଲିସ ପ୍ରଶାସନର ଅବହେଳାକୁ ଦାୟୀ କରିଛନ୍ତି। ପୀଡ଼ିତାଙ୍କୁ ଠିକ ସମୟରେ ପୋଲିସ ପକ୍ଷରୁ ସହାୟତା ମିଳିଥିଲେ ସେ ଆତ୍ମହତ୍ୟା ପାଇଁ ଉଦ୍ୟମ କରି ନଥାନ୍ତେ। ରାଜ୍ୟରେ ପ୍ରତ୍ୟେକ ଦିନ ନାରୀ ନିର୍ଯ୍ୟାତନା ଘଟଣା ସାମ୍ନାକୁ ଆସୁଛି। ସରକାର ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଏହିଭଳି ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଛି ବୋଲି ପ୍ରଦୀପ ମାଝୀ କହିଛନ୍ତି। ଅବିଭକ୍ତ କୋରାପୁଟ ଜିଲାରେ ଘଟଣାର ପୁନରାବୃତି ଯେପରି ନହୁଏ ସେଥିପ୍ରତି ସରକାର ସମସ୍ତ ପ୍ରକାର ପଦକ୍ଷେପ ନିଅନ୍ତୁ ବୋଲି ଦାବି କରିଛନ୍ତି। ମୃତ ଛାତ୍ରୀଙ୍କ ପରିବାରକୁ ରାଜ୍ୟ ସରକାର ୧ କୋଟି ଟଙ୍କାର କ୍ଷତିପୂରଣ ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି। ସେହିଭଳି କଂଗ୍ରେସ ନେତା ସନରାଜ ଗଣ୍ଡ ମଧ କ୍ଷତିପୂରଣ ଦାବି କରିଛନ୍ତି। ରାଜ୍ୟରେ ନାରୀ ନିର୍ଯାତନା କ୍ଷେତ୍ରରେ କଠୋର ଦଣ୍ଡ ବିଧାନ ଏବଂ ମୃତ ଛାତ୍ରୀଙ୍କ ପରିବାରକୁ ନ୍ୟାୟ ନ ମିଳିଲେ କଂଗ୍ରେସ ଆନ୍ଦୋଳନ କରିବ ବୋଲି ସେ ଚେତାବନୀ ଦେଇଛନ୍ତି।

ସୂଚନାନୁଯାୟୀ ରାଇଘର ଅଞ୍ଚଳର ପୀଡ଼ିତା କୋରାପୁଟ ଜିଲା ଜୟପୁରର ଏକ କଲେଜରେ ବିଏସ୍‌ସି ନର୍ସିଂ ଦ୍ୱିତୀୟ ବର୍ଷ ଛାତ୍ରୀ ଥିଲେ। ତାଙ୍କୁ ପଡ଼ୋଶୀ ଗ୍ରାମର ସତ୍ୟଜିତ ସରକାର ଏକ ତରଫା ପ୍ରେମ କରୁଥିଲେ। ପୀଡ଼ିତା ତାଙ୍କ ପ୍ରେମ ନିବେଦନ ଗ୍ରହଣ ନ କରିବାରୁ ସେ ୧୩ ଜୁଲାଇରେ ଜୟପୁର ସହରରେ ଛାତ୍ରୀଙ୍କୁ ମାରପିଟ କରିଥିଲେ। ସେ ପୀଡ଼ିତା ଓ ତାଙ୍କ ପୁରୁଷ ବନ୍ଧୁଙ୍କ କିଛି ଫୋଟ, ଭିଡିଓ ଭାଇରାଲ କରିଥିଲେ। ପୀଡିତା ଲୋକ ଲଜ୍ୟା ସହି ନପାରି ୧୭ ଜୁଲାଇରେ ଘରେ ଥିବା ଘାସମରା ବିଷ ଖାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ୨୪ ତାରିଖରେ ତାଙ୍କୁ ଏମ୍ସ ସ୍ଥାନାନ୍ତର କରାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ସତ୍ୟଜିତଙ୍କୁ ରାଇଘର ପୋଲିସ ଦଶପଲ୍ଲାରୁ ଓ ମୃତା ଛାତ୍ରୀଙ୍କ ପୁରୁଷ ବନ୍ଧୁଙ୍କୁ ଜୟପୁରରୁ ଗିରଫ କରିଥିଲା।

# ଦାଦନ ଖଟିବାକୁ ଯାଇ ଘରକୁ ଫେରି ନାବାଳକଙ୍କ ମୃତ୍ୟୁ

ରାୟଗଡ଼ା,୯।୮(ଆଶିଷ ରଞ୍ଜନ ପଣ୍ଡା)

ମା' କେଉଁଆଡ଼େ ଚାଲିଯିବା ପରେ ବାପା କିଛି କାମଧନ୍ଧା କଲେ ନାହିଁ। ଫଳରେ ଦୁଇ ଭଉଣୀଙ୍କ ଲାଳନପାଳନ ଓ ପାଠପଢା ପାଇଁ କାମ କରିବାକୁ ଅଣ୍ଟା ଭିଡ଼ି ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶକୁ ଦାଦନ ଖଟିବାକୁ ମାସେ ହେଲା ଟିଙ୍କୁ ମାଣ୍ଡାଙ୍ଗି ଯାଇଥିଲେ । ହେଲେ ସେଠାରେ କୌଣସି କାରଣରୁ ସେ ଅସୁସ୍ଥ ହେବାରୁ ଶୁକ୍ରବାର ଘରକୁ ଫେରି ଆସିଥିଲେ। ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ସାଙ୍ଗମାନେ ଜେମାଦେଇପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ସମୟରେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଶେଷଖାଲ ପୋଲିସ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରିଥିବା ଜଣାପଡିଛି।

# ମୁଖ୍ୟମନ୍ତ୍ରୀଙ୍କୁ ରାଖୀ ବାନ୍ଧିଲେ ଛାତ୍ରୀ

ଜୟପୁର,୯।୮(ପବନ ପାଣିଗ୍ରାହୀ)



ଛାତ୍ରୀମାନେ ରଖୀ ବାନ୍ଧୁଛନ୍ତି।

ଜୟପୁର ଅରବିନ୍ଦ ନଗର ଶିଶୁ ବିଦ୍ୟା ମନ୍ଦିରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଛାତ୍ରୀମାନେ ରାଖୀ ବାନ୍ଧିଛନ୍ତି। ପ୍ରଥମେ ମୁଖ୍ୟମନ୍ତ୍ରୀ ବଳଦକୁ ରାଖୀ ବାନ୍ଧି ପୂଜା କରିଥିଲେ। ଏହାପରେ ଶିଶୁ ବିଦ୍ୟା ମନ୍ଦିର ଦଶମ ଶ୍ରେଣୀର ୭ ଛାତ୍ରୀ ମୁଖ୍ୟମନ୍ତ୍ରୀଙ୍କୁ ରାଖୀ ବାନ୍ଧିଥିଲେ। ଏଥିରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା,ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ, ଖଣି ଓ ଷ୍ଟିଲ ସହ ବାଣିଜ୍ୟ ପରିବହନ ମନ୍ତ୍ରୀ ବିଭୁତି ଭୁଷଣ ଜେନା, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, କୋରାପୁଟ ବିଧାୟକ ରଘୁରାମ ମାଛ, ନବରଙ୍ଗପୁର ବିଧାୟକ ଗୌର ଶଙ୍କର ମାଝୀ, କୋଟପାଡ଼ ବିଧାୟକ ରୁପୁ ଭତ୍ରା,ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ରାଖୀ ବାନ୍ଧିଥିଲେ।

# ବିଥିକା ଦେବୀଙ୍କ ପରଲୋକ

କୋରାପୁଟ,୯।୮
(ଅମିତାଭ ବେହେରା)



ଭୂଦାନ ଆନ୍ଦୋଳନର ଅନ୍ୟତମ ପୁରୋଧା ନିମାଁଇ ଚରଣ ସାହୁଙ୍କ ଧର୍ମପତ୍ନୀ ବିଥିକା ଦେବୀଙ୍କ ୮୭ ବର୍ଷୟ ଶନିବାର ପ୍ରାତଃ ୫ଟାରେ ପରଲୋକ ହୋଇଯାଇଛି। କୋରାପୁଟ ସାହିତ୍ୟ ସଂସଦର ସଭାପତି ଜଳଧର ସ୍ୱାଇଁ ତଥା କୋରାପୁଟ ସାହିତ୍ୟ ପରିବାରର ଅନ୍ୟତମ କବି ରବି ଶତପଥୀ ଏବଂ ଗାନ୍ଧିବାଦୀ ବ୍ୟକ୍ତି କୃଷ୍ଣ ସିଂହ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଦେଶ ସେବା ପାଇଁ ସେ ସ୍ୱାମୀଙ୍କୁ ସହଯୋଗ କରିଥିଲେ। ଉପାନ୍ତ ଅଞ୍ଚଳରେ ସେବାମୟ ଜୀବନ ଆରମ୍ଭ କରିଥିଲେ। ଶେଷ ସମୟରେ ଝିଅ ଅତସୀ ସାହୁ,ଜ୍ୱାଇଁ ରାମ ପ୍ରସାଦ ସରାଫ,ନାତି ଆଦିତ୍ୟ ସରାଫ, ମୋହନ ସରାଫ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ତାଙ୍କର ବିୟୋଗରେ ଜିଲାରେ ଶୋକର ଛାୟା ଖେଳିଯାଇଛି।

# ପୋଲିସ ପରିଚୟ ଦେଇ ଲୁଟ୍ ଯୋଜନା: ୪ ଅଭିଯୁକ୍ତ ଗିରଫ

ପଟ୍ଟାଙ୍ଗି,୯।୮(ଶରତ କୁମାର ଧଳ)

ପୋଲିସ ପରିଚୟ ଦେଇ ଲୁଟ୍ ଯୋଜନା କରୁଥିବା ୪ଜଣଙ୍କୁ କୋରାପୁଟ ଜିଲା ପଟ୍ଟାଙ୍ଗି ପୋଲିସ ଶନିବାର ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ କୁନ୍ଦୁଲି ଅଞ୍ଚଳର ପୁରିଆଖୁଡି ଗ୍ରାମର ମଣ୍ଟୁ ପୁରିଆ, ଦାମନଯୋଡିର ବିଜୟ ଟାକିରି, ସେମିଳିଗୁଡା ଥାନା ଅଞ୍ଚଳର ଶୁଭକାନ୍ତ ନାୟକ ଓ ରାମ କୁଲଦୀପ। ସୂଚନା ଅନୁଯାୟୀ, ଛତିଶଗଡ଼ ଓ ଆନ୍ଧ୍ର ପ୍ରଦେଶକୁ ସଂଯୋଗ କରୁଥିବା ୨୬ନଂ ଜାତୀୟ ରାଜପଥରେ ଯାତାୟତ କରୁଥିବା ମାଲବାହୀ ଯାନ,ଯାତ୍ରୀବାହୀ ବସ୍ ଓ କାର୍‌କୁ ଟାର୍ଗେଟ କରୁଥିଲେ। ପଟ୍ଟାଙ୍ଗି ଥାନା ଅଧୀନ କୁନ୍ଦୁଲି ଛକ ତଥା ନିର୍ମାଣ କାର୍ଯ୍ୟ ଚାଲିଥିବା ଭାରତମାଳା ରାସ୍ତା ନିକଟରେ ରାତିରେ ଖାଲି ରାସ୍ତାରେ ୪ ନକଲି ପୋଲିସ ଏକ କାରରେ ବସି ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ଅଦା ବୋଝେଇ ଟ୍ରକ୍ (ଓଡି୦୫-ବିଏଲ୍-୭୭୦୬)କୁ ଅଟକାଇ ଡ୍ରାଇଭରଙ୍କୁ କାଗଜପତ୍ର ମାଗିଥିଲେ। ଧମକ ଦେଇ ଭୟଭୀତ କରି ମାରିଥିଲେ। ନିଜକୁ ପୋଲିସ ପରିଚୟ ଦେଇ ଟଙ୍କା ମାଗିଥିଲେ। ଟ୍ରକ୍ ଡ୍ରାଇଭର ବିଶ୍ୱାସ କରି କିଛି ଟଙ୍କା ଦେଇଥିଲେ। ନକଲି ପୋଲିସମାନେ ଅଧିକ ଟଙ୍କା ଦାବି କରିଥିଲେ। ଡ୍ରାଇଭର ଟଙ୍କା ନ ଥିବା କହିବାରୁ ତାଙ୍କୁ ଟ୍ରକ୍ ମାଲିକଙ୍କ ମୋବାଇଲ୍ ନମ୍ବର ମାଗିଥିଲେ। ଟ୍ରକ୍ ମାଲିକଙ୍କୁ ଧମକ ଦେଇ ଅଧିକ ଟଙ୍କା ଦାବି କରିଥିଲେ। ପଟ୍ଟାଙ୍ଗି ପୋଲିସ ସେହି ସମୟରେ ପାଟ୍ରୋଲିଂ କରୁଥିବା ଦେଖି ଦୁର୍ବୃତ୍ତମାନେ ଫେରାର ହେବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ପୋଲିସ ସେମାନଙ୍କୁ ଧରିଥିବା ଥାନା ଅଧିକାରୀ ପ୍ରଭାତ ବେହେରା ଖବରଦାତା ସମ୍ମିଳନୀରେ କହିଛନ୍ତି। ଏ ନେଇ ପଟ୍ଟାଙ୍ଗି ଥାନାରେ ନଂ.୯୩/୨୫ରେ ମାମଲା ରୁଜୁ କରାଯାଇଛି। ଦୁର୍ବୃତ୍ତଙ୍କଠାରୁ ଏକ କାର, ବାଇକ୍, ପିସ୍ତଲ, ୬ ମୋବାଇଲ୍ ଓ ୮ ହଜାର ଟଙ୍କା ଜବତ କରାଯାଇଛି। ରାମଙ୍କ ନାଁରେ ସେମିଳିଗୁଡା ଥାନାରେ ୪ ମାମଲା ଥିବା ବେଳେ ଅନ୍ୟ ଅଭିଯୁକ୍ତମାନଙ୍କ ନାମରେ କେଉଁ ଥାନାରେ ମାମଲା ରହିଛି ତଦନ୍ତରୁ ଜଣାପଡ଼ିବ ବୋଲି ଥାନାଧିକାରୀ ବେହେରା କହିଛନ୍ତି।



ଗିରଫ ୪ ଅଭିଯୁକ୍ତ।

# ୧୯୪ ସ୍କୁଲକୁ ଅନୁଦାନ ଦାବି

## ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ପ୍ରତିବାଦ

କୋରାପୁଟ,୯।୮(ଅମିତାଭ ବେହେରା)




ସହକାରୀ ଜିଲାପାଳଙ୍କୁ ଶିକ୍ଷକ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମିତି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ଓ ଧାରଣା ଦିଆଯାଇଛି। ସମିତିର ଆବାହକ ତଥା ଜିଲା ଓଷ୍ଟା ସମ୍ପାଦକ ଅଶୋକ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଜିଲାପାଳଙ୍କ ଅନୁପସ୍ଥିତରେ କୋରାପୁଟ ସହକାରୀ ଜିଲାପାଳ ସୁମିତ ଚନ୍ଦନ ଭୂଷଣଙ୍କୁ ୫ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଶିକ୍ଷକମାନଙ୍କର ଦାବିଗୁଡ଼ିକ ମଧ୍ୟରେ ୨୦୧୩ ଅନୁଦାନ ଆଇନରୁ ବାଦ୍ ପଡ଼ିଥିବା ୧୯୪ ଅନୁଦାନ ଯୋଗ୍ୟ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ, ମହାବିଦ୍ୟାଳୟଗୁଡ଼ିକରୁ ଅବସର ନେଇଥିବା, କାର୍ଯ୍ୟରତ ଶିକ୍ଷକ ଓ କର୍ମଚାରୀମାନଙ୍କୁ ପାଇଁ ଚାକିରୀ ସର୍ତ୍ତାବଳୀ ସହ ପେନ୍‌ସନ ଓ ଅବସରକାଳୀନ ସୁବିଧା, ବିଦ୍ୟାଳୟ ଓ କଲେଜଗୁଡ଼ିକରେ ଖାଲିଥିବା ପଦବୀରେ ନିଯୁକ୍ତି ପ୍ରଦାନ, ବିଭିନ୍ନ ଗ୍ରେଡ ପେରେ ଥିବା ଅସଙ୍ଗୀତ ଦୂରୀକରଣ, ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତି ଶିକ୍ଷକମାନଙ୍କୁ ୬ ନ୍ୟାଶନାଲ ଇନ୍‌କ୍ରିମେଣ୍ଟ, ବରିଷ୍ଠତା ପ୍ରଦାନ କରିବା, ସମସ୍ତ ଅନୁଦାନପ୍ରାପ୍ତ ସ୍କୁଲ ଓ କଲେଜକୁ ସରକାରୀକରଣ କରିବା, ୪୮ ବର୍ଷରେ ପଦାର୍ପଣ କରିଥିବା ହିନ୍ଦୀ, ସଂସ୍କୃତ ଶିକ୍ଷକମାନଙ୍କୁ ଟିଜିଟି ସ୍କେଲ ପ୍ରଦାନ କରିବା, ପ୍ରତ୍ୟେକ ବର୍ଗର ଶିକ୍ଷାନୁଷ୍ଠାନରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ପାଇଁ ସମାନ ସୁବିଧା ସୁଯୋଗ ଯୋଗାଇ ଦେବା ଏବଂ ଅବସର ବୟସ ସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି କରିବା ଆଦି ଦାବି ରହିଛି। ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଏବଂ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ଅଗଷ୍ଟ ୧୫ ମଧ୍ୟରେ ସରକାର କୌଣସି ନିଷ୍ପତି ନ ନେଲେ ଅଗଷ୍ଟ ୧୬ରେ ରାଜ୍ୟ ବିଧାନସଭା ସମ୍ମୁଖରେ ଏକ ବିଶାଳ ରାଲି ଓ ସମାବେଶ କରାଯିବ ବୋଲି କହିଛନ୍ତି। ରାଜ୍ୟ ସରକାର ଯାହା ନିଷ୍ପତି ନେବେ ତାକୁ କୋରାପୁଟ ଜିଲା ଗ୍ରହଣ କରିବ ବୋଲି ଓଷ୍ଟା ସମ୍ପାଦକ ପଟ୍ଟନାୟକ ସୂଚନା ଦେଇଛନ୍ତି। ଜିଲା ସଭାପତି ସୁଶାନ୍ତ କୁମାର ଖୁଣ୍ଟିଆ ସଭାପତିତ୍ୱରେ ରାଜ୍ୟ ଉପସଭାପତି ବିଜୟ କୁମାର ଭଟ,ଜିଲା ଉପସଭାପତି ପ୍ରସନ କୁମାର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର କୁମାର ବୈଦ୍ୟ, ଜିଲା କାର୍ଯ୍ୟକାରୀ ସଭାପତି ଦିବାକର ରାଓ, ଜିଲା ଓଷ୍ଟା ଉପଦେଷ୍ଟା ଅକ୍ଷୟ କୁମାର ସ୍ୱାଇଁ, ଜିଲା ଯୁଗ୍ମ ସମ୍ପାଦକ ଭଞ୍ଜ କିଶୋର ରାଉତ, କଲେଜ ସଂଘ ନେତା ଦିଲୀପ କୁମାର ମହାନ୍ତି ଓ ଗତିକୃଷ୍ଣ ବାରିକ, ପ୍ରମୁଖ ଉପସ୍ଥିତ ଥିଲେ।

# ଜଙ୍ଗଲ, ଜୀବିକା ସହ ଭାଷା ସଂସ୍କୃତିର ସୁରକ୍ଷାକୁ ଆହ୍ୱାନ

## ଜିଲାସ୍ତରୀୟ ବିଶ୍ୱ ଆଦିବାସୀ ଦିବସ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।



ଆଦିବାସୀ ସମ୍ପ୍ରଦାୟ ଲୋକେ ଶୋଭାଯାତ୍ରାରେ ସଭାସ୍ଥଳକୁ ଯାଉଛନ୍ତି।

ଝରିଗାଁ,୯।୮(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ସଦର ମହକୁମାସ୍ଥିତ ହାଇସ୍କୁଲ ପଡ଼ିଆରେ ଜନଜାତି ସୁରକ୍ଷା ମଞ୍ଚ ତରଫରୁ ଶନିବାର ଜିଲ୍ଲାସ୍ତରୀୟ ବିଶ୍ୱ ଆଦିବାସୀ ଦିବସ ସମାବେଶ ଆୟୋଜନ କରାଯାଇଥିଲା। ଏହି ଅବସରରେ ଜିଲାର ଭତରା, ଗଣ୍ଡ, ରାଜଗଣ୍ଡ,ପରଜା, ବଣ୍ଡା, କନ୍ଧ, ସୌରା, ହଲବା, ଭୁଲିଆ, ଭୁଞ୍ଜିଆ, ଗାଦବା, ଅମନାତ୍ୟ, କେଣ୍ଡୋବୋରା ଏବଂ ଦୂରିଆ ସମ୍ପ୍ରଦାୟର ପ୍ରାୟ ୩୦ ହଜାରରୁ ଅଧିକ ମହିଳା ପୁରୁଷ, ଯୁବତୀଯୁବକ ବଣ୍ଡିଆମ୍ବା ହନୁମାନ ଛକରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ସଭାସ୍ଥଳ ନିକଟରେ ପହଞ୍ଚିଥିଲେ। ସେଠାରେ ଆଦିବାସୀ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସଙ୍ଗଠନର ଜିଲା ଜନଜାତି ସୁରକ୍ଷା ମଞ୍ଚର କାର୍ଯ୍ୟକାରୀ ସଭାପତି ଘନ ମାଝୀଙ୍କ ଅଧ୍ୟକ୍ଷତା ଏବଂ ଝରିଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମାଝୀଙ୍କ ପ୍ରଚେଷ୍ଟାରେ ଏହି ସମାବେଶ ଅନୁଷ୍ଠିତ ହୋଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆଦିବାସୀ ବିରୋଧୀ ନୀତି ଯୋଗୁ ଆଦିବାସୀମାନେ ନିଜର ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ହେଉଛନ୍ତି ବୋଲି ଅତିଥିମାନେ କହିଥିଲେ। ସରକାର ଜମି, ଜଙ୍ଗଲ ଓ ପ୍ରାକୃତିକ ସମ୍ପଦ ଉପରେ ଆଦିବାସୀଙ୍କୁ ଅଧିକାର ମିଳିପାରିନାହିଁ। ବିକାଶ ନାମରେ ଆଦିବାସୀଙ୍କ ଜମି, ଜଙ୍ଗଲ, ପରିବେଶ ଓ ଜୀବିକାକୁ ଛଡ଼ାଇବାକୁ ପ୍ରତିରୋଧ କରାଯିବ ବୋଲି ଚେତାବନୀ ଦେଇଥିଲେ। ସେହିପରି ଜିଲାଭିତ୍ତିକ ନିଯୁକ୍ତିକୁ ନେଇ ସଭାରେ ଶିକ୍ଷିତ ଯୁବତୀ ଯୁବକ ମତ ପ୍ରକାଶ କରିଥିଲେ। ଓଡ଼ିଶାର ପ୍ରାୟ ଏକ ଚତୁର୍ଥାଂଶ ଜନସଂଖ୍ୟା ଆଦିବାସୀ ହୋଇଥିଲେ ବି ସରକାର ସେମାନଙ୍କ ଭାଷା, ଲିପି ଓ ସଂସ୍କୃତିର ବିକାଶ ଦିଗରେ କୌଣସି ଉଦ୍ୟମ ନ କରିବା ଫଳରେ ଅନେକ ଆଦିବାସୀ ସମ୍ପ୍ରଦାୟ ଓ ସେମାନଙ୍କ ଭାଷା ନିଶ୍ଚିହ୍ନ ହେବାକୁ ବସିଛି ବୋଲି କୁହାଯାଇଛି। ତେଣୁ ଆଦିବାସୀମାନେ ନିଜର ଜମି, ଜଙ୍ଗଲ, ଜୀବିକା, ଭାଷା ଓ ସଂସ୍କୃତିର ସୁରକ୍ଷା କରିବା ଜରୁରୀ ବୋଲି ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଝରିଗାଁ ବିଧାୟକ ନରସିଂହ ଭତ୍ରା, ପୂର୍ବତନ ଏମ୍‌ପି ରମେଶ ଚନ୍ଦ୍ର ମାଝି, ପୂର୍ବତନ ପ୍ରଦୀପ ମାଝୀ, ପୂର୍ଣ୍ଣରାମ ମାଝୀ, ପୂର୍ବତନ ରାଜ୍ୟ ସଭା ସଦସ୍ୟ ଭଗବାନ ମାଝୀ, ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ଜିଲ୍ଲା ଜନଜାତି ସୁରକ୍ଷା ମଞ୍ଚ ସଭାପତି ଗୋପୀନାଥ ମାଝୀ, ସମ୍ପାଦକ ଲକ୍ଷ୍ମନ ମାଝି, ଉପସଭାପତି ପଦ୍ମନ ସା, ଭତରା ସମାଜର ଜିଲା ସଭାପତି ଅର୍ଜୁନ ଭତ୍ରା, ଅଖିଳ ଭାରତୀୟ ଗଣ୍ଡ ସଭାପତି ପୁନିତ୍‌ରାମ ଗଣ୍ଡ, ରାଜଗଣ୍ଡ ସମାଜର ଜିଲା ସଭାପତି ଭାଗୀରଥି ରାଜଗଣ୍ଡ, ହଲବା ସମାଜର ଜିଲା ସଭାପତି ଶଙ୍କର ହଲବା, ବଣ୍ଡା ସମାଜର ଜିଲା ସଭାପତି ମିତୁ ବଣ୍ଡା, ପରଜା ସମାଜର ଜିଲା ସଭାପତି ଭଗବାନ ଜାନୀ, ଭୁଞ୍ଜିଆ ସମାଜର ଜିଲା ସଭାପତି ହରଲାଲ ଝାଙ୍କରଙ୍କ ସହ ଅର୍ଜୁନ ଅମାତ୍ୟ, ଜଗତ ଜୀବନ ନାୟକ, ଦକ୍ଷିଣ ଓଡ଼ିଶା ଆଦିବାସୀ ମହାସଂଘ ଉପସଭାପତି ନରସିଂ ମାଝୀ, ବାଗସିଂ ମାଝୀ, ରାମଧର ମାଝୀ, ମୋହନ ମାଝି, ଶ୍ୟାମସୁନ୍ଦର ମାଝୀ, ଯମୁନା ଗଣ୍ଡ, ଲକ୍ଷ୍ମୀ ଗଣ୍ଡଙ୍କ ସହ ୧୦ଗୋଟି ବ୍ଲକ୍‌ରୁ ଆସିଥିବା ସମସ୍ତ ଆଦିବାସୀ ସମ୍ପ୍ରଦାୟ ସଭାପତି, ଉପସଭାପତି କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଝରିଗାଁ ବ୍ଲକ୍‌ର ସମସ୍ତ ଆଦିବାସୀ ସମ୍ପ୍ରଦାୟ ଯୁବ ଗୋଷ୍ଠୀ ଉପସ୍ଥିତ ଥିଲେ।

# ହୃଦ୍‌ଘାତରେ ନବରଙ୍ଗପୁର ତହସିଲଦାରଙ୍କ ମୃତ୍ୟୁ

ନବରଙ୍ଗପୁର,୯।୮(ସଦାଶିବ ପ୍ରହରାଜ)

ନବରଙ୍ଗପୁର ସଦର ତହସିଲଦାର କୈଳାସ ଚନ୍ଦ୍ର ତ୍ରିପାଠୀ (୫୬)ଙ୍କ ଶନିବାର ସକାଳେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଶୁକ୍ରବାର ବିଳମ୍ବିତ ରାତିରେ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ବିଶାଖାପାଟଣା ନିଆଯାଉ ଥିବାବେଳେ ବାଟରେ ପରଲୋକ ହୋଇଛନ୍ତି। ଜଣେ ଦକ୍ଷ ଅଧିକାରୀ ଭାବେ ତାଙ୍କର ସୁନାମ ରହିଛି। ନିକଟରେ ଦେବୋତ୍ତର ଅଧିକାରୀ ଭାବେ ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶାନ୍ତି ଓ ଶୃଙ୍ଖଳାର ସହ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ଜଣେ ଦକ୍ଷ ପ୍ରଶାସନିକ ଅଧିକାରୀ ସହ ବିଭିନ୍ନ ସାମାଜିକ ଅନୁଷ୍ଠାନରେ ସକ୍ରିୟ ଭୂମିକା ନେଇ ସୁନାମ ଅର୍ଜନ କରିଥିଲେ। ତାଙ୍କ ବିୟୋଗରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ଜିଲାପାଳ ଡ. ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲାପାଳ ତପନ ଖୁଣ୍ଟିଆ ଓ ବିଶ୍ୱଜିତ ବର୍ମନ, ଜିଲା



ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ଦେବୋତ୍ତର କମିଟି ସଭାପତି ଖାଗେଶ୍ୱର ଖାଡ଼ଙ୍ଗା, ରାଜ ପୁରୋହିତ ନରସିଂହ ତ୍ରିପାଠୀ, ଓଡ଼ିଶା ରାଜସ୍ୱ ଅମଲା ସଂଘ ସଭାପତି ତ୍ରିପତି ବାଲାଜୀ ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ, ସହକର୍ମୀ ଓ କାର୍ଯ୍ୟାଳୟ କର୍ମଚାରୀ ଶୋକ ପ୍ରକାଶ କରିଥିଲେ।

# ବଜ୍ରପାତରୁ ରକ୍ଷା ବାର୍ତ୍ତା ବାଣ୍ଟିବ ସଚେତନତା ରଥ



ସଚେତନତା ରଥର ଶୁଭାରମ୍ଭ କରାଯାଉଛି।

ପାପଡ଼ାହାଣ୍ଡି, ୯।୮(ସ୍ୱପ୍ନଜିତ ପଟ୍ଟନାୟକ)

ବଜ୍ରପାତରୁ ଜନସାଧାରଣଙ୍କ ସୁରକ୍ଷା ତଥା ଏ ସମ୍ବନ୍ଧୀୟ ସତର୍କତା ଅବଲମ୍ବନ ନିମନ୍ତେ ଶନିବାର ପାପଡ଼ାହାଣ୍ଡି ବ୍ଲକ୍ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରାଙ୍କ ଦ୍ୱାରା ବଜ୍ରପାତ ସୁରକ୍ଷା ସମ୍ପର୍କିତ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ବ୍ଲକ୍ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ବଜ୍ରପାତ ସମୟରେ କ'ଣ ସବୁ ପଦକ୍ଷେପ ନେଇ କିପରି ନିଜେ ସୁରକ୍ଷିତ ରହି ଅନ୍ୟମାନଙ୍କୁ ସୁରକ୍ଷିତ ରଖିହେବ ସେ ନେଇ ଏହି ରଥ ଜନସାଧାରଣଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିବ। ଏଥିରେ ବିଭିନ୍ନ ଅନୁଷ୍ଠାନ ସକ୍ରିୟ ଅଂଶଗ୍ରହଣକରି ଏ ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରାଇବାକୁ ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସଚେତନତା ରଥର ଶୁଭାରମ୍ଭ ସମୟରେ ଜିପିଓ ଅକ୍ଷୟ ପଟ୍ଟନାୟକ, କ୍ୟାଶିୟର ମହେଶ୍ୱର ଦାଶ ଓ ବ୍ଲକ୍ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ପାପଡ଼ାହାଣ୍ଡି ପଞ୍ଚାୟତ କାର୍ଯ୍ୟାଳୟରେ ମଧ୍ୟ ସରପଞ୍ଚ ଚନ୍ଦ୍ରଶେଖର ମାଝୀଙ୍କ ଉପସ୍ଥିତିରେ ବ୍ଲକ୍ ଉପାଧ୍ୟକ୍ଷଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅନ୍ୟ ପଞ୍ଚାୟତରେ ମଧ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

# ଜୁନାପାଣି ଆଶ୍ରମ ବିଦ୍ୟାଳୟରେ 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମ

ଚନ୍ଦାହାଣ୍ଡି, ୯।୮(ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ଆଶ୍ରମ ବିଦ୍ୟାଳୟ ଜୁନାପାଣିରେ 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରିମିଚନ ଚୌହାନଙ୍କ ଆବାହନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୋ ସ୍କୁଲ ସଭାପତି ଭୀମସେନ ଡଙ୍ଗରୀ ମୁଖ୍ୟ ଅତିଥି, ବିଦ୍ୟାଳୟ ପରିଚାଳନା ସମିତି ସଭାନେତ୍ରୀ ହେମ ମାଝୀ ମୁଖ୍ୟବକ୍ତା, ସମ୍ମାନିତ ଅତିଥିଭାବେ ରାଜକୁମାର ରୋତି, ଶିକ୍ଷକ ପ୍ରଶାନ୍ତ କୁମାର ନାୟକ, ଗୌରୀଶଙ୍କର ଡଙ୍ଗରୀ, ଶିକ୍ଷୟିତ୍ରୀ ଭାନୁମତୀ ମହାରଣା, ବିଦ୍ୟାଳୟ ପରିଚାଳନା ସମିତିର ବଂଶୀଧର ମାଝୀ, ରଜୁଲା ରୋତି, ରାଇ ସିଂ ରୋତି, ନୃସିଂହ ସିଙ୍ଗଲ ପୁରିଆ, ପୁରାତନ ଛାତ୍ର ମହେଶ୍ୱର ମାଝୀ, ମାଟ୍ରନ ଦୀପ୍ତିମୟୀ ସାମଲ, ସିସିଏ ଗଣପତି ମାଝୀ ପ୍ରମୁଖ ଯୋଗଦେଇଥିଲେ। ଗାଁର ଶିଶୁଙ୍କ ନାମ ଲେଖାଇବା, ଡ୍ରପ୍ ଆଉଟ୍ ହାର କମାଇବା, ଅଧାରୁ ପାଠ ଛାଡୁଥିବା ପିଲାମାନଙ୍କୁ ନାମ ଲେଖାଇ ମୁଖ୍ୟ ସ୍ରୋତରେ ସାମିଲକରିବା, ଶିକ୍ଷା ପ୍ରତି ପିତାମାତା ତଥା ଅଭିଭାବକମାନଙ୍କୁ ସଚେତନ କରିବାକୁ ସଭାରେ ଆଲୋଚନା ହୋଇଥିଲା। ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରି ଶିକ୍ଷା ପ୍ରତି ଆଗ୍ରହ ଦେଖାଇ ନିଜନିଜ ପିଲାମାନଙ୍କୁ ସ୍କୁଲରେ ନାମ ଲେଖାଇବା ପାଇଁ ଅଗ୍ରସର ହେବାକୁ ବାର୍ତ୍ତା ଦେଇଥିଲେ।

# ଯବାନଙ୍କ ହାତରେ ବାନ୍ଧିଲେ ହାତ ତିଆରି ରାଖୀ

ନବରଙ୍ଗପୁର,୯।୮
(ସଦାଶିବ ପ୍ରହରାଜ)



ଛାତ୍ରୀମାନେ ରାଖୀ ବାନ୍ଧୁଛନ୍ତି।

ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନବରଙ୍ଗପୁର ଛାତ୍ରୀଛାତ୍ର ଶନିବାର ନବରଙ୍ଗପୁରସ୍ଥିତ ୧୨ ବାଟାଲିୟନ ସିଆର୍‌ପିଏଫ୍ ଯବାନଙ୍କ ସହିତ ରାଖୀ ଉତ୍ସବ ପାଳନ କରିଛନ୍ତି। ବିଦ୍ୟାଳୟ ଛାତ୍ରୀଛାତ୍ର ନିଜ ହାତ ତିଆରି ରାଖୀ ନେଇ ଯବାନମାନଙ୍କୁ ବାନ୍ଧିଥିଲେ। ସିଆର୍‌ପିଏଫ ଯବାନ ସର୍ବଦା ଦେଶ ସୁରକ୍ଷା କରୁଛନ୍ତି। ସେମାନେ ଆମର ପ୍ରକୃତ ଭାଇ ବୋଲି ଛାତ୍ରୀମାନେ ମତ ଦେଇଛନ୍ତି। ବାଟାଲିଅନ କମାଣ୍ଡାଣ୍ଟ ଏନ୍. କେ. କେ. ପ୍ରସାଦ ଛାତ୍ରୀଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପିଲାଙ୍କ ମଧ୍ୟରେ ଦେଶ ଭକ୍ତି ଜାଗ୍ରତ କରାଇବା ଓ ଯବାନମାନଙ୍କୁ ସମ୍ମାନ କରିବା ଦିଗରେ ଏହା ଏକ ପ୍ରୟାସ ବୋଲି ଅଧ୍ୟକ୍ଷ ହିତେଶ ବର୍ମା କହିଛନ୍ତି। ଛାତ୍ରୀ ମାନଙ୍କୁ ରାଖୀ ତିଆରି କରିବାରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକ ସହାୟତା କରିଥିଲେ। ସେହିଭଳି ସିଆର୍‌ପିଏଫ୍ ୧୨ ବାଟାଲିୟନ କାର୍ଯ୍ୟାଳୟକୁ ଯାଇ ନବରଙ୍ଗପୁର ବ୍ରହ୍ମକୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ଭଉଣୀମାନେ ମଧ୍ୟ ରାଖୀ ବାନ୍ଧିଥିଲେ। ସମସ୍ତ ଅଧିକାରୀ ଓ ଯବାନଙ୍କ ଦୀର୍ଘ, ସୁସ୍ଥ ଓ ସୁଖମୟ ଜୀବନ କାମନା କରିଥିଲେ।

# ଆଦିବାସୀମାନେ ପ୍ରକୃତିର ରକ୍ଷକ

ନବରଙ୍ଗପୁର,୯।୮(ସଦାଶିବ ପ୍ରହରାଜ)

ନବରଙ୍ଗପୁରରେ ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚ ପକ୍ଷରୁ ବିଶ୍ୱ ମୂଳନିବାସୀ ଦିବସ ତଥା ଆଦିବାସୀ ଦିବସ ଶନିବାର ପାଳନ କରାଯାଇଛି। ସଙ୍ଗଠନ ଜିଲା ସମ୍ପାଦକ ରାଜେଶ ଜାନୀଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରିଥିଲା। ମାଝୀଗୁଡ଼ା ପଡ଼ିଆରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚ ରାଜ୍ୟ ସମ୍ପାଦକ ସାଲେମ୍ ମାର୍ଣ୍ଡି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଆଦିବାସୀଙ୍କ ଜଳ, ଜଙ୍ଗଲ, ଜମି ଉପରେ ଥିବା ଅଧିକାର ଓ ପେସା ଆଇନ ଅଧିକାର ଉପରେ ମତ ରଖିଥିଲେ। ସମ୍ମାନୀତ ଅତିଥିଭାବେ ଅଖିଳ ଭାରତୀୟ ଏସ୍‌ସି, ଏସ୍‌ଟି ପରିସଂଘ ଜିଲା ସଭାପତି ଭଗବାନ ବୈରାଗୀ, ଆଦିବାସୀ ଅଧିକାର ମଞ୍ଚ ଜିଲା ସଭାପତି ନୂଆଁଖାଉ ଉତରା, ବ୍ଲକ ଏସ୍‌ସି ସଂଘ ସଭାପତି ଦେବରାଜ ନାଗ, ଯୁବ ସାମାଜିକ କର୍ମୀ ଦୟାନିଧି ସୁନା, ବରିଷ୍ଠ ଖବରଦାତା ଲଳିତ ମହୋନ ନାୟକ, ଭୀମ ଆର୍ମୀ ଜିଲା ସଭାପତି ଚୁର୍ନୀଲାଲ୍ ମିଁଜା, ଖ୍ରୀଷ୍ଟୀୟାନ ମାଇନୋରିଟି ଜିଲା ସଭାପତି ଏଡ୍.ରି. ପ୍ରଧାନ ପାତ୍ର, କୋଟିଆ ଆଦିବାସୀ ସମାଜ ଜିଲା ଉପ ସଭାପତି ତ୍ରିନାଥ ପାଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରୁ ଆଦିବାସୀ ଅଧିକାର ମଞ୍ଚ ସଙ୍ଗଠକ ବିଶ୍ୱନାଥ ଜାନି, ସାଲେମ ଜାନୀ, ରବି ସାନ୍ତା, ରେନ୍ଦୁ ଗଣ୍ଡ, ଜୟରାମ ଗଣ୍ଡ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ଆଦିବାସୀମାନେ ପ୍ରକୃତି, ପରିବେଶ ଜଳ ,ଜଙ୍ଗଲ, ଜମିର ପ୍ରକୃତ ଅଧିକାରୀ ଓ ସେମାନେ ହିଁ ସୁରକ୍ଷା ଦେଉଛନ୍ତି ବୋଲି ମଞ୍ଚାସୀନ ଅତିଥିମାନେ କହିଥିଲେ।


**ପୌର ପରିଷଦ କାର୍ଯ୍ୟାଳୟ, ବ୍ରଜରାଜନଗର**
**OFFICE OF MUNICIPAL COUNCIL, BRAJRAJNAGAR**
At/Po - Lamtibahal, Dist - Jharsuguda, Odisha,
Phone No. - 8457812260, Mail : eobrjnmpl@gmail.com
No.2960/ Dt.05.08.2025

**QUOTATION CALL NOTICE**

No.C-837 : Quotations in sealed covers are invited from the intending firms/suppliers **for supply of Stationery Materials** to Brajrajnagar Municipality as per the list contained in the quotation scheduled. The Quotationers must submit the Xerox copy of GST Registration/ Clearance Certificate / PAN Card No alongwith their quotaion schedule, failing which the Quotations shall not be entertained. The Quotations will be received till 12 noon on **Dt.20.08.2025** which will be opened at **4.00 P.M** on the same date in presence of the Quotationers or their authorized representatives. The Quotations can also be sent by Regd.Post/Speed Post which should reach the undersigned within the stipulated date and time. Any quotation submitted beyond the above date & time shall not be entertained. The Quotation schedule can be obtained on payment of non- refundable amount of Rs.1000/- (Rupees One Thousand) only from the Municipal office during the working days.
The Authority reserves the right to accept or cancel any or all the quotations without assigning any reason thereof.

Sd./- Executive Officer
Brajrajnagar Municipality
OIPR-13099/11/0063/2526



**ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ**
SAMS
Student Academic Management System
Skilled in ODISHA

**ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ଆଇ.ଟି.ଆଇ. ମାନଙ୍କରେ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ITI SPOT ADMISSION ବିଜ୍ଞାପନ**

**ITI SPOT ADMISSION 2025-26**

No.KK- No.11371/ Dt.08.08.2025

ଆଇ.ଟି.ଆଇ. ତାଲିମ ନିମିତ୍ତ ଇଚ୍ଛୁକ ଛାତ୍ର ଓ ଛାତ୍ରୀମାନଙ୍କୁ ସୂଚାଇ ଦିଆଯାଉଅଛି ଯେ, ଚଳିତ ଅଗଷ୍ଟ ମାସରୁ ଆରମ୍ଭ ହେବାକୁ ଥିବା ୨୦୨୫-୨୬ ଶିକ୍ଷାବର୍ଷରେ ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ଆଇ.ଟି.ଆଇ.ମାନଙ୍କରେ ବିଭିନ୍ନ Tradeରେ ଖାଲିଥିବା ସ୍ଥାନମାନଙ୍କରେ ମେଧାଭିତ୍ତିକ SPOT ADMISSION ପଦ୍ଧତିରେ ତା୧୧.୦୮.୨୦୨୫ରିଖ ଠାରୁ SAMS Portal ଜରିଆରେ ନାମ ପଞ୍ଜୀକରଣ ଏବଂ ନାମଲେଖା ପଦ୍ଧତିରେ ଭାଗ ନେଇପାରିବେ । ସବିଶେଷ ବିବରଣୀ SOP ନିମିତ୍ତ SAMS ପୋର୍ଟାଲ www.samsodisha.gov.in କିମ୍ବା ପ୍ରାର୍ଥୀ ସହାୟତା ଟୋଲଫ୍ରି ନମ୍ବର ସଂଯୋଗ Helpline-୧୫୫୩୩୫ କିମ୍ବା ୧୮୦୦-୩୪୫-୬୭୭୦କୁ ଯୋଗାଯୋଗ କରି ଉତ୍ତମମାନର ତାଲିମ ସହ କୁଶଳୀ କାରିଗର ହେବାପାଇଁ ଏହି ସୁଯୋଗ ନିଅନ୍ତୁ ।

ସ୍ୱା./- ନିର୍ଦ୍ଦେଶକ,
ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡ଼ିଶା
OIPR-44008/11/0042/2526


# ସୁଭଦ୍ରା ଟଙ୍କାରେ ବ୍ୟବସାୟ କରୁଥିବା ହିତାଧିକାରୀ ସମ୍ମାନିତ



ପାର୍ଲର କରିଥିବା ମୁନିଗୁଡ଼ା ଗାଁର ପଦ୍ମା ଭତରାଙ୍କୁ ସମ୍ମାନିତ କରାଯାଉଛି।

ନବରଙ୍ଗପୁର,୯।୮
(ସଦାଶିବ ପ୍ରହରାଜ)

କୋରାପୁଟ ଜିଲା ଜୟପୁରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ରାଖୀ ପୂର୍ଣ୍ଣିମା ଅବସରରେ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ଦିଆଯାଇଛି। ଏହି ଅବସରରେ ଶନିବାର ନବରଙ୍ଗପୁରସ୍ଥିତ ସରୋଜିନୀ ହଲ୍‌ରେ ସିଧା ପ୍ରସାରଣ କାର୍ଯ୍ୟକ୍ରମ କରାଯାଇଛି। ଏହାକୁ ସମସ୍ତେ ଦେଖିଥିଲେ। ଜିଲାପାଳ ଡ. ମହେଶ୍ୱର ସ୍ୱାଇଁ ମୁଖ୍ୟ ଅତିଥି, ଜିଲା ପରିଷଦ ସିଡିଓ ବିରଞ୍ଚି ନାରାୟଣ ଦରୱାନ, ଏମ୍‌ପି ପ୍ରତିନିଧି ଜ୍ୟୋତି ରଞ୍ଜନ କଂସ, ନବରଙ୍ଗପୁର ବିଧାୟକ ପ୍ରତିନିଧି ମୃତ୍ୟୁଞ୍ଜୟ ମହାରଣା, ଡିଆଇପିଆର୍‌ଓ ମନୋଜ ବେହେରା, ଡିଏସ୍‌ଡବ୍ଲ୍ୟୁଓ ଦ୍ରୌପଦୀ କହଁର ପ୍ରମୁଖ ଉପସ୍ଥିତ ଥିଲେ। ମହିଳାମାନେ ଜିଲାପାଳ ଓ ଅନ୍ୟ ଅତିଥିମାନଙ୍କୁ ରାଖୀ ବାନ୍ଧିଥିଲେ। ସୁଭଦ୍ରା ଯୋଜନା ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ, ସ୍ୱାଭିମାନ ସହ ବଞ୍ଚିବାର ପ୍ରେରଣା ଦେଉଛି ବୋଲି ଅତିଥିମାନେ କହିଥିଲେ।

ଜିଲାରେ ଏ ପର୍ଯ୍ୟନ୍ତ ୩,୧୮,୯୭୭ ଜଣ ସୁଭଦ୍ରା ପାଇଁ ଆବେଦନ କରିଛନ୍ତି ଏବଂ ସେଥିମଧ୍ୟରୁ ୨,୯୯,୪୯୯ ଜଣଙ୍କ ଆବେଦନ ପତ୍ର ଅନୁମୋଦନ ହୋଇଛି। ୩,୦୬,୭୨୧ ଜଣଙ୍କର ଇ-କେୱାଇସି କାର୍ଯ୍ୟ ସମାପ୍ତ ହୋଇଛି। ୨,୯୮,୭୦୧ ଜଣ ହିତାଧିକାରୀ ପୂର୍ବରୁ ୨ ଟି କିସ୍ତି ଅର୍ଥ ରାଶି ପ୍ରାପ୍ତ କରିଛନ୍ତି। ଏହି ଅବସରରେ ସୁଭଦ୍ରା ଅର୍ଥରେ ନିଜର ଛୋଟ ବ୍ୟବସାୟକରି ଆର୍ଥିକ ଅଭିବୃଦ୍ଧିରେ ନିଜର ସ୍ଥାନ ସୃଷ୍ଟି କରିଥିବା ୧୧ ଜଣ ହିତାଧିକାରଙ୍କୁ ସମ୍ମାନିତ କରାଯାଇଥିଲା। ସୁଭଦ୍ରା ଯୋଜନାକୁ ନେଇ ସ୍କୁଲ ଓ କଲେଜ ସ୍ତରରେ ଛାତ୍ରୀ ଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରବନ୍ଧ, ଚିତ୍ରାଙ୍କନ, କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ।


**ODISHA TOURISM DEVELOPMENT CORPORATION LIMITED**
(A GOVT. OF ODISHA UNDERTAKING)
PANTHANIVAS (OLD BLOCK) : LEWIS ROAD : BHUBANESWAR-14
Letter No.1709 Date : 07.08.2025

**NOTICE INVITATION FOR BIDS (NIFB)**
E-Procurement Notice No. BP-I/18/2025-26 dt.07.08.2025

No.CAD-1425
1. Nature of Work : Procurement of Furniture for SIHM, Bolangir
2. Total No. of Works : 01 No.
3. Value of Works : Rs.32.52 lakhs
4. Bid Security : As per NIT
5. Class of Contractor : As per NIT
6. Period of Completion : 03 (Three) Calendar Months
7. Other details as follows

| Procurement Officer | Bid Identification No. | Availability of Bid online | | Date, Time & Place of Opening of Tender |
|---|---|---|---|---|
| Superintending Engineer O.T.D.C., Ltd., Bhubaneswar | BP-I/18/2025-26 Dt.07.08.2025 | From 18.08.2025 | To 29.08.2025 | 11.30 Hours of dt.30.08.2025 in the office of the Superintending Engineer, OTDC Ltd., Bhubaneswar |

Further details can be seen from the Govt. Website www.tenderodisha.gov.in

Sd./- Superintending Engineer
O.T.D.C. Ltd., BBSR
OIPR-37002/11/0107/2526



**ODISHA STATE ROAD TRANSPORT CORPORATION, BHUBANESWAR**
No. 10247 /OSRTC/ TOE-190/2023 Date. 07.08.25

**ENGAGEMENT OF COMPANY SECRETARY ON CONTRACT BASIS IN OSRTC**

No.CAD-1418 : Odisha State Road Transport Corporation (OSRTC) is looking for professionals with experience in Company Secretary for engagement on short term contract basis. The engagement is purely temporary and contract basis for a period of one year subject to further extension of maximum period of three years of engagement based on performance and requirement by OSRTC.
The details of required qualification, experience terms and conditions of engagement and application procedure are available in the OSRTC official website i.e. osrtc.org The last date of application is 23.08.2025 from the date of Publication of the Advertisement.
Application window shall be opened from 11.08.2025 to 23.08.2025
Intending eligible candidates are advised to send their updated resumes on hqrhrosrtc@gmail.com
The eligible candidates shall be shortlisted and called for a personal interview for selection.

By order of the
Chairman-cum-Managing Director
Sd./- General Manager (A)
OSRTC, Bhubaneswar
OIPR-38002/11/0025/2526



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE:SUNDARGARH**
Near Bana Durga Temple, Sankara, Sundargarh, Dist-Sundargarh, Pin-770020, E-mail:serw_sundargarh@yahoo.com
Office Order No.1937, Date:08.08.2025
**1st Corrigendum**

No.O-572: Under unavoidable circumstance, the following tender invited by this office vide Tender Online No.-RWCCESNG-06 of 2025-26 and This office Letter No.1884, Date-30.07.2025 is hereby Cancelled for the Sl.No.as follows:-

| Sl. No. | Name of Work | Superintending Engineer, R.W.Division | Estimated cost put to tender (Approx.) in Lakh | Time for Completion in Month | Class of Contractor |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 4 | Construction of Day Care PHC Building at Pithabhuin of Tangarpali Block under XV-FC for the year 2024-25. | TENDER CANCELLED | | | |
| 5 | Construction of Day Care PHC Building at Kundukela of Sadar Block under XV-FC for the year 2024-25. | TENDER CANCELLED | | | |

All other terms and conditions are remained unchanged.
OIPR-25133/11/0058/2526
Sd./- Chief Construction Engineer
Rural Works Circle, Sundargarh



**OFFICE OF THE COLLECTOR, KANDHAMAL, PHULBANI**
(ST & SC Development Section)
e_mail : dwo.kandhamal@gmail.com
Notification No. 4184/SSD/XVI-01/2025 Date 08.08.2025

**Walk-in-Interview**
**Hiring of Guest Teachers for ST & SC Dev. M&BCW Deptt. Schools in Kandhamal District**

**No.V-07** : Applications in prescribed format are invited from the deserving candidates from native of Odisha for hiring as **Guest Teachers** against existing vacancies in ST & SC Dev. M&BCW Deptt. run Educational institutions in Kandhamal District.
The detailed Notification, selection criteria & Application Format may be obtained from Office Notice Board of District Welfare Office, Kandhamal and Kandhamal District Website www.kandhamal.odisha.gov.in. The last date of receipt of application in the office of the District Welfare Office, Kandhamal is 25.08.2025 by Regd. Post / Speed Post only.

Sd./- District Welfare Officer
Kandhamal, Phulbani
OIPR-19337/11/0002/2526



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, RAYAGADA**
Email ID: ccerwcrayagada@gmail.com
Letter No. 1648 Date: 06.08.2025
**1st Corrigendum**

No. O-561: In continuation to this office bid identification No. NCB-13/RWCRGDA/2025-26 invited vide this office letter No. 1450 dated 15.07.2025 partial modification of TCN has been made as follows:

| Sl. No. | Item | Time Schedule as per Original TCN | Time Schedule as per Corrigendum Notice |
|---|---|---|---|
| 1 | Availability of tender online for bidding | Dt.23.07.2025 at 11.00 A.M. to Dt.12.08.2025 upto 5.00 P.M. | Extended upto 5.00 P.M. of 26.08.2025 |
| 2 | Date & time of seeking tender clarification if any | Dt.11.08.2025 upto 5.00 P.M. | Dt.25.08.2025 upto 5.00 P.M. |
| 3 | Date & time of opening of tender (Technical Bid) | Dt.13.08.2025 at 11.00 A.M. | Dt.29.08.2025 at 11.00 A.M. |
| 4 | Date of Submission of original documetns such as Bid Security, Cost of Bid document and Affidavit (this date should be not later than three working days after the opening of Technical Qualification part of the bid). | Dt.16.08.2025 upto 5.00 P.M. | Dt.02.09.2025 Upto 5.00 P.M. |
| 5 | Date & time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms & conditions will remain unchanged.
OIPR-25196/11/0027/2526
Sd./- Chief Construction Engineer, RW Circle, Rayagada



**OFFICE OF THE SUPERINTENDING ENGINEER, MINOR IRRIGATION DIVISION, DHENKANAL**
No.1492/Dt.05.08.2025
**e-Procurement Notice**
**Bid Identification No.-DMID/03/2025-26**
e-mail ID : eemidkl@gmail.com

**No.A-482** : The Superintending Engineer, Minor Irrigation Division Dhenkanal on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | | |
|---|---|---|
| Name of the work | : | Civil works in Different Block of Dhenkanal District for the year 2025-26 under Improvement to Tank & MIP Scheme. |
| No. of Works | : | 06 (Six) Only |
| Estimated Cost | : | **Varies from 28.65 lakh to 38.12 lakh (Approximately)** |
| Cost of Tender Paper | : | 6000/- |
| Period of Completion | : | 04 (Four) Calendar months |
| Availability of bid documents for sale and receipt through on-line | : | From Dt.11.08.2025, 10.00 A.M. to Dt.20.08.2025, up to 5.00 P.M. |
| Last date / time of receipt of bids in the portal | : | 20.08.2025 (5.00 P.M.) |
| Date of Technical bid opening through online | : | On Dt.21.08.2025 at 11.00 A.M. in the Office of the S.E, M.I. Division, Dhenkanal |
| Mode of payment of Bid Cost | : | Online |
| Digital Signature Certificate of Bidder | : | The Bidder must possess compatible Digital Signature Certificate (DSC) |
| The detail tender call notice can also be seen in the DOWR website **http:/dowrorissa.gov.in** | | |
| Name & Address of the OIT | : | Superintending Engineer, Minor Irrigation Division, Dhenkanal, At/P.O/District - Dhenkanal, Ph. No / Fax No. - 06762-224461, Email ID : eemidkl@gmail.com |
| Further details can be seen from the e-Procurement market place http://tendersorissa.gov.in | | |

Sd./- Superintending Engineer
M.I.Division, Dhenkanal
OIPR-32027/11/0019/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ମୁବସ୍ୱର୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଉଦ୍ୟୋଗୀଙ୍କୁ ସରକାରଙ୍କ ପୂର୍ଣ୍ଣ ସମର୍ଥନର ଆଶ୍ୱାସନା

**ଭୁବନେଶ୍ୱର,୯।୮**




ଟିଆଇଇ ବା ଟାଇ ଭୁବନେଶ୍ୱର ପକ୍ଷରୁ ଶନିବାର ଏକ ୨ ଦିନିଆ ଉଦ୍ୟୋଗିତା ସମ୍ମିଳନୀ 'ଟାଇକନ୍-୨୦୨୫' ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇ କହିଥିଲେ, ଓଡ଼ିଶାର ୫୭୪ କିଲୋମିଟର ଉପକୂଳ ରେଖାକୁ ବିକାଶ କରିବା ସହ ଏହି ନୀଳ ଅର୍ଥନୀତି ପାଇଁ ଏକ ବଡ଼ ସୁଯୋଗ ସୃଷ୍ଟି କରିବାକୁ ଆହ୍ୱାନ ହେବା ସହ ଉଦ୍ୟୋଗୀମାନଙ୍କୁ ସରକାରଙ୍କ ପୂର୍ଣ୍ଣ ସମର୍ଥନର ଆଶ୍ୱାସନା ଦେଇଛନ୍ତି। ସେହିପରି ଉଦ୍ୟୋଗୀ ଏବଂ ବିନିଯୋଗକାରୀଙ୍କୁ ନବୀନ କ୍ଷେତ୍ରଗୁଡ଼ିକରେ ବିକାଶ ପାଇଁ ଉଦ୍ଭାବନ ଉପରେ ଧ୍ୟାନଦେବାକୁ ମଧ୍ୟ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ସେ ଆଶ୍ୱାସନା ଦେଇଛନ୍ତି, ଓଡ଼ିଶା ସରକାର ଦକ୍ଷତା ବିକାଶ ଏବଂ ଷ୍ଟାର୍ଟଅପ୍ ପ୍ରୋତ୍ସାହନ ମାଧ୍ୟମରେ ଉଦ୍ୟୋଗୀଙ୍କୁ ସମର୍ଥନ ଜାରି ରଖିବେ। ସେହିପରି ଶିଳ୍ପ ସଚିବ ହେମନ୍ତ ଶର୍ମା ଓଡ଼ିଶାର କଞ୍ଚାମାଲ ଆଧାରିତ ବିକାଶ, ଚାହିଦା ଆଧାରିତ ବିକାଶ ଏବଂ ପ୍ରଯୁକ୍ତି ଆଧାରିତ ବିକାଶ ଉପରେ ଧ୍ୟାନଦେଇ ଟାଇ ଭୁବନେଶ୍ୱର ଦ୍ୱାରା ସମର୍ଥିତ ହୋଇ ପ୍ରତ୍ୟେକ ଜିଲାରୁ ୨ଜଣ ଉଦ୍ୟୋଗୀଙ୍କୁ ଚିହ୍ନଟକରିବାକୁ ପ୍ରସ୍ତାବ ଦେଇଛନ୍ତି। ଅପରପକ୍ଷରେ ଶକ୍ତି ସଚିବ ବିଶାଳ ଦେବ ଓଡ଼ିଶାର ଆର୍ଥିକ ବିଜ୍ଞତା, ଶିଳ୍ପ ବିକାଶ, ବିପର୍ଯ୍ୟୟ ପରିଚାଳନା ଏବଂ ସ୍ୱାସ୍ଥ୍ୟସେବାରେ ରାଜ୍ୟର ସଫଳତା ଉପରେ ଆଲୋକପାତକରି ଶିଶୁ ଏବଂ ମାତୃ ମୃତ୍ୟୁହାର ହ୍ରାସ କରିବାରେ ବିଶେଷ ସଫଳତା ଉଲ୍ଲେଖ କରିଛନ୍ତି।

ଏ ସମ୍ପର୍କରେ ଟାଇ ଭୁବନେଶ୍ୱରର ସଭାପତି ଅୟସକାନ୍ତ ମହାନ୍ତି କହିଛନ୍ତି, ଉଦ୍ୟୋଗୀମାନେ ହେଉଛନ୍ତି ପରିବର୍ତ୍ତନକାରୀ ଏବଂ ରାଷ୍ଟ୍ର ନିର୍ମାତା। ଏହା ଉଦ୍ୟୋଗିତାର ଏକ ଉତ୍ସବ। ଆମେ ରାଜ୍ୟର ପ୍ରତ୍ୟେକ ବ୍ଲକ୍‌ରେ ଟାଇ ସଦସ୍ୟ ଚାହୁଁଛୁ ଏବଂ ଓଡ଼ିଶାରେ ଉଦ୍ୟୋଗିତା ପରିବେଶକୁ ଉନ୍ନତ କରିବା ପାଇଁ ବିଦ୍ୟାଳୟ ପାଠ୍ୟକ୍ରମରେ ଉଦ୍ୟୋଗିତାକୁ ସାମିଲ କରିବାର ଯୋଜନା ରଖିଛୁ। ଟାଇ ଗ୍ଲୋବାଲର ସଭାପତି ମୁରଲୀ ବୁକାପାଟ୍ଟନମ୍ ଉଦ୍ୟୋଗୀମାନଙ୍କୁ ଆହ୍ୱାନ ଦେଇ କହିଛନ୍ତି, ନିଡର ଭାବେ ନିର୍ମାଣ କର, ନିର୍ଭୟରେ ନେତୃତ୍ୱ ନିଅ ଏବଂ ଭୁବନେଶ୍ୱରକୁ ଏକ ଏପରି ସ୍ଥାନ ଭାବେ ଗଢ଼ ଯାହାକୁ ବିଶ୍ୱ ଗଣନା କରିବ। କେବଳ ଅନୁସରଣ କରିବା ନୁହେଁ, ସାହସର ସହ ନିର୍ମାଣ କର। ବିଶ୍ୱ ତୁମକୁ ଅପେକ୍ଷା କରୁଛି। ପରିଶେଷରେ ଟାଇ ଭୁବନେଶ୍ୱରର ଉପ-ସଭାପତି ସତ୍ୟବ୍ରତ ରଥ ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ।

ଉଲ୍ଲେଖଯୋଗ୍ୟ, ଦୀର୍ଘ ୧୩ ବର୍ଷର ପ୍ରଭାବଶାଳୀ ଉପସ୍ଥିତି ପରେ ଟାଇ ଭୁବନେଶ୍ୱର ପକ୍ଷରୁ ଓଡ଼ିଶାର ରାଜଧାନୀରେ ଏକ ଜାତୀୟ ସ୍ତରୀୟ ଏବଂ ଅନ୍ତର୍ଜାତୀୟ ସ୍ୱୀକୃତିପ୍ରାପ୍ତ ଉଦ୍ୟୋଗିତା ସମ୍ମିଳନୀ 'ଟାଇକନ୍-୨୦୨୫' ସଫଳତାର ସହ ଆୟୋଜନ କରାଯାଇଛି। ଏହି ଦୁଇଦିବସୀୟ କାର୍ଯ୍ୟକ୍ରମ ଓଡ଼ିଶାର ଉଦ୍ୟୋଗିତା ଏବଂ ନବସୃଜନ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟକୁ ଚିହ୍ନିତ କରୁଛି। ଏହି ସମ୍ମିଳନୀରେ ଭାରତ ଏବଂ ଶ୍ରୀଲଙ୍କା ସମେତ ସିଙ୍ଗାପୁର, ୟୁଏଇ(ଦୁବାଇ), ଯୁକ୍ତରାଷ୍ଟ୍ର ଆମେରିକା ଭଳି ଦେଶରୁ ଉଦ୍ୟୋଗୀ ଏବଂ ବିଜ୍ଞ ନେତୃବୃନ୍ଦ ଅଂଶଗ୍ରହଣ କରିଥିଲେ। ଓଡ଼ିଶାକୁ ବ୍ୟବସାୟ ଏବଂ ନବସୃଜନ ପାଇଁ ଏକ ଆକର୍ଷଣୀୟ ଗନ୍ତବ୍ୟସ୍ଥଳ ଭାବରେ ଉପସ୍ଥାପନ କରିବା ପାଇଁ ଟାଇକନ୍-୨୦୨୫ ଓଡ଼ିଶା ସରକାରଙ୍କ ସହଯୋଗରେ ଆୟୋଜିତ ହୋଇଛି। ଶୁଭାରମ୍ଭ ଅବସରରେ ଓଡ଼ିଶାର ଉଦ୍ୟୋଗିତା ପରିବେଶକୁ ସଶକ୍ତ କରିବା ପାଇଁ ଚାରୋଟି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ଉନ୍ମୋଚନ କରାଯାଇଥିଲା।

ଉକ୍ତ କାର୍ଯ୍ୟକ୍ରମରେ ୫୦୦ରୁ ଅଧିକ ପ୍ରତିନିଧିଙ୍କ ସମେତ ୧୦୦ରୁ ଅଧିକ ଅନ୍ତର୍ଜାତୀୟ ଅଂଶଗ୍ରହଣକାରୀ ଏହି ଐତିହାସିକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ଟାଟା ଟି ପ୍ରିମିୟମର ନୂତନ ଅଭିଯାନ





**ଭୁବନେଶ୍ୱର,୯।୮**

ଟାଟା କଞ୍ଜ୍ୟୁମର ପ୍ରଡକ୍ଟସ ଲିମିଟେଡ୍‌ର ପ୍ରମୁଖ ଚା ବ୍ରାଣ୍ଡ ତଥା ଟାଟା ଟି ପ୍ରିମିୟମର ନୂତନ ଅଭିଯାନ 'ଦେଶ କା ଗର୍ବ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି କମ୍ପାନୀର ଚଳିତ ସଂସ୍କରଣ (୨୦୨୫-ଏଡିସନ) ସମ୍ପର୍କରେ ଘୋଷଣା କରାଯାଇଛି। ପାରମ୍ପରିକ କଳାକୃତି ସହ ଦୈନନ୍ଦିନ ଚା' ପରମ୍ପରାକୁ ଯୋଡ଼ି, କିଛି ବର୍ଷ ଧରି ଟାଟା ଟି' ପ୍ରିମିୟମ ସ୍ୱାଧୀନତା ଦିବସକୁ ପାଳନ କରୁଛି। ଚଳିତ ବର୍ଷ ଭାରତର କିଛି ପ୍ରସିଦ୍ଧ କଳାକୃତିରୁ ଅନୁପ୍ରାଣିତ ହୋଇ ହାତରେ ଚିତ୍ରାଙ୍କନ କରାଯାଇଥିବା କେଟିଲକୁ ଏହି ଅଭିଯାନରେ ଉପସ୍ଥାପନ କରାଯାଇଛି। ଓଡ଼ିଶାର ପଟ୍ଟଚିତ୍ରରୁ ଅନୁପ୍ରାଣିତ ହୋଇ କେଟିଲକୁ ପ୍ରସ୍ତୁତ କରାଯାଇଛି। ସେଥିରେ କୋଣାର୍କ ମନ୍ଦିରର ଚକ, ନୃତ୍ୟ କରୁଥିବା ଓଡ଼ିଶୀ ନୃତ୍ୟଶିଳ୍ପୀ, ପୁରୀର ବୋଟ୍ ଓ ବେଳାଭୂମି ଆଦିକୁ ସ୍ଥାନିତ କରାଯାଇଛି। ପାରମ୍ପରିକ ଧଡ଼ି ମୋଟିଫ ଏବଂ ଆକର୍ଷଣୀୟ ରଙ୍ଗ ତାହାକୁ ଅସଲି ଓ ଚମତ୍କୃତ କରିପାରିଛି। ଚଳିତ ବର୍ଷର ଅଭିଯାନକୁ ସମସାମୟିକ ଭାବ ପ୍ରଦାନ କରିବା ଲାଗି ଏଆଇ ସହଯୋଗରେ ଏକ ସିନେମା ପ୍ରସ୍ତୁତ କରାଯାଇଛି। ଏହା ଆଜିର ଯୁବପିଢ଼ିଙ୍କୁ ଭାରତୀୟ କଳାର ନିକଟତର କରିବ। ଏହି ବ୍ରାଣ୍ଡ ସିନେମା ପାଇଁ ଗାୟକ ପୀୟୂଷ ମିଶ୍ର କଣ୍ଠଦାନ କରିଛନ୍ତି। ଏ ସମ୍ପର୍କରେ ଟାଟା କଞ୍ଜ୍ୟୁମର ପ୍ରଡକ୍ଟର ସଭାପତି (ପ୍ୟାକେଜଡ ବେଭେରେଜେସ-ଭାରତ ଓ ଦକ୍ଷିଣ ଏସିଆ) ପୁନୀତ ଦାସ କହିଛନ୍ତି, ଭାରତର ସମୃଦ୍ଧ ବିବିଧତାରେ ଏହାର ଦୃଢ଼ତା ଅନ୍ତର୍ନିହିତ ରହିଛି। ଏହର ଉପରେ ଆମର ରହିଥିବା ବିଶ୍ୱାସ ହେଉଛି ଟାଟା ଟି ପ୍ରିମିୟମରେ ଆମ ହାଇପରଲୋକାଲ ରଣନୀତିର ମୂଳ କେନ୍ଦ୍ର।

# ଜିନ୍ଦଲ ଫାଉଣ୍ଡେଶନକୁ ସ୍ପେଶାଲ ଆପ୍ରିସିଏସନ ଆୱାର୍ଡ

**ଭୁବନେଶ୍ୱର,୯।୮ (ଅଭୟ ଦାଶ)**

ଜେଏସ୍‌ପିର ପ୍ରମୁଖ ସାମାଜିକ ପ୍ରତିଷ୍ଠାନ ଜିନ୍ଦଲ ଫାଉଣ୍ଡେଶନକୁ ନିକଟରେ ଆଉ ଏକ ସମ୍ମାନ 'ସ୍ପେଶାଲ ଆପ୍ରିସିଏସନ ଆୱାର୍ଡ' ମିଳିଛି। ବିଶେଷକରି କ୍ରୀଡ଼ାର ପ୍ରସାର ପାଇଁ ଜିନ୍ଦଲ ଷ୍ଟିଲ୍‌ର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେଶନକୁ ଫିକି ପକ୍ଷରୁ ସ୍ପେଶାଲ ଆପ୍ରିସିଏସନ ଆୱାର୍ଡ-୨୦୨୫ ପ୍ରଦାନ କରାଯାଇଛି। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଫିକି ଆଦିତ୍ୟ ବିର୍ଲା ସିଏସ୍‌ଆର୍ ସେଣ୍ଟର ଅଫ୍ ଏକ୍ସଲେନ୍ସର ଅଧ୍ୟକ୍ଷା ପଦ୍ମଭୂଷଣ ରାଜଶ୍ରୀ ବିର୍ଲା ଜିନ୍ଦଲ ଫାଉଣ୍ଡେଶନକୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ସେହିଭଳି ତୃଣମୂଳସ୍ତରରେ କ୍ରୀଡ଼ାର ଉନ୍ନତି ପାଇଁ ଜିନ୍ଦଲ ଫାଉଣ୍ଡେଶନ


ଶାଲୁ ଜିନ୍ଦଲ

ଗ୍ରାମାଞ୍ଚଳର ପ୍ରତିଭାମାନଙ୍କୁ ଚିହ୍ନଟ କରୁଛି ଏବଂ ସେମାନଙ୍କୁ ପ୍ରୋତ୍ସାହନ ଦେବା କ୍ଷେତ୍ରରେ ମଧ୍ୟ ଆବଶ୍ୟକ କାର୍ଯ୍ୟ କରୁଛି। ଏପରିକି ଫାଉଣ୍ଡେଶନର ଅଦମ୍ୟ ପ୍ରତିବଦ୍ଧତାକୁ ଏହି ସମ୍ମାନ ସ୍ୱୀକୃତି ପ୍ରଦାନ କରୁଛି। ଜିନ୍ଦଲ ଫାଉଣ୍ଡେଶନ ଯୁବପ୍ରତିଭାଙ୍କ ଅନ୍ୱେଷଣ ସହ ସେମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ପ୍ରଦାନ ସାଙ୍ଗକୁ ଭିତ୍ତିଭୂମିର ବିକାଶ କରିବା ଏବଂ ସର୍ବୋପରି ସ୍ଥାନୀୟ ପ୍ରତିଭାମାନଙ୍କ ପାଇଁ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗନେବାରେ ସହାୟତା କରିଆସୁଛି। ଏହି ଅବସରରେ ଜିନ୍ଦଲ ଫାଉଣ୍ଡେଶନର ଚେୟାରପର୍ସନ ଶାଲୁ ଜିନ୍ଦଲ କହିଛନ୍ତି, ଫିକି ପକ୍ଷରୁ ଏହି ପୁରସ୍କାର ପାଇ ଆମେ ଅତି ଗୌରବାନ୍ୱିତ ଅନୁଭବ କରୁଛୁ। ଆମେ ବିଶ୍ୱାସ କରୁ ଯେ ଚରିତ୍ର ଗଠନ, ଶୃଙ୍ଖଳା ସହ ନେତୃତ୍ୱ ନେବାର କୌଶଳ ଦ୍ୱାରା ଜୀବନରେ ରୂପାନ୍ତରଣ ଆଣିବାର କ୍ଷମତା କ୍ରୀଡ଼ାରେ ରହିଛି। ସମାଜର ପ୍ରତ୍ୟେକ ବର୍ଗର ଯୁବଗୋଷ୍ଠୀଙ୍କୁ ସଶକ୍ତ କରିବା ଏବଂ କ୍ରୀଡ଼ା ତଥା ଜୀବନରେ ଉତ୍କର୍ଷ ହାସଲ ପାଇଁ ସେମାନଙ୍କୁ ସୁଯୋଗ ଦେବା ଆମର ଲକ୍ଷ୍ୟ।

# ଭାରତର ପ୍ରଥମ ଫ୍ଲେକ୍ସିକ୍ୟାପ୍ ଇଣ୍ଡେକ୍ସ ଫଣ୍ଡ

**ମୁମ୍ବାଇ,୯।୮**

ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡର ନୂତନ ଉତ୍ପାଦ ତଥା ଭାରତର ପ୍ରଥମ ଫ୍ଲେକ୍ସିକ୍ୟାପ୍ ଇଣ୍ଡେକ୍ସ ଫଣ୍ଡ 'ଡିଏସ୍‌ପି ନିଫ୍‌ଟି୫୦୦ ଫ୍ଲେକ୍ସିକ୍ୟାପ୍ କ୍ୱାଲିଟି ୩୦ଇଣ୍ଡେକ୍ସ ଫଣ୍ଡ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ଏହି ଫଣ୍ଡ ଗତିଶୀଳ ବିଷୟ ଉପରେ ଆଧାରିତ ରହିଛି। କେବଳ ଗୁଣାତ୍ମକ ଷ୍ଟକ୍ ଏବଂ ଆକର୍ଷଣୀୟ ମାର୍କେଟ କ୍ୟାପ୍ ଆବଣ୍ଟନକୁ ସମ୍ମିଶ୍ରିତ କରୁଥିବା ଏହି ଧରଣର ଫଣ୍ଡ ପ୍ରଚଳନ ହୋଇଛି। ସେହିଭଳି ଏହି ଫଣ୍ଡର ନ୍ୟୁ ଫଣ୍ଡ ଅଫର (ଏନ୍‌ଏଫ୍‌ଓ) ସବ୍‌ସ୍କ୍ରିପ୍‌ସନ ୨୦୨୫ ଅଗଷ୍ଟ ୨୨ରେ ବନ୍ଦ ହେବ। ଏହି ଫଣ୍ଡ ଆତ୍ମବିଶ୍ୱାସର ସହ ପରିବର୍ତ୍ତନଶୀଳ ଇକ୍ୱିଟି ମାର୍କେଟରେ ଆଗକୁ ବଢ଼ିବାରେ ସହାୟତା କରିବାକୁ ଡିଜାଇନ କରାଯାଇଛି।

ଏ ସମ୍ପର୍କରେ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡର ସିଏଫ୍‌ଏ-ହେଡ୍-ପାସିଭ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ ପ୍ରଡକ୍ଟସ ଅନିଲ ଘେଲାନି କହିଥିଲେ, ଏହି ଫଣ୍ଡ ଏକ ସ୍ୱଚ୍ଛ, ନିୟମ ଆଧାରିତ ଆଭିମୁଖ୍ୟକୁ ଉପଯୋଗକରି ଉଭୟ ଗତିଶୀଳ ଫ୍ଲେକ୍ସିକ୍ୟାପ୍ ଆବଣ୍ଟନ ଏବଂ ଉଚ୍ଚ-ଗୁଣାତ୍ମକ ଷ୍ଟକ୍ ମନୋନୟନକୁ ଏକତ୍ରିତ କରୁଛି।

# ଖିୟାଲ ସହ ଟ୍ରୁକଲର ସହଭାଗିତା

**ଭୁବନେଶ୍ୱର,୯।୮**


ବର୍ତ୍ତମାନ ସମୟର ଅଜଣା ଟେକ୍ନୋଲୋଜି ଓ ଦ୍ରୁତଗତିରେ ବଢୁଥିବା ଠକେଇ କୌଶଳ ଯୋଗୁ ୫୦ବର୍ଷରୁ ଅଧିକ ବୟସର ଲୋକମାନେ ସାଇବର କ୍ରାଇମର ଅଧିକ ଶିକାର ହେଉଛନ୍ତି। ଏପରିକି ସେମାନେ କେବଳ ଅର୍ଥ ହରାଉନାହାନ୍ତି ବରଂ ସୁରକ୍ଷା ଓ ବିଶ୍ୱାସର ଭାବନା ମଧ୍ୟ ହରାଉଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଗ୍ଲୋବାଲ କମ୍ୟୁନିକେଶନ୍ସ ପ୍ଲାଟ୍‌ଫର୍ମ ଟ୍ରୁକଲର ବରିଷ୍ଠ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ ଭାରତର ୧ ନମ୍ବର ଆପ୍ ଖିୟାଲ ସହ ସହଭାଗିତା କରିଛି। ଏହି ସହଭାଗିତା ବରିଷ୍ଠ ନାଗରିକଙ୍କ ସହ ଖିୟାଲର ଗଭୀର ସଂଯୋଗକୁ ଟ୍ରୁକଲରର ଅତ୍ୟାଧୁନିକ କଲର ଆଇଡେଣ୍ଟିଫିକେଶନ ଟେକ୍ନୋଲୋଜି ସହ ମିଶ୍ରଣ କରିଛି। ଏ ସମ୍ପର୍କରେ ଟ୍ରୁକଲରର ଗ୍ଲୋବାଲ ସିଇଓ ରିସିତ ଝୁନ୍‌ଝୁନ୍‌ୱାଲା କହିଛନ୍ତି, ଡିଜିଟାଲ ଯୁଗ ଆମର ବରିଷ୍ଠ ନାଗରିକଙ୍କୁ ଅନେକ ସୁବିଧା ଦେଉଥିବାବେଳେ ଏହା ସେମାନଙ୍କ ପାଇଁ ଅନେକ ବିପଦ ମଧ୍ୟ ଆଣୁଛି। ଖିୟାଲ ସହ ଆମର ସହଭାଗିତା ବରିଷ୍ଠ ନାଗରିକଙ୍କୁ ଏହି କ୍ଷେତ୍ରକୁ ସୁରକ୍ଷିତ ଭାବେ ସାମ୍ନା କରିବା ପାଇଁ ସୂଚନା ଓ ଉପକରଣ ସହ ସୁସଜ୍ଜିତ କରିବା ଦିଗରେ ଏକ ସାର୍ଥକ ପଦକ୍ଷେପ ବୋଲି କୁହାଯାଉଛି। ସେହିପରି ଖିୟାଲର ପ୍ରତିଷ୍ଠାତା ତଥା ସିଇଓ ହିମାଂଶୁ ଜୈନ କହିଛନ୍ତି, ଆମେ ବହୁ ଦିନରୁ ବରିଷ୍ଠ ନାଗରିକମାନେ ସମ୍ମୁଖୀନ ହେଉଥିବା ଏହି ନୀରବ ସଙ୍କଟକୁ ଚିହ୍ନଟ କରିଛୁ ଏବଂ ଡିଜିଟାଲ କର୍ମଶାଳା ମାଧ୍ୟମରେ ସଚେତନତା ବୃଦ୍ଧି କରିବା ପାଇଁ ପ୍ରତିବଦ୍ଧ ରହିଛୁ।


# Classified Everyday
0674-2580101, 9692975378


MATRIMONIAL

**BRIDE WANTED**

Handsome Brahmin boy "1989, 5.6' B.tech, serving software Engineer CTS Bangalore. "SUNASANSAR" ,9937512659. D-1612


REAL ESTATE
SALE

ଭୁବନେଶ୍ୱର ମଞ୍ଚେଶ୍ୱର, ବାଲିଅନ୍ତା ନିକଟରେ ଘରବାରୀ ପ୍ଲଟ୍ ବିକ୍ରି କରାଯାଉଅଛି। ଯୋଗାଯୋଗ- **7735922768.** D-1572


BDA Approved Apartment Near SumHospital, Kalinganagar, Times Gurukul, Duplex near CVRaman, Tamando, Bhubaneswar-7854015157 D-76295

**Onebounded Commercial plot touching to NH (Nakhara to Niali) 10km from Nakhara, 6500sft@ 2500/ sft, 3 sides Road: 7809525452.** D-76479

ସାକ୍ଷୀଗୋପାଳ ଶ୍ରୀରାମଚନ୍ଦ୍ରପୁର ସ୍କୁଲ ପାଖରେ ପିଚୁରୋଡ୍‌କୁ ଲାଗି ଘରବାଡ଼ି ଜାଗା ରେଜିଷ୍ଟ୍ରେସନ ସହିତ ସୁଲଭମୂଲ୍ୟରେ କିଣନ୍ତୁ। ଯୋଗାଯୋଗ: 9090367570. D-1603

ନୟାଗଡ଼ ଜିଲ୍ଲା ରଣପୁର ଥାନା ଅଧୀନ ସୁନାଖଳା ବଜାରରୁ ମାତ୍ର 300 ମିଟର ଦୂର ବିନୋଦପଡ଼ା ମୌଜାରେ ପାଚେରିହୋଇଥିବା 12 ଡିସିମିଲ ଜଗା *ବିକ୍ରୟ ହେବ। ମୂଲ୍ୟ ମାତ୍ର 30 ଲକ୍ଷ। ଯୋଗାଯୋଗ: ୯୮୬୧୦୯୪୩୭୦, ୯୫୫୬୧୮୬୬୩୩.* D- 1601

**Duplex sale with gated Society near Allms Hospital, Bhubaneswar-9777433701.** D-1614




House 1200sft with two bedrooms drawing dining kitchen two bathrooms portico etc. vacant in Aerodrome area. Contact:- 9937961841. D-76932

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




All types hair cutting Body Massage by Smart lady one hour 700/-, room Services Available contact- 7788888200 D-76301

**AFFIDAVIT**

By virtue of an affidavit sworn before Executive Magistrate, Khordha, dated- 01.07.2025, I, Bikram Kumar Mishra, At.- Mahula, P.O.- Angarpada, P.S.- Chandaka, Dist.- Khordha, Odisha, PIN- 752054 declare that my actual and correct name is Bikram Kumar Mishra which is mentioned in my Aadhaar card no. xxxx xxxx 9667, but my name is wrongly mentioned as Bikram Mishra in my son's birth certificate instead of Bikram Kumar Mishra. So both Bikram Kumar Mishra and Bikram Mishra is one and same person. D-1613

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before the Executive Magistrate, Balangir, No.- 2607, Dt- 07.08.2025 I, Gomari Nag, Address: At- Salepali, P.O./P.S./ Dist.- Balangir, Odisha, PIN- 767001, declare that I have changed my name from Gambhari Nag to Gomari Nag. Henceforth, I shall be known as Gomari Nag for all purposes.
Gomari Nag. D-1593

By virtue of affidavit sworn before the Executive Magistrate, cum Tahasildar, Patrapur, Ganjam, dtd- 10.07.2025 I, Purnna Jani, S/o- Basu Jani, Village- Ramachandrapur, P.O- Tumbagada Dist.- Ganjam, 761005 declare that, I have changed my name from Savar Purnnachandra to Purnna Jani. Henceforth, I shall be known as Purnna Jani for all purposes. D-1610

I Hrushikesh Behera S/o- Anadi Behera, At/ P.O.- Surala, Bustand Street,Via- Girisola, P.S.- Golanthara, Dist- Ganjam declare by this affidavit No. A- 3677/08.08.2025 changed my daughter's name from Anuchaya Behera to Anusaya Behera. Henceforth, she shall be known as Anusaya Behera for all future purposes.
Hrushikesh Behera. D-1608


# ବିଜିୟୁ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

**ଭୁବନେଶ୍ୱର,୯।୮**



ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ)ର ପ୍ରମୁଖ ଶିକ୍ଷାନୁଷ୍ଠାନ ତଥା ବିର୍ଲା ସ୍କୁଲ ଅଫ୍ ଇକୋନୋମିକ୍ସ ପକ୍ଷରୁ ବୁଧବାର ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବିଜିୟୁର ବିଏସ୍‌ସି ଏବଂ ଏମ୍‌ଏସ୍‌ସି (ଅର୍ଥନୀତି) ପ୍ରଥମ ବର୍ଷର ନାବଗତ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ ଲିମିଟେଡ୍‌ର ମୁଖ୍ୟ ଅର୍ଥନୀତିଜ୍ଞ ଡ. ତୀର୍ଥଙ୍କର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏକ ପ୍ରେରଣାଦାୟକ ଅଭିଭାଷଣ ପ୍ରଦାନ କରିଥିଲେ।

ସେ ଅର୍ଥନୀତିର ବର୍ଦ୍ଧିତ ଭୂମିକା ଉପରେ ଗୁରୁତ୍ୱାରୋପ କରିବା ସହ ଆକାଂକ୍ଷୀ ଅର୍ଥନୀତିଜ୍ଞ ଏବଂ ଆର୍ଥିକ ବୃତ୍ତିଗତଙ୍କ ପାଇଁ ମୂଳ ଉପକରଣ ଭାବେ ଗଣିତ ଓ ଇଂରାଜୀ ଦକ୍ଷତାର ଗୁରୁତ୍ୱକୁ ମଧ୍ୟ ସୂଚାଇଥିଲେ। ବିଜିୟୁର କୁଳପତି ପ୍ରଫେସର କୁଳଭୂଷଣ ବାଲୁନି ବିଶ୍ୱବିଦ୍ୟାଳୟର ଶିକ୍ଷାର ଉତ୍କର୍ଷ ଓ ସାମଗ୍ରିକ ବିକାଶର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ରେଜିଷ୍ଟ୍ରାର ପ୍ରଫେସର ବି.କେ. ଦାସ ମଧ୍ୟ ସମାବେଶକୁ ସମ୍ବୋଧିତକରି ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଦୃଷ୍ଟିକୋଣ ଏବଂ ଶୃଙ୍ଖଳା ଉପରେ ମତ ରଖିଥିଲେ।

ବିର୍ଲା ସ୍କୁଲ ଅଫ୍ ଇକୋନୋମିକ୍ସର ଅଧ୍ୟାପକ ଡ. ଅଜିତ କୁମାର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବେଙ୍ଗାଲୁରୁର ଏସ୍‌ଏସ୍‌ବିସି ଗ୍ଲୋବାଲ ସର୍ଭିସ୍ ସେଣ୍ଟରରେ କାର୍ଯ୍ୟରତ ତଥା ବିଜିୟୁର ପୂର୍ବତନ ଛାତ୍ର ଇରାବନ ରଥ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ବର୍ତ୍ତମାନର ଛାତ୍ରୀ ଦୀକ୍ଷା ଅଗ୍ରୱାଲ ବିର୍ଲା ସ୍କୁଲର ତାଙ୍କର ପରିବର୍ତ୍ତନଶୀଳ ଅଭିଜ୍ଞତା ପ୍ରକାଶ କରିଥିଲେ। ପରିଶେଷରେ ଇକୋନୋମିକ୍ସ ବିଭାଗର ଅଧ୍ୟାପକ ଡ. ଅମୃତକାନ୍ତ ମିଶ୍ର ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ।

# ବୀମା ଶିଳ୍ପରେ ବୈପ୍ଳବିକ ପରିବର୍ତ୍ତନ ଆଣିବ ଯୁଗ୍ମ ଉଦ୍ୟୋଗ

**ଭୁବନେଶ୍ୱର,୯।୮**





ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସିବିଆଇ) ଏବଂ ଜେନେରାଲି ଗ୍ରୁପ୍ ମଧ୍ୟରେ ଏକ ଯୁଗ୍ମ ଉଦ୍ୟୋଗ ସୃଷ୍ଟି ହୋଇଛି। ବିଶେଷକରି ନିଜର ଜୀବନ ଏବଂ ସାଧାରଣ ବୀମା ଯୁଗ୍ମ ଉଦ୍ୟୋଗ ଜେନେରାଲି ସେଣ୍ଟ୍ରାଲ ପାଇଁ ଏକ ନୂତନ ବ୍ରାଣ୍ଡ ପରିଚୟ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ନୂତନ ବ୍ରାଣ୍ଡ ନାମ ଜେନେରାଲି ସେଣ୍ଟ୍ରାଲ ଲାଇଫ୍ ଇନସ୍ୟୁରାନ୍ସ ଏବଂ ଜେନେରାଲି ସେଣ୍ଟ୍ରାଲ ଇନ୍‌ସ୍ୟୁରାନ୍ସ ରହିଛି, ଜେନେରାଲି ଗ୍ରୁପ୍‌ର ବିଶ୍ୱସ୍ତରୀୟ ବିଶେଷଜ୍ଞତା ଏବଂ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ବିଶ୍ୱସନୀୟ ଐତିହ୍ୟକୁ ଏହା ଏକାଠି କରିଛି। ଏପରିକି ଗ୍ରାହକମାନେ ଯାହାକୁ ଅଧିକ ଗୁରୁତ୍ୱ ଦିଅନ୍ତି ଏବଂ ତାହାକୁ ସୁରକ୍ଷା ଦେବା ପାଇଁ ପ୍ରତିନିଧିତ୍ୱ କରନ୍ତି: ସେମାନଙ୍କ ପରିବାର, ସେମାନଙ୍କର ସ୍ୱାସ୍ଥ୍ୟ, ସେମାନଙ୍କର ସମ୍ପତ୍ତି ଏବଂ ସେମାନଙ୍କର ଭବିଷ୍ୟତ ବୋଲି କୁହାଯାଉଛି।

ଏ ସମ୍ପର୍କରେ ଜେନେରାଲି ସେଣ୍ଟ୍ରାଲ ଲାଇଫ୍ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍‌ର ଏମ୍‌ଡି ତଥା ସିଇଓ ଆଲୋକ ରୁଙ୍ଗଟା କହିଛନ୍ତି, ଭାରତୀୟ ବୀମା ଶିଳ୍ପରେ ବୈପ୍ଳବିକ ପରିବର୍ତ୍ତନ ଆଣିବ ଏହି ଯୁଗ୍ମ ଉଦ୍ୟୋଗ। ଏପରିକି ଆମର ନୂତନ ବ୍ରାଣ୍ଡ ପରିଚୟ ସହ ଜେନେରାଲି ସେଣ୍ଟ୍ରାଲ ଲାଇଫ୍ ଇନସ୍ୟୁରାନ୍ସ ଭବିଷ୍ୟତ ପାଇଁ ପ୍ରସ୍ତୁତ ରହିଛି, ଗ୍ରାହକ-ପ୍ରଥମ ଜୀବନ ବୀମାକର୍ତ୍ତା ହେବାର ଯାତ୍ରାରେ ଏକ ନିର୍ଣ୍ଣାୟକ ମୁହୂର୍ତ୍ତ ପାଳଟିବ। ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ସହ ଆମର ରଣନୈତିକ ଭାଗୀଦାରି ଭାରତରେ ସୁରକ୍ଷା ଏବଂ ବୀମାର ଦୃଶ୍ୟକୁ ନୂତନ ରୂପ ଦେବା ପାଇଁ ପରିବର୍ତ୍ତନଶୀଳ ସମ୍ଭାବନା ଖୋଲିଛି। ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ଗଭୀର ବିଶ୍ୱାସ ଏବଂ ୪,୫୦୦ରୁ ଅଧିକ ଶାଖାର ବିସ୍ତୃତ ନେଟ୍‌ୱର୍କ ସହ ୫୦ରୁ ଅଧିକ ଦେଶରେ ଜେନେରାଲି ଗ୍ରୁପର ବୈଶ୍ୱିକ ଐତିହ୍ୟ ଏବଂ ବୀମା ଦକ୍ଷତାକୁ ମିଶାଇ ଆମେ ଜୀବନ ବୀମାର ଉପଲବ୍ଧତାକୁ ପୂର୍ବଭଳି ଗଣତାନ୍ତ୍ରିକ କରିବାକୁ ପ୍ରସ୍ତୁତ ରହିଛୁ। ଏପରିକି ଆମର ମିଳିତ ଲକ୍ଷ୍ୟ ସ୍ପଷ୍ଟ, ଅଭିନବ, ସୁଲଭ ଏବଂ ଅନ୍ତର୍ଭୁକ୍ତ ଉତ୍ପାଦ ମାଧ୍ୟମରେ ଅବହେଳିତ ଏବଂ ଗ୍ରାମୀଣ ବର୍ଗରେ ସୁରକ୍ଷାକୁ ଗଭୀର କରିବା ପାଇଁ ସଜ୍ଜିତ ରହିଛି। ଏହି ନୂତନ ପରିଚୟ ସ୍ୱଚ୍ଛତା, ସ୍ଥାୟୀତା ଏବଂ ଶୃଙ୍ଖଳିତ କାର୍ଯ୍ୟକାରିତା ପ୍ରତି ଆମର ମିଳିତ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବ। ଦୃଢ଼ ଶାସନ ଏବଂ ଉଦ୍ଦେଶ୍ୟ ଦ୍ୱାରା ପରିଚାଳିତ ଆଭିମୁଖ୍ୟରେ ଆଧାରିତ ରହିଛି।

# ଅପ୍‌ଡେଟ୍ ପାଣିଆ

**ସୋସିଆଲ୍ ମିଡିଆରେ ନିଜକୁ ଅପ୍‌ଡେଟ୍ ରଖିବାର କ୍ରେଜ୍ ବର୍ତ୍ତମାନ ଅନେକଙ୍କୁ ଏପରି ଘାରିଛି ଯେ, ଏହାଦ୍ୱାରା ସେମାନେ ଅଜାଣତରେ ନିଜକୁ ବିପଦମୁଖକୁ ଠେଲି ଦେଉଛନ୍ତି ବୋଲି ମଧ୍ୟ ବୁଝିପାରୁନାହାନ୍ତି। ତେଣୁ ସୁରକ୍ଷା ଦୃଷ୍ଟିରୁ ବିଭିନ୍ନ ଦିଗ ପ୍ରତି ସତର୍କ ରହିବା ନିହାତି ଆବଶ୍ୟକ...**



ବର୍ତ୍ତମାନ ସୋସିଆଲ୍ ମିଡିଆରେ ଅପ୍‌ଡେଟ୍ ରହିବାର ନିଶା ଯେମିତି ପିଲାଠୁ ବୃଦ୍ଧ ସଭିଙ୍କୁ ମତୁଆଲା କରିଛି, ଯେଉଁ ଲିଷ୍ଟରେ ସବୁଠୁ ଆଗରେ ଅଛନ୍ତି ଯୁବପିଢ଼ି। ଯଦିଓ ବିଭିନ୍ନ କଣ୍ଟେଣ୍ଟ ପ୍ରସ୍ତୁତ କରି ସୋସିଆଲ୍ ମିଡିଆରେ ପୋଷ୍ଟ କରିବା ବର୍ତ୍ତମାନ ଅନେକଙ୍କ ପାଇଁ ରୋଜଗାରର ଏକ ମାଧ୍ୟମ ପାଲଟିଛି, ହେଲେ ଅପରପକ୍ଷେ ଏଥିପାଇଁ ବିଭିନ୍ନ ସମସ୍ୟା ମଧ୍ୟ ଉପୁଜୁଛି। ତେଣୁ ସୋସିଆଲ୍ ମିଡିଆ ୟୁଜର ହୋଇଥିଲେ ସୁରକ୍ଷା ଦୃଷ୍ଟିରୁ କେଉଁସବୁ ଦିଗ ପ୍ରତି ବିଶେଷ ଭାବେ ସଚେତନ ରହିବା ଆବଶ୍ୟକ ଜାଣିରଖନ୍ତୁ ସେ ସମ୍ପର୍କରେ...

**ସ୍ୱାସ୍ଥ୍ୟ ଉପରେ ପଡୁଛି ପ୍ରଭାବ:** ସୋସିଆଲ୍ ମିଡିଆରେ ଅପ୍‌ଡେଟ୍ ରହିବା ନିଶାରେ ଅଧିକାଂଶ ଯୁବତୀଯୁବକ ଦୀର୍ଘସମୟ ମୋବାଇଲ୍ କିମ୍ବା କମ୍ପ୍ୟୁଟର ସ୍କ୍ରିନ୍‌କୁ ଚାହିଁ ରହୁଛନ୍ତି। ସେହିପରି ଅନେକେ ଇୟରଫୋନ୍ ମଧ୍ୟ ବ୍ୟବହାର କରୁଛନ୍ତି। ଏହାଦ୍ୱାରା ଦୃଷ୍ଟିଶକ୍ତି ହ୍ରାସ ହେବା ଏବଂ ଅନ୍ୟାନ୍ୟ ଚକ୍ଷୁ ସମସ୍ୟା ସହିତ ଶ୍ରବଣ ଶକ୍ତି ହ୍ରାସ ପାଉଥିବା ଦେଖିବାକୁ ମିଳୁଛି। ଏମିତିକି ଦୀର୍ଘ ସମୟ ଇୟରଫୋନ୍ ବ୍ୟବହାର ଯୋଗୁ ଅଡିଓ ସେନ୍ସୋରି ନର୍ଭସ ସିଷ୍ଟମ ନଷ୍ଟ ହୋଇଯିବା ଦ୍ୱାରା ଶ୍ରବଣ ଶକ୍ତି ସମ୍ପୂର୍ଣ୍ଣ ନଷ୍ଟ ହେବାର ବି ଆଶଙ୍କା ରହିଛି। କେବଳ ଏତିକି ନୁହେଁ, ସୋସିଆଲ୍ ମିଡିଆରେ ବାରମ୍ବାର ନିଜର ଷ୍ଟାଟସ୍ ଚେକ୍ କରିବା, ଦୀର୍ଘ ସମୟ ଭିଡିଓ, ଫଟୋ ଆଦି ଏଡିଟ୍ କରିବା ଯୋଗୁ ଗୋଟିଏ ସ୍ଥାନରେ ବସି ରହିବା ଦ୍ୱାରା ଶାରୀରିକ ପରିଶ୍ରମ କମିଯାଉଛି ଏବଂ ଖାଇବା ପିଇବାର ସମୟ ଠିକ୍ ରହୁନାହିଁ। ଫଳସ୍ୱରୂପ ଅଳସୁଆ ଲାଗିବା, କାର୍ଯ୍ୟ କୁଶଳତା ହ୍ରାସ, ଗ୍ୟାସ୍, ବଦହଜମି, ହୃଦ୍ ସମସ୍ୟା, ଆଖିତଳ କଳାପଡ଼ିବା, ତ୍ୱଚାରେ କୁଞ୍ଚନ, ମଧୁମେହ, ମେଦବହୁଳତା ଆଦି ସମସ୍ୟା ଦେଖାଦେଉଛି। ସବୁଠୁ ବଡ଼ କଥା ହେଉଛି, ଏହାଦ୍ୱାରା ସ୍ମରଣଶକ୍ତି ମଧ୍ୟ ପ୍ରଭାବିତ ହେଉଛି ଓ ବିଭିନ୍ନ ମାନସିକ ସମସ୍ୟା ସହିତ ଇଣ୍ଟରନେଟ୍ ଆଡିକ୍ସନ ସିଣ୍ଡ୍ରୋମ ଭଳି କେତେକ ଅସାଧ ରୋଗ ସୃଷ୍ଟି ହେବାର ଆଶଙ୍କା ମଧ୍ୟ ବୃଦ୍ଧି ପାଉଛି। ଏହି ଆଡିକ୍ସନ ଏତେମାତ୍ରାରେ କବଳିତ କରି ରଖୁଛି ଯେ, କୌଣସି କାରଣରୁ ସେମାନଙ୍କୁ ଏଥିରୁ ନିବୃତ୍ତ






ରଖାଗଲେ ରାଗିବା, ଚିଡ଼ିଚିଡ଼ା ହେବା, ଏମିତିକି ଡିପ୍ରେଶନ୍ ଭଳି ଲକ୍ଷଣ ଦେଖାଯାଉଛି। ତେଣୁ ଏଭଳି ସମସ୍ୟାର ଶିକାର ନ ହେବା ଲାଗି ସୋସିଆଲ୍ ମିଡିଆ ପାଇଁ ଅଳ୍ପ ସମୟ ଦିଅନ୍ତୁ। ସୁସ୍ଥ ରହିବା ଲାଗି ଖାଦ୍ୟପେୟ, ଠିକ୍ ଭାବେ ଶୋଇବା ଏବଂ ଶାରୀରିକ ବ୍ୟାୟାମ କରିବା ପ୍ରତି ଗୁରୁତ୍ୱ ଦିଅନ୍ତୁ।

**ପର୍ସନାଲ୍ ଡାଟା ହେଉଛି ଭାଇରାଲ୍:** ବର୍ତ୍ତମାନ ଅନେକେ ସୋସିଆଲ୍ ମିଡିଆରେ ଅପ୍‌ଡେଟ୍ ରହିବାକୁ ଯେମିତି ନିଜ ଦୈନନ୍ଦିନ ଜୀବନର ଏକ ଜରୁରୀ କାମ ବୋଲି ଭାବିନେଲେଣି। ଯେଉଁଥିପାଇଁ ପ୍ରତିଦିନ କ'ଣ ଖାଇଲେ, କ'ଣ କିଣିଲେ, କ'ଣ ପିନ୍ଧିଲେ, କେଉଁ ଆଡ଼େ ବୁଲିବାକୁ ଗଲେ ଏମିତିକି ଘରକୁ କିଏ ଆସିଲେ ଗଲେ ତାହାର ଫଟୋ, ଭିଡିଓ ଅପ୍‌ଲୋଡ୍ କରିବାକୁ ଭୁଲୁ ନାହାନ୍ତି। ହେଲେ ଏହାଦ୍ୱାରା ଯେ, ନିଜର ସମସ୍ତ ପର୍ସନାଲ ଡାଟା ସାର୍ବଜନୀନ ହେଉଛି ସେ ଦିଗରେ ସେମାନେ ସଚେତନ ହେଉ ନାହାନ୍ତି। ଯାହାର କେବେ କେବେ ପରିଣାମ ଖୁବ୍ ଭୟଙ୍କର ହେଉଥିବାର କେତେକ ନଜିର ବି ରହିଛି। କେଉଁଠି କିଏ ବ୍ଲାକ୍‌ମେଲିଂର ଶୀକାର ହେଲାଣି ତ ଆଉ କେଉଁଠି ଚୋରି, ଡକାୟତି ଭଳି ବିଭିନ୍ନ ଅସୁବିଧା ବି ବଢ଼ିଚାଲିଛି। ତେଣୁ ନିଜର ବ୍ୟକ୍ତିଗତ ତଥ୍ୟ ଯେପରି ସର୍ବସମ୍ମୁଖକୁ ନ ଯାଉ କିମ୍ବା କୌଣସି ଅସାମାଜିକ ବ୍ୟକ୍ତି ଏହାର ଅପବ୍ୟବହାର ନ କରନ୍ତି ସେଥିପ୍ରତି ଦୃଷ୍ଟି ଦିଅନ୍ତୁ।

**ବଢ଼ୁଛି ଅପରାଧ:** ବର୍ତ୍ତମାନ ଯୁବବର୍ଗଙ୍କ ମଧ୍ୟରେ ସୋସିଆଲ୍ ମିଡିଆରୁ ବନ୍ଧୁତା, ଚାଟିଂ, ପ୍ରେମ ପୁଣି ଡେଟିଂ ଏବଂ ପରେ ପ୍ରତାରଣା, ଫଟୋ, ଭିଡିଓ ଆଦିକୁ ନେଇ ବ୍ଲାକ୍‌ମେଲିଂ ଏବଂ ଶେଷରେ ଝଗଡ଼ା ଓ ଆତ୍ମହତ୍ୟା କିମ୍ବା ହତ୍ୟା ପର୍ଯ୍ୟନ୍ତ ଘଟଣା ବି ଦେଖିବାକୁ ମିଳୁଛି। ଏଥିପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ। କେବଳ ଏତିକି ନୁହେଁ ବର୍ତ୍ତମାନ ସୋସିଆଲ୍ ମିଡିଆରେ ଫେକ୍ ଆକାଉଣ୍ଟ ଖୋଲି କିଛି ଅସାମାଜିକ ବ୍ୟକ୍ତି ବିଭିନ୍ନ ଅପରାଧ ଘଟାଉଥିବା ଦେଖିବାକୁ ମିଳୁଛି। ତେଣୁ ଏହାକୁ ବ୍ୟବହାର କରୁଥିଲେ କୌଣସି ଅଜଣାଙ୍କ କଥାରେ ପ୍ରଭାବିତ ନ ହୋଇ କିମ୍ବା ଉପରେ ବିଶ୍ୱାସ କରି ନିଜର ସମସ୍ତ ତଥ୍ୟ ଆଦୌ ଦିଅନ୍ତୁ ନାହିଁ। କେହି ଅଳ୍ପ ଦିନ ମଧ୍ୟରେ ଖୁବ୍ ବିଶ୍ୱସ୍ତ ହୋଇ ଟଙ୍କା ମାଗିଲେ ନିଜର ବ୍ୟାଙ୍କ୍ ଆକାଉଣ୍ଟ ଡିଟେଲ୍ସ ଦେଇଦେବା ଭଳି ଭୁଲ୍ ଆଦୌ କରନ୍ତୁ ନାହିଁ।

**ଜୀବନ ପ୍ରତି ବିପଦ:** ବର୍ତ୍ତମାନ ଫଟୋ, ଭିଡିଓ, ରିଲ୍‌କୁ ନେଇ ସୋସିଆଲ୍ ମିଡିଆରେ ଯେମିତି କମ୍ପିଟିଶନ୍ ଚାଲିଛି। ନିଜ କଣ୍ଟେଣ୍ଟକୁ ସବୁଠୁ ଡିଫରେଣ୍ଟ ଓ ୟୁନିକ୍ କରିବା ଆଳରେ କେହି କେହି ବିପଦପୂର୍ଣ୍ଣ ସ୍ଥାନରେ ଠିଆ ହୋଇ ଫଟୋ ଓ ଭିଡିଓ ନେଉଛନ୍ତି। ହେଲେ ଏଥିପାଇଁ ଅନେକଙ୍କ ପ୍ରାଣହାନି ହେବାର ଘଟଣା ବଢ଼ୁଥିବାର ଦେଖିବାକୁ ମିଳୁଛି। ତେଣୁ ଏସବୁ ଦିଗ ପ୍ରତି ବିଶେଷ ଭାବେ ସତର୍କ ରହିବା ଆବଶ୍ୟକ।





## ଏ ସପ୍ତାହର ପ୍ରଶ୍ନ ?

୧– ଦୋର୍ଜିଲୁଙ୍ଗ ହାଇଡ୍ରୋପାୱାର ପ୍ରୋଜେକ୍ଟ.........ଦେଶରେ ଅବସ୍ଥିତ ?
୨– ବ୍ଲୁବାର୍ଡ କମ୍ୟୁନିକେଶନ ସାଟେଲାଇଟ୍ ......... ଦେଶରେ ନିର୍ମାଣ କରାଯାଇଛି ?
୩– ନାହାରଗଡ଼ ୱାଇଲ୍ଡଲାଇଫ୍ ସାଙ୍କଚୁଆରୀ ......... ରାଜ୍ୟରେ ଅବସ୍ଥିତ ?
୪– ୪୩ତମ ଲୋକମାନ୍ୟ ତିଳକ ଆୱାର୍ଡ ୨୦୨୫ ............... ଙ୍କୁ ମିଳିଛି ?
୫– ସିଜିଜିଅମ୍ ଆରୋମେଟିକମ୍ ...........ର ବୈଜ୍ଞାନିକ ନାମ ?

## ଗତ ଥରର ଉତ୍ତର

୧ ପ୍ରୋସେସିଂ ଫର୍ ପ୍ରସ୍ପେରିଟି
୨ ଜୁଲାଇ ୨୪
୩ ମହାରାଷ୍ଟ୍ର
୪ ଭାଇରସ୍
୫ ପଶ୍ଚିମବଙ୍ଗ

## ଉତ୍ତରଦାତା



ନରେଶ କୁମାର କର
ହାଇଦ୍ରାବାଦ



ପ୍ରଦୀପ କୁମାର ନାଏକ
ବଲାଙ୍ଗୀର

## ଟପ୍ ଟେନ୍ ୧୦

### ପୃଥିବୀର ସବୁଠୁ ଲମ୍ବା ବ୍ରିଜ୍ ବୃହତ୍ତମ ଜଙ୍ଗଲ



୧– ଡାନ୍ୟାଙ୍ଗ୍ କୁନ୍‌ଶାନ୍ ଗ୍ରାଣ୍ଡ ବ୍ରିଜ୍, ଚାଇନା ............... .୧୬୪.୮ କିମି.
୨– ଚାଙ୍ଗୁଆ କାଓସିଅଙ୍ଗ୍ ଭିଆଡକ୍ଟ, ତାଇୱାନ ............. ୧୫୭.୩ କିମି.
୩– ତିଆଞ୍ଜିନ୍ ଗ୍ରାଣ୍ଡ ବ୍ରିଜ୍, ଚାଇନା ......................... ୧୧୩.୭ କିମି.
୪– କାଙ୍ଗ୍‌ଡେ ଗ୍ରାଣ୍ଡ ବ୍ରିଜ୍, ଚାଇନା ......................... ୧୦୫.୮୧ କିମି.
୫– ୱନାନ୍ ୱିହି ଗ୍ରାଣ୍ଡ ବ୍ରିଜ୍, ଚାଇନା ..................... ୭୯.୭୩୨ କିମି.
୬– ବ୍ୟାଙ୍ଗ୍ ନା ଏକ୍ସପ୍ରେସ୍‌ୱେ, ଥାଇଲାଣ୍ଡ ...................... ୫୪ କିମି.
୭– ବେଜିଂ ଗ୍ରାଣ୍ଡ ବ୍ରିଜ୍, ଚାଇନା ............................. ୪୮.୨ କିମି.
୮– ଲେକ୍ ପଞ୍ଚର୍‌ଟ୍ରେନ୍ କଜ୍‌ୱେ, ଆମେରିକା ................ ୩୮.୪ କିମି.
୯– ଉହାନ୍ ମେଟ୍ରୋ ବ୍ରିଜ୍, ଚାଇନା ...................... ୩୭. ୭୮୮ କିମି.
୧୦– ମେଟ୍ରୋ ମାନିଲା ସ୍କାଏୱେ ସିଷ୍ଟମ୍, ଫିଲିପାଇନ୍ସ........... ୩୨ କିମି.

ୟୁଥ୍ ଆଲର୍ଟ

# ବର୍ଷାରେ ଖାଆନ୍ତୁନି ଏହିସବୁ ଫଳ

**ଫଳ ଖାଇବାକୁ ପ୍ରାୟ ସମସ୍ତେ ଭଲପାଆନ୍ତି। ହେଲେ ଆପଣ ଜାଣନ୍ତି କି, ବର୍ଷାଦିନେ କେତେକ ଫଳ ଖାଇବା ସ୍ୱାସ୍ଥ୍ୟ ପ୍ରତି ହାନିକାରକ ବି ହୋଇପାରେ...**

**ତରଭୁଜ:** ଖରାଦିନେ ଶରୀରକୁ ଥଣ୍ଡା ରଖିବା ସହ ହାଇଡ୍ରେଟ୍ ରଖିବା ଲାଗି ତରଭୁଜ ଖାଇବା ବହୁତ ଭଲ। ହେଲେ ବର୍ଷାଦିନେ ଏହାକୁ ଖାଇବା ସ୍ୱାସ୍ଥ୍ୟ ପକ୍ଷେ ହିତକର ନୁହେଁ। କାରଣ ବର୍ଷାରେ ପରିବେଶରେ ଆର୍ଦ୍ରତା ଅଧିକ ରହୁଥିବାରୁ ଫଳ ଶୀଘ୍ର ଶଢ଼ିଥାଏ। ବିଶେଷକରି ତରଭୁଜ କଟା ହେବା ପରେ କିଛି ସମୟ ରହିଗଲେ ଶୀଘ୍ର ଶଢ଼ିବା ସହ ଏଥିରେ ହାନିକାରକ ବ୍ୟାକ୍ଟେରିଆ ଜନ୍ମ ନେଇଥାଏ ଏବଂ ଫଙ୍ଗସ୍ ମଧ୍ୟ ହୋଇଯାଏ, ଯାହାକୁ ଖାଇବା ଦ୍ୱାରା ପେଟ ସମସ୍ୟା ବଢ଼ିଥାଏ।

**ଅଙ୍ଗୁର:** ଏହି ଫଳ ସ୍ୱାଦିଷ୍ଟ ଏବଂ ପୋଷକ ତତ୍ତ୍ୱରେ ଭରା। ହେଲେ ବର୍ଷାଦିନେ ଏଥିରେ ଖୁବ୍ ଶୀଘ୍ର ଏମିତିକି କିଛି ଦିନ ଫ୍ରିଜ୍ ଭିତରେ ରହିଲେ ବି ଏଥିରେ ଫଙ୍ଗସ୍ ଲାଗିଥାଏ। ଯାହାକୁ ଧୋଇବା ପରେ ଅଙ୍ଗୁର ସମ୍ପୂର୍ଣ୍ଣ ସଫା ହୋଇ ନ ଥାଏ। ଫଳରେ ଶରୀର ଭିତରକୁ ବିଷାକ୍ତ ଯାଇ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଅଙ୍ଗୁରକୁ ଅଧିକ ଦିନ ରଖନ୍ତୁ ନାହିଁ ଏବଂ ଖାଇବା ପୂର୍ବରୁ ଭଲ ଭାବେ ଧୁଅନ୍ତୁ।

**ଆମ୍ବ:** ଫଳରାଜା ଆମ୍ବ କାହାର ବା ପ୍ରିୟ ଫଳ ନୁହେଁ! ଏହା ମୁଖ୍ୟତଃ ଏକ ଖରାଦିନିଆ ଫଳ। ତେଣୁ ବର୍ଷାଦିନେ ଏଥିରେ ପୋକ ଲାଗିବାର ସମ୍ଭାବନା ଅଧିକ। ସେହିପରି ଏଦିନେ ଏଥିରେ ବର୍ଷାପାଣି ପଡ଼ିଲେ ଶୀଘ୍ର ବ୍ୟାକ୍ଟେରିଆ, ଫଙ୍ଗସ୍ ଲାଗିଯାଏ, ଯାହା ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ। ତା'ଛଡ଼ା କୋଲ୍ଡଷ୍ଟୋର୍‌ଗୁଡ଼ିକରେ ରଖାଯାଇଥିବା କଞ୍ଚା ଆମ୍ବକୁ ଏଦିନେ ବିକ୍ରି କରିବା ଲାଗି ଅଧିକ କେମିକାଲ୍ ବ୍ୟବହାର କରାଯାଇଥାଏ। ଯାହାକୁ ଖାଇବା ଦ୍ୱାରା ଝାଡ଼ା, ବାନ୍ତି, ପେଟ ଯନ୍ତ୍ରଣା ହୋଇପାରେ। ତେଣୁ ଏଦିନେ ଆମ୍ବ ନ ଖାଇବା ଭଲ। ଯଦି ଖାଉଛନ୍ତି ତେବେ ଆମ୍ବକୁ ଭଲ ଭାବେ ଧୋଇ, ଚୋପା ଛଡ଼ାଇ, ପୋକ ଲାଗିଛି କି ନାହିଁ ଦେଖିବା ପରେ ଖାଆନ୍ତୁ।

**ଲିଚୁ:** ଏହା ଏକ ଥଣ୍ଡା ଫଳ। ବର୍ଷାଦିନେ ସାଧାରଣତଃ ଅନ୍ୟ ଋତୁ ଅପେକ୍ଷା ଶରୀରର ଇମ୍ୟୁନିଟି ପାୱାର କମ୍ ରହୁଥିବାରୁ ଏଦିନେ ଲିଚୁ ଖାଇଲେ ଶରୀରର ତାପମାତ୍ରା କମିଯାଇ ଥଣ୍ଡା, କାଶ, ଗଳା ଦରଜ ସମସ୍ୟା ଦେଖାଯାଏ। ତା'ଛଡ଼ା ଏଦିନେ ଏଥିରେ ବି ଶୀଘ୍ର ପୋକ ଲାଗିଯାଏ, ଯାହାକି ସହଜରେ ଦେଖାଯାଇ ନ ଥାଏ। ତେଣୁ ଲିଚୁ ଖାଇବା ଦ୍ୱାରା ପେଟ ସମସ୍ୟା ଉପୁଜିଥାଏ।



## ଜାଣନ୍ତୁ ଦୁନିଆ

# ପ୍ରଥମେ ପୁରୁଷ ପିନ୍ଧୁଥିଲେ ହାଇହିଲ୍ସ

**ହାଇହିଲ୍ସ କଥା ଆସିଲେ ଏହା ଓମେନ୍ ଫ୍ୟାଶନ୍ ଏବଂ ଗ୍ଲାମରର ଏକ ବଡ଼ ଅଂଶ ବୋଲି ଆମେ ଭାବିଥାଉ। ହେଲେ ଜାଣିଲେ ଆଶ୍ଚର୍ଯ୍ୟ ହେବେ, ସର୍ବପ୍ରଥମେ ହାଇହିଲ୍ସକୁ ପୁରୁଷମାନେ ବ୍ୟବହାର କରୁଥିଲେ। ତେବେ ସେମାନେ କେବେ ଓ କ'ଣ ପାଇଁ ଏହାକୁ ପିନ୍ଧୁଥିଲେ ଏବଂ କିପରି ଏହା ଧୀରେ ଧୀରେ ଓମେନ୍‌ୱେର୍‌ରେ ପରିଣତ ହେଲା ଜାଣନ୍ତୁ ସେ ସମ୍ପର୍କରେ...**

❖ ଷୋଳଶ ଶତାବ୍ଦୀ ବେଳକୁ ପୁରୁଷମାନେ ଅଶ୍ୱଚାଳନା ପାଇଁ ହାଇହିଲ୍ସ ବ୍ୟବହାର କରୁଥିଲେ। ଏହି ଖାସ୍ ଜୋତା ପିନ୍ଧିବା ଦ୍ୱାରା ଘୋଡ଼ା ଉପରେ ବସି ନିଜ ଗୋଡ଼କୁ ମଜଭୁତ ଭାବେ ରଖିବା ଓ ଶରୀରର ଭାରସାମ୍ୟ ରକ୍ଷା କରିବା ଏବଂ ଘୋଡ଼ାକୁ ରୋକିବା କାର୍ଯ୍ୟ ସହଜ ହୋଇ ପାରୁଥିଲା। ସୈନିକମାନେ ଅଶ୍ୱଚାଳନା ବେଳେ ଏହାକୁ ପିନ୍ଧୁଥିଲେ।

❖ ସେହି ସମୟରେ ହାଇହିଲ୍ସ ଥିବା ଜୋତାକୁ ଯୁଦ୍ଧ ପାଇଁ ସ୍ୱତନ୍ତ୍ର ଭାବେ ଡିଜାଇନ୍ କରାଯାଉଥିଲା, ଯେଉଁଥିରେ ଫ୍ୟାଶନ ସହ କୌଣସି ସମ୍ବନ୍ଧ ନ ଥିଲା।

❖ ବଦଳୁଥିବା ସମୟ ସହିତ ଧୀରେ ଧୀରେ ହାଇହିଲ୍ସ ସୈନିକମାନଙ୍କଠାରୁ ରାଜକୀୟ ବେଶଭୂଷାରେ ସାମିଲ ହେଲା। ଫ୍ରାନ୍ସର ରାଜା ଲୁଇ ୧୪ ହାଇହିଲ୍ସକୁ ରୟାଲ୍ ଷ୍ଟାଟସ୍‌ର ଏକ ପ୍ରତୀକ ଭାବେ ଦର୍ଶାଇଥିଲେ। ସେବେଠୁ ରାଜ ପରିବାରର ପୁରୁଷମାନେ ଏହାକୁ ବହୁତ ପସନ୍ଦ କରିବା ସହ ଅନ୍ୟ ପୁରୁଷମାନେ ମଧ୍ୟ ଏହାକୁ ହାଇ ଷ୍ଟାଟସ୍ ସିମ୍ବଲ ଭାବେ ବ୍ୟବହାର କରିବା ଆରମ୍ଭ କଲେ। ହେଲେ ରାଜା ଲୁଇ ଏକ ନିୟମ ଲାଗୁ କରିଥିଲେ ଯେ, ଲାଲ୍ ରଙ୍ଗର ହାଇହିଲ୍ସ କେବଳ ରାଜ ପରିବାରର ପୁରୁଷମାନେ ଏବଂ ସେମାନଙ୍କ ଦରବାରିମାନେ ହିଁ ପିନ୍ଧିପାରିବେ, ଯାହାକି ପିନ୍ଧିବାବାଲା ସମାଜରେ ଉଚ୍ଚ ବର୍ଗର ବୋଲି ଦର୍ଶାଉଥିଲା।







❖ ତେବେ ପୁରୁଷଙ୍କ ଏହି ଜୋତା ଧୀରେ ଧୀରେ ମହିଳାଙ୍କ ଫ୍ୟାଶନରେ କେବେ ବଦଳିଗଲା ସେହି ପ୍ରଶ୍ନ ମନକୁ ନିଶ୍ଚୟ ଆସୁଥିବ। ୧୭୦୦ ଶତାବ୍ଦୀରେ ଇଟାଲୀର ରାଣୀ କ୍ୟାଥେରିନ୍ ଡି ମେଡିସି ନିଜ ବିବାହରେ ଅଧିକ ଉଚ୍ଚା ଦେଖାଯିବା ଲାଗି ସର୍ବପ୍ରଥମେ ହାଇହିଲ୍ସ ପିନ୍ଧିଥିଲେ। ସେହି ଚପଲର ସୁନ୍ଦର ଓ ଆକର୍ଷଣୀୟ ଡିଜାଇନ୍ ଅନେକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ଏବଂ ଅନ୍ୟ ମହିଳାମାନେ ମଧ୍ୟ ଏଭଳି ଚପଲ ପିନ୍ଧିବାକୁ ପସନ୍ଦ କଲେ।

❖ ଧୀରେ ଧୀରେ ପୁରୁଷମାନେ ଏହାକୁ ପିନ୍ଧିବା ସମ୍ପୂର୍ଣ୍ଣ ବନ୍ଦ କରିଦେଲେ ଏବଂ ୧୮୦୦ ଶତାବ୍ଦୀ ବେଳକୁ ହାଇହିଲ୍ସର ପରିଭାଷା ସମ୍ପୂର୍ଣ୍ଣ ଭାବେ ବଦଳି ମହିଳାଙ୍କ ଫ୍ୟାଶନ୍‌ରେ ସାମିଲ ହୋଇଯାଇଥିଲା। ବର୍ତ୍ତମାନ ହାଇହିଲ୍ସକୁ ଷ୍ଟାଇଲ୍, ଫ୍ୟାଶନ୍, ଗ୍ଲାମର ଏବଂ ଆତ୍ମବିଶ୍ୱାସର ପ୍ରତୀକ ଭାବେ ଗ୍ରହଣ କରାଯାଉଛି। ଏହାକୁ କଲେଜ, ଅଫିସ୍ ଯିବା ଭଳି ଦୈନନ୍ଦିନ କାର୍ଯ୍ୟଠୁ ଆରମ୍ଭ କରି, ପାର୍ଟି ଫଙ୍କଶନ୍ ଏବଂ ଫ୍ୟାଶନ୍ ଶୋ'ରେ ର୍ୟାମ୍ପ ୱାକ୍ ବେଳେ ବ୍ୟବହାର କରାଯାଉଛି।




# ୱାର୍ଲ୍ଡ ଆଥ୍ଲେଟିକ୍ସ କଣ୍ଟିନେଣ୍ଟାଲ ଲାଗି କଳିଙ୍ଗ ପ୍ରସ୍ତୁତ

**ଭୁବନେଶ୍ୱର, ୯।୮ (ତପନ ସ୍ୱାଇଁ)**

ୱାର୍ଲ୍ଡ ଆଥ୍ଲେଟିକ୍ସ, ଆଥ୍ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍ଆଇ) ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ୱାର୍ଲ୍ଡ ଆଥ୍ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ୍) ଲେଭଲ ପ୍ରତିଯୋଗିତା ରବିବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହାକୁ ସ୍ମରଣୀୟ କରିବା ପାଇଁ ଏଏଫ୍ଆଇ ଓ କ୍ରୀଡ଼ା ବିଭାଗ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ‘‘ଏଠାରେ ୨୦୧୭ ଏସିଆନ ଆଥ୍ଲେଟିକ୍ସ ଚାମ୍ପିୟନଶିପ୍ ସଫଳତାର ସହ ସମ୍ପନ୍ନ ହୋଇଥିଲା।



ୱାର୍ଲ୍ଡ ଆଥ୍ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ଲାଗି ଶନିବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା, କୋଚ୍ ଓ ଖେଳାଳିମାନେ।




ଏବେ ଆଉ ଏକ ବଡ଼ ଅନ୍ତର୍ଜାତୀୟ ଇଭେଣ୍ଟ ଆୟୋଜନ ପାଇଁ ଓଡ଼ିଶା ପ୍ରସ୍ତୁତ। ପର୍ଯ୍ୟାୟ କ୍ରମେ ପ୍ରସ୍ତୁତି ସମୀକ୍ଷା ସରିଛି। ଦେଶ ବିଦେଶର ଆଥଲେଟ୍‌ମାନେ ଭୁବନେଶ୍ୱରରେ ପହଞ୍ଚି ସାରିଛନ୍ତି। ବିଭିନ୍ନ ବିଭାଗର ସମନ୍ୱୟରେ ଏହାକୁ ସ୍ମରଣୀୟ କରିବା ପାଇଁ ଆମେ ପ୍ରସ୍ତୁତ’’ ବୋଲି ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ ପ୍ରକାଶ କରିଛନ୍ତି। ୱାର୍ଲ୍ଡ ଆଥ୍ଲେଟିକ୍ସର ଉପସଭାପତି ଆଡିଲ ସୁମାରିୱାଲା, ଏଏଫ୍ଆଇ ସଭାପତି ବାହାଦୁର ସିଂ ସାନ୍ଧୁ, ଭାରତୀୟ ଆଥ୍ଲେଟିକ୍ସ କୋଚ୍ ପି. ରାଧାକ୍ରିଷ୍ଣନ ନାୟାର ପ୍ରମୁଖ ଏହି ଅବସରରେ ପ୍ରତିଯୋଗିତାର ପ୍ରସ୍ତୁତି, ଇଭେଣ୍ଟ ଏବଂ ପ୍ରତିଯୋଗୀଙ୍କ ସଂଖ୍ୟା ସମ୍ପର୍କରେ ସ୍ପଷ୍ଟ କରିଛନ୍ତି। ଭାରତ ଭବିଷ୍ୟତରେ ସିଲଭର କିମ୍ବା ଗୋଲ୍ଡ ଲେଭଲ ପ୍ରତିଯୋଗିତା ଆୟୋଜନ କରିବାକୁ ଲକ୍ଷ୍ୟ ରଖିଛି। ମାତ୍ର ନିକଟ ଭବିଷ୍ୟତରେ ଅନେକ ବଡ଼ ଟୁର୍ନାମେଣ୍ଟ ଆୟୋଜନ ହେବାକୁ ଥିବାରୁ ଭବିଷ୍ୟତରେ ଭାରତ କେବେ ଏହାକୁ ଆୟୋଜନ କରିବ ତାହା ଏବେଠାରୁ କହିବା କଷ୍ଟକର ବୋଲି ସୁମାରିୱାଲା ପ୍ରକାଶ କରିଛନ୍ତି। ଆଗାମୀ ପ୍ରତିଯୋଗିତାରେ ମୋଟ ୧୭ଟି ଇଭେଣ୍ଟ ଅନୁଷ୍ଠିତ ହେବ। ଭାରତରୁ ୯୩ ଓ ବିଦେଶର ୬୩ ଆଥ୍ଲେଟ୍ ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଟୋକିଓ ୱାର୍ଲ୍ଡ ଚାମ୍ପିୟନଶିପ୍ ଲାଗି ଏହା ଏକ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ଭାବେ ପରିଗଣିତ ହେଉଛି। ନିକଟରେ ପୋଲାଣ୍ଡରେ ସ୍ୱର୍ଣ୍ଣ ପଦକ ଜିତିଥିବା ମହିଳା ଜାଭେଲିନ୍ ଥ୍ରୋୟର ଅନୁ ରାଣୀ ଏଠାରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପ୍ରତିଶ୍ରୁତିବଦ୍ଧ ଥିବା ସମ୍ପର୍କରେ ପ୍ରକାଶ କରିଛନ୍ତି। ଏଠାକାର ଭିତ୍ତିଭୂମି ବିଶ୍ୱସ୍ତରୀୟ। ତେଣୁ ଭାଗ ନେବାକୁ ଯାଉଥିବା ସମସ୍ତ ଭାରତୀୟ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ନିଶ୍ଚିତ ଚେଷ୍ଟା କରିବୁ। ମୁଁ ନିକଟରେ ପୋଲାଣ୍ଡରେ ପଦକ ଜିତିଥିବାରୁ ଏଠାରେ ମଧ୍ୟ ପ୍ରଭାବୀ ପ୍ରଦର୍ଶନ ନେଇ ବେଶ୍ ଆଶାବାଦୀ ବୋଲି ଅନୁ କହିଛନ୍ତି। ସେହିପରି ପୁରୁଷ ୧୦୦ ଓ ୨୦୦ ମିଟରରେ ଭାଗ ନେବାକୁ ଯାଉଥିବା ଅନିମେଶ କୁଜୁର ମଧ୍ୟ ପଦକ ଜିତିବା ନେଇ ଆଶା ରଖିଛନ୍ତି। ଓଡ଼ିଶା ଏଚ୍‌ପିସିରେ ଟ୍ରେନିଂ ନେଉଥିବା ଅନିମେଶ ଘରୋଇ ପରିବେଶରୁ ଫାଇଦା ନେବା ଲକ୍ଷ୍ୟରେ ରହିଛନ୍ତି।

ଲକ୍ଷ୍ୟରେ ରହିଛନ୍ତି। ସେହିପରି ପୁରୁଷ ୮୦୦ ମିଟରରେ ଭାରତର ଜାତୀୟ ରେକର୍ଡଧାରୀ ମହମ୍ମଦ ଅଫଜଲଙ୍କ ଉପରେ ମଧ୍ୟ ନଜର ରହିବ। ପ୍ରତିଭା ସମ୍ପନ୍ନ ଶାଇଲି ସିଂ ମଧ୍ୟ ମହିଳା ଲଙ୍ଗଜମ୍ପରେ ଭଲ ପ୍ରଦର୍ଶନ କରିବାର ସମ୍ଭାବନା ରହିଛି। ଗତ ମାସରେ ବେଙ୍ଗାଲୁରୁରେ ଅନୁଷ୍ଠିତ ଏନ୍‌ସି କ୍ଲାସିକ୍‌ରେ ଅଳ୍ପକେ ବ୍ରୋଞ୍ଜ ପଦକ ହାତଛଡ଼ା କରିଥିବା ସଚିନ ଯାଦବ ଏଠାରେ ସାଥୀ ପ୍ରତିଯୋଗୀ ଯଶବୀର ସିଂ, ଶ୍ରୀଲଙ୍କାର ରୁମେଶ ପଥିରାଗେଙ୍କଠାରୁ ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ। ଯଶବୀର



ମାସ୍କଟ ଓଲି

ପ୍ରସ୍ତୁତି ଭଲ ରହିଛି। ତେଣୁ ଭଲ ଫଳାଫଳ ମିଳିବା ନେଇ ଆଶା ରଖିଛି ବୋଲି ସେ କହିଛନ୍ତି। ୨୦୦ ମିଟରରେ ବର୍ତ୍ତମାନ ୪୨ତମ ର୍‌ୟାଙ୍କ୍‌ରେ ଥିବା ଅନିମେଶଙ୍କ ପାଇଁ ଯୋଗ୍ୟତା ଅର୍ଜନ କରିବାକୁ ହେଲେ ୨୦:୫୦ରୁ କମ୍ ସେକେଣ୍ଡରେ ରେସ୍ ଫିନିଶ କରିବାକୁ ହେବ। ଆଗାମୀ ପ୍ରତିଯୋଗିତାରେ ସେ ମାଲେସିଆ ଜାତୀୟ ରେକର୍ଡଧାରୀ ମହମ୍ମଦ ଆଜିମ ଫହିମଙ୍କଠାରୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ।

ଫିଲ୍ଡ ଇଭେଣ୍ଟରେ ମୁରଲୀ ଶ୍ରୀଶଙ୍କର ଭାରତ ପାଇଁ ପଦକ ହାସଲର ପ୍ରବଳ ଦାବିଦାର ରହିବେ। ଦୀର୍ଘଦିନ ଧରି ଆହତ ସମସ୍ୟାରୁ ମୁକୁଳିବା ପରେ ଏହି ଲଙ୍ଗଜମ୍ପ ତାରକାଙ୍କ ନିକଟରେ ଏବେ ବିଶ୍ୱ ଚାମ୍ପିୟନଶିପ୍ ର୍‌ୟାଙ୍କିଙ୍ଗ୍ ନାହିଁ। ମାତ୍ର ଭୁବନେଶ୍ୱର ଏବଂ ଚେନ୍ନାଇରେ ହେବାକୁଥିବା ଆନ୍ତଃରାଜ୍ୟ ମିଟ୍‌ରେ ଦମ୍‌ଦାର ପ୍ରଦର୍ଶନ କରି ସେ ସିଧାସଳଖ ୮.୨୭ ମିଟର ଯୋଗ୍ୟତା ପର୍ଯ୍ୟାୟ ସ୍ପର୍ଶ କରିବା ଏବେ ଟୋକିଓ ଷ୍ଟାଣ୍ଡିଂର ୩୦ତମ ର୍‌ୟାଙ୍କିଙ୍ଗ୍‌ରେ ଅଛନ୍ତି। ତେଣୁ ଏଠାରେ ବଡ଼ ଥ୍ରୋ କରି ନିଜ ସ୍ଥାନ ପକ୍କା କରିବା ଲକ୍ଷ୍ୟରେ ରହିଛନ୍ତି। ସେହିପରି ପୁରୁଷ ଟ୍ରିପଲ ଜମ୍ପରେ ଅବଦୁଲ୍ଲା ଅବୁବାକର ଓ ଲଙ୍ଗଜମ୍ପରେ ଜେସୱିନ ଆଲଡ୍ରିନ ମଧ୍ୟ ଦାବିଦାର ରହିବେ। ଅବୁବାକର ସମ୍ପ୍ରତି ୩୨ତମ ର୍‌ୟାଙ୍କ୍‌ରେ ଅଛନ୍ତି। ସେ ୧୧୭୯ ପଏଣ୍ଟରେ ଥିବାରୁ ଟପ୍-୩୦ରେ ପ୍ରବେଶ ପାଇଁ ସଂଘର୍ଷର ସମ୍ମୁଖୀନ ହେବେ।

## ପ୍ରତିଯୋଗିତା କାର୍ଯ୍ୟସୂଚୀ

### ସକାଳ ସେସନ

ପୁରୁଷ ୪୦୦ ମିଟର ହିଟ୍ସ: ସକାଳ ୭ଟା ୪୦
ମହିଳା ୪୦୦ ମିଟର ହିଟ୍ସ: ସକାଳ ୭ଟା ୫୫
ପୁରୁଷ ୧୦୦ ମିଟର ହିଟ୍ସ: ସକାଳ ୮ଟା ୨୫
ମହିଳା ୧୦୦ ମିଟର ହିଟ୍ସ: ସକାଳ ୮ଟା ୩୫
ପୁରୁଷ ୨୦୦ ମିଟର ହିଟ୍ସ: ସକାଳ ୮ଟା ୫୫

### ସନ୍ଧ୍ୟା ସେସନ

ମହିଳା ଜାଭେଲିନ୍ ଥ୍ରୋ ଫାଇନାଲ: ଅପରାହ୍ନ ୫ଟା
ପୁରୁଷ ୪୦୦ ମିଟର ଫାଇନାଲ: ଅପରାହ୍ନ ୫ଟା ୦୫
ମହିଳା ୪୦୦ ମିଟର ଫାଇନାଲ: ଅପରାହ୍ନ ୫ଟା ୧୫
ମହିଳା ଲଙ୍ଗ୍‌ଜମ୍ପ ଫାଇନାଲ: ଅପରାହ୍ନ ୫ଟା ୨୩
ପୁରୁଷ ଟ୍ରିପଲ ଜମ୍ପ ଫାଇନାଲ: ଅପରାହ୍ନ ୫ଟା ୩୦
ପୁରୁଷ ୧୦୦ ମିଟର ଫାଇନାଲ: ଅପରାହ୍ନ ୫ଟା ୩୫
ମହିଳା ୧୦୦ ମିଟର ଫାଇନାଲ: ଅପରାହ୍ନ ୫ଟା ୪୫
ପୁରୁଷ ୮୦୦ ମିଟର ଫାଇନାଲ: ସନ୍ଧ୍ୟା ୬ଟା
ମହିଳା ୮୦୦ ମିଟର ଫାଇନାଲ: ସନ୍ଧ୍ୟା ୬ଟା ୧୦
ପୁରୁଷ ଜାଭେଲିନ୍ ଥ୍ରୋ ଫାଇନାଲ: ସନ୍ଧ୍ୟା ୬ଟା ୨୨
ମହିଳା ୧୦୦ ମିଟର ହର୍ଡଲ୍ସ ଫାଇନାଲ: ସନ୍ଧ୍ୟା ୬ଟା ୩୫
ପୁରୁଷ ଲଙ୍ଗ୍‌ଜମ୍ପ ଫାଇନାଲ: ସନ୍ଧ୍ୟା ୬ଟା ୪୫
ମହିଳା ୧୫୦୦ ମିଟର ଫାଇନାଲ: ସନ୍ଧ୍ୟା ୭ଟା
ପୁରୁଷ ୫୦୦୦ ମିଟର ଫାଇନାଲ: ସନ୍ଧ୍ୟା ୭ଟା ୧୦
ପୁରୁଷ ୨୦୦ ମିଟର ଫାଇନାଲ: ସନ୍ଧ୍ୟା ୭ଟା ୩୦
ମହିଳା ୨୦୦ ମିଟର ଫାଇନାଲ: ସନ୍ଧ୍ୟା ୭ଟା ୪୦
ପୁରୁଷ ୪ x ୪୦୦ ମିଟର ରିଲେ ଫାଇନାଲ: ରାତି ୭ଟା ୫୫

# ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଲକ୍ଷ୍ୟ ରହିଛି: ଅନୁ

ୱାର୍ଲ୍ଡ କଣ୍ଟିନେଣ୍ଟାଲ ଟୁର୍‌ର ମହିଳା ଜାଭେଲିନ୍ (୬୦୦ ଗ୍ରାମ୍) ଥ୍ରୋରେ ଅନୁ ରାଣୀ ଭାରତୀୟ ଚ୍ୟାଲେଞ୍ଜର ନେତୃତ୍ୱ ନେବେ। ନିକଟରେ ପୋଲାଣ୍ଡରେ ଅନୁଷ୍ଠିତ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଥିବାରୁ ଅନୁଙ୍କ ମନୋବଳ ବହୁ ପରିମାଣରେ ବଢ଼ିଛି। ଅନ୍ୟ ଭାରତୀୟଙ୍କ ପରି ସେ ମଧ୍ୟ ଏଠାରେ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଲକ୍ଷ୍ୟ ରଖିଥିବା ଶନିବାର ପ୍ରକାଶ କରିଛନ୍ତି। ମହିଳା ଜାଭେଲିନ୍ ଥ୍ରୋର ଫାଇନାଲ୍ସ ରବିବାର ଅପରାହ୍ନ ୫ଟାରେ ଆରମ୍ଭ ହେବ। ଏହା ହେବ ପ୍ରତିଯୋଗିତାର ପ୍ରଥମ ଫାଇନାଲ୍ସ। ଏଥିରେ ଅନୁଙ୍କ ସହ ଭାରତର ଶିଲ୍ପା ରାଣୀ, ଜ୍ୟୋତି, ରାମ୍ୟାଶ୍ରୀ ଜୈନ, କରିସ୍ମା ଏସ୍. ସାନିଲ, ଉମା ଚୌଧାରୀ ଏବଂ ବିଦେଶୀ ଆଥଲେଟ୍‌ଙ୍କ ମଧ୍ୟରେ ଅଷ୍ଟ୍ରେଲିଆର ମେଲଜାରେକ ମ୍ୟାକେଞ୍ଜି, ନେପାଳର ଚନ୍ଦ୍ର କାଲା ଲାମଗାଡ଼େ, ଦକ୍ଷିଣ ଆଫ୍ରିକାର ଜାନ ଭାନ୍ ଶାଲକ୍ୱିକ୍ ଓ ଶ୍ରୀଲଙ୍କାର ଦିଲହାନି ଲେକାମ୍‌ଗେ ଏଚ.ଏଲ. ପ୍ରତିଦ୍ୱନ୍ଦ୍ୱିତା କରିବେ। ଅନୁରାଣୀଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ହେଉଛି ୬୩.୮୨ ମିଟର। ଏହା ଏକ ଜାତୀୟ ରେକର୍ଡ। ୨୦୨୩ ଏସିଆନ ଗେମ୍ସ ଚାମ୍ପିୟନ ଅନୁ ଚଳିତ ମାସ ପ୍ରାରମ୍ଭରେ ପୋଲାଣ୍ଡରେ ୬୨.୫୯ ମିଟର ଥ୍ରୋ କରିଥିଲେ। ଟୋକିଓ ୱାର୍ଲ୍ଡ ଚାମ୍ପିୟନଶିପ୍ ପାଇଁ ସେ ଏବେ ୩୦ତମ ର୍‌ୟାଙ୍କ୍‌ରେ ଅଛନ୍ତି। ଭୁବନେଶ୍ୱର ପରିବେଶରେ ଏହି ୩୨ ବର୍ଷୀୟା ଆଥଲେଟ୍ ୬୦ ମିଟର ସ୍ପର୍ଶ କରିବା ନେଇ ଆଶା ରଖିଛନ୍ତି। ‘‘ ମୁଁ ଭାବୁଛି ପୋଲାଣ୍ଡ ଇଭେଣ୍ଟ ଠିକ୍ ସମୟରେ ହୋଇଛି। ଭୁବନେଶ୍ୱରର ପାଗ ଓ ପରିବେଶରୁ ଫାଇଦା ଉଠାଇ ମୁଁ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ନିଶ୍ଚିତ ଚେଷ୍ଟା କରିବି’’ ବୋଲି ସେ କହିଛନ୍ତି। ସେପ୍ଟେମ୍ବରରେ ହେବାକୁଥିବା ୱାର୍ଲ୍ଡ ଆଥ୍ଲେଟିକ୍ସରେ ୩୬ ଥ୍ରୋୟର ଭାଗ ନେବାକୁ ଯୋଗ୍ୟ ବିବେଚିତ ହେବେ। ସେଥି ମଧ୍ୟରୁ ୧୧ ଆଥ୍ଲେଟ୍ ଯୋଗ୍ୟତା ପାଇଁ ଉଦ୍ଦିଷ୍ଟ ୬୪ ମିଟର କ୍ଲିୟର କରି ସାରିଛନ୍ତି। ଅବଶିଷ୍ଟ ୨୫ ଜଣ ବିଶ୍ୱ ର୍‌ୟାଙ୍କିଙ୍ଗ୍ କୋଟା ସିଷ୍ଟମରେ ଯିବେ। ଏଥିପାଇଁ ଅଗଷ୍ଟ ୨୪ ଡେଡ୍‌ଲାଇନ ରହିଛି।



ଅନୁରାଣୀ

## ‘ଓଲି’ ଷ୍ଟାଡିୟମ ବୁଲିଲା, ଦର୍ଶକଙ୍କ ମନୋରଞ୍ଜନ କଲା

ୱାର୍ଲ୍ଡ ଆଥ୍ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ପ୍ରତିଯୋଗିତା ପୂର୍ବରୁ ଶନିବାର ମାସ୍କଟ ଓଲି ଷ୍ଟାଡିୟମ ଭ୍ରମଣ କରି ଉପସ୍ଥିତ ଦର୍ଶକଙ୍କ ମନୋରଞ୍ଜନ କରିଛି। ମାସ୍କଟ ସହିତ ଦର୍ଶକମାନେ ଉତ୍ସାହର ସହ ହାତ ମିଳାଇବା ସହ ଫଟୋ ନେଉଥିବା ଦେଖିବାକୁ ମିଳିଥିଲା।

## ସକାଳ ୭ଟା ୪୦ରୁ ଆରମ୍ଭ

ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ପ୍ରତିଯୋଗିତା ରବିବାର ସକାଳ ୭ଟା ୪୦ରୁ ଆରମ୍ଭ ହେବ। ସକାଳ ସେସନରେ କେବଳ ୫ଟି ହିଟ୍ସ ଅନୁଷ୍ଠିତ ହେବ। ଅପରାହ୍ନ ୫ଟାରୁ ଆରମ୍ଭ ହେବାକୁଥିବା ସନ୍ଧ୍ୟା ସେସନରେ ୧୭ଟି ଯାକ ଇଭେଣ୍ଟର ଫାଇନାଲ୍ସ ଅନୁଷ୍ଠିତ ହେବ। ଭାରତୀୟ ସମୟ ୮ଟା ୨୦ରେ ପୁରୁଷ ୪୪୦୦ ମିଟର ରିଲେର ପୁରସ୍କାର ବିତରଣୀ ସହ ପ୍ରତିଯୋଗିତା ଶେଷ ହେବାର କାର୍ଯ୍ୟସୂଚୀ ରହିଛି।

# ‘୨୦୦ ମିଟର ଉପରେ ଫୋକସ’



ଅନିମେଶ କୁଜୁର

ଓଡ଼ିଶା ଏଚ୍‌ପିସି ଆଥ୍ଲେଟ୍ ଅନିମେଶ କୁଜୁର ରବିବାର ୧୦୦ ଓ ୨୦୦ ମିଟର ଇଭେଣ୍ଟରେ ଅଂଶଗ୍ରହଣ କରିବେ। ୨୦୦ ମିଟରରେ ଜାତୀୟ ରେକର୍ଡଧାରୀ ୨୦.୩୨ ସେକେଣ୍ଡ ସହ ବର୍ତ୍ତମାନର ବିଶ୍ୱ ର୍‌ୟାଙ୍କିଙ୍ଗ୍‌ରେ ୪୨ତମ ସ୍ଥାନରେ ଅଛନ୍ତି। ଟପ୍-୪୮ ଟୋକିଓ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ପାଇବାର ଥିବାରୁ ପ୍ରତିଦ୍ୱନ୍ଦ୍ୱିତା ଦିନକୁ ଦିନ ବଢ଼ିବାରେ ଲାଗିଛି। ଟୋକିଓ ଇଭେଣ୍ଟ ପାଇଁ ଅଟୋମେଟିକ କ୍ୱାଲିଫାଇଂ ମାର୍କ ହେଉଛି ୨୦.୧୬ ସେକେଣ୍ଡ। ୨୧ ବର୍ଷୀୟ ଅନିମେଶ ଘରୋଇ ପରିବେଶରୁ ଫାଇଦା ଉଠାଇ ଏହା ସ୍ପର୍ଶ କରିବାକୁ ଉଦ୍ୟମ କରିବେ ବୋଲି କହିଛନ୍ତି। ‘‘୨୦୦ ମିଟର ଉପରେ ବିଶେଷ କରି ମୋର ଫୋକସ ରହିବ। ରବିବାର ଘରୋଇ ପରିବେଶରୁ ଫାଇଦା ନେବାକୁ ଚେଷ୍ଟା କରିବି’’ ବୋଲି ଅନିମେଶ ପ୍ରକାଶ କରିଛନ୍ତି। ୧୦୦ ମିଟରରେ ମଧ୍ୟ ସେ ୧୦.୧୮ ସେକେଣ୍ଡ ସହିତ ଜାତୀୟ ରେକର୍ଡର ଅଧିକାରୀ ଅଛନ୍ତି। ଏଥିରେ ମଧ୍ୟ ସେ ପଦକ ଦାବିଦାର ହେବେ।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ